୫୧
# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୨୫/୨୦୨୪ (୨୦ ପୃଷ୍ଠା) Bhubaneswar, Monday, November 25/2024 Page 20 ₹ 7.00 | SAMBALPUR

୫୧ଶ ଭାଗ ୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 2 ମୂଲ୍ୟ ₹୭/-

DSPL - 223



NANDANKANAN
CONSERVE | EDUCATE | INSPIRE

## ନନ୍ଦନକାନନ ପ୍ରାଣୀ ଉଦ୍ୟାନ



### ଆକର୍ଷଣୀୟ ଜନ୍ତୁ ସଂଗ୍ରହ

- ୧୭୩ ପ୍ରଜାତିର ୪୨୫୮ ଜୀବଜନ୍ତୁ
- ୧୦୮ ଗୋଟି ଭାରତୀୟ ଓ ୬୫ ବିଦେଶୀ ପ୍ରଜାତିର ଜୀବଜନ୍ତୁ
- ୫୮ ପ୍ରଜାତିର ସ୍ତନ୍ୟପାୟୀ, ୭୯ ପ୍ରଜାତିର ପକ୍ଷୀ, ୩୦ ପ୍ରଜାତିର ସରୀସୃପ ଓ ୬ ପ୍ରଜାତିର ଉଭୟଚର ପ୍ରାଣୀ
- ମହାବଳ, ଧଳା ଓ କଳା ଲୋମଯୁକ୍ତ ବାଘ



### ମନମୁଗ୍ଧକର ପର୍ଯ୍ୟଟକ ସୁବିଧା

- ବହୁତଳ ଗାଡି ରହଣୀ ସ୍ଥଳ
- ୪ ଗୋଟି ବନ୍ୟଜନ୍ତୁ ସଫାରୀ
- ବ୍ୟାଟେରୀ ଚାଳିତ ଗାଡିର ସୁବିଧା
- ଶିଶୁ ରେଳଗାଡି
- ନୌକା ବିହାର
- ପାଦଚଲା ବିହଙ୍ଗ ସରଣୀ
- ରୋପେୱେ



### ଉନ୍ନତମାନର ବନ୍ୟପ୍ରାଣୀ ରକ୍ଷଣାବେକ୍ଷଣ

- ଅତ୍ୟାଧୁନିକ ବନ୍ୟପ୍ରାଣୀ ଚିକିତ୍ସାଳୟ
- ଭ୍ରାମ୍ୟମାଣ ପଶୁ ଚିକିତ୍ସା ସେବା
- ବନ୍ୟପ୍ରାଣୀ ଶାବକ ପାଳନ କେନ୍ଦ୍ର
- ପ୍ରାଣୀ ଉଦ୍ୟାନ ପ୍ରୟୋଗଶାଳା







### ସଂରକ୍ଷଣ ପ୍ରଜନନ କାର୍ଯ୍ୟକ୍ରମ

- ବିଶ୍ୱର ଏକମାତ୍ର ଭାରତୀୟ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ର
- ଘଡିଆଳ ପ୍ରଜାତିର ପୁନରୁଦ୍ଧାର ପ୍ରକଳ୍ପ
- ଶାଗୁଣା ପ୍ରଜନନ କେନ୍ଦ୍ର, ଗୁରାଣ୍ଡି ପ୍ରଜନନ କେନ୍ଦ୍ର ଓ ବାଘ ପ୍ରଜନନ କେନ୍ଦ୍ର





### ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ

- "ନନ୍ଦନକାନନରେ ଗୋଟିଏ ଦିନ"- ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମ
- ପ୍ରାଣୀ ଉଦ୍ୟାନର ଆମ୍ବାସାଡ଼ର କାର୍ଯ୍ୟକ୍ରମ
- ବିଭିନ୍ନ ପରିବେଶ ସମ୍ବନ୍ଧୀୟ ଦିବସ ପାଳନ
- ଗବେଷଣାତ୍ମକ ଶିକ୍ଷା କାର୍ଯ୍ୟକ୍ରମ
- ପ୍ରାଣୀ ଉଦ୍ୟାନରେ ସ୍ୱେଚ୍ଛାସେବକ କାର୍ଯ୍ୟକ୍ରମ





OIPR-08070/13/0023/2425

**ଜଳବାୟୁ ଆର୍ଥିକ ଚୁକ୍ତିକୁ ପ୍ରତ୍ୟାଖ୍ୟାନ କଲା ଭାରତ**
ବିକଶିତ ରାଷ୍ଟ୍ରଗୁଡ଼ିକ ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକ ପାଇଁ ୨୦୩୫ରୁ ବାର୍ଷିକ ୩୦୦ ବିଲିୟନ ଡଲାର ପ୍ରଦାନ ନେଇ ଜଳବାୟୁ ଚୁକ୍ତିକୁ କୋପ୍ ୨୯ରେ ଭାରତ ପ୍ରତ୍ୟାଖ୍ୟାନ କରିଛି। ଜଳବାୟୁ ସମସ୍ୟାର ସମାଧାନ ପାଇଁ ବର୍ଷକୁ ୧.୩ ଟ୍ରିଲିୟନ ଡଲାର ଆବଶ୍ୟକ ଥିବାବେଳେ ଏହି ସହାୟତା ଯଥେଷ୍ଟ ନୁହେଁ ବୋଲି ଭାରତ କହିଛି।



# ସରକାର ଗଢ଼ିବାକୁ ଦାବି ଜଣାଇଲେ ହେମନ୍ତ

## ୨୮ରେ ଶପଥ ନେବେ


ହେମନ୍ତ ସୋରେନ୍

ରାଞ୍ଚି,୨୪।୧୧

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ବିଜୟ ପରେ ଜେଏମ୍ଏମ୍ ନେତା ହେମନ୍ତ ସୋରେନ୍ ଆସନ୍ତା ୨୮ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ୮୧ ଆସନ ବିଶିଷ୍ଟ ବିଧାନସଭାରେ ଜେଏମ୍ଏମ୍ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ୫୬ ଆସନରେ ବିଜୟୀ ହୋଇଥିବାବେଳେ ଭାଜପା ୨୪ ଆସନରେ ସୀମିତ ରହିଛି। ହେମନ୍ତ ରବିବାର ଇଣ୍ଡିଆ ବ୍ଲକ୍ ଦ୍ୱାରା ବିଧାୟକ ଦଳର ନେତା ନିର୍ବାଚିତ ହେବା ପରେ ଅପରାହ୍ନରେ ରାଜ୍ୟପାଳ ସନ୍ତୋଷ ଗଙ୍ଗୱାରଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ନୂଆ ସରକାର ଗଢ଼ିବା ପାଇଁ ଦାବି ଜଣାଇଥିଲେ। ସରକାର ଗଢ଼ିବା ପାଇଁ ରାଜ୍ୟପାଳ ହେମନ୍ତଙ୍କୁ ଆମନ୍ତ୍ରଣ କରିଛନ୍ତି।

# ସୁପ୍ରିମକୋର୍ଟରେ ଆଦାନୀ ଲାଞ୍ଚ ମାମଲା

ନୂଆଦିଲ୍ଲୀ,୨୪।୧୧

ଭାରତୀୟ ଶିଳ୍ପପତି ତଥା ବିଶ୍ୱର ଅନ୍ୟତମ ଧନୀ ବ୍ୟକ୍ତି ଗୌତମ ଆଦାନୀ ଆମେରିକାରେ ନିଜର ଏକ ଅକ୍ଷୟ ଶକ୍ତି କମ୍ପାନୀକୁ ସୌରଶକ୍ତି କଣ୍ଟ୍ରାକ୍ଟ କରାଇଦେବା ପାଇଁ ଭାରତୀୟ ଅଧିକାରୀମାନଙ୍କୁ ୨୬୫ ନିୟୁତ ଡଲାର (ପ୍ରାୟ ୨,୨୦୦ କୋଟି ଟଙ୍କା) ଲାଞ୍ଚ ଦେଇଥିଲେ। ବୁଧବାର ନ୍ୟୁୟର୍କରେ ଏନେଇ ଏକ ଆପରାଧିକ ମାମଲା ରୁଜୁ ହେବା ସହ ଆଦାନୀ ଓ ତାଙ୍କ ପୁତୁରା ସାଗର ଆଦାନୀଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଛି। ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକା ଆଣିଥିବା ଲାଞ୍ଚ ଓ ଜାଲିଆତି ଅଭିଯୋଗର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ବିଶାଲ ତିୱାରୀ ସୁପ୍ରିମକୋର୍ଟରେ ସାନି ପିଟିଶନ ଦାଏର କରିଛନ୍ତି। ତଦନ୍ତ ହେଲେ ଆଦାନୀ ଗ୍ରୁପ୍ ଚଳାଇଥିବା ବେଆଇନ କାର୍ଯ୍ୟରୁ ପରଦା ହଟିବ। ଆଦାନୀ ଗ୍ରୁପ୍ ଦ୍ୱାରା ଷ୍ଟକ ମୂଲ୍ୟ ଜାଲିଆତି ନେଇ ଆମେରିକାର ରିସର୍ଚ୍ଚ ଫାର୍ମ ହିଣ୍ଡେନ୍‌ବର୍ଗ ଆଣିଥିବା ଅଭିଯୋଗ ଉପରେ ପୂର୍ବରୁ ଏକାଧିକ ପିଟିଶନ ଦାଏର ହୋଇଥିଲା।

ଆମେରିକା ନ୍ୟାୟ ବିଭାଗର ଅଭିଯୋଗ ଅନୁଯାୟୀ, ଗୌତମ ଆଦାନୀ ଭାରତର ୫ ରାଜ୍ୟରୁ ସୌର ବିଦ୍ୟୁତ୍ କ୍ରୟ ଠିକା ପାଇବା ପାଇଁ ଅଫିସରମାନଙ୍କଠାରୁ ଅନୁକମ୍ପା ହାସଲ ନିମନ୍ତେ ୨,୨୦୦ କୋଟି ଟଙ୍କା ଲାଞ୍ଚ ଦେଇଥିଲେ। ତେବେ ଆଦାନୀ ଗ୍ରୁପ୍ ଉକ୍ତ ଅଭିଯୋଗକୁ


ଗୌତମ ଆଦାନୀ

ମିଥ୍ୟା ଏବଂ ଭିତ୍ତିହୀନ ବୋଲି କହିଛି। ଆଦାନୀଙ୍କ ବିରୋଧରେ ଆସିଥିବା ଅଭିଯୋଗ

## ଆମେରିକା ଆଣିଥିବା ଅଭିଯୋଗର ତଦନ୍ତ ପାଇଁ ନିବେଦନ

ଅତ୍ୟନ୍ତ ଗମ୍ଭୀର ହୋଇଥିବାରୁ ଭାରତୀୟ କର୍ତ୍ତୃପକ୍ଷ ଏହାର ତଦନ୍ତ କରିବା ଆବଶ୍ୟକ ବୋଲି ତିୱାରୀ କହିଛନ୍ତି। ପୁଞ୍ଜି ବଜାର ନିୟନ୍ତ୍ରକ ସେବି ଏହାର ତଦନ୍ତ ଶେଷ କରି ରିପୋର୍ଟ ରେକର୍ଡ କରୁ ବୋଲି ସେ ଦାବି କରିଛନ୍ତି।

# ଆଦାନୀ ଗ୍ରୁପ୍ ସହ ବିଦ୍ୟୁତ୍ ଚୁକ୍ତିର ସମୀକ୍ଷା କଲା ବାଂଲାଦେଶ

ଢାକା,୨୪।୧୧

ଆଦାନୀ ଗ୍ରୁପ୍ ସହ ବାଂଲାଦେଶ ସରକାର ପୂର୍ବରୁ କରିଥିବା ବିଦ୍ୟୁତ୍ ଚୁକ୍ତିର ସମୀକ୍ଷା କରାଯାଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସମୟରେ ୨୦୦୯ରୁ ୨୦୨୪ ମଧ୍ୟରେ ଆଦାନୀ ଗ୍ରୁପ୍ ସମେତ ୭ଟି ବୃହତ୍ ବିଦ୍ୟୁତ୍ କମ୍ପାନୀ ସହ ଡିଲ୍ ହୋଇଥିଲା। ସେଗୁଡ଼ିକର ସମୀକ୍ଷା ପାଇଁ ବାଂଲାଦେଶର ଅନ୍ତରୀଣ ସରକାର ଏକ କମିଟି ଗଠନ କରିଥିଲେ। ଉକ୍ତ କମ୍ପାନୀଗୁଡ଼ିକ ସହ ହୋଇଥିବା ବିଦ୍ୟୁତ୍ ଚୁକ୍ତିନାମାର ଯାଞ୍ଚ ନିମନ୍ତେ ତଦନ୍ତକାରୀ ସଂସ୍ଥାକୁ ନିୟୋଜିତ କରିବା ପାଇଁ କମିଟି ରବିବାର ସୁପାରିସ କରିଛି। ସୂଚନାଯୋଗ୍ୟ, ଆଦାନୀ ଗ୍ରୁପ୍ ସୌରଶକ୍ତି କଣ୍ଟ୍ରାକ୍ଟ କରାଇଦେବା ପାଇଁ ଭାରତୀୟ ଅଧିକାରୀମାନଙ୍କୁ ୨୬୫ ନିୟୁତ ଡଲାର ଲାଞ୍ଚ ଦେଇଥିବା ଆମେରିକା ଅଭିଯୋଗ ଆଣିବା ପରେ ଏହାର ବିଭିନ୍ନ ଦେଶ ସହ ହୋଇଥିବା ବିଦ୍ୟୁତ୍‌ଡିଲ୍‌ପ୍ରଭାବିତ ହୋଇଛି। ପୂର୍ବରୁ କେନିଆ ଆଦାନୀ ଗ୍ରୁପ୍ ସହ ହୋଇଥିବା ବିମାନବନ୍ଦର ଓ ଶକ୍ତି ସମ୍ପର୍କିତ ଚୁକ୍ତିକୁ ବାତିଲ କରିଥିଲା।

# ଆଜିଠୁ ସଂସଦର ଶୀତ ଅଧିବେଶନ

## ଆଦାନୀ, ମଣିପୁର ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ସର୍ବଦଳୀୟ ବୈଠକରେ ଦାବି

ନୂଆଦିଲ୍ଲୀ,୨୪।୧୧(ପି.ଟି.)

ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ସୋମବାର ଆରମ୍ଭ ହେଉଛି। ଏହା ପୂର୍ବରୁ ରବିବାର ବସିଥିବା ସର୍ବଦଳୀୟ ବୈଠକରେ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ କେନ୍ଦ୍ର ସରକାର ସବୁ ଦଳର ସହଯୋଗ କାମନା କରିଥିଲେ। ଅନ୍ୟପକ୍ଷରେ ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକା ଆଣିଥିବା ଲାଞ୍ଚ ଅଭିଯୋଗ ସମେତ ମଣିପୁର ହିଂସା ପ୍ରସଙ୍ଗ ଉପରେ ତୁରନ୍ତ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକ ଦାବି କରିଥିବାରୁ ଅଧିବେଶନ ଆରମ୍ଭରୁ ଉଭୟ ଗୃହରେ ତୁମ୍ଭିତୋଫାନ



ଲାଗିରହିବାର ଆଭାସ ମିଳୁଛି।

ବରିଷ୍ଠ ଭାଜପା ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ବସିଥିବା ସର୍ବଦଳୀୟ ବୈଠକରେ ୩୦ ଦଳରୁ ୪୨ ଜଣ ନେତା ଯୋଗଦେଇଥିଲେ। ଆଦାନୀ ପ୍ରସଙ୍ଗ ଉପରେ ଆଲୋଚନାକୁ ପ୍ରାଧାନ୍ୟ ଦେବା ସହ ମଣିପୁର ପ୍ରସଙ୍ଗ ଉପରେ ଆଲୋଚନା ପାଇଁ କଂଗ୍ରେସ ପକ୍ଷରୁ ଲୋକ ସଭାର ବିରୋଧୀ ଦଳ ଉପନେତା ଗୌରବ ଗୋଗେଇ ଦାବି କରିଥିଲେ। ଏହାର ଜବାବରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଥିଲେ, ଲୋକ ସଭା ବାଚସ୍ପତି ଏବଂ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ସହମତିକ୍ରମେ ଉଭୟ ଗୃହର ବିଜ୍‌ନେସ୍ ଆଡ୍‌ଭାଇଜରି କମିଟି ଏହା ଉପରେ ନିଷ୍ପତ୍ତି ନେବ। ଶୀତ ଅଧିବେଶନ ଡିସେମ୍ବର ୨୦ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ୱାକ୍ଫ ସଂଶୋଧନ ବିଲ୍ ସମେତ ୧୬ଟି ବିଲ୍ ଆଣିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

## ୨୬ରେ ସମ୍ବିଧାନ ଦିବସ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

୧୯୪୯ ନଭେମ୍ବର ୨୬ରେ ସମ୍ବିଧାନ ଗୃହୀତ ହୋଇଥିଲା। ଏହାର ୭୫ତମ ବାର୍ଷିକୀ ନିମନ୍ତେ ମଙ୍ଗଳବାରଠାରୁ ବର୍ଷବ୍ୟାପୀ ଉତ୍ସବ ପାଳନ କରାଯିବ। ଏହି ଅବସରରେ ପୁରୁଣା ପାର୍ଲାମେଣ୍ଟ ଭବନର ସେଣ୍ଟ୍ରାଲ ହଲ୍‌ରେ ମଙ୍ଗଳବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ଉଦ୍‌ବୋଧନ ଦେବେ। ବର୍ଷବ୍ୟାପୀ ଉତ୍ସବ ପାଳନ ନିମନ୍ତେ ଟ୍ୟାଗ୍‌ଲାଇନ 'ହମାରା ସମ୍ବିଧାନ, ହମାରା ସ୍ୱାଭିମାନ' ରହିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ଏକ ସ୍ମାରକୀ ମୁଦ୍ରା ଏବଂ ଡାକଟିକେଟ ଉନ୍ମୋଚନ ହେବ। ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ରାଜ୍ୟପାଳ, ଉପରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀମାନେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବେ।




# ବେରୁଟରେ ଇସ୍ରାଏଲର ମିଶାଇଲ ମାଡ଼, ୨୦ ମୃତ

ବେରୁଟ, ୨୪।୧୧

ଲେବାନନ୍‌ର ରାଜଧାନୀ ବେରୁଟର ମଧ୍ୟବର୍ତ୍ତୀ ଅଲ୍-ବାସ୍ତା ଜିଲାସ୍ଥିତ ଅଲ୍-ମାମୁନ ଅଞ୍ଚଳରେ ରବିବାର ଇସ୍ରାଏଲ ପକ୍ଷରୁ ମିଶାଇଲ ମାଡ଼ କରାଯାଇଛି। ଏହି ଏୟାରଷ୍ଟ୍ରାଇକ୍‌ରେ ଅତିକମ୍‌ରେ ୨୦ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ଲେବାନନ୍‌ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ଏହି ଆକ୍ରମଣରେ ହେଜବୋଲ୍ଲା ର ଏକ ୮ ମହଲା ବିଶିଷ୍ଟ କୋଠା ଧ୍ୱସ୍ତ ହୋଇଯାଇଛି। ତେବେ ଆକ୍ରମଣ ସମୟରେ କୌଣସି ହେଜ୍‌ବୋଲ୍ଲା ଅଧିକାରୀ କୋଠା ଭିତରେ ଉପସ୍ଥିତ ନ ଥିଲେ ବୋଲି ହେଜବୋଲ୍ଲା ଲେଜିସଲେଟର ଅମିନ ଶିରି କହିଛନ୍ତି। ସେହିପରି ଏହି ଆକ୍ରମଣରେ ୬୬ ଜଣ ଆହତ ହୋଇଛନ୍ତି। ଏହାସହ ଗତ ସପ୍ତାହେ ମଧ୍ୟରେ ଇସ୍ରାଏଲ ପକ୍ଷରୁ ଲେବାନନ୍‌ର ରାଜଧାନୀକୁ ଚତୁର୍ଥ ଥର ପାଇଁ ଟାର୍ଗେଟ କରି ଆକ୍ରମଣ କରାଯାଇଛି। ଗତ କିଛି ମାସ ଧରି ଇସ୍ରାଏଲ ଓ ଲେବାନନ୍ ମଧ୍ୟରେ ଚାଲିଥିବା ଯୁଦ୍ଧରେ ବିରାମ ପକାଇବା ପାଇଁ କୂଟନୈତିକ ସ୍ତରରେ ପ୍ରୟାସ ଚଳାଇଥିବାବେଳେ ଇସ୍ରାଏଲ ପକ୍ଷରୁ ଏହି ଆକ୍ରମଣ କରାଯାଇଛି। ଚଳିତ ସପ୍ତାହରେ ଆମେରିକାର କୂଟନୀତିଜ୍ଞ ଅମୋଶ ହୋଚ୍‌ଷ୍ଟିନ୍ ଇସ୍ରାଏଲ ଏବଂ ଲେବାନନୀ ବିଦ୍ରୋହୀ ସଙ୍ଗଠନ ହେଜ୍‌ବୋଲ୍ଲା ମଧ୍ୟରେ ଯୁଦ୍ଧ ବିରାମ ଚୁକ୍ତି କରାଇବା ପାଇଁ ବେରୁଟ୍ ଗସ୍ତ କରିଥିଲେ। ଲେବାନନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଇସ୍ରାଏଲ ଆକ୍ରମଣରେ ବର୍ତ୍ତମାନ ସୁଦ୍ଧା ଲେବାନନ୍‌ର ୩୫୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ୧୫ ହଜାରରୁ ଅଧିକ ଆହତ ହୋଇଛନ୍ତି। ସେହିପରି ହେଜ୍‌ବୋଲ୍ଲା ସହ ଲଢ଼େଇରେ ଇସ୍ରାଏଲର ୯୦ ସୈନିକ ଏବଂ ୫୦ରୁ ଅଧିକ ନାଗରିକଙ୍କର ମୃତ୍ୟୁ ଘଟିଛି।







# ରାଜନୈତିକ ପୃଷ୍ଠଭୂମି ନ ଥିବା ଯୁବବର୍ଗ ରାଜନୀତିକୁ ଆସନ୍ତୁ

## ମନ୍ କୀ ବାତ୍‌ରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ,୨୪।୧୧

ରାଜନୈତିକ ପୃଷ୍ଠଭୂମି ନ ଥିବା ପରିବାରର ଯୁବବର୍ଗ ରାଜନୀତିରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଆହ୍ୱାନ ଦେଇଛନ୍ତି। ରାଜନୀତିରେ ପ୍ରବେଶ କରିବା ପାଇଁ ଏଭଳି ଅନ୍ୟୁନ ୧ ଲକ୍ଷ ଯୁବତୀଯୁବକଙ୍କୁ ପ୍ରୋତ୍ସାହିତ କରିବାକୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କର ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି। ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜନ୍ମବାର୍ଷିକୀରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଜାନୁଆରୀ ୧୧-୧୨ରେ ଯୁବବର୍ଗଙ୍କ ପାଇଁ ମହାକୁମ୍ଭର ଆୟୋଜନ ହେବ, ଯେଉଁଠାରେ ସେମାନେ 'ବିକଶିତ ଭାରତ ଯୁବନେତା ବିତର୍କ' କାର୍ଯ୍ୟକ୍ରମରେ ଭାଗନେଇ ଦେଶକୁ କିପରି ଆଗେଇ ନେବାକୁ ହେବ ସେନେଇ ଚିନ୍ତାଧାରା ଉପସ୍ଥାପନ କରିବାର ସୁଯୋଗ ପାଇବେ। କାର୍ଯ୍ୟକ୍ରମରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିବେ।






୫୧ ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୨୫/୨୦୨୪ | Bhubaneswar, Monday, November 25/2024


# ଜଳବାୟୁ ପରିବର୍ତ୍ତନରୁ ହାତୀ ଜନବସତିମୁହାଁ: ସୁକୁମାର

ଭୁବନେଶ୍ୱର, ୨୪।୧୧
(ବନ୍ଦନା ସେଠୀ)

ଖଣି ଖନନ କାରଣରୁ ଓଡ଼ିଶାର ପ୍ରାକୃତିକ ଜଙ୍ଗଲ ଲଗାତର ନଷ୍ଟ ହେବାରେ ଲାଗିଛି। ଏହାଦ୍ୱାରା ହାତୀମାନଙ୍କ ବାସସ୍ଥାନ ଲୋପ ପାଉଛି। ଏଥିସହ ଜଳବାୟୁ ପରିବର୍ତ୍ତନ ଯୋଗୁ ସେମାନେ ଜନବସତିମୁହାଁ ହେଉଛନ୍ତି ବୋଲି ଏସିଆନ୍ ଏଲିଫ୍ୟାଣ୍ଟ ଏକ୍ସପର୍ଟ ପ୍ରଫେସର ରମଣ ସୁକୁମାର କହିଛନ୍ତି। 'ଧରିତ୍ରୀ'ର ୫୧ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ରବିବାର ସ୍ୱସ୍ତି ପ୍ରିମିୟମ୍ ହୋଟେଲ୍‌ଠାରେ ଆୟୋଜିତ ୟୁଥ୍ କନ୍‌କ୍ଲେଭ୍‌ର ଚତୁର୍ଥ ସଂସ୍କରଣ 'କ୍ଲାଇମେଟ୍ ଚେଞ୍ଜ: ବିଲ୍ଡିଂ ରିଜିଲିଆନ୍ସ'ରେ ଯୋଗଦେଇ ସେ ଏହା କହିଛନ୍ତି। ହାତୀ ଜନବସତିମୁହାଁ ହେବା ଦ୍ୱାରା ଫସଲ ନଷ୍ଟ ସହ ହାତୀ-ମଣିଷ ସଂଘର୍ଷ ବଢ଼ି ଚାଲିଛି। ପ୍ରାୟ ୩୦ବର୍ଷ ତଳେ ଓଡ଼ିଶା ଏବଂ ଏହାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ପାଇଁ ହାତୀଙ୍କ ଗତିବିଧି ପରିଚାଳନା ଉଭୟ ସରକାର ଓ ବନବିଭାଗ ପାଇଁ ପ୍ରମୁଖ ଆହ୍ୱାନ ଭାବେ ଉଭା ହୋଇଥିଲା। ଦେଖିବାକୁ ଗଲେ, ୧୯୮୦ ବେଳକୁ ହାତୀ-ମଣିଷ ଲଢ଼େଇ ବହୁତ କମ୍ ହେଉଥିଲା। ମାତ୍ର ୮୦ଦଶନ୍ଧିର ଶେଷ ବେଳକୁ ହାତୀମାନେ ଜନବସତି ଆଡକୁ ମୁହାଁଇବା ସହ ଧନଜୀବନ ନଷ୍ଟ କରିଥିଲେ। ଜଳବାୟୁ ପରିବର୍ତ୍ତନର ଅର୍ଥ ତାପମାତ୍ରା ବୃଦ୍ଧି ପାଇବା। ଭାରତରେ ତାପମାତ୍ରା ବୃଦ୍ଧି ପାଇ ଗ୍ଲେସିୟର ତରଳିବା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଉଛି। ଠିକ୍‌ଭାବେ କୌଣସି ☞ପୃଷ୍ଠା-୨

## ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୪: ଯମୁନା ଟୁଡୁଙ୍କୁ 'ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ'




ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୪ରେ ପରିବେଶବିତ୍ ପଦ୍ମଶ୍ରୀ ଯମୁନା ଟୁଡୁଙ୍କୁ 'ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ପ୍ରଦାନ କରୁଛନ୍ତି ପରିବେଶ ବିଜ୍ଞାନୀ ରମଣ ସୁକୁମାର ଏବଂ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ। ନିକଟରେ ଅଛନ୍ତି ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ସିଦ୍ଧାର୍ଥ ମହାନ୍ତି।

# ଆଉ ୨୦ ଲକ୍ଷ ମହିଳାଙ୍କୁ ମିଳିଲା 'ସୁଭଦ୍ରା' ସହାୟତା

## ୮୦ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ପାଇଲେଣି

ଭୁବନେଶ୍ୱର,୨୪।୧୧(ଅନିଲ ଦାସ)/
ସୁନ୍ଦରଗଡ(ଜୟନାରାୟଣ ମେଣ୍ଡୁଲି)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସୁନ୍ଦରଗଡ଼ ଠାରେ ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ସେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୧ ହଜାର କୋଟି ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କଖାତାକୁ ସ୍ଥାନାନ୍ତର କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନା ସହାୟତା ମହିଳାମାନଙ୍କ ସ୍ୱପ୍ନ ଏବଂ ଆକାଂକ୍ଷାକୁ ବାସ୍ତବ ରୂପଦେବାରେ ସାହାଯ୍ୟ କରିବ। ବିକାଶର ସୁଫଳକୁ ସବୁ ବର୍ଗର ଲୋକେ ଅନୁଭବ କରିବା ଉଚିତ। ସୁଭଦ୍ରା ଏ ଦିଗରେ ☞ପୃଷ୍ଠା-୨

# ୨୭ କୋଟିରେ ଗଲେ ପନ୍ତ

**ଆଇପିଏଲ୍ ଖେଳାଳି ନିଲାମୀ**

ଜେଦାହ,୨୪।୧୧(ପି.ଟି.)

ସାଧାରଣତଃ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ବିଦେଶୀ ଖେଳାଳିଙ୍କ ପ୍ରଭାବ ଅଧିକ ଦେଖିବାକୁ ମିଳିଥାଏ। ତେବେ ଚଳିତ ବର୍ଷ ଏହି ଧାରାରେ ବ୍ୟତିକ୍ରମ ଘଟିଛି। ବିଦେଶୀ ଖେଳାଳିଙ୍କୁ ପଛରେ ପକାଇଛନ୍ତି ଭାରତୀୟ ଖେଳାଳି। ରବିବାର ସାଉଦି ଆରବର ଜେଦାହରେ ଅନୁଷ୍ଠିତ ମେଗା ଅକ୍ସନରେ ବିଦେଶୀ ଖେଳାଳିଙ୍କ ଚାହିଦାକୁ ଫିକା କରି ଦେଇଛନ୍ତି ଭାରତୀୟ ଖେଳାଳି। ଭାରତୀୟ ଦଳର ଉଇକେଟ କିପର ବ୍ୟାଟର ରିଷଭ ପନ୍ତ ଆଇପିଏଲ୍ ଇତିହାସର ସବୁଠାରୁ ଦାମୀ ଖେଳାଳି ହୋଇଛନ୍ତି। ଲକ୍ଷ୍ନୌ ସୁପର ଜାଏଣ୍ଟ ୨୭ କୋଟି ଟଙ୍କାରେ ରିଷଭ ପନ୍ତଙ୍କୁ କ୍ରୟ କରିଛି। ପ୍ରଥମ ଥର ଆଇପିଏଲ୍ ନିଲାମୀରେ ସାମିଲ ହୋଇଥିବା ପନ୍ତଙ୍କୁ କିଣିବା ଲାଗି ଏକାଧିକ ଫ୍ରାଞ୍ଚାଇଜ ☞ପୃଷ୍ଠା-୨



ରିଷଭ ପନ୍ତ

ଆଜିର ସମ୍ପାଦକୀୟ: ବୁଝିବାରେ ଅସଫଳ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୪ର୍ଥ ଆଇସିସି କ୍ଲାଇମେଟ୍ ଚେଞ୍ଜ ସୁମିଟ୍, ସ୍ଥାନ: ହୋଟେଲ ପାଲ ହାଇଟ୍ସ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ଥିଏଟର ମହୋତ୍ସବ 'ଦାଶରୂପକମ୍', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ବୌଦ୍ଧିକ ଆଲୋଚନା ଓ କବିତା ଆସର 'ଶବ୍ଦରେ ଶିଶିର', ସ୍ଥାନ: ବୁଲନ ଭାଇ ସେବା ସଦନ, ସମୟ: ଅପରାହ୍ନ ୩ଟା ୩୦।
- ସମାଜବାଦୀ ନେତା ରବି ରାୟଙ୍କ ୯୮ତମ ଜୟନ୍ତୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- ୩ୟ ପ୍ରାଚୀ ନୃତ୍ୟ ଓ ସଙ୍ଗୀତ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ନାଟ୍ୟକାର ଡ. ବିଜୟ ମିଶ୍ରଙ୍କ ଜୟନ୍ତୀ ଅବସରରେ ନାଟକ 'ଅଟଳ ଟଳମଳ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୧୫।
- ଡୁମଡୁମା ଦୁର୍ଗାପୂଜା କମିଟିର ସାଧାରଣ ସଭା, ସ୍ଥାନ: ଦୁର୍ଗା ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା।
- ବୋଉ ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ୭ଟା।

## ପୁରୀ
- ବିଦ୍ୟାଳୟ ସମୂହ ପକ୍ଷରୁ ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଜବରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା
- ଭାରତ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଅଶୋକ ନଗର ବଣିକ ସଂଘ, ବାଲୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବଗଳାମୁଖୀ ଦେବୀଙ୍କ ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଓ କାଳଭୈରବ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ: ପୋଷ୍ଟାଲ କଲୋନୀ, ଜଟଣୀ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ୧୫୦ତମ ଜନ ଜାତୀୟ ଗୌରବ ଦିବସ, ସ୍ଥାନ: କେ. ବାଲିପାଳ, ଛେନାପଦି, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ:ବେତନଟୀ ବ୍ଲକ ଅଧୀନ ବେତନଟୀ,ସମୟ: ସକାଳ ୮ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଉଦଳା,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ:ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ
- ଭତ୍ତା ବଣ୍ଟନ,ସ୍ଥାନ:ପାତ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ହିନ୍ଦୋଳ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଜଗତ୍‌ସିଂହପୁର
- ନୌସେନା ସପ୍ତାହ ଉପଲକ୍ଷେ ସାଧାରଣ ଲୋକଙ୍କ ପାଇଁ ଯୁଦ୍ଧ ଜାହାଜ ଦେଖିବା କାର୍ଯ୍ୟକ୍ରମ, ସ୍ଥାନ: ବନ୍ଦର ପୋତାଶ୍ରୟ, ପାରାଦୀପ, ସକାଳ ୭ଟା।
- ତିର୍ତ୍ତୋଲ ସେବା ସମବାୟ ସମିତି ତରଫରୁ ଧାନର ମାନ ନିରୁପଣ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜୟପ୍ରକାଶ ମଇଦାନ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଲ ରାମଦାସ ବାବାଜୀ ମହାଶୟଙ୍କ ସ୍ମରଣୋତ୍ସବ, ସ୍ଥାନ: ନୃସିଂହଟିକିରି ମଠ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।

## ନୟାଗଡ଼
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ, ସ୍ଥାନ:ଭାପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ସମୟ: ପର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିକ୍ଷା ଏବଂ ତାଲିମ କ୍ୟାମ୍ପ, ସ୍ଥାନ: ରାୟଗଡ଼ା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ଆୟପ୍ପା ଭକ୍ତଙ୍କ ଇରୁମୁଡୁ ପୂଜା, ସ୍ଥାନ: ଡାବୁଗାଁ ଜୟନ୍ତୀନଗରସ୍ଥିତ ଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ମିନି ସମ୍ମିଳନୀ କକ୍ଷ ପଞ୍ଚାୟତ ସମିତି କୋଷାଗୁମୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- କୋରାପୁଟ ପୌରପରିଷଦସ୍ତରୀୟ ପରବ ଉଦ୍‌ଘାଟନ, ସ୍ଥାନ: ମା ମୁଟ୍ୟାଲୁମ୍ମା ମନ୍ଦିର, ସମୟ: ସକାଳ ୮ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋରାପୁଟ ବ୍ଲକ ମାଥାଲପୁଟ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲମତାପୁଟ ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦେଓଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନଟ।

## ସୁବର୍ଣ୍ଣପୁର
- ତରଭା ସହର ବଡବନ୍ଧ ଧବଳେଶ୍ୱର ଶିବ ମନ୍ଦିରରେ ଜଳଶାୟୀ ଓ ଅଭିଷେକ, ସ୍ଥାନ: ମନ୍ଦିର ପରିସର, ସମୟ:ସକାଳ ୭ଟା।
- ମା'ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ବଡ଼ବର୍ଡାକଟା ଖେଳ ପଡିଆ,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- କମଳପୁର କ୍ରିକେଟ ଟୁନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: କମଳପୁର, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- କନକ ଦୁର୍ଗାଙ୍କ ମହାଆଳତି, ସ୍ଥାନ: ବେହେରାମାଲ, ସମୟ: ସକାଳ ୮ଟା।
- ଶ୍ରୀ ଅରବିନ୍ଦଙ୍କ ସିଦ୍ଧି ଦିବସ ପାଳନ, ସ୍ଥାନ: ଅରବିନ୍ଦ ପାଠାଗାର, ବଇମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ ଗୀତା ଭାଗବତ, ଗୀତା ପ୍ରବଚନ, ସ୍ଥାନ: ମୁଦୁକାଢୁଡା, ସମୟ: ମଧ୍ୟାହ୍ନ ୧୨ଟା।
- ହନୁମାନ ବିଗ୍ରହ ପ୍ରତିଷ୍ଠା ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସାହାପଡା, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ସଙ୍ଗୀତ ତରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯ ସମୟ: ସନ୍ଧ୍ୟା ୭ଟା।
- ଆମ୍ ଆଦ୍‌ମୀ ପାର୍ଟି ବୈଠକ, ସ୍ଥାନ: ବାସନ୍ତୀ କଲୋନୀ ପାର୍ଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନନ୍ହେ କଲାମ କି ଖୋଜ୍, ସ୍ଥାନ: ସେକ୍ଟର--୫ ଭଞ୍ଜ ଭବନ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ, ବଡ଼ଛାପାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ତ୍ରିଦିବସ ପ୍ରଶିକ୍ଷଣ ଶିବିର, ସ୍ଥାନ: ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ ପ୍ରଧାନପାଟ ଫୁଟ୍‌ବଲ କପ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍ ଦେବଗଡ଼, ସମୟ: ଅପରାହ୍ନ ୨ଟା ୪୫।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଜିଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ ଅଫିସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- (ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଶୋଭାଯାତ୍ରା ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା
ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି: ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ମୁଣ୍ଡାପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବୌଦ୍ଧ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦ୍ୱିଜା ନକ୍ଷତ୍ର ଆଜିର କର୍ମକ୍ଷେତ୍ର ଓ ପାରିବାରିକ ଜୀବନ, ଆର୍ଥିକ ଉନ୍ନତି ଓ ବନ୍ଧୁମିଳନରୁ ଆନନ୍ଦ ଲଭିବେ। ଭାଇ, ବନ୍ଧୁ ତଥା ପଡ଼ୋଶୀଙ୍କ ସହ ସମତାଳ ଦେଇ ଚଳିବା ପାଇଁ ଚେଷ୍ଟାକଲେ ସୁଫଳ ମିଳିବ। ବୁଦ୍ଧିଜୀବୀଙ୍କ ସହ ଆଲୋଚନାରେ ସମୟ କଟାଇବେ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହୁଥିବାରୁ ମାନସିକ ଅସ୍ଥିରତା ଲାଗି ରହିବ।

**ବୃଷ** ରୋହିଣୀ ନକ୍ଷତ୍ର ଆଜି ଦିନସାରା ହସଖୁସିରେ ପ୍ରିୟଜନଙ୍କ ସହ ବିତାଇବେ। ପରିବାରରେ ବିଭିନ୍ନ ପ୍ରକାରର ବ୍ୟୟ ବରାଦର ଭରଣା କରିବା ସକାଶେ ବ୍ୟସ୍ତତା ବଢ଼ିଯାଇପାରେ। କାମର ଚାପ ବଢ଼ିବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇ ନ ପାରନ୍ତି। ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପାଇ ଖୁସି ହେବେ।

**ମିଥୁନ** ଆରଦ୍ରା ନକ୍ଷତ୍ର ସକାଶେ ଆଜି ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ ପାଇବେ। ମାତ୍ର ଆକସ୍ମିକ ଭାବରେ ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ହୋଇପାରନ୍ତି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। କଳା, ସାହିତ୍ୟ, ସଂସ୍କୃତି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**କର୍କଟ** ଅଶ୍ଳେଷା ନକ୍ଷତ୍ରର ଅଧିକାଂଶ ସମୟ ତର୍କ ବିତର୍କ କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ଆଲୋଚନା ପରିସରରେ ବନ୍ଧୁମାନଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ସାମାଜିକ ସ୍ତରରେ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମ ପ୍ରୀତିପ୍ରଦ ରହିବ।

**ସିଂହ** ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ପରିସ୍ଥିତିରେ ପଡ଼ି ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ ହେବେ। ବକେୟା ଆଦାୟରେ ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। କୌଣସି କଥାରେ ତରବର ହୋଇ କାମ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** ଯାହା ମନକୁ ଆସୁଛି କରିଚାଲନ୍ତୁ, କୌଣସି ପ୍ରକାରର ପ୍ରତିରୋଧ କିମ୍ବା ପ୍ରତିବନ୍ଧକ ରହିବ ନାହିଁ। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। ଚିତ୍ରା ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା** ପାରିପାର୍ଶ୍ୱିକ ସ୍ଥିତିରେ ପରିବର୍ତ୍ତନ ମନକୁ ସରସ ସୁନ୍ଦର କରିବାରେ ସମର୍ଥ ହେବ। ପାରିବାରିକ ଜୀବନରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ସ୍ୱାତୀ ନକ୍ଷତ୍ର ବାଣିଜ୍ୟ ଓ ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ ସମସ୍ୟା ସୃଷ୍ଟି ହୋଇପାରେ।

**ବିଛା** ଦିନଟି ପ୍ରତ୍ୟେକ ଦୃଷ୍ଟିକୋଣରୁ ଅନୁକୂଳ ରହିବ। ଯାହା ଚାହିଁବେ ତାହା ପାଇବେ ଓ କରିପାରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜଣେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂରେଇଯିବା ସହ ଆଲୋଚନା ଫଳପ୍ରଦ ହେବ। ଅନୁରାଧା ନକ୍ଷତ୍ର ସକାଶେ ସାହିତ୍ୟ, ସଙ୍ଗୀତ, କ୍ରୀଡ଼ାରେ ସଫଳତା ମିଳିବ।

**ଧନୁ** ପୂର୍ବ ସମସ୍ୟା ଦୂରେଇ ଯାଇଥିବାରୁ ମନ ହାଲୁକା ରହିବ। କେତେକ ଘଟଣାରେ ପୂର୍ବାଷାଢ଼ା ନକ୍ଷତ୍ର ସମସ୍ୟା ବିଜଡ଼ିତ ରହିବା ହେତୁ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ବହୁତ ଦିନରୁ ବାକି ପଡ଼ିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର** କିଛି ଭଲ ଓ ମନ୍ଦର ମିଶ୍ରିତ ଫଳ ଅନୁଭବ କରି ଦିନଟି ସ୍ୱାଭାବିକ ଭାବରେ ବିତାଇବେ। ସତର୍କତାର ସହ କାମ କରନ୍ତୁ, କାରଣ ଏହାର ବ୍ୟତିକ୍ରମ କଲେ ସମସ୍ୟାକୁ ଟଣା ହୋଇପାରନ୍ତି। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବା ସାଙ୍ଗକୁ ଦୂରଯାତ୍ରାର ମଧ୍ୟ ସୁଯୋଗ ପାଇବେ। ଶ୍ରବଣା ନକ୍ଷତ୍ର ପରିସ୍ଥିତିକୁ ଆଖିଆଗରେ ରଖି ଚଳିବାକୁ ବାଧ ହେବେ।

**କୁମ୍ଭ** ଶତଭିଷା ନକ୍ଷତ୍ର ସକାଳୁ ଭ୍ରମଣ ସକାଶେ ମନ ବଳାଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଦୀର୍ଘ ସମୟରୁ ପ୍ରତୀକ୍ଷା କରି କରି ପରିଶେଷରେ ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। କେତେକ ମିଥ୍ୟାଭିଯୋଗକୁ କେନ୍ଦ୍ର କରି ମାନସିକ ସ୍ତରରେ ବିଚଳିତ ରହିବେ।

**ମୀନ** ଆଜି ରେବତୀ ନକ୍ଷତ୍ର କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବା ହେତୁ ଖୁସି ହୋଇପାରନ୍ତି। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ନିଜ ଲୋକେ ସ୍ୱାର୍ଥହାସଲ ନ ହେବା କାରଣରୁ ବିଶ୍ୱାସଘାତକତା କରିପାରନ୍ତି।

ଆଜି ନଭେମ୍ବର ୨୫ ତାରିଖ, ଅନ୍ତର୍ଜାତୀୟ ମହିଳା ହିଂସାବିରୋଧୀ ଦିବସ, ମାର୍ଗଶିର କୃଷ୍ଣ ଦଶମୀ ସୋମବାର, ରାଶିନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୫ ଗତେ ଘ.୦୭।୨୭ ମଧ୍ୟେ, ଘ.୦୯।୦୦ ଗତେ ଘ.୧୧।୧୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୨୭ମି. ଗତେ ଘ.୦୮।୪୯ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଜଳବାୟୁ ପରିବର୍ତ୍ତନରୁ ...

ଋତୁ ଅନୁଭୂତ ହେଉନାହିଁ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ପରିବେଶର ସୁରକ୍ଷା ନିତାନ୍ତ ଆବଶ୍ୟକ। ଏହାର ଅଂଶବିଶେଷ ଭାବେ ମାଙ୍ଗ୍ରୋଭର ସୁରକ୍ଷା, ସ୍ୱଦେଶୀ ଜ୍ଞାନ ପ୍ରଣାଳୀ ଅପଣାଇବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ବିଶେଷକରି ସ୍ୱଦେଶୀ ଜ୍ଞାନ ପ୍ରଣାଳୀ ସମ୍ବନ୍ଧରେ ସ୍ଥାନୀୟ ଅଧିବାସୀ ଏବଂ ଆଦିବାସୀ ଅଞ୍ଚଳରେ ଶିକ୍ଷା ପ୍ରଦାନ କରିବା ବର୍ତ୍ତମାନ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ସୁକୁମାର କହିଛନ୍ତି।

କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଯମୁନା ଟୁଡୁ (ଲେଡି ଟାର୍ଜନ)ଙ୍କୁ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ପ୍ରଦାନ କରାଯାଇଛି। ପୁରସ୍କାରର ପ୍ରତ୍ୟୁତ୍ତରରେ ଟୁଡୁ ନିଜ ସଂଘର୍ଷମୟ ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମୟୂରଭଞ୍ଜର ଝିଅ ଝାଡ଼ଖଣ୍ଡ ରାଜ୍ୟର ବୋହୂ ହୋଇ ଯାଇଥିଲେ। ଛୋଟବେଳୁ ଗଛ ଲଗାଇବାକୁ ଭଲ ପାଉଥିଲେ ହେଁ ତାଙ୍କ ଶାଶୁଘର ଗାଁରେ ଥିବା ଜଙ୍ଗଲ ଉଜୁଡି ଯାଇଥିଲା। ଯାହାକୁ ଦେଖି ତାଙ୍କ ମନରେ ଆନ୍ଦୋଳନ ସୃଷ୍ଟି ହୋଇଥିଲା। ତେଣୁ ଗ୍ରାମର କେତେଜଣ ମହିଳାଙ୍କୁ ଏକାଠି କରି ଜଙ୍ଗଲ ସୁରକ୍ଷା କରିବା ପାଇଁ ଆଗେଇ ଆସିଥିଲେ। ଜଙ୍ଗଲରେ ଛାମୁଡ଼ିଆ କରି ସେଠାରେ ଦିନରାତି ଜଗି ରହୁଥିଲେ। ଗୋଟିଏ ଗାଁରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଧୀରେଧୀରେ ସମଗ୍ର ଜିଲାର ଏକାଧିକ ଗ୍ରାମ ଯୋଡି ହୋଇଥିଲା। ୪ଶହରୁ ଅଧିକ ବନ ସୁରକ୍ଷା ସମିତି ଗଠନ କରି ଯମୁନା ଏବେ ଜଙ୍ଗଲ ସୁରକ୍ଷା ପାଇଁ କାମ କରି ଆସୁଛନ୍ତି। ଏଥିପାଇଁ ତାଙ୍କୁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିଥିଲା। ମାତ୍ର ଏତେ ପରେ ବି ସେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ନ ହୋଇ ଜଙ୍ଗଲ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି। ସେହିପରି ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ସଂସ୍ଥା 'ଆଞ୍ଚଳିକ ବିକାଶ ପରିଷଦ', 'ଜଙ୍ଗଲ ଲୋର ଫାଉଣ୍ଡେଶନ୍', 'ସଂଗ୍ରାମ' ଏବଂ ବ୍ୟକ୍ତିଗତ ସ୍ତରରେ ପୁପୁନ ସାହୁ ଓ ତ୍ରିଲୋଚନ ସାହୁଙ୍କୁ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ପ୍ରଦାନ କରାଯାଇଛି। ପୁରସ୍କାର ବାବଦରେ ସମସ୍ତଙ୍କୁ ୧ଲକ୍ଷ ଟଙ୍କା ଅର୍ଥରାଶି, ଉତ୍ତରୀୟ ଏବଂ ଫଳକ ପ୍ରଦାନ କରାଯାଇଛି। ଏଥିସହ ବିଚିତ୍ରାନନ୍ଦ ବିଶ୍ୱାଳଙ୍କୁ 'ଗ୍ରୀନ୍ ଚାମ୍ପିୟନ୍ ଆୱାର୍ଡ' ପ୍ରଦାନ କରାଯାଇଛି।

କନ୍‌କ୍ଳେଭ ଆରମ୍ଭରେ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ସ୍ୱାଗତ ଭାଷଣ ଦେଇ କହିଲେ, ଧରିତ୍ରୀ ଇତିମଧ୍ୟରେ ୫୦ବର୍ଷ ଅତିକ୍ରାନ୍ତ କରି ୫୧ବର୍ଷରେ ପଦାର୍ପଣ କରିଛି। ମିଡିଆ ୱାର୍ଲ୍ଡରେ ୫୦ବର୍ଷ ଅତି ବେଶି ସମୟ ନୁହେଁ, ଏବେ ବି ଏହା ଏକ ୟଙ୍ଗ୍ ଖବରକାଗଜ। ନିଛକ ସତ୍ୟ ଖବର ସହିତ, ଧରିତ୍ରୀ ବାସ୍ତବରେ ତୃଣମୂଳସ୍ତରରେ ପରିବେଶ ଏବଂ ଜୀବଜନ୍ତୁ ସୁରକ୍ଷା ପାଇଁ କାମ କରୁଛି। ଏଥିସହ ଜଳାଶୟର ଉନ୍ନତି ପାଇଁ ମଧ୍ୟ କାମ କରୁଛି। ପରିବେଶକୁ ଆମେମାନେ କିଭଳି ଲଗାତର ନଷ୍ଟ କରିଚାଲିଛେ, ସେ ନେଇ ଏବେଠାରୁ ଚିନ୍ତନ କରିବା ଆବଶ୍ୟକ। ସେହିପରି ୧୮ରୁ ୧୯% ଅମ୍ଳଜାନ ଗଛଠାରୁ ମିଳୁଥିବାବେଳେ, ୭୦% ଅମ୍ଳଜାନ ସମୁଦ୍ର ମଧ୍ୟରେ ଥିବା ସ୍କଲେଷ୍ଟ କ୍ରିଏଚର୍‌ଙ୍କଠାରୁ ମିଳିଥାଏ। ତେଣୁ ଏହାର ସୁରକ୍ଷା ମଧ୍ୟ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ। ପରିବେଶର ସୁରକ୍ଷାରେ ସମସ୍ତେ ବିଶେଷକରି ଯୁବପିଢ଼ି ହାତ ମିଳାଇବା ଆବଶ୍ୟକ ବୋଲି ତଥାଗତ କହିଛନ୍ତି। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ୟୁଥ୍ କନ୍‌କ୍ଳେଭ୍‌ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଚଳିତ ବର୍ଷକୁ ମିଶାଇ ଧରିତ୍ରୀ ଚତୁର୍ଥ ଥର ପାଇଁ ଏହି କନ୍‌କ୍ଳେଭ୍ ଆୟୋଜନ କରୁଛି। ୨୦୧୪ରେ ଧରିତ୍ରୀର 'ହାତୀ ବଞ୍ଚାଅ, ହାତ ମିଶାଅ' କାର୍ଯ୍ୟକ୍ରମରେ ରମଣ ସୁକୁମାର ଯୋଗଦେଇଥିବା ବେଳେ ଏବେ ପୁନଶ୍ଚ ଆମ ସହ ସେ ଉପସ୍ଥିତ ରହିବା ଏକ ବିଶେଷ ମୁହୂର୍ତ୍ତ ଆଣିଦେଇଛି।

କନ୍‌କ୍ଳେଭ୍ ଅବସରରେ ବିଶେଷଜ୍ଞଙ୍କୁ ନେଇ ଏକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମେରାଇନ୍ ବାୟୋଲୋଜିଷ୍ଟ ପୁଣ୍ୟଶ୍ଲୋକ ଭାଦୁରୀ, ଦି କ୍ଲାଇମେଟ୍ ଇନିସିଏଟିଭ୍‌ର ପ୍ରତିଷ୍ଠାତା ତଥା କ୍ଲାଇମେଟ୍ ଏଜୁକେଟର ହିତା ଲଖାନୀ, ରିଲାଏନ୍ସ ଫାଉଣ୍ଡେଶନର ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଟିମ୍ ଲିଡ୍ ଦିବ୍ୟକାନ୍ତ ନାୟକ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ପ୍ୟାନେଲରେ ଅଂଶ ଗ୍ରହଣ କରିଥିବାବେଳେ ତାହାକୁ ଅରୁଣ କ୍ରିଷ୍ଣମୂର୍ତ୍ତି ସଂଚାଳନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ଜୁରି ଚାରୁଦତ୍ତ ପାଣିଗ୍ରାହୀ, ସୌମ୍ୟରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର, ବେଦାନ୍ତ, ଟାଟାଷ୍ଟିଲ୍, ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ଜେଏସ୍‌ଡବ୍ଲ୍ୟୁ, ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ୍, ନାରାୟଣୀ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍, ଇଏଫ୍‌ଆଇ, ଓପ୍‌ସା ଓଡ଼ିଶା, ସମାଜବାଦୀ ସୋସାଇଟି, ଓଡ଼ିଶା ପୋଷ୍ଟ, ଅଜନ୍ତା ଆଡ୍‌ଭର୍ଟାଇଜର୍ସ, ୱିଫି ଇଣ୍ଟରନେଟ୍ ପାର୍ଟନର ରହିଥିଲେ। କାର୍ଯ୍ୟକ୍ରମକୁ ଶୋଭନା ମିଶ୍ର ସଂଯୋଜନା କରିଥିଲେ।

## ମନୋରଞ୍ଜନ କଲା କବୀର କାଫେ, ଅଗ୍ନି ରକ୍ ବ୍ୟାଣ୍ଡ ସଙ୍ଗୀତ

ଭୁବନେଶ୍ୱର,୨୪।୧୧(ଅନୁରାଧା ମହାରଣା)

ଧରିତ୍ରୀ 'ୟୁଥ୍ କନ୍‌କ୍ଳେଭ୍-୨୦୨୪'ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନିରଜ ଆର୍ଯ୍ୟସ୍ କବୀର କାଫେ ଏବଂ ଅଗ୍ନି ରକ୍ ବ୍ୟାଣ୍ଡ ସଙ୍ଗୀତ ପରିବେଷଣ କରିଥିଲେ। ଉପସ୍ଥିତ ଦର୍ଶକ ଉଭୟ ବ୍ୟାଣ୍ଡର ପ୍ରଦର୍ଶନକୁ ଖୁବ୍ ଉପଭୋଗ କରିଥିଲେ। କବୀର କାଫେ ପକ୍ଷରୁ ସନ୍ଥ କବୀରଙ୍କ ରଚନାକୁ ଖୁବ୍ ସୁନ୍ଦର ଭାବେ ପ୍ରଦର୍ଶନ କରାଯାଇଥିଲା। ଲିଡ୍ ଭୋକାଲିଷ୍ଟ ତଥା ରିଦିମ୍ ଗିଟାରିଷ୍ଟ ନୀରଜ ଆର୍ଯ୍ୟ, ଗିଟାରିଷ୍ଟ ତଥା ଭୋକାଲିଷ୍ଟ ବ୍ରିଟୋ ଖାଙ୍ଗଚିଆନ୍, ଡ୍ରମର୍ ବୀରେନ୍ ସୋଲାଙ୍କି, ଭାଓଲିନିଷ୍ଟ ବିଷ୍ଣୁ ଦାସ, ହାରମୋନିୟମ୍ ବାଦକ ପୀୟୁଷ ଆଚାର୍ଯ୍ୟ, ସାଉଣ୍ଡ ଇଞ୍ଜିନିୟର ରଜତ୍ ଦାଓ୍ୱାଙ୍କୁ ନେଇ କବୀର କାଫେ ଟିମ୍ 'ଚଦରୀୟା ଝିନିରେ ଝିନି', 'ମୁନିଆ ପିଞ୍ଜରେ ୱାଲି', 'ଘାଟ୍ ଘାଟ୍ ମେଁ ପଞ୍ଛି ବୋଲ୍‌ତା ହେଁ', 'ମତ୍ କର୍ ମାୟା କା ଅହଂକାର', 'ମନ୍ ଲଗ୍ ଗୟା ୟାରୋ ଫକିର୍ ମେଁ' ଆଦି ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ। ଏହାପରେ ଅଗ୍ନି ବ୍ୟାଣ୍ଡର କୌସ୍ତୁଭ ଧାଭାଲେ ଓରଫ କୋକୋଙ୍କ ସହ ପରିବେଷିତ ସଙ୍ଗୀତକୁ ଦର୍ଶକ ଖୁବ୍ ଉପଭୋଗ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅଗ୍ନି ରକ୍ ବ୍ୟାଣ୍ଡ ପକ୍ଷରୁ କୋକୋ, ହୃଷୀକେଶ ଦାତର, ଚିରାୟୁଙ୍କ ଦ୍ୱାରା ପରିବେଷିତ ସାଧୋରେ, ହୋ ରହି ଥୀ ଆଦି ସଙ୍ଗୀତ ସମସ୍ତଙ୍କ ମନକୁ ଛୁଇଁଥିଲା। ଶେଷରେ ଉଭୟ ବ୍ୟାଣ୍ଡର କଳାକାରଙ୍କୁ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ସମ୍ପାଦକ ତଥାଗତ ସତପଥୀ ସମ୍ବର୍ଦ୍ଧିତ କରିଥିଲେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛ' ମାସର ବଳ
ଦିନକର ଜର।**

ସାଧାରଣତଃ ରୋଗରେ ପଡ଼ିଥିବା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟହାନି ଘଟିବାର ଆଶଙ୍କା ରହିଥାଏ। ଏଭଳି ସ୍ଥଳେ ଦେହ ଅସ୍ୱସ୍ତି ଲାଗିବା ବା ଦୁର୍ବଳ ଲାଗିବା ଭଳି ଅନେକ ଲକ୍ଷଣମାନ ମଧ୍ୟ ପ୍ରକାଶ ପାଇଥାଏ। ତେଣୁ ଜର ହେଲେ ବା ଦେହ ଖରାପ ହେଲେ ଦେହରୁ ବଳ କମିଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଛେଳି ଗୋଡ଼ରେ ଯଦି ଧାନ ମଳିହୁଅନ୍ତା
ତେବେ ବଳଦ କାହିଁକି ଲୋଡ଼ା ହୁଅନ୍ତା ?**

ଛେଳି ଦ୍ୱାରା ଧାନ ଅମଳ ହୋଇପାରି ନ ଥାଏ, ସେଥିପାଇଁ ବଳଦର ଆବଶ୍ୟକ ପଡ଼ିଥାଏ। ତେଣୁ ଯେଉଁ କାମକୁ ଯେଉଁ ବ୍ୟକ୍ତି କରିବା କଥା ସେ ହିଁ କେବଳ ତାକୁ ସୁଚାରୁରୂପେ କରିପାରିଥାଏ। ଅକ୍ଷମ ବ୍ୟକ୍ତି ଉପରେ କୌଣସି ଦାୟିତ୍ୱ ନ୍ୟସ୍ତ କରାଗଲେ ତା'ର ସୁଫଳ ମିଳି ନ ଥାଏ। ତେଣୁ ଏଭଳି ବ୍ୟକ୍ତି ଉପରେ କୌଣସି ଦାୟିତ୍ୱ ଦିଆଯିବା ଉଚିତ ନୁହେଁ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଉ ୨୦ ଲକ୍ଷ ମହିଳାଙ୍କୁ ...

ଏକ ସୁଚିନ୍ତିତ ଓ ସୁନ୍ଦର ପଦକ୍ଷେପ। ଯେଉଁଠାରେ ମହିଳାମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରାଯାଏ, ସେଠାରେ ଦେବତାମାନେ ବିଚରଣ କରିଥାନ୍ତି ବୋଲି ଶାସ୍ତ୍ରରେ ଲେଖା ହୋଇଛି। ଆମ ଓଡ଼ିଆ ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତିର ପ୍ରତିଛବି। ଜଗନ୍ନାଥ ସଂସ୍କୃତିରେ ମା' ସୁଭଦ୍ରା ହେଉଛନ୍ତି ସମାନତା ଓ ଶକ୍ତିର ସ୍ୱରୂପ। ଓଡ଼ିଶାର ସମସ୍ତ ମା' ଭଉଣୀମାନେ ମୋ ପାଇଁ ମା' ସୁଭଦ୍ରାଙ୍କ ସ୍ୱରୂପ। ଓଡ଼ିଶା ସଂସ୍କୃତିରେ ମହିଳାମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରାଯିବାର ଦୃଷ୍ଟାନ୍ତ ରହିଆସିଛି। ସୁନ୍ଦରଗଡ଼ ହେଉଛି ହକିର ଅନ୍ତୁଡ଼ିଶାଳ। ଏ ପବିତ୍ର ମାଟିରେ ମାଇକେଲ କିଣ୍ଡୋ, ପଦ୍ମଶ୍ରୀ ଦିଲୀପ ତିର୍କୀ, ପଦ୍ମଶ୍ରୀ ଇଗ୍ନେସ ତିର୍କୀ, ଲାଜରୁସ ବାର୍ଲା, ଉଇଲିୟମ ଖେସ, ଅମିତ ରୋହିଦାସ, ନିଲମ ସଞ୍ଜୀବ ଖେସ, ସୁଭଦ୍ରା ପ୍ରଧାନ, ନୀଳିମା କୁଜୁର, ଜ୍ୟୋତି ସୁନୀତା କୁଲ୍ଲୁ, ନମିତା ଟପ୍ପୋଙ୍କ ଭଳି ଅନେକ ଅନ୍ତର୍ଜାତୀୟ କ୍ରୀଡାବିତ୍ ଜନ୍ମ ନେଇଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଖଣି, ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାକୁ ସୁନ୍ଦରଗଡ଼ର ଅବଦାନ ଅତୁଳନୀୟ। ସୁନ୍ଦରଗଡ଼ର କଳା, ସଂସ୍କୃତି, ପରମ୍ପରା ଓ ବିଶେଷକରି ଆଦିବାସୀ ସଂସ୍କୃତିର ସେ ଉଚ୍ଚ ପ୍ରଶଂସା କରିଛନ୍ତି। ବୀର ସୁରେନ୍ଦ୍ର ସାଏ ଏବଂ ବୀର ବିର୍ସା ମୁଣ୍ଡାଙ୍କ ପ୍ରତି ସୁନ୍ଦରଗଡ଼ର ଅକୁଣ୍ଠ ସମର୍ଥନ ରହିଥିଲା। ସୁନ୍ଦରଗଡ଼ ଜିଲାରେ ସମୁଦାୟ ୪ ଲକ୍ଷ ୫୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ସୁଭଦ୍ରାରେ ପଞ୍ଜୀକରଣ କରିଥିବା ବେଳେ ତୃତୀୟ ପର୍ଯ୍ୟାୟ ସୁଦ୍ଧା ୩ ଲକ୍ଷ ୩୭ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପ୍ରଥମ କିସ୍ତିର ଅର୍ଥ ରାଶି ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲା ପାଇଁ ୧୨୦୧ କୋଟି ଟଙ୍କାର ୯୮୪ଟି ପ୍ରକଳ୍ପର ମଧ୍ୟ ଶୁଭାରମ୍ଭ କରିଥିବା ବେଳେ ୬୯୨ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏଥିପାଇଁ ୮୦୮ କୋଟି ୩୦ ଲକ୍ଷ ୧୫ ହଜାର ଟଙ୍କା ବିନିଯୋଗ କରାଯାଇଛି। ସେହିପରି ଜିଲା ପାଇଁ ୨୮୮ ପ୍ରକଳ୍ପର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରାଯାଇଛି। ଏଥିପାଇଁ ୩୧୨ କୋଟି ୩ ଲକ୍ଷ ୧ ହଜାର ଟଙ୍କା ବିନିଯୋଗ ହେବ। ଏଥିସହିତ ମୁଖ୍ୟମନ୍ତ୍ରୀ ୮୧ କୋଟି ଟଙ୍କାର ଆଉ ୪ଟି ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ କରିଛନ୍ତି। ସରକାରଙ୍କ ପ୍ରତିଶ୍ରୁତି ଓ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଗଠନ ହେବାର ପ୍ରଥମ ଦିନରେ କ୍ୟାବିନେଟ୍ ବୈଠକ କରି ୪ଟି ମୁଖ୍ୟ ପ୍ରତିଶ୍ରୁତି ପୂରଣ ପାଇଁ ନିଷ୍ପତ୍ତି ନେଇଥିଲେ। ସେଥିରେ ସୁଭଦ୍ରା ଯୋଜନା ଅନ୍ୟତମ। ସରକାର ଗଠନର ୧୦୦ ଦିନ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ କରି ରାଜ୍ୟବାସୀଙ୍କ ପ୍ରତି ଆମେ ଆମର ପ୍ରତିଶ୍ରୁତି ପୂରଣ କରିଛୁ। ସୁଭଦ୍ରା ଯୋଜନାରେ ରାଜ୍ୟର ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ଉପକୃତ ହେବେ। ଏହା ଆମ ରାଜ୍ୟ ପାଇଁ ସବୁଠାରୁ ବଡ ଜନ ହିତକାର ଯୋଜନା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳା ସଶକ୍ତୀକରଣ କ୍ଷେତ୍ରରେ ପୂର୍ବ ସରକାର ମିଶନ ଶକ୍ତିର ଖୁବ୍ ପ୍ରଚାର କରିଥିଲେ। ମାତ୍ର ସେଥିରେ ମଧ୍ୟ ସର୍ବାଧିକ ୭୦ ଲକ୍ଷ ମହିଳା ସାମିଲ ହୋଇପାରିଥିଲେ। ମିଶନ ଶକ୍ତିରେ ସୁଧମୁକ୍ତ ଋଣ ମିଳୁଥିଲା। କିନ୍ତୁ ସୁଭଦ୍ରା ଯୋଜନାରେ ଆମେ ଭଉଣୀମାନଙ୍କୁ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରୁଛୁ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ଓଡ଼ିଶା ଏକ ବିକଶିତ ରାଜ୍ୟ ହେବା ପାଇଁ ଯାତ୍ରା ଆରମ୍ଭ କରିଛି। ଏଥିରେ ସୁଭଦ୍ରା ଯୋଜନା ନିଶ୍ଚିତ ଭାବରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ରାଜ୍ୟ ସରକାର ମହିଳାମାନଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛନ୍ତି। ସବୁ ଯୋଗ୍ୟ ହିତାଧିକାରୀଙ୍କୁ ନିଶ୍ଚିତ ଭାବରେ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରି ମହିଳା ସଶକ୍ତୀକରଣକୁ ଆଗେଇ ନିଆଯିବ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଯାହା ପ୍ରତିଶ୍ରୁତି ଦେଇଛନ୍ତି ତାହା ପ୍ରତିବଦ୍ଧତାର ସହ ପାଳନ କରୁଛନ୍ତି। ସୁଭଦ୍ରା ଯୋଜନା ପାଇଁ ମା' ମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳୁଛି। ରାଜ୍ୟର ୧ କୋଟିରୁ ଅଧିକ ମହିଳା ନିଜେ ଘରୁ ବାହାରି ଡକ୍ୟୁମେଣ୍ଟ ଡିଜିଟାଇଜେଶନ କରିଛନ୍ତି। ଏହା ଏକ ବଡ଼ ଉପଲବ୍ଧି ବୋଲି ସେ କହିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ କହିଛନ୍ତି, ଓଡ଼ିଶା ଏବେ ବିକାଶ ପଥରେ ବ୍ୟାପକ ଅଗ୍ରଗତି କରୁଛି। ଓଡ଼ିଶା ନିଶ୍ଚୟ ୧ ନମ୍ବର ରାଜ୍ୟ ହେବ ବୋଲି ସେ କହିଛନ୍ତି। ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଧନ୍ୟବାଦ ଅର୍ପଣ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମୟୂରଭଞ୍ଜର ବାରିପଦାଠାରେ ସହାୟତା ପ୍ରଦାନ କରାଯାଇଥିଲା। ତୃତୀୟ ପର୍ଯ୍ୟାୟ ସୁଦ୍ଧା ରାଜ୍ୟର ମୋଟ ୮୦ ଲକ୍ଷ ମହିଳା ୪ ହଜାର କୋଟି ଟଙ୍କାର ସହାୟତା ପାଇଛନ୍ତି।

## ୨୭ କୋଟିରେ ...

ଆଗ୍ରହ ପ୍ରକାଶ କରିଥିଲେ। ପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କଙ୍କ ନାମରେ ରହିଥିଲା। ଗତ ସିଜନର ମିନି ଅକ୍ସନରେ କେକେଆର ତାଙ୍କୁ ୨୪.୭୫ କୋଟି ଟଙ୍କାରେ କିଣିଥିଲା। ପ୍ରଥମେ ଶ୍ରେୟସ୍ ଆୟର ୨୬.୭୫ କୋଟି ଟଙ୍କାରେ ଏହି ରେକର୍ଡ ଭାଙ୍ଗିଥିବା ବେଳେ ପରେ ତାଙ୍କୁ ପନ୍ତ ପଛରେ ପକାଇଥିଲେ। କେବଳ ପନ୍ତ ନୁହନ୍ତି ଅନ୍ୟ ଭାରତୀୟ ଖେଳାଳି ମଧ୍ୟ ନିଲାମୀରେ ବାଜିମାତ କରିଥିଲେ। କେକେଆର୍ ଛାଡିଥିବା ଶ୍ରେୟସ୍ ଆୟର ୨୬.୭୫ କୋଟି ଟଙ୍କାରେ ପଞ୍ଜାବ କିଙ୍ଗ୍ସକୁ ଯାଇଥିଲେ। ଅନ୍ୟତମ ଭାରତୀୟ ଖେଳାଳି ଭେଙ୍କଟେଶ ଆୟରଙ୍କୁ ୨୩.୭୫ କୋଟି ଟଙ୍କାରେ କେକେଆର କିଣିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଉଭୟ ଅର୍ଶଦୀପ ସିଂ ଓ ଯୁଜବେନ୍ଦ୍ର ଚହଲ ୧୮ କୋଟି ଟଙ୍କା ମୂଲ୍ୟରେ ପଞ୍ଜାବ କିଙ୍ଗ୍ସକୁ ଯାଇଥିଲେ। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପକ୍ଷରୁ ରିଲିଜ୍ ହୋଇଥିବା ଲୋକେଶ ରାହୁଲଙ୍କୁ ୧୪ କୋଟି ଟଙ୍କାରେ କ୍ରୟ କରିଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ମହମ୍ମଦ ସିରାଜ ୧୨.୨୫ କୋଟି ଟଙ୍କାରେ ଗୁଜରାଟ ଜାଏଣ୍ଟ୍ସକୁ ଯାଇଥିଲେ। ମହମ୍ମଦ ଶାମି ୧୦ କୋଟି ଟଙ୍କାରେ ସନରାଇଜର୍ସ ହାଇଦ୍ରାବାଦକୁ ଯାଇଥିଲେ। ବିଦେଶୀ ଖେଳାଳିଙ୍କ ମଧ୍ୟରେ ଜୋଶ ବଟଲ ୧୫.୭୫ କୋଟି ଟଙ୍କାରେ ଗୁଜରାଟ ଟାଇଟନ୍ସରେ ସାମିଲ ହୋଇଥିଲେ। ଗତ ସିଜନର ସବୁଠାରୁ ମହଙ୍ଗା ଖେଳାଳି ରହିଥିବା ମିଚେଲ ଷ୍ଟାର୍କ ୧୧.୭୫ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ ଓ କାଗିସୋ ରାବାଡା ୧୦.୭୫ କୋଟି ଟଙ୍କାରେ ଗୁଜରାଟ ଟାଇଟନ୍ସରେ ସାମିଲ ହୋଇଥିଲେ। ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମାର୍କସ୍ ଷ୍ଟୋଇନିସଙ୍କୁ ୧୧ କୋଟିରେ ପଞ୍ଜାବ କିଙ୍ଗ୍ସ, ଜେକ୍ ଫ୍ରେଜର ମ୍ୟାଗୁର୍କଙ୍କୁ ରାଇଟ୍ ଟୁ ମ୍ୟାଚ୍ କାର୍ଡ ଜରିଆରେ ୯ କୋଟି ଟଙ୍କାରେ କିଣିଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ଲିଆମ୍ ଲିଭିଙ୍ଗଷ୍ଟୋନ ମାତ୍ର ୮.୭୫ କୋଟି ଟଙ୍କାରେ ଆରସିବିକୁ ଯାଇଥିବା ବେଳେ ହ୍ୟାରୀ ବ୍ରୁକ୍ ୬.୨୫ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଗ୍ଲେନ ମ୍ୟାକ୍ସୱେଲ ମାତ୍ର ୪.୨୦ କୋଟି ଟଙ୍କାରେ ପଞ୍ଜାବ କିଙ୍ଗ୍ସକୁ ଯାଇଥିଲେ।

# ଓଡ଼ିଶା ଆରମ୍ଭରୁ ସନ୍ଥ, ବିଦ୍ୱାନ୍‌ଙ୍କ ଧରିତ୍ରୀ: ପ୍ରଧାନମନ୍ତ୍ରୀ

**ଓଡ଼ିଶା ପର୍ବ-୨୦୨୪**



ଓଡ଼ିଶା ପର୍ବ କାର୍ଯ୍ୟକ୍ରମରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନ ବୈଷ୍ଣବ।

**ଭୁବନେଶ୍ୱର, ୨୪।୧୧ (ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଗତ ୨୨ରୁ ଚାଲିଥିବା ଓଡ଼ିଶା ପର୍ବ କାର୍ଯ୍ୟକ୍ରମରେ ରବିବାର ଯୋଗଦେଇ ଓଡ଼ିଶାର ସଂସ୍କୃତି-ପରମ୍ପରାକୁ ପ୍ରଶଂସା କରିବା ସହ ସନ୍ଥ କବି ଭୀମ ଭୋଇଙ୍କୁ ମନେ ପକାଇଛନ୍ତି। ସେ ଭକ୍ତ ସାଲବେଗ, ଜଗନ୍ନାଥ ଦାସ ପ୍ରମୁଖଙ୍କ ସ୍ମୃତି ଚାରଣ କରିଛନ୍ତି। ଏହା ବ୍ୟତୀତ ଓଡ଼ିଶା ପର୍ବରେ ପ୍ରଦର୍ଶିତ ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ଚା' ପିଇଛନ୍ତି। ଏହାପରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, 'ଓଡ଼ିଶା ପର୍ବକୁ ଆସି ସେ ଖୁବ୍ ଗର୍ବିତ। ଓଡ଼ିଶା ଆରମ୍ଭରୁ ସନ୍ଥ ଓ ବିଦ୍ୱାନ୍‌ଙ୍କ ଧରିତ୍ରୀ। ଭୀମ ଭୋଇ କହିଥିଲେ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ, ଏହା ହିଁ ଓଡ଼ିଶାର ସଂସ୍କୃତି ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ଜୟ ଜଗନ୍ନାଥରୁ ଭାଷଣ ଆରମ୍ଭ କରି କହିଛନ୍ତି, ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ବୀରମାନଙ୍କ ଅବଦାନ ଅତୁଳନୀୟ। ପାଇକ ବିଦ୍ରୋହ ଏହାର ଏକ ଉଦାହରଣ। ଓଡ଼ିଶା ନିଜର ସାଂସ୍କୃତିକ ବିବିଧତା ଦ୍ୱାରା ଭାରତକୁ ଜୀବନ୍ତ ରଖିବାରେ ବହୁତ ବଡ଼ ଭୂମିକା ପ୍ରତିପାଦନ କରିଛି। ଓଡ଼ିଶା ସବୁ ଯୁଗରେ ମାନବ ସମାଜର ସେବା କରିଆସିଛି। ହରେକୃଷ୍ଣ ମହତାବଙ୍କ ଅବଦାନକୁ ବର୍ତ୍ତମାନ ସାରା ଦେଶ ସ୍ମରଣ କରୁଛି। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଦେଶର ରାଷ୍ଟ୍ରପତି ହେବା ଗର୍ବର ବିଷୟ। ତାଙ୍କ ପ୍ରେରଣାରେ ସାରା ଦେଶର ଆଦିବାସୀ ସମାଜର ବିକାଶ ଲାଗି କେନ୍ଦ୍ର ସରକାର ହଜାର ହଜାର କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରିଛନ୍ତି। ଓଡ଼ିଶାର ମହିଳାମାନେ ଆଗକୁ ବଢ଼ିଲେ ଓଡ଼ିଶା ଆଗକୁ ବଢ଼ିବ। ସେଥିଲାଗି କିଛିଦିନ ପୂର୍ବରୁ ଓଡ଼ିଶାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ସମୁଦ୍ର ପଥରେ ବାଣିଜ୍ୟ-ବ୍ୟବସାୟକୁ ଉତ୍କଳୀୟମାନେ ହିଁ ଆଗକୁ ବଢ଼ାଇଥିଲେ। ଯେଉଁଥିଲାଗି ଓଡ଼ିଶାର କଟକଠାରେ କାର୍ତ୍ତିକ ପୂର୍ଣ୍ଣିମାରେ ଆରମ୍ଭ ହୋଇଥିବା ବାଲିଯାତ୍ରା ଗତ ଶନିବାର ଉଦ୍‌ଯାପିତ ହୋଇଛି। ଓଡ଼ିଶାର ସାମୁଦ୍ରିକ ବ୍ୟବସାୟରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଯେତେବେଳେ ଟେକ୍ନୋଲୋଜି ନ ଥିଲା ସେତେବେଳେ ଓଡ଼ିଆମାନେ ସମୁଦ୍ରରେ ଯାତ୍ରା କରୁଥିଲେ। ଉତ୍କଳବାସୀ ସାମୁଦ୍ରିକ ସାମର୍ଥ୍ୟକୁ ବିସ୍ତାର କରିଥିବା ମୋଦି କହିଛନ୍ତି।

୨୦୩୬ରେ ଓଡ଼ିଶା ରାଜ୍ୟ ସ୍ଥାପନର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବ। ଦିନ ଥିଲା ପୂର୍ବ ଭାରତକୁ ପଛୁଆ ମନେକରାଯାଉଥିଲା। ହେଲେ ସେ କିନ୍ତୁ ପୂର୍ବ ଭାରତକୁ ବିକାଶର ଇଞ୍ଜିନ୍ ମନେ କଲେ। ଗତବର୍ଷ ଅପେକ୍ଷା ଏଥର ଓଡ଼ିଶାକୁ ୩୦% ଅଧିକ ବଜେଟ ଦିଆଯାଇଛି। ଓଡ଼ିଶା ହେଉଛି ମାଇନିଂ ଓ ମେଟାଲ୍ ପାୱାର ହବ୍। ଆଗକୁ ରାଜ୍ୟରେ ଷ୍ଟିଲ୍ ଏବଂ ଶକ୍ତି ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସେହିପରି ସାମୁଦ୍ରିକ ଖାଦ୍ୟର ପ୍ରୋସେସିଂ ୟୁନିଟ୍ ମଧ୍ୟ ବିସ୍ତାର କରାଯିବ। ଓଡ଼ିଶାର ନିଜସ୍ୱ ଭିଜନ୍ ରହିଛି। ଏହି ପ୍ରୟାସ ଲାଗି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ। ଯଦି ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଅଧିକ ସ୍ମରଣୀୟ କରାଯିବ ତେବେ ବାଲିଯାତ୍ରାକୁ ଅଧିକ ମନେ ରଖିବା ଲାଗି ବାଲିଯାତ୍ରା ଦିବସ, ଓଡ଼ିଶାକୁ ଆହୁରି ଭଲ କରିବାକୁ ଓଡ଼ିଶୀ ଦିବସ ପାଳନ କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।




# ମସ୍‌ଜିଦ ସର୍ଭେ ବେଳେ ସଂଘର୍ଷ

# ପୋଲିସ ଗୁଳିରେ ୩ ମୃତ

**ସମ୍ଭଲ (ୟୁପି), ୨୪।୧୧**

ଉତ୍ତରପ୍ରଦେଶର ସମ୍ଭଲସ୍ଥିତ ଏକ ମସ୍‌ଜିଦରେ ରବିବାର ସକାଳେ ସର୍ଭେ ଚାଲିଥିବାବେଳେ ପୋଲିସ ଓ ଏକ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ମୁସଲମାନ ସମ୍ପ୍ରଦାୟର ଲୋକେ ପୋଲିସ ଉପରକୁ ଟେକାମାଡ଼ କରିବାରୁ ୩୦ ଆହତ ହୋଇଛନ୍ତି। ପୋଲିସ ଉତ୍ତ୍ୟକ୍ତ ଜନତାଙ୍କ ଉପରକୁ ଗୁଳି ଚଳାଇବାରୁ ୩ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ଆଇନଜୀବୀ ବିଷ୍ଣୁଶଙ୍କର ଜୈନ ସମ୍ଭଲ ଜିଲା କୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ପୂର୍ବରୁ ମୋଗଲ ସମ୍ରାଟ ବାବର ଉକ୍ତ ଅଞ୍ଚଳରେ ଥିବା ହରିହର ମନ୍ଦିରକୁ ଭାଙ୍ଗି ସେଠାରେ ମସ୍‌ଜିଦ ନିର୍ମାଣ କରାଇଥିଲେ ବୋଲି ସେ ଏଥିରେ ଉଲ୍ଲେଖ କରିବା ସହ ସର୍ଭେ ପାଇଁ କୋର୍ଟଙ୍କୁ ନିବେଦନ କରିଥିଲେ। ମସ୍‌ଜିଦ ସର୍ଭେ ପାଇଁ ଜିଲା କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ରବିବାର ସକାଳ ୭ଟାରେ ସର୍ଭେ ଆରମ୍ଭ କରାଯିବା ପରେ ସ୍ଥାନୀୟ ଲୋକେ ଜୋର୍‌ଦାର ବିରୋଧ କରିବାବେଳେ ପୋଲିସ ସହ ସଂଘର୍ଷ ହୋଇଥିଲା। ପୋଲିସ ବିକ୍ଷୋଭକାରୀଙ୍କ ଟେକାମାଡ଼ର ଜବାବ ଗୁଳିରେ ଦେଇଥିଲା। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ବିକ୍ଷୋଭକାରୀମାନେ ଗାଡ଼ିଗୁଡ଼ିକୁ ଜାଳିଦେବା ପାଇଁ ଉଦ୍ୟମ କରିବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାର୍ଜ କରିଥିଲା। ଦୁର୍ବୃତ୍ତମାନେ ଗୁଳି ଚଳାଇବାରୁ ୩୦ରୁ ଊର୍ଦ୍ଧ୍ୱ ପୋଲିସ ଆହତ ହୋଇଛନ୍ତି। ଦୀପା ସରାଇ ଅଞ୍ଚଳରେ କେଉଁଠୁ ଗୁଳି ଫୁଟିଲା, ତାହାର ତଦନ୍ତ କରାଯାଉଛି ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।



ସମ୍ଭଲରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଗୁଳି ଚଳାଉଛି।

ଗତ ମଙ୍ଗଳବାର ମସ୍‌ଜିଦ ସର୍ଭେ ଆରମ୍ଭ ହେବାଠାରୁ ସମ୍ଭଲରେ ଉତ୍ତେଜନା ଲାଗିରହିଥିଲା। ମୋରାଦାବାଦ ଡିଭିଜନ କମିଶନର ଅଞ୍ଜନେୟ ସିଂଙ୍କ କହିବା ଅନୁଯାୟୀ, ରବିବାର ସକାଳେ ମସ୍‌ଜିଦ ନିକଟରେ ବହୁସଂଖ୍ୟାରେ ଲୋକେ ରୁଣ୍ଡ ହୋଇଥିଲେ। ସର୍ଭେ ଟିମ୍ ସେଠାରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିବାମାତ୍ରେ ସେମାନେ ସ୍ଲୋଗାନ ଦେଇଥିଲେ। ସେମାନେ ସର୍ଭେକୁ ବିରୋଧ କରିବା ସହ ଟେକାମାଡ଼ କରିଥିଲେ। ପୋଲିସ ସହ ସଂଘର୍ଷ ବେଳେ ନଇମ୍, ବିଲାଲ ଏବଂ ନୌମାନଙ୍କ ମୃତ୍ୟୁ ଘଟିଥିବାବେଳେ କେତେଜଣ ପୋଲିସ ଆହତ ହୋଇଛନ୍ତି। ବିକ୍ଷୋଭ ବେଳେ ରାସ୍ତାକଡ଼ରେ ରହିଥିବା ମୋଟରସାଇକେଲଗୁଡ଼ିକରେ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲେ। ୨ ମହିଳାଙ୍କ ସମେତ ୧୦ ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଆରମ୍ଭ ହୋଇଛି। ଏହି ହିଂସାକାଣ୍ଡରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ମାମଲା ରୁଜୁ ହେବ। ଉକ୍ତ ଅଞ୍ଚଳର ଶାନ୍ତି ଭଙ୍ଗ କରିବା ଉଦ୍ଦେଶ୍ୟରେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ହିଂସାକୁ ପ୍ରୋତ୍ସାହିତ କରିଥିବା କମିଶନର କହିଛନ୍ତି।

ସର୍ଭେକୁ ବିରୋଧ ଏବଂ ଟେକାମାଡ଼ ଘଟଣାକୁ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି। ଆଇନଶୃଙ୍ଖଳା ଭଙ୍ଗ କରୁଥିବା ଲୋକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶାସକ ଦଳ କହିଛି। ଅନ୍ୟପକ୍ଷରେ ସମ୍ଭାଲ ହିଂସା ପାଇଁ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଲେଶ ଯାଦବ ଭାଜପାକୁ ଦାୟୀ କରିଛନ୍ତି। ନିର୍ବାଚନରେ ହୋଇଥିବା ଜାଲିଆତିରୁ ଦୃଷ୍ଟି ହଟାଇବା ପାଇଁ ଶାସକ ଦଳ, ସରକାର ଏବଂ ପ୍ରଶାସନ ହିଂସାକାଣ୍ଡର ଯୋଜନା କରିଥିଲେ ବୋଲି ଅଖିଲେଶ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ୧୯୭୬ରେ ଭିନ୍ନ ସମ୍ପ୍ରଦାୟର ଜଣେ ବ୍ୟକ୍ତି ମସ୍‌ଜିଦର ଇମାମଙ୍କୁ ହତ୍ୟା କରିଥିଲେ, ଯାହାକୁ ନେଇ ହିଂସାକାଣ୍ଡ ବ୍ୟାପିବା ସହ ମାସେ ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ହୋଇଥିଲା। ଉକ୍ତ ଅଞ୍ଚଳ ସାମ୍ପ୍ରଦାୟିକତା ଦୃଷ୍ଟିରୁ ସମ୍ବେଦନଶୀଳ ହୋଇଥିବାରୁ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ମସ୍‌ଜିଦଟି କଳ୍କି ମନ୍ଦିରଠାରୁ ୧୫୦ରୁ ୨୦୦ ମିଟର ଦୂରରେ ଅବସ୍ଥିତ।

# ୪ରେ ପୁରୀ ଆସିବେ ରାଷ୍ଟ୍ରପତି

- ମୁତୟନ ହେବେ ୮୦ ପ୍ଲାଟୁନ ଫୋର୍ସ
- ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

**ପୁରୀ, ୨୪।୧୧ (ଅଜିତ କୁମାର ମହାନ୍ତି)**

ଆସନ୍ତା ଡିସେମ୍ବର ୪ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀ ଗସ୍ତରେ ଆସିବେ। ରାଷ୍ଟ୍ରପତି ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ହେବାକୁ ଥିବା ଭାରତୀୟ ନୌସେନା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏଥିସହ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିବେ। ପରେ ରାଷ୍ଟ୍ରପତି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି. ଖୁରାନିଆ ରବିବାର ପୁରୀ ଆସି ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହିତ ବୈଠକ କରିଛନ୍ତି। ପୋଲିସ ମହାନିର୍ଦ୍ଦେଶକ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ସମଙ୍ଗ ପାର୍କିଂ, ବ୍ଲୁ ଫ୍ଲାଗ ବିଚ୍, ରାଜଭବନ ଓ ବେଳାଭୂମି ଯାଇ ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ପରେ ସେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଏସ୍‌ପିଙ୍କ କାର୍ଯ୍ୟାଳୟରେ ବୈଠକ କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଡିଜିପି ଖୁରାନିଆ କହିଛନ୍ତି। ସୁରକ୍ଷା ଦାୟିତ୍ୱରେ ସମୁଦାୟ ୮୦ ପ୍ଲାଟୁନ ପୋଲିସ ଫୋର୍ସ ସହ ୩୦୦ ବରିଷ୍ଠ ଅଧିକାରୀ ମୁତୟନ ହେବେ। ଭୁବନେଶ୍ୱରଠାରୁ ପୁରୀ ଏବଂ ସମ୍ପୂର୍ଣ୍ଣ ପୁରୀ ସହରରେ ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥା ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି। ସେହିପରି ଭିଆଇପି ଏବଂ ଭିଭିଆଇପିଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ଡିଜିପି କହିଛନ୍ତି। ନୌସେନା ଦିବସ ଅବସରରେ ୨୫ଟି ଜାହାଜ ସହ ୪୦ଟି ଏୟାରକ୍ରାଫ୍ଟ ଶୋ ଦେଖିବାର ସୁଯୋଗ ପାଇବେ ଦର୍ଶକ। ତେଣୁ ଦର୍ଶକ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ମଧ୍ୟ ପୋଲିସ ପ୍ରଶାସନ ଗୁରୁତ୍ୱ ଦେଉଛି ବୋଲି ଡିଜିପି କହିଛନ୍ତି।

# ଆଜି ସର୍ବଦଳୀୟ ବୈଠକ

**ଭୁବନେଶ୍ୱର, ୨୪।୧୧ (ଅନିଲ ଦାସ)**

ଆସନ୍ତା ୨୬ରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଏହା ପୂର୍ବରୁ ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ବାଚସ୍ପତିଙ୍କ ଚାମ୍ବରରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଭାଜପା ବିଧାୟକ ଜୟନାରାୟଣ ମିଶ୍ର, ସିପିଆଇ (ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଏହି ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଯୋଗଦେବା ନେଇ ବିଧାନସଭା ସଚିବାଳୟ ପକ୍ଷରୁ ସମସ୍ତ ସଦସ୍ୟଙ୍କୁ ଚିଠିଲେଖି ଅବଗତ କରାଯାଇଛି। ଆସନ୍ତା ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ବିରୋଧୀ ଦଳଙ୍କ ସହଯୋଗ ଲୋଡ଼ିବେ।









ଯେଉଁ ଶକ୍ତି ସବୁ ସାଧନ କରିପାରିବ– ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ– ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। **–ଶ୍ରୀଅରବିନ୍ଦ**



# ବୁଝିବାରେ ଅସଫଳ

ଭାରତର ଅନ୍ୟତମ ପ୍ରମୁଖ ରାଜ୍ୟ ମହାରାଷ୍ଟ୍ର ଓ ପୂର୍ବ ଭାଗରେ ଥିବା ଝାଡ଼ଖଣ୍ଡ ବିଧାନସଭା ଲାଗି ଅନୁଷ୍ଠିତ ନିର୍ବାଚନ ଫଳ ୧–୧ରେ ଶେଷ ହୋଇଛି। ଅର୍ଥାତ୍ ଦୁଇ ରାଜ୍ୟରେ ଶାସନରେ ଥିବା ମେଣ୍ଟ ନିଜର ସ୍ଥିତି ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ମହାରାଷ୍ଟ୍ର କଥା ଦେଖିଲେ ଭାଜପା, ଏକନାଥ ଶିନ୍ଦେଙ୍କ ଶିବସେନା ଏବଂ ଅଜିତ୍ ପାୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)କୁ ନେଇ ଗଠିତ ମେଣ୍ଟ ବା ମହାଯୁତି ୨୮୮ ସଦସ୍ୟ ବିଶିଷ୍ଟ ବିଧାନସଭାରୁ ୨୩୫ ଆସନ ଜିତି ତିନି ଚତୁର୍ଥାଂଶ ସିଟ୍ ହାସଲ କରିଛି। ଅନ୍ୟପକ୍ଷରେ ଉଦ୍ଧବ ବାଲାସାହେବ ଠାକ୍‌ରେ (ୟୁବିଟି) ଶିବସେନା, କଂଗ୍ରେସ ଏବଂ ଶରଦ ପାୱାରଙ୍କ ଏନ୍‌ସିପିଏସ୍‌ପିକୁ ମିଶାଇ ଗଢ଼ି ଉଠିଥିବା ମହାବିକାଶ ଅଘାଡି (ଏମ୍‌ଭିଏ) ମାତ୍ର ୪୮ ସିଟ୍ ଜିତିବାରେ ସକ୍ଷମ ହୋଇଛି। ଯଦି ୨୦୧୯ ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ଦେଖାଯାଏ, ସେତେବେଳେ ଘଟିଥିବା ରାଜନୈତିକ ସମୀକରଣ ଦେଶବାସୀଙ୍କୁ ଭିନ୍ନ ବାର୍ତ୍ତା ଦେଇଥିଲା। ବାରମ୍ବାର ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଘଟିବା ମହାରାଷ୍ଟ୍ରରେ କ୍ଷମତା ରାଜନୀତିକୁ ପଦାରେ ପକାଇଥିଲା। ୨୦୨୪ ଲୋକ ସଭା ନିର୍ବାଚନରେ ୟୁବିଟି, କଂଗ୍ରେସ ଓ ଶରଦ ପାୱାରଙ୍କ ଏନ୍‌ସିପିଏସ୍‌ପି ଭଲ ପ୍ରଦର୍ଶନ କରିଥିଲେ। ସେହି ଅନୁଯାୟୀ ଏମ୍‌ଭିଏ ଆଶା ରଖିଥିଲା ଶାସନ ଡୋରି ତାକୁ ମିଳିବ। କେବଳ ସେତିକି ନୁହେଁ, ୧୯୭୨ ପରେ ଏହା ହେଉଛି ପ୍ରଥମ ନିର୍ବାଚନ, ଯେଉଁଥିରେ ମହାରାଷ୍ଟ୍ର ରାଜନୀତିରେ ଗୋଟିଏ ମେଣ୍ଟ ଏତେସଂଖ୍ୟକ ଆସନ ଜିତିପାରିଛି। ମହାରାଷ୍ଟ୍ରବାସୀ ଭାଜପା ପରିଚାଳିତ ମହାଯୁତି ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ଏମ୍‌ଭିଏ ୨୦୨୪ ଲୋକ ସଭା ନିର୍ବାଚନର ଉତ୍ତମ ଫଳାଫଳକୁ ଦେଖି ଖାମଖିଆଲ ଭାବେ ଟିକେଟ ବଣ୍ଟନ କରିଥିଲା। ଏଥିସହିତ ତୃଣମୂଳ ସ୍ତରରେ ଲୋକଙ୍କ ନିକଟରେ ପହଞ୍ଚିବାରେ ବିରୋଧୀ ମେଣ୍ଟ ସକ୍ଷମ ହୋଇ ନ ଥିଲା। ଫଳସ୍ୱରୂପ କଂଗ୍ରେସ ମାତ୍ର ୧୫ ସିଟ୍ ପାଇଥିବାବେଳେ ଶରଦ ପାୱାରଙ୍କ ଏନ୍‌ସିପିଏସ୍‌ପି ୧୦ ଓ ଶିବସେନା (ୟୁବିଟି) ମାତ୍ର ୨୦ ଆସନ ଜିତି ଶୋଚନୀୟ ପ୍ରଦର୍ଶନ କରିଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଲୋକ ସଭା ନିର୍ବାଚନର ସଫଳତା ବିଧାନସଭା ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ସ୍ପଷ୍ଟ ଭାବେ କହି ହେବନାହିଁ। ଅପରପକ୍ଷରେ ଭାଜପା ଓ ଏକନାଥ ଶିନ୍ଦେଙ୍କ ଶିବସେନା ମିଶି ଯେତେବେଳେ ସରକାର ଗଠନ କରିଥିଲେ, ସେତେବେଳେ ସଂଖ୍ୟାକୁ ଗୁରୁତ୍ୱ ନ ଦେଇ ଭାଜପା ଦେବେନ୍ଦ୍ର ଫଡ୍‌ନବିସଙ୍କୁ ଉପମୁଖ୍ୟମନ୍ତ୍ରୀ କରାଇଥିଲା। ସମ୍ଭବତଃ ଭୋଟରଙ୍କ ସମବେଦନା ଫଡ୍‌ନବିସଙ୍କ ପ୍ରତି ରହିବାରୁ ସେ ନିର୍ବାଚନକୁ ଚତୁରତାର ସହ ପରିଚାଳନା କରି ଲାଭ ଉଠାଇପାରିଛନ୍ତି ବୋଲି କୁହାଯାଉଛି। ୨୦୧୯ ବିଧାନସଭା ନିର୍ବାଚନରେ ୧୦୫ ଆସନ ପାଇଥିବା ଭାଜପା ଏଥର ୧୩୨ ଆସନ ପାଇପାରିଛି। ଏବେ ମୁଖ୍ୟମନ୍ତ୍ରୀ ପଦବୀ କାହା ନିକଟକୁ ଯିବ ସେଥିନେଇ ବିଚାରବିମର୍ଶ ଚାଲିଛି। କିନ୍ତୁ ଏହି ନିର୍ବାଚନରେ ସର୍ବାଧିକ କ୍ଷତି ଜାତୀୟ ଦଳ ଭାବେ କଂଗ୍ରେସ ଭୋଗିଥିବା ବେଳେ ଶିବସେନା(ୟୁବିଟି)ର ଖାଦି ମଧ୍ୟ କମିଯାଇଛି।

> **ମହାରାଷ୍ଟ୍ର ଓ ଝାଡ଼ଖଣ୍ଡର ନିର୍ବାଚନ ଫଳାଫଳ ଦର୍ଶାଉଛି ଯେ, ଭୋଟରଙ୍କୁ ଆଜିକାର ରାଜନେତାମାନେ ବୁଝିବାରେ ଅସଫଳ ହେଉଛନ୍ତି। କେଉଁଠି ମାଗଣା ସାମଗ୍ରୀ ବା ସେବା ଦେଇ ଭୋଟ ନେବାର ଉଦ୍ୟମ ସଫଳ ହେଉଥିବା ବେଳେ ଅନ୍ୟ କେଉଁଠି ତାହାର ବିପରୀତ ପ୍ରତିଫଳନ ଦେଖାଦେଉଛି।**

ଝାଡ଼ଖଣ୍ଡ କଥା ଦେଖିଲେ ଶାସକ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍), କଂଗ୍ରେସ ଓ ଆର୍‌ଜେଡି ମେଣ୍ଟ ପୁନଶ୍ଚ କ୍ଷମତାକୁ ଫେରିଛି। ସେହି ରାଜ୍ୟରେ ଶାସନକୁ ନିଜ ଆଡ଼କୁ ଆଣିବା ଲାଗି ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଜମି ଦୁର୍ନୀତିରେ ପକାଇ ଭାଜପା ତାଙ୍କୁ ଜେଲ ପଠାଇଥିଲା। ତାଙ୍କ ସ୍ଥାନରେ ମୁଖ୍ୟମନ୍ତ୍ରୀ ହୋଇଥିବା ଚମ୍ପେଇ ସୋରେନ୍‌ଙ୍କୁ ମଧ୍ୟ ନିର୍ବାଚନ ପୂର୍ବରୁ ଭାଜପା ନିଜ ଆଡ଼କୁ ନେଇଯାଇଥିଲା। ହେଲେ ହେମନ୍ତଙ୍କ ସ୍ତ୍ରୀ କଳ୍ପନା ସୋରେନ ଜେଏମ୍‌ଏମ୍‌ର ଜଣେ ଲଢୁଆ ସୈନିକ ଭାବେ ସଂଗ୍ରାମ କରି ଭୋଟରଙ୍କୁ ଏକଜୁଟ କରିବାରେ ସଫଳ ହେଲେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି। ତେବେ ଚମ୍ପେଇଙ୍କୁ ଅସ୍ତ୍ର କରି ଆଦିବାସୀଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାରେ ସକ୍ଷମ ହୋଇ ନ ଥିବା ଭାଜପାକୁ ଶେଷରେ ଝାଡ଼ଖଣ୍ଡବାସୀ ଶାସନଠାରୁ ପୁଣି ଦୂରେଇ ରଖିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଝାଡ଼ଖଣ୍ଡର ଜାମସେଦପୁର (ପୂର୍ବ) ବିଧାନସଭା କ୍ଷେତ୍ରରୁ କଂଗ୍ରେସର ଓଡ଼ିଶା ପାଇଁ ନିଯୁକ୍ତ ହୋଇଥିବା ପ୍ରଭାରୀ ଅଜୟ କୁମାର ଭାଜପା ପ୍ରାର୍ଥୀ ତଥା ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କ ବୋହୂ ପୂର୍ଣ୍ଣିମା ସାହୁଙ୍କଠାରୁ ୬୪,୩୨୦ ଖଣ୍ଡ ଭୋଟରେ ହାରିଯାଇଛନ୍ତି।

ଏହି ଦୁଇ ରାଜ୍ୟର ନିର୍ବାଚନ ଫଳାଫଳ ଦର୍ଶାଉଛି ଯେ, ଭୋଟରଙ୍କୁ ଆଜିକାର ରାଜନେତାମାନେ ବୁଝିବାରେ ଅସଫଳ ହେଉଛନ୍ତି। କେଉଁଠି ମାଗଣା ସାମଗ୍ରୀ ବା ସେବା ଦେଇ ଭୋଟ ନେବାର ଉଦ୍ୟମ ସଫଳ ହେଉଥିବା ବେଳେ ଅନ୍ୟ କେଉଁଠି ତାହାର ବିପରୀତ ପ୍ରତିଫଳନ ଦେଖାଦେଉଛି।

# ନିଃସଙ୍ଗତାର ରୂପ



ବୈକୁଣ୍ଠନାଥ ମିଶ୍ର

ବର୍ତ୍ତମାନ ସମାଜ ଏକ ସଙ୍କଟମୟ ପରିସ୍ଥିତି ଦେଇ ଗତିକରୁଛି। ଜନସଂଖ୍ୟା ବଢ଼ିବା ଦରକାର ବା କମିବା ଦରକାର –ଏହା ଏକ ବିରାଟ ବିତର୍କ ଠିଆ କରାଇଛି। ଦିନେ ଚାଇନା ଥିଲା ବିଶ୍ୱର ସର୍ବାଧିକ ଜନବହୁଳ ଦେଶ। ନିକଟ ଅତୀତରେ ଏକ ଅନୌପଚାରିକ ସର୍ବେକ୍ଷଣ ଅନୁସାରେ ଭାରତର ଜନସଂଖ୍ୟା ଚାଇନାକୁ ଟପିଲାଣି। ଅତୀତରେ ଜନସଂଖ୍ୟା ବୃଦ୍ଧିକୁ ରୋକିବା ପାଇଁ ଚାଇନା ଜନ୍ମ ନିୟନ୍ତ୍ରଣ ପଦ୍ଧତି ଆପଣେଇ ଦମ୍ପତି ଅଧିକ ସନ୍ତାନ ଜନ୍ମ କଲେ ସେମାନଙ୍କ ଉପରେ ଟିକସ ଲାଗୁକରିବା ପାଇଁ ଆଇନ ପ୍ରଣୟନ କରିଥିଲା। ଫଳରେ ଜନସଂଖ୍ୟା ବୃଦ୍ଧି ଧିମେଇ ଗଲା ଓ ଶିଶୁ ଏବଂ ଯୁବକଙ୍କ ସଂଖ୍ୟା ହ୍ରାସପାଇ ବୃଦ୍ଧଙ୍କ ସଂଖ୍ୟା ବଢିଚାଲିଛି। ବର୍ତ୍ତମାନ ଚାଇନା ସରକାର ଚିନ୍ତାକଲେଣି ଯେ ଅଧିକ ସନ୍ତାନ ସୃଷ୍ଟି ଦେଶ ପ୍ରଗତି ପାଇଁ ଅପରିହାର୍ଯ୍ୟ। ଭାରତ ମଧ୍ୟ ଚିନ୍ତାକଲା ଯେ ଜନସଂଖ୍ୟା ବୃଦ୍ଧି ପ୍ରଗତିରେ ବାଧକ। ଫଳରେ ଗୋଟିଏ ଦୁଇଟି ସନ୍ତାନରେ ସୀମିତ ରହିବା ପାଇଁ ସରକାର ଜନ୍ମନିୟନ୍ତ୍ରଣ ପଦ୍ଧତି ଆପଣେଇଥିଲେ। ହେଲେ ସମ୍ପ୍ରତି କେତେକ ରାଜ୍ୟ ସରକାର ଜନସଂଖ୍ୟା ବୃଦ୍ଧି ସପକ୍ଷରେ ସ୍ୱର ଉତ୍ତୋଳନ କଲେଣି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ହୁଅନ୍ତୁ କିମ୍ବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ ହୁଅନ୍ତୁ ତାଙ୍କ ରାଜ୍ୟରେ ଜନସଂଖ୍ୟା କମ୍ ରହୁଥିବାରୁ ଭବିଷ୍ୟତରେ ଲୋକ ସଭା ଆସନ ସଂଖ୍ୟା ବଢିବା ପାଇଁ ଜନସଂଖ୍ୟା ବୃଦ୍ଧି ଅପରିହାର୍ଯ୍ୟ ବୋଲି ଚିନ୍ତାକଲେଣି। ଏହା ଏକ ରାଜନୈତିକ ଅଭିସନ୍ଧି। ଉତ୍ତର ଭାରତରେ ଲୋକ ସଭା ଆସନ ଅଧିକ ଥିବାରୁ ଅନୁପାତିକଭିତ୍ତିରେ ଦକ୍ଷିଣ ଭାରତର ଆସନ ସଂଖ୍ୟା ବୃଦ୍ଧି ହେବା ଆବଶ୍ୟକ ବୋଲି ସେମାନେ ମନେକରୁଛନ୍ତି।

ଜାପାନ ଭଳି ଏକ ଅର୍ଥନୈତିକ ସମୃଦ୍ଧ ଦେଶରେ ବୃଦ୍ଧାବୃଦ୍ଧଙ୍କ ସଂଖ୍ୟା କେବଳ ବୃଦ୍ଧି ପାଇନାହିଁ ବରଂ ସେମାନେ ନିଃସଙ୍ଗତାର ଉତ୍ପୀଡ଼ନରେ ବ୍ୟଥିତ। ସେମାନେ ନିଃସଙ୍ଗତାକୁ ଦୂରେଇବା ପାଇଁ ଆବଶ୍ୟକ କରନ୍ତି ଯୁବସହଚର୍ଯ୍ୟ। ଯେଉଁମାନଙ୍କ ସହ ସେ ଆଳାପ କରି ଦୁଃଖ ଲାଘବ କରିପାରିବେ। ବ୍ରିଟେନରେ ମଧ୍ୟ ଅନୁରୂପ ଅବସ୍ଥା। ୨୦୧୭ରେ ବ୍ରିଟେନ୍‌ର ଏକ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ ସେ ଦେଶର ବୃଦ୍ଧାବୃଦ୍ଧଙ୍କ ମଧ୍ୟରୁ ୯୦ଲକ୍ଷ ଲୋକ ନିଃସଙ୍ଗତାର ଜଟିଳ ସମସ୍ୟାରେ ପୀଡ଼ିତ। ନିଃସଙ୍ଗତା ହୁଏତ ଯୁବବର୍ଗ ପାଇଁ ଆନନ୍ଦଦାୟକ ହୋଇପାରେ। କାରଣ ସେହି ବୟସରେ ସେମାନେ ରଙ୍ଗିନ ସ୍ୱପ୍ନରେ ବିଭୋର। କିନ୍ତୁ ବୟସ ଅତିକ୍ରାନ୍ତ ହେଲା ପରେ ଓ ପିଲାମାନେ ସ୍ୱାବଲମ୍ବୀ ହୋଇ ନିଜ ସଂସାରକୁ ନେଇ ବ୍ୟସ୍ତ ରହିବା ପରେ ବୃଦ୍ଧାବୃଦ୍ଧମାନେ କେବଳ ନିଃସଙ୍ଗ ନୁହନ୍ତି ; ବରଂ ଅଲୋଡ଼ା ହୋଇଯାନ୍ତି। ମନୁଷ୍ୟପକ୍ଷେ ନିଃସଙ୍ଗତା ଠାରୁ ବଳି ବଡ଼ଦୁଃଖ ଆଉ କିଛି ନାହିଁ। ନିଃସଙ୍ଗତା ମୁନିଋଷିଙ୍କର ତପଶ୍ଚାରଣ ପାଇଁ ସିନା ପ୍ରୟୋଜନ ; ମାତ୍ର ଜଣେ ସଂସାରୀ ନିମିତ୍ତ ଏହା ପୀଡ଼ାଦାୟକ। ନିର୍ବାସିତର ବିଳାପରେ କବି କହିଲେ –'ନିର୍ଜନତା କାହିଁତୋ ବେଶ ମୋହନ –ଯେ ବେଶେ ମୋହିଲୁ ତୁ ମୁନି ନୟନ।' ମାତ୍ର ଜଣେ ସଂସାରୀ ପାଇଁ ବିଜନତା ଏକ ଅଭିଶାପ ସଦୃଶ। ପରିବାର ଏପରି ଏକ ସାମାଜିକ ଅନୁଷ୍ଠାନ, ଯାହା ମଣିଷକୁ କେବଳ ସ୍ନେହ ମମତାରେ ବାନ୍ଧିରଖେ ନାହିଁ, ବରଂ ପାରସ୍ପରିକ ସ୍ନେହ ସହାନୁଭୂତି ଆଦାନ ପ୍ରଦାନରେ ଘର ସ୍ୱର୍ଗସମ ହୋଇଥାଏ। ବିଶ୍ୱର ବିକଶିତ ବା ବିକାଶୋନ୍ମୁଖୀ ଦେଶ ହେଉ ସର୍ବତ୍ର ନିଃସଙ୍ଗତା ଏକ ବିଶାଳ ସମସ୍ୟା ରୂପେ ଠିଆ ହୋଇଛି। ଆମେରିକା, ଫ୍ରାନ୍ସ, ଇଂଲଣ୍ଡ, ଜାପାନ, ଅଷ୍ଟ୍ରେଲିଆ ସମେତ ଭାରତ, ଚାଇନା ଓ ବ୍ରାଜିଲ ପ୍ରଭୃତି ଦେଶରେ ନିଃସଙ୍ଗତା ତା'ର କାୟା ବିସ୍ତାର କରିଚାଲିଛି।



ସମ୍ପ୍ରତି ଏକ ଅଭିନବ ଚିନ୍ତାଧାରାରେ ଯୁବତୀ, ଯୁବକମାନେ ଛନ୍ଦି ହୋଇପଡିଛନ୍ତି। ସେମାନେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ନ ଚାହିଁ ସମ୍ପର୍କିତ ସହବାସ (ଲିଭ୍ ଇନ୍ ରିଲେଶନଶିପ୍)ରେ ରହିବାକୁ ପସନ୍ଦ କରୁଛନ୍ତି। ଭାରତରେ ପ୍ରାୟ ୮୧ ପ୍ରତିଶତ ଯୁବତୀ ବିବାହକରି ଘର ସଂସାରର ଉଦ୍‌କଟ ବନ୍ଧନରେ ବାନ୍ଧି ହେବାକୁ ଚାହୁଁ ନାହାନ୍ତି। ବିବାହ ଓ ପାରିବାରିକ ଜୀବନକୁ ସେମାନେ ଏକ ପରମ୍ପରାଗତ ମତ (ଅର୍ଥୋଡକ୍ସ) ବୋଲି ବିବେଚନା କରନ୍ତି। ବିବାହ ନ କରି ସ୍ୱାଧୀନ ଜୀବନ ବିତେଇବାର ସେମାନେ ସପକ୍ଷବାଦୀ। କିଛି ଯୁବକ ମଧ୍ୟ ବିବାହକୁ ନାପସନ୍ଦ କଲେଣି। ଅବଶ୍ୟ ସେମାନଙ୍କ ସଂଖ୍ୟା ମହିଳାଙ୍କ ତୁଳନାରେ ଯଥେଷ୍ଟ କମ୍। କେତେଜଣ ଯୁବତୀ ଚିନ୍ତା କରନ୍ତି ଯେ ସେମାନେ ଏମିତି ଯୁବକଙ୍କୁ ବିବାହ କରିପାରନ୍ତି ଯେଉଁମାନେ ତାଙ୍କ ମନୋଭାବ ଓ ପସନ୍ଦ ଅପସନ୍ଦକୁ ସମ୍ମାନ ଦେଉଥିବେ। କେବଳ ସେତିକି ନୁହେଁ କେତେଜଣ ଯୁବତୀଙ୍କ ପକ୍ଷରୁ ପ୍ରାକ୍ ସର୍ତ୍ତାବଳୀ ସ୍ଥାପିତ କରାଯାଉଛି ଯେ ବିବାହୋତ୍ତର ଜୀବନରେ ତାଙ୍କୁ ଶାଶୁ ଶ୍ୱଶୁରଙ୍କ ସେବା ଯତ୍ନ କରିବାକୁ କୁହା ନ ଯିବା ସହ ନିଜ ପସନ୍ଦ ଅନୁସାରେ କାମ କରିବାକୁ ସ୍ୱାଧୀନତା ଦେବାକୁ ଯେଉଁ ପୁରୁଷ ସମ୍ମତି ପ୍ରକାଶ କରିବ ତାକୁ ସେମାନେ ବିବାହ କରିପାରନ୍ତି। ଯେହେତୁ ଝିଅଙ୍କ ସଂଖ୍ୟା ଅପେକ୍ଷା ପୁଅ ସଂଖ୍ୟା ଅଧିକ ତେଣୁ ପୁଅପକ୍ଷରୁ ଏପରି ସର୍ତ୍ତକୁ ମଧ୍ୟ ଗ୍ରହଣ କରାଯାଉଛି।

ନାରୀମାନଙ୍କ ପକ୍ଷରେ ବିବାହ ବିତୃଷ୍ଣା ପାଇଁ କେତେକ କାରଣ ସମୂହକୁ ଦାୟୀ କରାଯାଇପାରେ। ସୃଷ୍ଟିର ପ୍ରାକ୍‌କାଳରୁ ଭାରତୀୟ ନାରୀ ପୁରୁଷ ପ୍ରଧାନ ସମାଜରେ ପୁରୁଷ କର୍ତ୍ତୃକ ନାନାବିଧ ନିର୍ଯାତନା ସହ୍ୟକରି ଆସୁଥିଲେ। କନ୍ୟା ସନ୍ତାନମାନେ ପରିବାର ମଧ୍ୟରେ ସେମାନଙ୍କର ମା' ଜେଜେମା'ଙ୍କ କାରୁଣ୍ୟ ସ୍ଥିତି ଦେଖି ବିବାହ ବନ୍ଧନରେ ବାନ୍ଧି ନ ହୋଇ ସ୍ୱାଧୀନ ଭାବରେ ଜିଇବାକୁ ଇଚ୍ଛା କରୁଛନ୍ତ। ନାରୀ ପ୍ରତି ପୁରୁଷର ସେ ମଧ୍ୟଯୁଗୀୟ ଚିନ୍ତାଧାରା ଏବେ ମଧ୍ୟ ବଳବତ୍ତର ଅଛି। ଏକ ପକ୍ଷେ ଉଗ୍ର ଆଧୁନିକତାରେ ବଶୀଭୂତ ନାରୀର ମାନସିକତା ଓ ଅପରପକ୍ଷେ ପୁରୁଷର ଔଦ୍ଧତ୍ୟ ନାରୀର ସଂସାର ବିମୁଖତା ପାଇଁ ଦାୟୀ। ଜଣେ କର୍ମଜୀବୀ ଯୁବତୀ ବିବାହ ପରେ ଚାକିରି ଛାଡିବାକୁ ବାଧ୍ୟ ହେଉଛି। ବିବାହ ପରେ ଚାକିରି ଛାଡୁଥିବା ମହିଳାଙ୍କ ସଂଖ୍ୟା ୧୨ ପ୍ରତିଶତ।

ଗତ କିଛିବର୍ଷ ହେଲା କନ୍ୟାସନ୍ତାନ ପ୍ରତି ଯେଉଁ ନକାରାତ୍ମକ ମନୋଭାବ ପ୍ରଦର୍ଶିତ ହୋଇଆସୁଛି ତାହା ଆଜି କନ୍ୟା ପୁତ୍ର ଜନ୍ମ ଅନୁପାତରେ ଏକ ଘୋର ଅସମାନତା ସୃଷ୍ଟି କରିଆସିଛି। ଓଡ଼ିଶାକୁ ଯଦି ଆମେ ଦୃଷ୍ଟାନ୍ତ ରୂପେ ଗ୍ରହଣ କରିବା ତେବେ ଜାଣିବା ଯେ ଉପାନ୍ତ ଜିଲାଗୁଡ଼ିକରେ ପୁଅ ସଂଖ୍ୟା ୧ ହଜାରରେ ଝିଅ ସଂଖ୍ୟା ହାରାହାରି ୧୦୩୦ ଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପୁଅ ସଂଖ୍ୟା ତୁଳନାରେ ଝିଅ ସଂଖ୍ୟା ଅତ୍ୟନ୍ତ ଶୋଚନୀୟ। ଏପରିକି କଟକ ପରି ଶିକ୍ଷାଦୀକ୍ଷା ପରିପୂର୍ଣ୍ଣ ଜିଲାରେ ୧ହଜାର ପୁଅରେ ଝିଅ ସଂଖ୍ୟା ମାତ୍ର ୭୪୫। ଭ୍ରୁଣହତ୍ୟାର ଏହା ଏକ ବିଷମୟ ପରିଣତି। ତଥାକଥିତ ସଭ୍ୟ ସମାଜର ଏହା ଏକ ରୁଗ୍ଣ ମାନସିକତା। ଆଗକୁ ଦେଖିବାକୁ ମିଳିବ ସମାଜରେ ଅନେକ ପୁରୁଷ ଅବିବାହିତ ରହିଥିବେ। କନ୍ୟାସନ୍ତାନ ଅଭାବଜନିତ କାରଣରୁ ହେଉ କିମ୍ବା ନାରୀ ପୁରୁଷ ଉଭୟଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ କରି ଯୌବନକୁ ଉପଭୋଗ କରିବା କାରଣରୁ ହେଉ ବିବାହ ବନ୍ଧନକୁ ଏଡ଼େଇଯିବା ସାର ହେବ। ଫଳରେ ବାର୍ଦ୍ଧକ୍ୟରେ କେବଳ ନିଃସଙ୍ଗତା ହିଁ ହେବ ଏକମାତ୍ର ବିକଳ୍ପ। ଝିଅଟିଏ ଜନ୍ମ ନ ଦେବା ପାଇଁ ଆମ ମନ ମଧ୍ୟରେ ଜମାଟ ବାନ୍ଧିଥିବା ଜଡ଼ତା ଭ୍ରୁଣହତ୍ୟା ପାଇଁ ଆମକୁ ଉତ୍ପ୍ରେରିତ କରୁଛି। ଏପରି ଏକ ଉଦ୍‌କଟ ମାନସିକତାରେ ବଶୀଭୂତ ହୋଇ ଆମେ ଆମ ସୁନ୍ଦର ପୃଥିବୀ ଓ ନିୟତିର ଗତିକୁ ପଥରୋଧ କରିବାରେ ଲାଗିପଡିଛୁ। ଏଥିପାଇଁ ଭବିଷ୍ୟତରେ ଆମକୁ ବହୁମୂଲ୍ୟ ଦେବାକୁ ପଡ଼ିବ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

# ଶ୍ରେଷ୍ଠ ବନ୍ଧୁ



ପ୍ରତିମା ବିଶ୍ୱାଳ

ଏ ସମାଜରେ ଆମ ସମସ୍ତଙ୍କର ନିହାତି ଅନ୍ତରଙ୍ଗ ବନ୍ଧୁଟିଏ ଥିବ। ଯେଉଁ ବନ୍ଧୁ ପାଖରେ ମନର ଅକୁହା କଥା ଯେତେ ପ୍ରକାଶ କରିଦେଲେ ନିଜକୁ ହାଲକା ଲାଗେ। ବିପଦରେ ପଡ଼ିଥିଲା ବେଳେ ଯିଏ ସବୁ ପ୍ରତିଘାତ ଡେଇଁ ସାହାଯ୍ୟ କରିବାକୁ ଧାଇଁ ଆସେ, ହତାଶା ମନରେ ବଞ୍ଚିବାର ନୂତନ ରାହା ଓ ସାହସ ଭରିଦିଏ ତାକୁ ଆମେ ବିପଦର ବନ୍ଧୁ ବୋଲି ଭାବି ଥାଉ। ଆଜିର ସମାଜରେ ବେଳେ ବେଳେ ଦେଖାଯାଏ ବନ୍ଧୁ ବନ୍ଧୁ ମଧ୍ୟରେ ବିଶ୍ୱାସ ଘାତକତା ; ଯାହା ଆଗରେ ବିଶ୍ୱାସରେ ସବୁ କଥା କହିଥିବ ସେଇ ବନ୍ଧୁ ହିଁ ଆମର ସର୍ବନାଶ କରିଦିଏ ତା' ନିଜ ସ୍ୱାର୍ଥ ଲାଗି । ସେତେବେଳେ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ ଏ ଦୁନିଆରେ ଆମେ ସତରେ କାହାକୁ ପ୍ରକୃତ ବନ୍ଧୁ ବା ଶ୍ରେଷ୍ଠ ବନ୍ଧୁ ବୋଲି ଭାବିବା। ଏ ବନ୍ଧୁକୁ ନେଇ ବିଶିଷ୍ଟ ସାହିତ୍ୟିକ ମନୋଜ ଦାସ, ଗୋଟେ ଗଳ୍ପ ଉପସ୍ଥାପନ କରିଥିଲେ। ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି କଥା ପ୍ରସଙ୍ଗରେ ତାଙ୍କ ତରୁଣ ପୁତ୍ରଙ୍କୁ ଦିନେ କହିଲେ,''ବାବୁ, ସମାଜରେ ପ୍ରତିଷ୍ଠା ହାସଲ କରିବା ଉତ୍ତମ, ବିତ୍ତ ସଞ୍ଚୟ କରିବା ମଧ ମନ୍ଦ ନୁହେଁ, କିନ୍ତୁ ଜୀବନରେ ଯଦି ଜଣେ, ଦୁଇ ଜଣ ଉତ୍ତମ ବନ୍ଧୁ ଲାଭ କରିପାରିବୁ, ତେବେ ତାହା ହିଁ ହେବ ଜୀବନ ସାୟାହ୍ନରେ ସବୁଠାରୁ ବଡ଼ ଆଶ୍ୱସ୍ତି।'' ତରୁଣ ପୁତ୍ର ହସି ଉତ୍ତର ଦେଲା,'ଜଣେ ଦୁଇ ଜଣ ? ମୋର ଅଛନ୍ତି ଶହେ ବନ୍ଧୁ!' ପିତା ଗମ୍ଭୀର ହୋଇ କହିଲେ, ମୋତେ ଆସି ଷାଠିଏ ହେଲା। ଜୀବନରେ ମାତ୍ର ଦେଢ଼ ଜଣ ବନ୍ଧୁ ଲାଭ କରିଛି। ତୋତେ ମିଳିଗଲେଣି ଶହେ ବନ୍ଧୁ? ସଗର୍ବ ହାସ୍ୟ ଉତ୍ତର ଦେଲା ପୁତ୍ର,'ହଁ, ବାପା ଏମିତି କିଛି ତ୍ୟାଗ ନାହିଁ, ଯାହା ସେମାନେ ମୋ ପାଇଁ ତ୍ୟାଗ ନ କରିବେ।''ବେଶ୍, ଟିକିଏ ପରୀକ୍ଷା କରି ଦେଖାଯାଉ' କହିଲେ ବାପା। ପରଦିନ ରାତିରେ ସେ ଗୋଟାଏ ବଡ଼ ଟୋକେଇରେ କିଛି ଲୁଗା ଭର୍ତ୍ତିକରି ତହିଁ ଉପରେ କିଞ୍ଚିତ ଲାଲରଙ୍ଗ ଛିଟିକାଇ ଦେଇ ପୁଅକୁ କହିଲେ, ''ଯାହାକୁ ତୁ ଶହେ ଭିତରୁ ସବୁଠାରୁ ବିଶ୍ୱସ୍ତ ବନ୍ଧୁ ମନେକରୁ, ପ୍ରଥମେ ତା'ପାଖକୁ ଯାଇ କହିବୁ କି ଘଟଣା କ୍ରମେ ତୁ ଗୋଟାଏ ମଣିଷ ମାରି ପକାଇଛୁ। ରାଜାଙ୍କ ସିପାହିମାନେ ତୋତେ ଅନୁସରଣ କରୁଥିବା ସମ୍ଭବ। ଟୋକେଇରେ ମୃତଦେହ ସହ ତୋତେ ବନ୍ଧୁଟି ଯେମିତି ନିଜ ଘରେ ଲୁଚାଇ ରଖିବେ ରାତିକ ପାଇଁ।''

ତରୁଣ ଅନ୍ଧାର ରାତିରେ ତା'ର ସର୍ବଶ୍ରେଷ୍ଠ ବନ୍ଧୁଟିର ଘରେ ପହଞ୍ଚି ଦରଜା ପାଖରେ ଠିଆ ହୋଇ ସେହି ଆବେଦନ କଲା। ବନ୍ଧୁ ଚମକି ପଡ଼ି ଉତ୍ତର ଦେଲା, ''ଆରେ, ତୋ ପାଇଁ ମୁଁ କ'ଣ ଏତକ କରନ୍ତି ନାହିଁ ? ଅସୁବିଧା ହେଲା, ଆଜି ଆମ ଘରେ କୁଣିଆ ଅଛନ୍ତି। '' ବାସ, ବନ୍ଧୁ ଦରଜା ବନ୍ଦକରି ଦେଲା। ଶ୍ରେଷ୍ଠବନ୍ଧୁ ତାଲିକାରେ ଥିବା ପରବର୍ତ୍ତୀ ଯୁବକ ପାଖକୁ ଯାଇ ସେ ଶରଣ ଭିକ୍ଷା କରନ୍ତେ ସେ କହିଲା,''ବନ୍ଧୁ ବୋଲି କ'ଣ ତୋ ଅପରାଧ ଘୋଡ଼ାଇବି? ଏଠାରୁ ଶୀଘ୍ର ଚାଲିଯାଆ।'' ତରୁଣ ହେଲା ତୃତୀୟ ବନ୍ଧୁର ଦ୍ୱାରସ୍ଥ। ବନ୍ଧୁ ଖୁସ୍ ମିଜାଜରେ ଥିଲେ। କହିଲେ,''ଆରେ ତୁ ଏମିତି ଛାନିଆ ହେଉଛୁ କାହିଁକି ? ସିପାହି ଧରିନେଇ କରିବ ବା କ'ଣ ? ତୋ ପ୍ରଭାବଶାଳୀ ବାପା ଲଢ଼ିବେ ନାହିଁ ? ଖୁବ୍ ବେଶି ହେଲେ ତତେ ଫାଶୀ ହେବ। ଆମେ କ'ଣ ଜାକଜମକରେ, ତୋ ସମ୍ମାନ ଜଗି, ତୋ ଶ୍ରାଦ୍ଧୋତ୍ସବ କରିବା ନାହିଁ ? ହେଉ, ଶୁଭରାତ୍ରି।'' ଦରଜା ବନ୍ଦ ହେଲା। କ୍ଳାନ୍ତ ଶ୍ରାନ୍ତ ହତାଶ ତରୁଣ ଯାଇ ବାପାଙ୍କ ଆଗରେ କାନ୍ଦି ପକାଇ ସବୁ କହିଲା। ''ବ୍ୟସ୍ତ ହୁଅନା ପୁଅ। ତୋ ଆଗରେ ରହିଛି ଦୀର୍ଘ ଜୀବନ। ଆଶା, ଜଣେ ଦୁଇଜଣ ସଚ୍ଚା ବନ୍ଧୁ ତୋ କପାଳରେ ଯୁଟିବେ। ବେଶ୍ ଆଗାମୀ କାଲି ମୋ ବନ୍ଧୁଙ୍କ ପରୀକ୍ଷା କରିବା।'' ଯାହାକୁ ଭଦ୍ରଲୋକ ଅଧା ବନ୍ଧୁ ବୋଲି ମନେ କରୁଥିଲେ, ତରୁଣ ଆଦ୍ୟ ରାତ୍ରିରେ ରକ୍ତାକ୍ତ ଦିଶୁଥିବା ଟୋକେଇ ମୁଣ୍ଡେଇ ତାଙ୍କ ପାଖରେ ପହଞ୍ଚି ସମାନ ଅଭିନୟ କରନ୍ତେ, ସେ ଜଣକ ସଙ୍ଗେ ସଙ୍ଗେ ତରୁଣକୁ ଆଶ୍ରୟ ଦେବାକୁ ପ୍ରସ୍ତୁତ ହେଲେ। କିନ୍ତୁ ତରୁଣ କୌଣସି ଯୁକ୍ତିରେ ଚାଲି ଆସିଲା। ତହିଁ ପରଦିନ ପିତାଙ୍କ ନିର୍ଦ୍ଦେଶରେ ସେ ଯାଇ ତାଙ୍କର ପୂର୍ଣ୍ଣ ବନ୍ଧୁଙ୍କ ଦ୍ୱାରଦେଶରେ ପହଞ୍ଚିଲା। ଯୋଗାଯୋଗ ଏମିତି, ସେଦିନ ସତକୁ ସତ ସେ ମୁଲକରେ ଏକ ହତ୍ୟାକାଣ୍ଡ ଘଟିଥାଏ ଏବଂ ମୃତଦେହ ସହ ପଳାତକ ଅପରାଧୀକୁ ସିପାହିମାନେ ଖୋଜୁଥାନ୍ତି। ଏକଥା ଗୃହସ୍ୱାମୀ ଜାଣିଥିଲେ। ତଥାପି ସେ ତତ୍‌କ୍ଷଣାତ୍ ତରୁଣକୁ ଘରେ ଲୁଚାଇ ଟୋକେଇକୁ ଉଦ୍ୟାନରେ ପୋତିବାର ବ୍ୟବସ୍ଥା କଲେ। ପରେ ପରେ ସଦଳବଳ ସିପାହି ସର୍ଦ୍ଦାର ତାଙ୍କ ଘରେ ପହଞ୍ଚି କହିଲେ କି, ହତ୍ୟାକାରୀ ତରୁଣଟିଏ ତାଙ୍କ ଘରେ ଆଶ୍ରୟ ନେଇଛି ବୋଲି ସେମାନେ ସୂଚନା ପାଇଛନ୍ତି। ତାକୁ ଗିରଫ ନ କଲେ ସେମାନେ ଯିବେ ନାହିଁ; ଘର ତଲାସ କରିବେ। ଗୃହସ୍ୱାମୀ ତତ୍‌କ୍ଷଣାତ୍ ନିଜ ସୁପୁତ୍ରକୁ ସିପାହି ଦଳ ହାତରେ ଅର୍ପଣ କରି କହିଲେ,''ତୁମେମାନେ ଯାହାକୁ ଖୋଜୁଚ ଏହି ଜଣକ ସେହି ଯୁବକ। ସେ କିଛି ଅପରାଧ କରିନାହିଁ। ତେବେ ସେ କଥା ମୁଁ ଆଗାମୀକାଲି ବୁଝିବି।'' ସିପାହି ସର୍ଦ୍ଦାର ଭଦ୍ରଲୋକଙ୍କ ପୁଅକୁ ଆପାତତଃ ଗିରଫ କରି ନେଇଗଲେ। ପ୍ରଭାତରେ ପିତାଙ୍କ ପାଖକୁ ଆସି ତରୁଣ କହିଲା,''ବାପା, ମୋର ମୋହମୁକ୍ତି ହେଲା। ପ୍ରକୃତ ବନ୍ଧୁର ସ୍ୱରୂପ ଜାଣିଲି।'' ଅବଶ୍ୟ ଏ ଗଳ୍ପର ପଟଭୂମି ଦୁଇଶହ ବର୍ଷ ତଳର ସମାଜ ଓ ପରିବେଶ। ଏହାର ଆକ୍ଷରିକ ବାସ୍ତବତା ନୁହେଁ, ମର୍ମ ହିଁ ଆମର ଧ୍ୟେୟ । ସାମାଜିକ ଜୀବନରେ ବନ୍ଧୁ ଅପରିହାର୍ଯ୍ୟ। କିନ୍ତୁ କିଏ ଆମର ଶ୍ରେଷ୍ଠ ବନ୍ଧୁ ? ଶ୍ରୀମା, ବନ୍ଧୁଙ୍କ ଉପରେ ଗୋଟେ ସୁନ୍ଦର ଉତ୍ତର ଦେଇଥିଲେ। ଆମର ଯିଏ ଶ୍ରେଷ୍ଠ ବନ୍ଧୁ, ସିଏ ଆମର ସବୁଠୁ ଉତ୍ତମ ଗୁଣ ଯୋଗୁ ଆମକୁ ଭଲପାଏ। କିନ୍ତୁ ଭଲପାଏ ବୋଲି ତା' ରୁଚି ଅନୁସାରେ ଆମ ବ୍ୟକ୍ତିତ୍ୱ ବଦଳିବା ଚାହିଁ, ସେଭଳି ଦାବି ତା'ର ନ ଥାଏ। ଗଳ୍ପଟିରେ କହିବା ବାହୁଲ୍ୟ, ଶେଷ ଶ୍ରେଣୀର ବନ୍ଧୁ ହିଁ ସମସ୍ତଙ୍କ ପାଇଁ ମୂଲ୍ୟବାନ, କିନ୍ତୁ ସେଭଳି ବନ୍ଧୁ ଆଜିର ସମାଜରେ ମିଳିବା ବଡ଼ କଷ୍ଟକର। ପ୍ରକୃତରେ ଆମକୁ ହତାଶା ନ କଲା ଭଳି ବନ୍ଧୁ କାହାକୁ ଭାବିବା ? ଶ୍ରୀମା'ଙ୍କ ଉତ୍ତର, ଏକମାତ୍ର ଭଗବାନ,'ଯାବତୀୟ କରୁଣାର ଉତ୍ସ'। ସେ ହିଁ ଏକମାତ୍ର ସଚ୍ଚା ବନ୍ଧୁ, ଭଲ ସମୟରେ ଓ ଖରାପ ସମୟରେ ବନ୍ଧୁ। ସିଏ ହିଁ ଠିକ ବୁଝନ୍ତି,... ଏବଂ ସେ ଆମ ପ୍ରୟୋଜନ ବେଳେ ସର୍ବଦା ଉପସ୍ଥିତ ରହି ଯେକୌଣସି ମାଧ୍ୟମରେ ସାହାଯ୍ୟର ହାତ ବଢ଼ାନ୍ତି। ଏହାର ପ୍ରମାଣ ଆମେ ଅନେକ ଥର ଅନୁଭବ କରିଥାଉ । 'ବନ୍ଧୁ ଯାହାର ପରମେଶ୍ୱର, ତା'ର ଆଉ ବା କାହାକୁ ଡର'।



**ଜଗତ୍‌ସିଂହପୁର**
**ମୋ:୯୭୭୬୨୯୦୦୮୪**

## ଏଇ ଭାରତରେ

ଅକୁଳ ବିଶ୍ୱାସ ଦିବ୍ୟାଙ୍ଗ ହେଲେ ବି ପାରଙ୍ଗମ। ସେ ପରିବେଶ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟକରି ଦକ୍ଷତାର ପରିଚୟ ଦେଇଛନ୍ତି। ମୁଖ୍ୟତଃ ସେ ହେନ୍ତାଳ ବଣ ସୁରକ୍ଷା ଓ ସଂରକ୍ଷଣ କରୁଛନ୍ତି। ଅକୁଳ ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ଝାରଖାଲି ସବୁଜ ବାହିନୀ ଗଠନ କରି ସୁନ୍ଦରବନର ହେନ୍ତାଳ ବନ ସଂରକ୍ଷଣ ପାଇଁ କାମ କରୁଛନ୍ତି। ୨୩ଟି ଗାଁର ୨୦୦ରୁ ଅଧିକ ଗୃହିଣୀଙ୍କୁ ସେ ଏହି ସଂଗଠନରେ ସାମିଲ କରିଛନ୍ତି। ଅକୁଳ ୨୦୦୫ରେ ତାଙ୍କ ଅଭିଯାନ ଆରମ୍ଭ କରିଥିଲେ। ସେ ପ୍ରଥମେ ଏକୁଟିଆ ବିଦ୍ୟାଧରି ନଦୀ ତଟରେ ମ୍ୟାନଗ୍ରୋଭ ଚାରା ରୋପଣ କରିଥିଲେ। ପରେ ଅକୁଳଙ୍କର ଏଭଳି କାର୍ଯ୍ୟ ଦେଖି ସ୍ଥାନୀୟ ଲୋକେ ତାଙ୍କ ସହ ସାମିଲ ହୋଇଥିଲେ। ଝାରଖାଲି ସବୁଜ ବାହିନୀର ମହିଳାମାନେ ପ୍ରତିଦିନ ମ୍ୟାନଗ୍ରୋଭ ମଞ୍ଜି ସଂଗ୍ରହ କରି ତାହାକୁ ନର୍ସରି ବ୍ୟାଗରେ ଲଗାଉଛନ୍ତି । ଗଛ ହେବା ପରେ ସେଗୁଡ଼ିକୁ ଲଗାଉଛନ୍ତି। ଏଥିପାଇଁ ପ୍ରତିଦିନ ସେମାନେ ଦିନକୁ ୨ ଘଣ୍ଟା ସମୟ ଦେଉଛନ୍ତି ଓ ପାଖାପାଖି ୨୦୦–୨୫୦ ଚାରା ଲଗାଉଛନ୍ତି। ସୁନ୍ଦରବନରେ ରହୁଥିବା ପରିବାରଗୁଡ଼ିକୁ ନିର୍ଦ୍ଦିଷ୍ଟ ପରିମାଣର ଜମିଦେଇ ସେଠାରେ ଜଙ୍ଗଲ ସୃଷ୍ଟି କରିବାକୁ ପ୍ରୋତ୍ସାହିତ କରିଛନ୍ତି। କେବଳ ଏତିକି ନୁହେଁ, ଯେଉଁ ସବୁ ପଞ୍ଚାୟତ ମ୍ୟାନଗ୍ରୋଭ ଜଙ୍ଗଲ ସୁରକ୍ଷା ପାଇଁ ଆଗେଇ ଆସୁଛନ୍ତି ସେଗୁଡ଼ିକୁ ସେ ସହଯୋଗ କରୁଛନ୍ତି।

## ଚିରନ୍ତନୀ

ଜଡ଼ ଏ ଧରାରେ ଜାଗେ
ବିପୁଳ ଜୀବନ,
ମୂର୍ଚ୍ଛିତ ଦଶଦିଶ
ହୁଏ ସଚେତନ!
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 3 | | | | | | |
| 4 | | 8 | | 2 | 6 | | | 9 |
| | 2 | | | 3 | | | | |
| | | | | | | 1 | | 6 |
| 6 | 8 | | | | 7 | | 5 | |
| 5 | | 2 | 1 | | | | | |
| | | | | | | 4 | | 1 |
| | | | | | | | | 8 |
| | | 6 | | 8 | 3 | 9 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 3 | 7 | 5 | 2 | 9 | 4 | 1 |
| 5 | 1 | 7 | 9 | 4 | 3 | 6 | 2 | 8 |
| 9 | 2 | 4 | 6 | 8 | 1 | 7 | 5 | 3 |
| 7 | 6 | 1 | 5 | 3 | 8 | 4 | 9 | 2 |
| 2 | 5 | 9 | 1 | 6 | 4 | 8 | 3 | 7 |
| 3 | 4 | 8 | 2 | 9 | 7 | 1 | 6 | 5 |
| 8 | 7 | 6 | 4 | 2 | 5 | 3 | 1 | 9 |
| 1 | 9 | 5 | 3 | 7 | 6 | 2 | 8 | 4 |
| 4 | 3 | 2 | 8 | 1 | 9 | 5 | 7 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବଦଳି ପାଇଁ ଚାପ ପକାଇଲେ କାର୍ଯ୍ୟାନୁଷ୍ଠାନ

ମହାଶୟ,
ଧରିତ୍ରୀ(୧୨।୧୧)ରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଏଣିକି ସରକାରୀ କର୍ମଚାରୀମାନେ ବଦଳି ଏବଂ ନିଜ ଇଚ୍ଛା ମୁତାବକ ପୋଷ୍ଟିଂ ପାଇଁ ଚାପ ପକାଇଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜାଣିବାକୁ ପାଇଲି। ଏପର୍ଯ୍ୟନ୍ତ କୌଣସି ସରକାରଙ୍କ ଅମଳରେ ଏପରି ପଦକ୍ଷେପ ନିଆଯାଇ ନ ଥିଲା। ଏହା ନିଶ୍ଚିତ ଭାବେ ସରକାରଙ୍କ ଏକ ଉତ୍ତମ ଚିନ୍ତାଧାରା ବୋଲି ଭାବିବାକୁ ପଡ଼ିବ। କିନ୍ତୁ ଭବିଷ୍ୟତରେ ଏହା କେତେଦୂର ଫଳପ୍ରଦ ହେବ, ତାହା ସମୟ ହିଁ କହିବ। ରାଜ୍ୟ ସରକାର ଅଧୀନ ବିଭିନ୍ନ ବିଭାଗରେ ବହୁତ ଦକ୍ଷ ଓ ସଚ୍ଚୋଟ କର୍ମଚାରୀ ଅଛନ୍ତି। ସେମାନଙ୍କୁ ଅଣଦେଖା ନ କରି ଠିକ୍ ଜାଗାରେ ମୁତୟନ କରାଗଲେ ଲୋକମାନେ ଉପକୃତ ହୋଇପାରିବେ। ବିଶେଷତଃ ସରକାର ପ୍ରତ୍ୟେକ ବିଭାଗର ମୁଖ୍ୟ ଅଧିକାରୀଙ୍କର ପରାମର୍ଶ ଓ ଅନୁମୋଦନ କ୍ରମେ କାର୍ଯ୍ୟକାରୀ କରିବା ଉଚିତ୍। କାରଣ ଏ ସରକାର ହେଉଛି ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ କିପରି ଉତ୍ତମ ସେବା ପାଇ ପାରିବେ, ଏହା ସରକାରଙ୍କର ସର୍ବୋଚ୍ଚ କର୍ତ୍ତବ୍ୟ।

**–ସନ୍ତୋଷ କୁମାର ପଟ୍ଟନାୟକ**
**ଶଙ୍ଖପୁର, ବନ୍ତଳା, ଅନୁଗୋଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କ୍ଲାଇମେଟ୍ ଚେଞ୍ଜ୍: ବିଲ୍ଡିଂ ରିଜିଲିଆନ୍ସ



‘ଧରିତ୍ରୀ’ର ୫୧ ବର୍ଷ ପାଳନ ଅବସରରେ ରବିବାର ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ଆୟୋଜିତ ‘ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୪’କୁ ପରିବେଶ ବିଜ୍ଞାନୀ ରମଣ ସୁକୁମାର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ପରିବେଶବିତ୍ ତଥା ଲେଡି ଟାର୍ଜନ କୁହାଯାଉଥିବା ଯମୁନା ଟୁଡୁ, ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ଅନ୍ୟମାନେ।





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଓ ପରିବେଶ ବିଜ୍ଞାନୀ ରମଣ ସୁକୁମାର ଉଦ୍‌ବୋଧନ ଦେଉଛନ୍ତି।



ପରିବେଶବିତ୍ ବିଚିତ୍ରାନନ୍ଦ ବିଶ୍ୱାଳଙ୍କୁ ‘ଗ୍ରୀନ୍ ଚାମ୍ପିୟନ’ ଆୱାର୍ଡ ପ୍ରଦାନ କରାଯାଉଛି।







ପରିବେଶ ସୁରକ୍ଷା ପାଇଁ ବ୍ୟକ୍ତିଗତ ସ୍ତରରେ କାର୍ଯ୍ୟ କରୁଥିବା ପୁପୁନ ସାହୁ ଏବଂ ତ୍ରିଲୋଚନ ସାହୁଙ୍କୁ ‘ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ’ ଆୱାର୍ଡ ପ୍ରଦାନ କରାଯାଉଛି।




ସଂଗ୍ରାମ ଗ୍ରୁପ୍‌କୁ ‘ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ’ ଆୱାର୍ଡ ପ୍ରଦାନ କରାଯାଉଛି।







ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ଆଞ୍ଚଳିକ ବିକାଶ ପରିଷଦ ଏବଂ ଜଙ୍ଗଲ ଲୋର ଫାଉଣ୍ଡେଶନକୁ ଅତିଥିମାନେ ‘ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ’ ଆୱାର୍ଡ ପ୍ରଦାନ କରୁଛନ୍ତି।



ଅତିଥିଙ୍କ ଗହଣରେ ‘ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ’ ଆୱାର୍ଡ ପାଇଥିବା ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା।



‘ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୪’ରେ ଉପସ୍ଥିତ ଅତିଥି ଓ କଲେଜ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

## ଖଡ଼ିଆଳ କଲେଜରେ ବ୍ୟଙ୍ଗ କବିତା ଆସର

ଖଡ଼ିଆଳ,୨୪।୧୧(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ବ୍ୟଙ୍ଗ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ମହା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ବ୍ୟଙ୍ଗ କବି ବିରଞ୍ଚି ନାରାୟଣ ମୁଣ୍ଡ, ସମ୍ମାନିତ ଅତିଥିଭାବେ ଯୁକ୍ତ୨ ଅଧ୍ୟକ୍ଷ ଅଧ୍ୟାପକ ଡ.ରଣବୀର ସିଂହ, ପରୀକ୍ଷା ନିୟନ୍ତ୍ରଣ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଛାତ୍ର କଲ୍ୟାଣ ଅଧିକାରୀ, ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ବାଣିଜ୍ୟ ବିଭାଗ ଅଧ୍ୟାପକ ତଥାଗତ ରାଉତ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ମୁଖ୍ୟ ଅତିଥି ବିରଞ୍ଚି ନାରାୟଣ ମୁଣ୍ଡ ବ୍ୟଙ୍ଗ ସାହିତ୍ୟର ଆବଶ୍ୟକତା ସମ୍ପର୍କରେ ସୂଚନା ଦେବା ସହ ବ୍ୟଙ୍ଗ କବିତା ଉପସ୍ଥାପନ କରିଥିଲେ। ଛାତ୍ର ଧ୍ରୁବରାଜ ରଣା, ଅଭିଷେକ ସୁନା, ସୁବାସ ବାଗ, ଛାତ୍ରୀ ଶାନ୍ତିଲତା ବେହେରା, ତ୍ରିପୁରା ରଣା, ଅଧ୍ୟାପିକା ଦେବୀଦତ୍ତ ବେହେରା ବ୍ୟଙ୍ଗ କବିତା ପଠନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ସାର୍ଥକ ମୁଣ୍ଡ, ଓଡ଼ିଆ ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ପାଦଚଲା ରାସ୍ତାରେ ବେପାର, ଟ୍ରାଫିକ୍ ସମସ୍ୟା

ରାଉରକେଲା,୨୪।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହର ଏସ୍‌ଟିଆଇ ଓଭରବ୍ରିଜ୍ ତଳ ଯାତାୟାତ ରାସ୍ତାରେ ଅସମ୍ଭାଳ ଭିଡ ଜମୁଛି। ଫଳରେ ଏଠାରେ ଅଧିକାଂଶ ସମୟରେ ଟ୍ରାଫିକ୍ ଜାମ୍ ହେଉଛି। ରାସ୍ତାର ଚଲାପଥ ଡିଭାଇଡର ପିଣ୍ଡିରେ ବେଆଇନ ଦୋକାନ ଓ ଠେଲା ଲାଗିବା କାରଣରୁ ଏଭଳି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ଅନ୍ୟପଟେ ରାସ୍ତା ପାର୍ଶ୍ୱରେ ଥିବା ଦୋକାନୀ ମଧ୍ୟ ଚଲାପଥରେ ନିଜ ଦୋକାନ ସାମଗ୍ରୀ ରଖୁଛନ୍ତି। ଫଳରେ ଯାତ୍ରୀମାନେ ମୋ ବସ, ଲୋକାଲ ବସ ଧରିବା ଲାଗି ଛିଡା ହେବାକୁ ସ୍ଥାନ ନ ପାଇ ବାଧହୋଇ ଓଭରବ୍ରିଜ୍ ତଳ ରାସ୍ତାରେ ଛିଡା ହେଉଛନ୍ତି। ଓଭରବ୍ରିଜ ତଳେ ଯେଭଳି ଭାବେ ଯାତ୍ରୀମାନେ ଛିଡା ହୋଇ ବସ୍ ଅପେକ୍ଷାରେ ରହୁଛନ୍ତି କେତେବେଳେ ଯେ ଅଘଟଣ ଘଟିବ କହି ହେଉନାହିଁ। ଲୋକମାନେ ଦୈନିକ ବିଭିନ୍ନ ସ୍ଥାନରୁ ଏଠାକୁ ବସ୍‌ରେ ଆସି ରାଉରକେଲା ସରକାରୀ ଡାକ୍ତରଖାନାକୁ ଯାଇଥାନ୍ତି। ଏସ୍‌ଟିଆଇ ବସ୍ତି, ଲେବର ଟେନାମେଣ୍ଟ ବସ୍ତି ଓ ଗଙ୍ଗାଧରପାଲି ବସ୍ତି ଅଞ୍ଚଳରେ ଥିବା କଲେଜକୁ ଶହ ଶହ ଛାତ୍ରୀଛାତ୍ର ଏହି ଛକରେ ବସ୍‌ରୁ ଓହ୍ଲାଇ ଯାଇଥାନ୍ତି। ଏଣୁ ପ୍ରାୟ ସମୟରେ ଏସ୍‌ଟିଆଇ ଓଭରବ୍ରିଜ ତଳ ରାସ୍ତା ଜନଗହଳି ଯୋଗୁ ଜାମ୍ ହୋଇଥାଏ। ଅନେକ ସମୟରେ ଭିଡ ଯୋଗୁ ବହୁ ସମୟ ପର୍ଯ୍ୟନ୍ତ ଯାନାବାହନ ଟ୍ରାଫିକରେ ଫସି ରହିଥାନ୍ତି। ଓଭରବ୍ରିଜ୍ ତଳ ରାସ୍ତା ଯେଭଳି ଟ୍ରାଫିକମୁକ୍ତ ହେବ ସେ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର ଅମର ଆଚାର୍ଯ୍ୟ, ମହେଶ୍ୱର ମହାପାତ୍ର, ଜଗବନ୍ଧୁ ଜେନା ଏବଂ ଦିଲୀପ ଜେନା ପ୍ରମୁଖ ଦାବି କରିଛନ୍ତି। ଏ ନେଇ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନିଙ୍କୁ ପଚାରିବାରୁ ସେ କହିଲେ, ତୁରନ୍ତ ଏସ୍‌ଟିଆଇ ଓଭରବ୍ରିଜ୍ ତଳ ରାସ୍ତାକୁ ଟ୍ରାଫିକ ଜାମ୍ ମୁକ୍ତ କରାଯିବ। ଏଥିସହ ରାସ୍ତାପାର୍ଶ୍ୱସ୍ଥ ଡିଭାଇଡରରେ ବସିଥିବା ଠେଲା ସହିତ ଦୋକାନୀଙ୍କ ସାମଗ୍ରୀ ହଟାଯିବ ବୋଲି ସେ କହିଥିଲେ।

### ଏସ୍‌ଟିଆଇ ଓଭରବ୍ରିଜ୍ ତଳ ରାସ୍ତା



ଏସ୍‌ଟିଆଇ ଛକ ଯାତାୟାତ ପିଣ୍ଡିରେ ଫଳ ସାମଗ୍ରୀ ରଖାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ ଉପରେ ପ୍ରତିକ୍ରିୟା

### ଉତ୍ତର ଓଡିଶା ବିକାଶ ପରିଷଦରେ ସୁନ୍ଦରଗଡ଼ ସାମିଲ ପ୍ରସଙ୍ଗ

ସୁନ୍ଦରଗଡ,୨୪।୧୧(ଜୟ ନାରାୟଣ ମେଣ୍ଟୁଲି)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସୁନ୍ଦରଗଡ଼ ଗସ୍ତରେ ଆସି ସୁଭଦ୍ରା ଯୋଜନାର ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତିର ବଣ୍ଟନର ଶୁଭାରମ୍ଭ କରିଥିଲେ। ଏହାପରେ ସଂସ୍କୃତି ଭବନରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହିତ ଏକ ଆଲୋଚନା ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ଆଗରେ ସୁନ୍ଦରଗଡକୁ ଉତ୍ତର ଓଡିଶା ବିକାଶ ପରିଷଦରେ ସାମିଲ କରାଯିବା ପାଇଁ ଦେଇଥିବା ପ୍ରସ୍ତାବକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ସରକାର ଗଠନ ହେଲାପରେ ଆମ ଦଳର ଘୋଷଣା ପତ୍ର ଆଧାରରେ ଉତ୍ତର ଓଡିଶା ଗଠନ ପାଇଁ ପ୍ରକ୍ରିୟା କରଣ ଆରମ୍ଭ ହୋଇଛି। ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ଏଥିପାଇଁ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ସୁନ୍ଦରଗଡ ଜିଲା ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧୀନରେ ଥିଲେ ମଧ୍ୟ ପ୍ରସ୍ତାବିତ ଉତ୍ତର ଓଡିଶା ବିକାଶ ପରିଷଦରେ ମଧ୍ୟ ରହିଛି। ତେଣୁ ମୋ ମତରେ ଉତ୍ତର ଓଡିଶା ବିକାଶ ପରିଷଦରେ ସୁନ୍ଦରଗଡ ରହିଲେ ଏହାର ବିକାଶ ଆହୁରି ତରାନ୍ୱିତ ହେବ। ଅପରପକ୍ଷରେ ପଶ୍ଚିମ ଓଡିଶାର ଭାଷା, ସଂସ୍କୃତି ଓ ପରମ୍ପରା ସହିତ ଜଡିତ ସୁନ୍ଦରଗଡ ଅଞ୍ଚଳକୁ ପ୍ରସ୍ତାବିତ ଉତ୍ତର ଓଡିଶା ବିକାଶ ପରିଷଦରେ ସାମିଲ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ ବିରୋଧ କରିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଜଣେ ଦାୟିତ୍ୱବାନ ବ୍ୟକ୍ତି ହୋଇ ଏଭଳି ଦାୟିତ୍ୱ ହୀନ ମନ୍ତବ୍ୟ ଦେବା ଠିକ ନୁହଁ। ପଶ୍ଚିମ ଓଡ଼ିଶାକୁ ଭାଗଭାଗ କରିବାର ଏହା ଏକ ଚକ୍ରାନ୍ତ। ରାଜ୍ୟ ସରକାର ପଶ୍ଚିମ ଓଡଶା ସହିତ ସୁନ୍ଦରଗଡର ଭାବଗତ ସମ୍ପର୍କକୁ ସମ୍ମାନ ଦିଅନ୍ତୁ। ସେହିପରି ବରିଷ୍ଠ ଆଇନଜିବୀ ତଥା କମ୍ୟୁନିଷ୍ଟ ନେତା ଅଶୋକ ଦାଶ କହିଛନ୍ତି, ପଶ୍ଚିମ ଓଡିଶା ଓ ଉତ୍ତର ଓଡିଶା ଭାଷା, ସଂସ୍କୃତି ଓ ଚଳଣୀ ଭିନ୍ନ। ପଶ୍ଚିମ ଓଡ଼ିଶା ସହିତ ସୁନ୍ଦରଗଡର ଭାବଗତ ସମ୍ପର୍କ ରହିଛି। ତେଣୁ ରାଜ୍ୟ ସରକାର ସୁନ୍ଦରଗଡକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ଅଲଗା କରିବା ଉଦ୍ୟମରୁ କ୍ଷାନ୍ତ ରୁହନ୍ତୁ। ଏନେଇ ଭାଜପା ତାର ଆଭିମୁଖ୍ୟ ସ୍ପଷ୍ଟ କରୁ ବୋଲି ସେ କହିଛନ୍ତି। ଅପରପକ୍ଷରେ ସୁନ୍ଦରଗଡର ପୂର୍ବତନ ବିଧାୟିକା ତଥା ଭାଜପା ନେତ୍ରୀ କୁସୁମ ଟେଟେ ଏହି ପ୍ରସଙ୍ଗରେ ସ୍ପଷ୍ଟ ମତ ରଖି ନଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ବିକାଶ ପାଇଁ ଗୁରୁତ୍ୱ ଦେଉଛନ୍ତି। ଯେଉଁଠି ରହିଲେ ମଧ୍ୟ ସୁନ୍ଦରଗଡର ବିକାଶ ହେବା କଥା।

# ବନ୍ଧମୁଣ୍ଡାରେ ଇନ୍ଦ ଯାତ୍ରା

ବନ୍ଧମୁଣ୍ଡା,୨୪।୧୧(ସୁବ୍ରତ ଦେ)

ବିଶ୍ରା ବ୍ଲକ ଅଧୀନ ବନ୍ଧମୁଣ୍ଡା ପଞ୍ଚାୟତର ବରକାନି ଗ୍ରାମରେ ବାର୍ଷିକ ଇନ୍ଦ ଯାତ୍ରା ଆୟୋଜିତ ହୋଇଥିଲା। ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ମୁଖ୍ୟ ଅତିଥି ଏବଂ ପୂର୍ବତନ ବିଧାୟକ ଜର୍ଜ ତିର୍କୀ ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ରୋହିତ କହିଛନ୍ତି ଯେ, ଅଞ୍ଚଳର ବିଭିନ୍ନ ଗ୍ରାମରେ ଇନ୍ଦ ମେଳାର ଆୟୋଜନ କରାଯିବା ଉଚିତ। ଖୁବ୍ କମ୍ ସମୟ ମଧ୍ୟରେ ବନ୍ଧମୁଣ୍ଡା ଇନ୍ଦ ଯାତ୍ରା ଏହି ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଭଲ ଚାଷ ଏବଂ ଭଲ ପରିମାଣର ବର୍ଷା ପାଇଁ ଏବଂ ଭଗବାନ ଇନ୍ଦ୍ରଙ୍କୁ ଧନ୍ୟବାଦ ଦେବା ପାଇଁ ଏହି ଭଳି କାର୍ଯ୍ୟକ୍ରମର ଆୟୋଜନ ଗାଁଗୁଡ଼ିକରେ କରାଯାଇଥାଏ। ଏହି ଇନ୍ଦ ଯାତ୍ରାରେ ରାଞ୍ଚିର ମହୁଆ ବ୍ୟାଣ୍ଡ ଗ୍ରୁପ ଦ୍ୱାରା ଆୟୋଜିତ ନାଗପୁରୀ କାର୍ଯ୍ୟକ୍ରମରେ ସଙ୍ଗୀତ କଳାକାରମାନେ ନାଗପୁରୀ ଗୀତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ଆୟୋଜନରେ ରବି ମାଝୀ, ଜିତେନ୍ଦ୍ର ନାଥ ମାହାତୋ, ଅମିତ ମୁଖୀ, କାର୍ତ୍ତିକ ମିଞ୍ଜ, ଅଶୋକ ପନ୍ନା, ହୀରା ଏକ୍କା, ଅଜୟ ମିଞ୍ଜ,ବାବୁ ଦାସ, ଦୁଖିଆ ପନ୍ନା, ସଞ୍ଜୁ ଏକ୍କା, ଶୁକ୍ରା ପନ୍ନା, ବିକି ସିଂ, କମଲାକର ରାଓ ଏବଂ ଶେରୁ ଶର୍ମା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଯାତ୍ରାରେ ଉପସ୍ଥିତ ଅତିଥିମାନେ।

# ସିଟିଜେନ ଫୋରମର ୧୭ତମ ସ୍ୱନକ୍ଷତ୍ର ଦିବସ ପାଳିତ



ସିଟିଜନ ଫୋରମର ସ୍ୱନକ୍ଷତ୍ର ଦିବସରେ ସମ୍ମାନିତ କରାଯାଉଛି।

କଲମପୁର,୨୪।୧୧(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ କର୍ମେଲ ଡଙ୍ଗରୀଗୁଡା ତ୍ରିଲୋକେଶ୍ୱର ମନ୍ଦିର ପରିସରରେ ରବିବାର କଲମପୁର ଶାଖା ପକ୍ଷରୁ ଜିଲାସ୍ତରୀୟ ସିଟିଜେନ ଫୋରମର ୧୭ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। କଲମପୁର ସିଟିଜନ ଫୋରମ ଶାଖା ସଭାପତି ପୀତବାସ ସାହୁ ଏବଂ ସମ୍ପାଦକ ସତ୍ୟନାରାୟଣ ରାଜପୁତଙ୍କ ଆବାହ୍ନରେ ଜିଲା ସଭାପତି ରାମଚନ୍ଦ୍ର ମହାପାତ୍ର, ଦର୍ଶନ ବିଭାଗ ଅବସରପ୍ରାପ୍ତ ପ୍ରଫେସର ନିରଞ୍ଜନ ପାଢ଼ୀ ମୁଖ୍ୟଅତିଥି, ପଦ୍ମଶ୍ରୀ ପଟାୟତ ସାହୁ, ଜିଲା ସମ୍ପାଦକ ପ୍ରଫେସର ସିମାଞ୍ଚଳ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉପଦେଷ୍ଟା ଅଧ୍ୟାପକ ସୁମନ କୁମାର ରଥ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ନିଶ ସଭା ସଂଯୋଜନା କରିଥିଲେ। ଏହି ସମାରୋହରେ ଘୁମୁରା ଗୀତ କବି ଭାବେ ଭାରତ ଭୂଷଣ ଚଲାନ, ଚିତ୍ର କଳା ଓ ହସ୍ତ ଶିଳ୍ପରେ ଚିଣ୍ଟୁ ପ୍ରସାଦ ନାଏକ, ଆଦର୍ଶବାଦୀ ଶିକ୍ଷକ ଫକୀର ଚରଣ ନାଏକ, ପ୍ରିୟରଞ୍ଜନ ମାଝି, ଉଚ୍ଚ ବିଦ୍ୟାଳୟ ଗଠନ, ଶିକ୍ଷା ଓ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରିୟରଞ୍ଜନ ମାଝିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କଳାହାଣ୍ଡିର ବିକାଶରେ ସିଟିଜନ ଫୋରମର ଉଲ୍ଲେଖନୀୟ କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଛି। ବିବେକାନନ୍ଦଙ୍କ ମାର୍ଗ ଦର୍ଶନରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଅଧ୍ୟାପକ ସତ୍ୟନାରାୟଣ ମୁଣ୍ଡଛିନା ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ମହେନ୍ଦ୍ର ନାଥ ସାହୁ, ଅଶ୍ୱିନ କୁମାର ସେନାପତି, ଦୟାନିଧି ବାଣୁଆ ସହଯୋଗ କରିଥିଲେ।

# ମିଲେଟ ଶକ୍ତି ଟିଫିନ ସେଣ୍ଟର ଉଦ୍‌ଘାଟିତ

ଖପ୍ରାଖୋଲ, ୨୪।୧୧ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକର ରେଙ୍ଗାଲି ଗାଁରେ ଓଡ଼ିଶା ସରକାର, ମିଶନ ଶକ୍ତି, ଶ୍ରୀ ଅନ୍ନ ଅଭିଯାନ, ମିଲେଟ ଶକ୍ତି, ୱାସନ, ୱାଇସିଡିଏ ଓ ରେଙ୍ଗାଲିର ଓଁମ ଶାନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏକ ମିଲେଟ ଶକ୍ତି ଟିଫିନ ସେଣ୍ଟର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍କିମ୍ ଅଫିସର ସୁନନ୍ଦା ସାହୁ, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ୱାଇ.ପି ଅର୍ପଣ ଭଟାଚାର୍ଯ୍ୟ, ଜିଲା ମିଶନ ଶକ୍ତି ସଭାନେତ୍ରୀ ଆରତୀ କର, ସହକାରୀ କୃଷି ଅଧିକାରୀ ନିହାଳିନ ଭୁଇୟା ଯୋଗ ଦେଇଥିଲେ। ୱାଇସିଡିଏ ବ୍ଲକ ସଂଯୋଜକ ଉମେଶ କୁମାର ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅତିଥିମାନେ ମିଲେଟରେ ପ୍ରସ୍ତୁତ ଖାଦ୍ୟ ଓ ବ୍ୟଞ୍ଜନ ସ୍ୱାସ୍ଥ୍ୟ ପାଇଁ ଅତି ଆବଶ୍ୟକ ହୋଇଥିବା ବେଳେ ମାଣ୍ଡିଆ, ଗୁରୁଜୀ, କଦୁଅ , ସୁଆଁ ଭଳି କ୍ଷୁଦ୍ର ଶସ୍ୟ ରାସାୟନିକ ସାର ଓ କୀଟନାଶକ ଔଷଧ ବିନା ଚାଷ ହେଉଛି ବୋଲି କହିଥିଲେ । ବିଷ ମୁକ୍ତ ଏହି ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପଯୋଗୀ ବୋଲି କହିଥିଲେ। ଏହି ଅବସରରେ ସୁଜିତ ହୋତା,କେକେପିସିଏଲ ସିଇଓ ଗଣେଶ ବନଛୋର, ପୁରନ୍ଦର ବନଛୋର, ଫକୀର ସାହୁ, ସଦାନନ୍ଦ ବାଗ, ବାସନ୍ତୀ ମୁଣ୍ଡା, ଦମ୍ବରୁଧର ସାହୁ, ଭୋଜରାଜ ବରିହାଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ।



ଟିଫିନ ସେଣ୍ଟର ଉଦ୍‌ଘାଟନ ଅବସରରେ ଅତିଥିମାନେ।

# ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଲମ,୨୪।୧୧(ଭିକାରି ଗଉଡ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡ଼ବରା ପଞ୍ଚାୟତସ୍ଥିତ ଶିଶାଖାଲ ଗ୍ରାମରେ ଗୁରୁଦେବ ଶ୍ରୀରାମଚନ୍ଦ୍ର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଓ ମୁଖ୍ୟବକ୍ତା ଭାବେ ମେଜର ଡ଼ ଜୟଦେବ ସାହୁ ଯୋଗଦାନ ଦେଇଥିଲେ। ଅତିଥି ଭାବେ ସିଏମ ଡି ରାମଚନ୍ଦ୍ର ପଧାନ, କର୍ଲାମୁଣ୍ଡା ବ୍ଲକ ଜିଲା ପରିଷଦ ସଦସ୍ୟ ସୁରେସ ଚୌଧୁରୀ, ଡ଼ ଶିବପ୍ରସାଦ ବେହେରା, ସଭାପତି ଦୈତାରୀ ସାହୁ, ସମ୍ପାଦକ ହେମନ୍ତ ସାହୁ, ସୁଦରସନ ସାହୁ, ବାବା ଭଗବାନ ଦାଶ ପ୍ରିନ୍ସପାଲ ଶ୍ୟାମକୁମାର ବାଗ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିଶାଖାଲ ଗ୍ରାମ କୁସୁର୍ଲା ଯୁକ୍ତ୨ କଲେଜର ପୀତାମ୍ବର ସାହୁ ସବୁ କାର୍ଯ୍ୟ ସମ୍ପାଦିତ କରିଥିଲେ। ନୂତନ ଗୃହର ଶିଳାନ୍ୟାସ ବିଧାୟିକା ମହାନ୍ତିଙ୍କ ଦ୍ୱାରା କରାଯାଇଥିଲା। ବିଦ୍ୟାଳୟ ଛାତ୍ରଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ମଞ୍ଚ ପରିଚାଳନା ପ୍ରସାନ୍ତ ବାଗ କରିଥିବା ବେଳେ ପୂର୍ବତନ ସରପଞ୍ଚ ହିରାମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ଏସ୍‌ଡି ସ୍କୁଲରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଲାଞ୍ଜିଗଡ଼,୨୪।୧୧ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସରକାରଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଫୋରମ ଫର ସୋସିଆଲ ଟ୍ରାନ୍ସଫରମେଶନ ପକ୍ଷରୁ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥୀବ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରେମାନନ୍ଦ ବାଗ, ସମ୍ମାନିତ ଅତିଥି ସେଟେଲମେଣ୍ଟ କମିଶନର ଅଗସ୍ତି ପ୍ରଧାନ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଆସିଷ୍ଟାଣ୍ଡ ପ୍ରଫେସର ଡା.ପବିତ୍ର ବାଗ, ବ୍ୟାଙ୍କ ଅଫିସର ରାମ କୁମାର ନାୟକ, ବ୍ୟାଙ୍କ ଅଫିସର ଗଜମୋହନ ନାୟକ, ମହେଶ୍ୱର ମାଝି ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଭବିଷ୍ୟତ ଗଢିବାର ରାସ୍ତା ଦେଖାଇ ଥିଲେ। ଏସ୍‌ଏସ୍‌ଡି ଅଧ୍ୟାପକ ଡା.ମାନସ ରଞ୍ଜନ ରଥ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟାପକ ନୀହାରକାନ୍ତ ବିଶ୍ୱାଳ, ଦିଲୀପ କୁମାର ମହନ୍ତ, ହାରାଧନ ଦେବନାଥ, ଶିକ୍ଷୟିତ୍ରୀ ମମତା ମାଝି, ଶିକ୍ଷକ ମଧୁସୂଦନ ବାଗ, ଶିକ୍ଷକ ଦେବେନ୍ଦ୍ର ଧାଙ୍ଗଡାମାଝି, ଶିକ୍ଷକ କେ. ଶଙ୍କର ଆଚାରୀ ଓ ସୁନୀଲ କୁମାର ଛତର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଫୁଟ୍‌ବଲ: ଛତାବାହାଲ ଚାମ୍ପିୟନ

ଲୋଇସିଂହା,୨୪।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଖାରମୁଣ୍ଡା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଧରୁଆଙ୍କ ଉଦ୍ଦେଶ୍ୟରେ ବୁଢ଼ାଗୌନ୍ତିଆ ମେମୋରିଆଲ ଫୁଟବଲ କପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳରେ କୁଶଙ୍ଗ ଦଳକୁ ହରାଇ ଛତାବାହାଲ ଦଳ ଚାମ୍ପିୟନ ହୋଇଛି । ସେହିପରି ଖାରମୁଣ୍ଡା ଓ ସରଗାଡ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସଭାପତି ଶ୍ୟାମସୁନ୍ଦର ମେହେର ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ କୁମାର ପଧାନ ମୁଖ୍ୟଅତିଥି, ଗୌନ୍ତିଆ ସଦାନନ୍ଦ ଧରୁଆ ,ପୂର୍ବତନ ସରପଞ୍ଚ ସୁନୀଲ ଅଗ୍ରୱାଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଅତିଥିମାନେ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ।ସେହିପରି ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଖାରମୁଣ୍ଡା ଓ ସରଗାଡ ଦଳକୁ ମଧ୍ୟ ପୁରସ୍କୃତ କରାଯାଇଥିଲା ।ଟିକେଲାଲ ସାହୁ, ଆନନ୍ଦ ଧରୁଆ, କାର୍ତ୍ତିକ କର୍ତ୍ତି ମଞ୍ଚାସୀନ ଥିଲେ । ଖେଳକୁ ଅକ୍ଷୟ କୁମାର ଭୋଇ, ସୁଧାଂଶୁ ମହାକୁର, ବିରେନ୍ଦ୍ର ଧରୁଆ ଓ ଅଶୋକ ମେହେର ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# କରାଟେରେ ଆର୍ଯ୍ୟାଙ୍କୁ ସ୍ୱର୍ଣ୍ଣ ପଦକ

ରାଉରକେଲା,୨୪।୧୧(ଦିନେଶ ମିଶ୍ର)

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ପକ୍ଷରୁ ନୂଆଦିଲ୍ଲୀସ୍ଥିତ ତାଲକଟୋରା ଇଣ୍ଡୋର ଷ୍ଟାଡିୟମ୍‌ରେ ଫେଡେରେଶନ କପ୍ ପ୍ରିମିୟର ଲିଗ୍ ଓ ୟୁଥ୍ ଲିଗ୍ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। କିଓ ସଭାପତି ହାଂଶୀ ଭାରତ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ ଦିନ ଧରି ଆୟୋଜିତ ଏହି ଚାମ୍ପିୟନଶିପ୍‌ରେ ଦେଶର ୨୫ଶହରୁ ଊର୍ଦ୍ଧ୍ୱ କରାଟେକା ଅଂଶଗ୍ରହଣ କରିଥିଲେ। ଓଡିଶାରୁ ଆର୍ଯ୍ୟା ବଂଶୀକା ଏହି ଚାମ୍ପିୟନଶିପ୍‌ର କ୍ୟାଡେଟ ବର୍ଗରେ ଅଂଶଗ୍ରହଣ କରି ବ୍ୟକ୍ତିଗତ କୋଟାରେ ସ୍ୱର୍ଣ୍ଣ ଓ କମିଟେରେ କାଂସ୍ୟ ପଦକ ଜିଣିଛନ୍ତି। ଆର୍ଯ୍ୟା ରାଉରକେଲା ଏହି ସଫଳତା ପାଇଁ ଓସ୍କାର ସଭାପତି ହାଂଶୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡକ୍ଟର ଗୌରୀ ମହାନ୍ତି, ରାଉରକେଲା କରାଟେ ଆସୋସିଏଶନ ସଭାପତି ତଥା ବିଧାୟକ ସାରଦା ନାୟକ ଓ ବାସନ୍ତୀ ସାଂସ୍କୃତିକ ପରିଷଦର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ମହଲରୁ ଆର୍ଯ୍ୟାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଗଞ୍ଜେଇ ଜବତ, ଜଣେ ଗିରଫ

ରାଉରକେଲା,୨୪।୧୧(ଦିନେଶ ମିଶ୍ର)

ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କେନାଲ ରୋଡ ଅଞ୍ଚଳରେ ଚଢ଼ାଉ କରି ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଶରତ ନାୟକ(୫୪)। ଏ ନେଇ ରାଉରକେଲା ଅବକାରୀ ବିଭାଗ ଏକ ମାମଲା (ନଂ.୩୫୯/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ବ୍ରାହ୍ମଣୀତରଙ୍ଗ ଥାନା ବେଦବ୍ୟାସ କେନାଲ ରୋଡ୍‌ର ଶରତ ରବିବାର ଏକ ସ୍କୁଟି (ନଂ.ଓଡି୧୪ଏସି/୧୪୨୭)ରେ ଯୋଗେ ୨.୫ କେଜି ଗଞ୍ଜେଇ ନେଇ ଯାଉଥିବାବେଳେ ଅବକାରୀ ପୋଲିସ ଖବର ପାଇ ତାଙ୍କୁ କାବୁ କରିଥିଲା। ସେହିଭଳି ରେଲାପୋଷ ଅଞ୍ଚଳରେ ଅବକାରୀ ପୋଲିସ ଚଢ଼ାଉ କରି ୩ ହଜାର ୭୪୦ ଲିଟର ମହୁଲ ପୋଚ ଓ ୯୭ ଲିଟର ମହୁଲି ମଦକୁ ନଷ୍ଟ କରିଛି। ଚଢାଉ ସମୟରେ ରାଉରକେଲା ଅବକାରୀ ଇନ୍ସପେକ୍ଟର ମୋହନ ପ୍ରଧାନ ଓ ସବ୍ ଇନ୍ସପେକ୍ଟର ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଖଡ଼ିଆଳ ସ୍ୱୟଂଶାସିତ କଲେଜରେ ଏନ୍‌ସିସି ଦିବସ

ଖଡ଼ିଆଳ,୨୪।୧୧(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ପ୍ରଥମେ ମହାବିଦ୍ୟାଳୟ ପଡ଼ିଆରେ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ଏନ୍‌ସିସି ଧ୍ୱଜା ରୋହଣ କରିଥିଲେ। ଏନ୍‌ସିସି କ୍ୟାଡେଟ୍‌ମାନେ ମାର୍ଚ୍ଚପାଷ୍ଟରେ ସାମିଲ ହୋଇଥିଲେ। ମାର୍ଚ୍ଚପାଷ୍ଟ ଶେଷ ହେଲାପରେ ମହାବିଦ୍ୟାଳୟର ଏମ୍‌ପି ହଲଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଯୁକ୍ତ୨ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରତ୍ନତତ୍ତ୍ୱ ବିଭାଗ ପ୍ରାଧ୍ୟାପକ ଡ. ରଣବୀର ସିଂହ, ଓ.ଟି. ଏବଂ ଏନ୍‌ସିସି ଅଧିକାରୀ କ୍ୟାପ୍‌ଟେନ ବିଷ୍ଣୁଦେବ ସିଂହ ମଲ୍ଲିକ ସିଟି ଏବଂ ଏନ.ସି.ସି. ଅଧିକାରୀ ତଥା ଇଂଲିଶ ଅଧ୍ୟାପିକା ନିବେଦିତା ଆଚାର୍ଯ୍ୟ, ବାଣିଜ୍ୟ ବିଭାଗ ଅଧ୍ୟାପକ ତଥାଗତ ରାଉତ ପ୍ରମୁଖ ଉପସ୍ଥିତ ହୋଇ ଏନ.ସି.ସି. କ୍ୟାଡେଟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜୁନିୟର ଅଣ୍ଡର ଅଧିକାରୀ ମୋହନ ପଟେଲ, ଅଣ୍ଡର ଅଧିକାରୀ ଉମାକାନ୍ତି ପୋଢ଼, କ୍ୟାଡେଟ ପରୀ ଟଣ୍ଡନ, ବନ୍ଦନା ମାଝୀ, ସ୍ୱାତୀ ମାଝୀ, ଦେବକୀ ବିହାରୀ, ଉମା ନାଗ, ପ୍ରେମଲାଲ ସାହୁ, ରାହୁଲ ସାହୁ, ମମତା ଦଣ୍ଡାସେନା, ମଧୁର ଦୀପ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଶେଷରେ କ୍ୟାଡେଟ୍‌ମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବା ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।



ଅଧ୍ୟାପିକା,ଅଧ୍ୟାପକଙ୍କ ସହ ଏନସିସି ଛାତ୍ରୀଛାତ୍ର।

# ସ୍ମାରକୀ କ୍ରିକେଟ: ସୋହାଗପୁର ଚାମ୍ପିୟନ

ନର୍ଲା, ୨୪।୧୧(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଘଣ୍ଟମାଳ ପଞ୍ଚାୟତ କେଶପଲାଠାରେ ଦିଗାମ୍ବର ପାତ୍ର ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ରବିବାର ପ୍ରଥମେ ରୁପ୍ରା ଓ ଜୟ କୋଶଲ ଦଳ, ଆଡରିଂ ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମି ଫାଇନାଲରେ ରୁପ୍ରା ଦଳ ବିଜୟୀ ହୋଇଥିଲା। ନର୍ଲା ଓ ସୋହାଗପୁର ଦଳ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ସୋହାଗପୁର ଦଳ ବିଜୟୀ ହୋଇଥିଲା। ରୁପ୍ରା ଓ ସୋହାଗପୁର ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସୋହାଗପୁର ଦଳ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ବିନିମୟରେ ୫୮ ରନ ସଂଗ୍ରହ କରିଥିଲା। ଜବାବରେ ରୁପ୍ରା ଦଳ ୭.୪ ଓଭରରେ ୪୦ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲେ। ସୋହାଗପୁର ଦଳ ବିଜୟୀ ଘୋଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ନର୍ଲା ବ୍ଲକ ସମିତି ସଭ୍ୟ ସଂଘର ସଭାପତି ତଥା ଶାନ୍ତପୁର ସମିତିସଭ୍ୟ ଜୟ ମେହେର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ଲାଞ୍ଜିଗଡ ପ୍ରେସ କ୍ଲବ ସଭାପତି ସୁଶୀଲ କୁମାର ବାଗ, ଘଣ୍ଟମାଳ ନାଏବ ସରପଞ୍ଚ ସାବିତ୍ରୀ ପୁଝାରୀ, ବରିଷ୍ଠ ନାଗରିକ ମାଣିକ ପାତ୍ର, ପୁରୁଷୋତ୍ତମ ପାତ୍ର, ୱାର୍ଡସଭ୍ୟା ସୁଜାତା ପୂଝାରୀ, ବୃନ୍ଦାବନ ଯୋଶୀ, ପ୍ରଭାତରଞ୍ଜନ ବେହେରା, ପିଣ୍ଟୁ ପତି ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ସୋହାଗପୁର ଦଳର ବୋଲର ମହେନ୍ଦ୍ର, ମ୍ୟାନ ଅଫ ଦି ସିରିଜ ଭାବେ ସୋହାଗପୁର ଦଳର ବ୍ୟାଟ୍ସମେନ ଶଙ୍କରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚକୁ ଘନଶ୍ୟାମ ସାହୁ ଓ ଶାନ୍ତନୁ ସେଠୀ ପରିଚାଳନା କରିଥିବାବେଳେ ବାସୁଦେବ ପାତ୍ର ସ୍କୋରର ଓ ସରୋଜ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଶ୍ରୀରାମ କ୍ରିକେଟ କ୍ଲବର ସଭାପତି ଜୟନ୍ତ ପାତ୍ର, ଉପସଭାପତି ରୋହିତ କୁମାର ପାତ୍ର, କମିଟି ସଦସ୍ୟ ନୀଲେଶ କୁମାର ପାତ୍ର, ତୀରଣ ପାତ୍ର, ଧନେଶ୍ୱର ପାତ୍ର, ଅଲେଖ ଗଉଡ଼, ଲୋକେଶ ପୋଢ଼, ଜୟକୃଷ୍ଣ ପୋଢ଼, ହେମନ୍ତ ପୋଢ଼, ପରମାନନ୍ଦ ପୂଝାରୀ, ବୀରେନ୍ଦ୍ର ପୂଝାରୀ, ପୂର୍ଣ୍ଣଚନ୍ଦ୍ର ପୂଝାରୀ, ପ୍ରଶାନ୍ତ ପୂଝାରୀ, ସୀମାଦ୍ରୀ ବାରିକ, ଅଶ୍ୱିନୀ ପୋଢ଼, ଭବିତ ପାତ୍ର, ଦେବହରି ପାତ୍ର, ପ୍ରକାଶ ପୋଢ଼, ବିଭୀଷଣ ପୋଢ଼ଙ୍କ ସମେତ କେଶପଲା ଗ୍ରାମବାସୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### କମ୍ପ୍ୟୁଟର ପାଠ୍ୟକ୍ରମ ପ୍ରମାଣପତ୍ର ବିତରଣ

ପଡିଆବାହାଲ,୨୪।୧୧(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତ ତୁରାଙ୍ଗ ରୋଡ଼ସ୍ଥିତ ଓରିଟେକ କମ୍ପ୍ୟୁଟର ଏଜୁକେଶନଠାରେ ରବିବାର ଏସସିଆଇଟି କମ୍ପୁଟର ପାଠ୍ୟକ୍ରମ ପାସ କରିଥିବା ଏମ୍‌ବିକେ ଏବଂ ଛାତ୍ରୀଛାତ୍ରମାନଙ୍କୁ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ ବିତରଣ କରାଯାଇଥିଲା। ଏ ଅବସରରେ ଅନୁଷ୍ଠିତ ସଭାକୁ ଅନୁଷ୍ଠାନର ନିର୍ଦ୍ଦେଶକ ସୁଜିତ କୁମାର ବେହେରା ପରିଚାଳନା କରିଥିଲେ । ମୁଖ୍ୟ ଅତିଥିଭାବେ ରାଧାମୋହନ ଷଡ଼ଙ୍ଗୀ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥଲେ। ସହ ନିର୍ଦ୍ଦେଶକ ଡିଲେଶର ମିର୍ଦ୍ଧା, କମ୍ପ୍ୟୁଟର ଶିକ୍ଷୟିତ୍ରୀ ପ୍ରଭାତୀ ମଗର ସଭା ପରିଚାଳନାରେ ସହଯୋଗ କରିଥିଲେ।

### ଜନନେତା ବୁନ୍ଦେ ଧ୍ରୁରୁଆଙ୍କ ପରଲୋକ

କୋଲାବିରା,୨୪।୧୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ସୁନାଝରିଆ ଗ୍ରାମର ବୁନ୍ଦେ ଧ୍ରୁରୁଆଙ୍କ ୮୮ବର୍ଷ ବୟସରେ ରବିବାର



ପରଲୋକ ଘଟିଛି। ବୁନ୍ଦେ ଭୁବନେଶରର ଏମ୍ସ ହସ୍ପିଟାଲରୁ ଫେରୁ ଥିବା ବେଳେ ରାତି ୨ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ଧ୍ରୁରୁଆ ତିନି ଭାଇ ମଧ୍ୟରୁ ସାନ ଥିଲେ। ତାଙ୍କର ଗୋଟିଏ ପୁଅ ଓ ପାଞ୍ଚଟି ଝିଅ। ପୁଅ ଆଶୋକ, ଝିଅ ମଞ୍ଜୁ, ମିନା, ମିନତୀ, ମମତା ଓ ବିଷ୍ଣୁପ୍ରିୟା। ପୁଅ ଅଶୋକଙ୍କ ମୃତ୍ୟୁ ଘଟିଥିବା ବେଳେ ସାନ ଝିଅ ବିଷ୍ଣୁପ୍ରିୟା ଘରେ ରହିଥିଲେ। ୧୯୬୦ରେ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଆଇଏସ୍ସି ପାସ କରି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କିର୍ମିରା ତଥା ସରକାରୀ ବିଦ୍ୟାଳୟ ଝାରସୁଗୁଡ଼ାରେ ୧୯୬୦-୧୯୮୪ ପର୍ଯ୍ୟନ୍ତ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ ତୁଲାଇଥିଲେ। ୧୯୮୪ରୁ ଦୀର୍ଘ ୧୫ବର୍ଷ ଭାରତୀୟ ଜନତା ପାର୍ଟିର ବିଭିନ୍ନ ପଦପଦବୀରେ ରହିଥିଲେ। ଜୟପୁର ଇଷ୍ଟେଟ ଗୋଣ୍ଡ ସମାଜର ସଭାପତି ଭାବେ କାର୍ଯ୍ୟ ତୁଲାଇଛନ୍ତି। କୋଶଳ କ୍ରାନ୍ତି ରାଜନୈତିକ ଦଳର ସଭାପତି ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ଜିଲାର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। କରୁଣାକର ସ୍ମୃତି ଟ୍ରଷ୍ଟ କୋଲାବିରା, ଶହୀଦ ଭାଗତ ସିଂ କ୍ଲବ, ସମଲେଶ୍ୱରୀ ସାହିତ୍ୟ ସଂସଦ, କରୁଣାକର ପାଣି ପଞ୍ଚାୟତ ଆଦି ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ସାନ ଝିଅ ବିଷ୍ଣୁପ୍ରିୟା ଧ୍ରୁରୁଆ ମୁଖାଗ୍ନି ଦେଇଥିଲେ।

### ମଧୁମେୟ, ସ୍ନାୟବିକ ସ୍ୱାସ୍ଥ୍ୟ ଶିବିର

ଦେବଗଡ଼,୨୪।୧୧(ଶଶାଙ୍କ ଶେଖର ଝାଙ୍କର)

ବିସ୍ଥାପିତ ଜଡାଗୋଲା ବ୍ରାହ୍ମଣ ସମାଜ ପକ୍ଷରୁ ସ୍ଥାନୀୟ ଟାଉନ କ୍ଲବଠାରେ ରବିବାର ଏକ ମାଗଣା ମଧୁମେୟ ଓ ସ୍ନାୟବିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିସ୍ଥାପିତ ଜଡାଗୋଲା ବ୍ରାହ୍ମଣ ସମାଜ ସଭାପତି ଡାକ୍ତର ଧିରେନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ଦେବଗଡ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଫିତାକାଟି ଉଦଘାଟନ କରିଥିଲେ। ଏହି ଶିବିରରେ ଜିଲା ସଦର ମହକୁମା ସମେତ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୨୦୮ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ସହିତ ବିଭିନ୍ନ ପରିକ୍ଷୀ କରାଯିବା ସହ ବିସ୍ଥାପିତ ଜଡାଗୋଲା ବ୍ରାହ୍ମଣ ସମାଜ ପକ୍ଷରୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଏଚ୍‌ସିଏଲ କମ୍ପାନୀ ସମେତ ଟୋରେଣ୍ଟ ଓ ମେନକାଇଣ୍ଡ ଔଷଧ କମ୍ପାନୀ ସହାୟତାରେ ଆୟୋଜିତ ଶିବିର ଆୟୋଜନରେ ବିସ୍ଥାପିତ ଜଡାଗୋଲା ବ୍ରାହ୍ମଣ ସମାଜର ସମ୍ପାଦକ ମିହିର ରଞ୍ଜନ ଦାଶ, ସହ ସମ୍ପାଦକ ଟିକେଶ୍ୱର ଆଚାର୍ଯ୍ୟ, କୋଷାଧକ୍ଷ ଶଙ୍କର୍ଷଣ ନନ୍ଦ, ଉପଦେଷ୍ଟା ସୁଦର୍ଶନ ଦାଶ ଓ ଯୁଧିଷ୍ଠିର ଦାଶଙ୍କ ସମେତ ମସ୍ତ ସଦସ୍ୟ ଏବଂ କର୍ମକର୍ତ୍ତା ସକ୍ରୀୟ ସହଯୋଗ କରିଥିଲେ।

# ଏସ୍‌ଏମ୍‌ସିର ୱାର୍ଡ ପରାମର୍ଶ ଅଭିଯାନ ସରିଲା

**ସମ୍ବଲପୁର ସହରରେ ଡ୍ରେନେଜ ମାଷ୍ଟର ପ୍ଲାନ ପ୍ରସଙ୍ଗ**

ସମ୍ବଲପୁର,୨୪।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ଅଞ୍ଚଳରେ ଡ୍ରେନେଜ ମାଷ୍ଟର ପ୍ଲାନର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ପାଇଁ ଗତ ସେପ୍ଟେମ୍ବର ୧୧ ତାରିଖରୁ ମହାନଗର ନିଗମ ପକ୍ଷରୁ ଆରମ୍ଭ ହୋଇଥିବା ୱାର୍ଡ ପରାମର୍ଶ ବୈଠକ ଶନିବାର ଶେଷ ହୋଇଛି। ଏହାସହ ଡିଫରେନ୍ସିଆଲ ଗ୍ଲୋବାଲ ପୋଜିସନିଂ ସିଷ୍ଟମ(ଡିଜିପିଏସ) ସର୍ଭେ ଜରିଆରେ ଡ୍ରେନଗୁଡ଼ିକର ସ୍ଥିତି ସମୀକ୍ଷା ଓ ତଥ୍ୟ ସଂଗ୍ରହ କରାଯାଉଛି। ଏଥିରେ ସହରର ବିଭିନ୍ନ ୱାର୍ଡ ମଧ୍ୟ ଦେଇ ପ୍ରବାହିତ ଧୋବିଯୋର, ଟାଙ୍ଗନାନାଲା, ହରଡ଼ଜୋର ଓ ମାଳତୀଜୋର ଆଦିର ସ୍ଥିତି ସମ୍ପର୍କିତ ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅପର ପକ୍ଷରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସମ୍ବଲପୁର ସହର, ବୁର୍ଲା ଓ ହୀରାକୁଦ ସହରର ମୋଟ ୪୧ ଟି ୱାର୍ଡରେ ସମ୍ପୃକ୍ତ ୱାର୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛଇ। ଦୀର୍ଘ ଦଶନ୍ଧିଧରି ଲାଗି ରହିଥିବା ଡ୍ରେନେଜ ତଥା ସଫେଇ, ଜବରଦଖଲ ଆଦି ବିଭିନ୍ନ ସମସ୍ୟାର ନିରାକରଣ ପାଇଁ ଲୋକଙ୍କ ମତ ସଂଗ୍ରହ କରାଯାଇଥିଲା। ସେହିପରି ବିଭିନ୍ନ ୱାର୍ଡର ଭଙ୍ଗାନାଳିର ମରାମତି, ରାସ୍ତାରେ ପ୍ରବାହିତ ନର୍ଦ୍ଦମା ଜଳର ସଠିକ ନିଷ୍କାସନ ସମ୍ପର୍କରେ ଅବଗତ ହୋଇ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଶନିବାର ୱାର୍ଡ ନମ୍ବର ୪୧ରେ ଶେଷ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳବାସୀ ଭାଗନେଇ ତାଙ୍କ ୱାର୍ଡର ବିଭିନ୍ନ ସମସ୍ୟା ନେଇ ୱାର୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛତା, ଆବର୍ଜନା ପରିଚାଳନା, ଜବରଦଖଲ ଆଦି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ୱାର୍ଡବାସୀଙ୍କୁ ସଚେତନ କରାଯାଇଥିଲା। ଏହାସହିତ ଓଆର୍‌ଏସଏସି, ଆର୍‌ଏଣ୍ଡବି ଉଭୟ ଡିଭିଜନ, ଓଏଚ୍‌ପିସି, ବିଏସ୍‌ଏସ୍‌ଏଲ, ଡବ୍ଲ୍ୟୁଏଟିସିଓ, ପରିମଳ ଓ ପାନୀୟ ଜଳ ଯୋଗାଣ, ଟିପିଡବ୍ଲୁଓଡିଏଲ ଆଦି ସଂସ୍ଥା ପକ୍ଷରୁ ଆବଶ୍ୟକ ତଥ୍ୟ ସଂଗୃହୀତ ହୋଇଛି ବୋଲି ମହାନଗର ନିଗମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏ ନେଇ ମହାନଗର ନିଗମ ଆୟୁକ୍ତ ବେଦଭୂଷଣ କହିଛନ୍ତି, ସମ୍ବଲପୁର ମହାନଗର ଅଞ୍ଚଳର ବିକାଶରେ ଲୋକଙ୍କ ସହଭାଗିତାକୁ ଗୁରୁତ୍ୱ ଦିଆଯାଇଛି। ତେଣୁ ଡ୍ରେନେଜ ମାଷ୍ଟର ପ୍ଲାନ ରିପୋର୍ଟ ପ୍ରସ୍ତୁତ ପାଇଁ ଲୋକମାନଙ୍କ ପରାମର୍ଶ ଗ୍ରହଣ କରାଯାଇଛି। ଏଥିପାଇଁ ଆସନ୍ତା ୨୮ ତାରିଖରେ ସମ୍ବଲପୁରର ନାଗରିକ, ସ୍ୱେଚ୍ଛାସେବୀ ଓ ସାମାଜିକ ସଙ୍ଗଠନ, ବୁଦ୍ଧିଜୀବୀଙ୍କଠାରୁ ପରାମର୍ଶ ଗ୍ରହଣ ପାଇଁ ଏସ୍‌ଏମ୍‌ସିର ଅଭିଯୋଗ ପ୍ରକୋଷ୍ଠରେ ପୂର୍ବାହ୍ନ ୧୧ଟାରୁ ଦିନ ସାଢ଼େ ୧ଟା ମଧ୍ୟରେ ଏନେଇ ଆବଶ୍ୟକ ସ୍ଥଳେ ଅଧିକ ପରାମର୍ଶ ପାଇଁ ଆମନ୍ତ୍ରିତ କରାଯାଇଛି ବୋଲି ସେ କହିଛନ୍ତି।



ଧରିତ୍ରୀର ୫୧ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ରବିବାର ସମ୍ବଲପୁର ବରେଇପାଲି ଶିଳ୍ପାଞ୍ଚଳସ୍ଥିତ କାର୍ଯ୍ୟାଳୟରେ ଉପସ୍ଥିତ କର୍ମଚାରୀଗଣ।

# ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସୁରକ୍ଷିତ ରଖାଯାଉ



ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ନିକଟରେ ମାଲ୍ୟାର୍ପଣ ପାଇଁ ଅତିଥିମାନେ।

**ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସଫେଇ ଅଭିଯାନ**

ସମ୍ବଲପୁର,୨୪।୧୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ଆଇଠାପାଲିଛକ ସ୍ଥିତ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ରବିବାର ସଫେଇ ଅଭିଯାନ କରାଯାଇଛି। ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାଂସଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସାମାଜିକ ଅନୁଷ୍ଠାନ ସାମିଲ ହୋଇଥିଲେ। ପ୍ରତିମୂର୍ତ୍ତି ସ୍ଥଳରେ ଥିବା ଅଳିଆ ଆର୍ବଜନାକୁ ସଫେଇ କରାଯାଇଥିଲା। ସଫେଇ ପରେ ବୀର ବିର୍ସାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିର୍ସାଙ୍କ ପ୍ରତିମୂର୍ତ୍ତି ଫ୍ଲାଏଓଭର ନିର୍ମାଣ ସମୟରେ ଅନ୍ୟତ୍ର ସ୍ଥାନାନ୍ତରିତ କରା ନ ଯାଇ ପ୍ରତିମୂର୍ତ୍ତି ସ୍ଥଳକୁ ଅଧିକ ସୌନ୍ଦର୍ଯ୍ୟକରଣ ପାଇଁ ଏହି ଅବସରରେ ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ଜାତୀୟ ରାଜପଥ ପ୍ରାଧିକରଣ ଅତିରିକ୍ତ ପ୍ରକଳ୍ପ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ମହାଂସଘ ସଭାପତି କିଶୋର ମୁଣ୍ଡା, ସମ୍ବଲପୁର ବିଚାର ମଞ୍ଚ ଆବାହକ ବେଣୁଧର ଦାସ, ବିର୍ସା ମୁଣ୍ଡା ଅଦିବାସୀ ସଂଘର ଧ୍ରୁବ କୁମାର ବାଗ ଓ ତୀର୍ଥମୁଣ୍ଡା ଭାଲୁପାଲି ଉନ୍ନୟନ ସମିତି ସଭାପରି ଅମୂଲ୍ୟ ମିଶ୍ର, ଚକ୍ରଧର, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦୋଶ ମହାନ୍ତି, କୁନୁଶ ମୁଣ୍ଡା, ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାନେତ୍ରୀ ଅନିତା ଓରାମ, ଲକ୍ଷ୍ମି ତାଣ୍ଡିଆ, ଆରତୀ ମୁଣ୍ଡା, ଗୋଲକ ମୁଣ୍ଡା, ସଞ୍ଜୟ କର୍ମା, ପୂଜା ମୁଣ୍ଡା ଉପସ୍ଥିତ ଥିଲେ।

# ଶ୍ରୀଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସ ପାଳିତ

ସମ୍ବଲପୁର,୨୪।୧୧(ବି.ଶଙ୍କର)

ଶ୍ରୀଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସ ସମାରୋହରେ ରବିବାର ସମ୍ବଲପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଭବିଷ୍ୟତ କେନ୍ଦ୍ର(ଶ୍ରୀଅରବିନ୍ଦ ସ୍କୁଲ) ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ସକାଳ ୯ଟା ୩୦ରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ହୋଇଥିଲା । ସ୍କୁଲ ସମ୍ପାଦକ ବୀରେନ୍ଦ୍ର ପାଣିଗ୍ରାହୀ ପତାକା ଉତ୍ତୋଳନ କରିଥିଲେ। ଖେଳଶିକ୍ଷକ ଆନନ୍ଦ ମିଶ୍ର ସହଯୋଗ କରିଥିଲେ। ସ୍କୁଲର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ମାର୍ଚ୍ଚପାଷ୍ଟ କରିଥିବା ବେଳେ ଶିକ୍ଷୟିତ୍ରୀମାନେ ବନ୍ଦେ ମାତରଂ ଗାନ କରିଥିଲେ। ପୂର୍ବାହ୍ନ ୧୦ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ସମାଧି ନିକଟରେ ସମବେତ ଧ୍ୟାନ କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ନର୍ସରୀ ହଲରେ ଏକ ପାଠଚକ୍ର ତଥା ଆଲୋଚନା ସଭାରେ କମଳିନୀ ଦୁର୍ଗାସ୍ତୋତ୍ର ପାଠ ଏବଂ ସୁପ୍ରିୟା ମଣ୍ଡଳ ମାତୃ ବନ୍ଦନା ଗାନ କରିଥିଲେ। ଶ୍ରୀଅରବିନ୍ଦଙ୍କ ପୁସ୍ତକରୁ କିଛି ପଂକ୍ତିକୁ କମଳା ପାଠ କରିଥିଲେ। ଡାକ୍ତର ରାଜେଶ କୁମାର ଶତପଥୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସିଦ୍ଧି ଦିବସ ପରିପ୍ରେକ୍ଷୀରେ ବର୍ତ୍ତମାନ ଯୁଗରେ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସ୍କୁଲ ପରିଚାଳନା କମିଟି ସହସମ୍ପାଦକ ନିହାର ରଞ୍ଜନ ପଣ୍ଡା ସ୍ୱାଗତ ସୂଚନା ଦେଉଥିବା ବେଳେ ଶ୍ରୀଅରବିନ୍ଦ କର୍ମ ମନ୍ଦିର ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ ଦୁଃଖିଶ୍ୟାମ ରାଉତରାୟ, ଟ୍ରଷ୍ଟ ସଦସ୍ୟା ଡ.ବବୁଲୁ ପଟ୍ଟନାୟକ, ନାରାୟଣ ଭୋଇଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ମନୋରଞ୍ଜନ ପଟ୍ଟନାୟକଙ୍କ ସମ୍ପାଦନାରେ ନୂତନ ସୃଷ୍ଟି ନାମକ ବହୁଭାଷୀ ନୂତନ ମାସିକ ପତ୍ରିକା ଉନ୍ମୋଚିତ ହୋଇଥିଲା। ପତ୍ରିକାର ପରିଚାଳନା ସମ୍ପାଦକ କିଶୋର କୁମାର ପଣ୍ଡା ସୂଚନା ପ୍ରଦାନ କରିଥିଲେ। ଅପରାହ୍ନ ୧ଟାରେ ଆଧ୍ୟାତ୍ମିକ ପତାକା ଅବତରଣ କରାଯାଇଥିଲା ସନ୍ଧ୍ୟା ୬ଟା ୩୦ରୁ ୭ଟା ପର୍ଯ୍ୟନ୍ତ ସମାଧି ନିକଟରେ ସମବେତ ଧ୍ୟାନ କରାଯାଇଥିଲା।



ଶ୍ରୀଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସ ସମାରୋହରେ ଅତିଥି, ବକ୍ତା ଓ କର୍ମକର୍ତ୍ତା।

### ଯୋଗ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨୪।୧୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଯୋଗ ପରିବାର ପକ୍ଷରୁ ମହାନଗର ନିଗମ ଅନ୍ତର୍ଗତ ବରହମପୁରା ଖେଳପଡିଆରେ ରବିବାର ନୂଆଁଖାଇ ଭେଟ୍‌ଘାଟ ଓ ଯୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଧୀର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ଟିକେଲାଲ ଭୋଇ ଯୋଗର ମହତ୍ତ୍ୱ ବିଷୟରେ ଅବଗତ କରିଥିଲେ। ସୁଜାତା ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିୟମିତ ଯୋଗ ସାଧନା କରି ଶାରୀରିକ ଏବଂ ମାନସିକଭାବେ ଲାଭ ପାଇଥିବା ସଦସ୍ୟମାନେ ନିଜର ଅଭିଜ୍ଞତା ବାଣ୍ଟିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପ୍ରଦୀପ୍ତ ସୁସାରୀ, ଅଶୋକ ସାହୁ, ବିକାଶ ତ୍ରିପାଠୀ, ବିବେକାନନ୍ଦ ଆଚାର୍ଯ୍ୟ, ରାକ୍ଷୀ ମିଶ୍ର, ପ୍ରଜ୍ଞା ହୋତା, ମାନସ ପାଣିଗ୍ରାହୀ, ଶଶିକାନ୍ତ ଜେନା, ମନୋଜ ପଣ୍ଡା, ଉଦିପ୍ତ ତ୍ରିପାଠୀ, ନରେନ୍ଦ୍ର ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଯୋଗର ପ୍ରଚାର ପ୍ରସାର ସହ ସୁସ୍ଥ ଏବଂ ନିରାମୟ ଜୀବନ ପାଇଁ କାର୍ଯ୍ୟ ଜାରି ରଖିବାକୁ ଯୋଗ ପରିବାର ପକ୍ଷରୁ କୁହାଯାଇଛି।

# ଭୀମ ଭୋଇ କଲେଜ ପୁରାତନ ଛାତ୍ର ସଂଘ ବୈଠକ



ବୈଠକରେ ଉପସ୍ଥିତ ପୁରାତନ ଛାତ୍ରମାନେ।

ରେଢାଖୋଲ,୨୪।୧୧(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ଭୀମ ଭୋଇ କଲେଜ ପୁରାତନ ଛାତ୍ରସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। କଲେଜ ପରିଚାଳନା ସମିତି ସଭାପତି ସୁରେନ୍ଦ୍ର ନାରାୟଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ର ଅନାଦି ସାହୁ, ଏନ୍‌ଏସି ଅଧକ୍ଷ ଶିବରାମ ସାହୁ, ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, କଲେଜ ପ୍ରାକ୍ତନ ଅଧକ୍ଷ ଡ.ବାଳାଦିତ୍ୟ ବିକାଶ ସିଂ, ଚିନ୍ମୟ କୁମାର ପଣ୍ଡା, ରାଜା ପାଲ, ଜୟକୃଷ୍ଣ ପ୍ରଧାନ, ମନସ୍ୱିନୀ ସାଥୁଆଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବୈଠକରେ ଜାତୀୟ ଶିକ୍ଷାନୀତି-୨୦ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ଡିସେମ୍ବର ମାସରେ ନାକ୍ କମିଟି ପକ୍ଷରୁ କଲେଜ ପରିଦର୍ଶନରେ ଆସୁଥିବା ଟିମ୍ ପାଇଁ ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା। କଲେଜ ଅଧକ୍ଷ ଦିଲ୍ଲୀପ କୁମାର ଦାଶ ପୁରାତନ ଛାତ୍ରମାନେ ଅନୁଷ୍ଠାନର ମେରୁଦଣ୍ଡ ଓ ସାମଗ୍ରିକ ବିକାଶ ଦିଗରେ ସେମାନଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଅଧ୍ୟାପକ ଡ.ମନୋରଞ୍ଜନ ମହନ୍ତ ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଅକ୍ଷୟ କୁମାର କର ନାକ୍ ଟିମ ପରିଦର୍ଶନ ର କାର୍ଯ୍ୟସୂଚି ଉପରେ ସୂଚନା ଦେଇଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବରିଷ୍ଠ ପୁରାତନ ଛାତ୍ର ବିବେକାନନ୍ଦ ମହାକୁଡ ଓ ରଘୁନାଥ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଖ୍ରୀଷ୍ଟିଆନପଡାରେ ଚକ୍ଷୁ ପରୀକ୍ଷା ଶିବିର

ସମ୍ବଲପୁର,୨୪।୧୧(ବି.ଶଙ୍କର)

ହୀରାକୁଦ ସ୍ଥିତ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ସ୍ଥାନୀୟ ଖ୍ରୀଷ୍ଟିଆନପଡାଠାରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୩୨୯ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥି ସହିତ ୧୨୯ଜଣଙ୍କୁ ମାଗଣାରେ ଚଷମା ଓ ଔଷଧ ଯୋଗାଇ ଦିଆଯାଇଥିଲା । ଶିବିରକୁ ହିଣ୍ଡାଲକୋ ଏଫଆରପି ମାନବ ସମ୍ବଳ ମୁଖ୍ୟ ଶିବଶଙ୍କର ମିଶ୍ର, ଇଆର ମୁଖ୍ୟ ସମୀର ମହାନ୍ତି ଓ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗି ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ଡାକ୍ତର ସୌରଭ ଓ ସହଯୋଗୀ ସୁଶ୍ରୀ ଦିଲେଶ୍ୱରୀ, ସୁଶ୍ରୀ ଅମିଆ, ସୁଶ୍ରୀ ସ୍ନେହା ପ୍ରମୁଖ ରୋଗୀଙ୍କ ଚିକିତ୍ସା କରି ଔଷଧ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସିଏସ୍‌ଆର ଅଧିକାରୀ ଆନନ୍ଦ ଚକ୍ରବର୍ତ୍ତୀ, ଜିତେଶ ରଥ, ସରୋଜ କୁମାର ଆଚାର୍ଯ୍ୟ, ଜୟଶ୍ରୀ ରାଓ, ସନ୍ତୋଷ କୁମାର ତ୍ରିପାଠୀ ଓ ପର୍ଶୁରାମ ବିଶ୍ୱାଳ, ତ୍ରିଲୋଚନ ନେତ୍ରାଳୟର ପରିତୋଷ ବାରିକ ଓ ଅମରେଶ ଭୋଇ, ମମତା ନନ୍ଦ ସହଯୋଗ କରିଥିଲେ ।




ଆୟୋଜିତ ଚକ୍ଷୁ ପରୀକ୍ଷା ଶିବିରରେ ଡାକ୍ତରମାନେ ରୋଗୀସେବା କରୁଛନ୍ତି।

# ଦ୍ୱିଦିବସୀୟ ଫୁଟବଲ: ଯୁଟ୍ୟୁବ କ୍ଲବ ଚାମ୍ପିୟନ

କୁଚିଣ୍ଡା,୨୪।୧୧(ବିରଞ୍ଚି ଦର୍ଦ୍ଦା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ଲାଡଠାରେ ଦୁଇଦିନ ଧରି ଚାଲିଥିବା ଷଷ୍ଠ କାଳିଆ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଲାଡ ଖେଳପଡିଆରେ ଜୟହିନ୍ଦ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଖେଳର ଦ୍ୱିତୀୟ ଦିବସରେ ୩ଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ଜୟମା' କଳାପାଟ ଏଫସି ଓ କୁଚିଣ୍ଡା ୟୁଟୁବ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ କୁଚିଣ୍ଡା ୟୁଟ୍ୟୁବ କ୍ଲବ ବିଜେତା ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ କୁଚିଣ୍ଡା ଏଫ୍‌ସି ଓ ଅର୍ଜୁନପାଲି ମଧ୍ୟରେ ହୋଇଥିଲା। ଏଥିରେ କୁଚିଣ୍ଡା ଏଫସି ବିଜୟୀ ହୋଇ ଫାଇନାଲକୁ ଉନ୍ନିତ ହୋଇଥିଲା। ଫାଇନାଲ ଖେଳ କୁଚିଣ୍ଡା ୟୁଟୁବ କ୍ଲବ ଓ କୁଚିଣ୍ଡା ଏଫସି ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ



ଅତିଥି ଓ କ୍ଲବ କର୍ମକର୍ତ୍ତାଙ୍କ ସହ ଉଭୟ ଦଳର ଖେଳାଳିମାନେ।

ଗୋଲଶୂନ୍ୟ ରହିଥିଲା। ପେନାଲଟି ସୁଟ ଆଉଟ୍‌ରେ କୁଚିଣ୍ଡା ୟୁଟୁବ କ୍ଲବ ଚାମ୍ପିୟନ ହୋଇଥିଲା। ଜୟହିନ୍ଦ କ୍ଲବ ସଭାପତି ଝିପି ବାଘଙ୍କ ଅଧ୍ୟକ୍ଷତାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ସୁଶୀଲ କର ମୁଖ୍ୟଅତିଥି, ବକ୍ସମା ସରପଞ୍ଚ ସରସ୍ୱତୀ ଠାକୁର, କୁଟରାଚୁଆଁ ହାଇସ୍କୁଲ ପ୍ରଧାନଶିକ୍ଷକ ଭବାନୀ ଶଙ୍କର ନାୟକ, ପୂର୍ଣ୍ଣଚନ୍ଦ୍ର ପଟେଲ, ସଞ୍ଜୟ ମିଶ୍ର, ସଞ୍ଜୀବ ସାହୁ, ଲୋକେଶ୍ୱର ନାୟକ, ବଳଦେବ ପ୍ରଧାନ, ବିକାଶ ପୃଷେଠ, ସନ୍ତୋଷ ପିଙ୍ଗ,ସୋମନାଥ କେଛୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କୁଚିଣ୍ଡା ୟୁଟୁବ କ୍ଲବକୁ ଚାମ୍ପିୟନ କପ୍ ସହ ୪୦ହଜାର ଟଙ୍କା ଓ କୁଚିଣ୍ଡା ଏଫସିକୁ ରନର ଅପ କପସହ ୩୦ହଜାର ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫଦି ମ୍ୟାଚ ଭାବେ କୁଚିଣ୍ଡା ଏଫସିର ସୁମିତ ଓରାମ, ବେଷ୍ଟ ଗୋଲକିପର ଭାବେ କୁଚିଣ୍ଡା ୟୁଟୁବ କ୍ଲବର ପ୍ରତାପ କିଷାନ, ବେଷ୍ଟ ଡିଫେଣ୍ଡର ଭାବେ କୁଚିଣ୍ଡା ୟୁଟୁବ କ୍ଲବର ଋଷି ଏବଂ ମ୍ୟାନ ଅଫଦି ସିରିଜ ଭାବେ କୁଚିଣ୍ଡା ଏଫସିର ଦୀପକଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରୀକାନ୍ତ କଉଡ଼ି ମ୍ୟାଚ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଜୟହିନ୍ଦ କ୍ଲବର ସୁବ୍ରତ ଭଇଁଷା, ଦୟାସାଗର ନାୟକ, ସିପୁନ ନାୟକ, ସୁମନ୍ତ ଭଇଁଷା, ବୁଲୁ ନାଗ, ପ୍ରଶାନ୍ତ ହାତୀ, ରମଣି ଲୁହା, ପପୁ ହାତୀ ସହଯୋଗ କରିଥିଲେ।

# ମହିଳା ବିରୋଧୀ ହିଂସା ରୋକିବା ପାଇଁ ଏକତା ଅଭିଯାନ



## ଆଜି ଅନ୍ତର୍ଜାତୀୟ ମହିଳା ହିଂସା ଦୂରୀକରଣ ଦିବସ

ସମାଜ ତଥା ପରିବାରରେ ମହିଳାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହିଳାଙ୍କ ବିକାଶରେ ଦେଶର ବିକାଶ ସମ୍ଭବ। କିନ୍ତୁ ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ହିଂସା ଯୋଗୁ ବିକାଶ ବାଧାପ୍ରାପ୍ତ ହେଉଛି। ତେଣୁ ଏହାର ନିରାକରଣ ଲାଗି ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ନଭେମ୍ବର ୨୫ରେ ଅନ୍ତର୍ଜାତୀୟ ମହିଳା ହିଂସା ଦୂରୀକରଣ ଦିବସ ପାଳିତ ହେଉଛି। ମିଳିତ ଜାତିସଂଘ ତଥ୍ୟ ଅନୁଯାୟୀ, ବିଶ୍ୱର ପ୍ରାୟ ୩ ମହିଳାଙ୍କ ମଧ୍ୟରୁ ଜଣେ ସେମାନଙ୍କ ଜୀବନରେ ଅନ୍ତତଃ ଥରେ ଶାରୀରିକ ନିର୍ଯାତନାର ଶିକାର ହେଉଛନ୍ତି। ଆଉ ମହିଳା ହିଂସା ଘଟଣାରେ ସେମାନଙ୍କ ହତ୍ୟା ତାଙ୍କ ସ୍ୱାମୀ କିମ୍ବା ପରିବାର ସଦସ୍ୟଙ୍କ ଦ୍ୱାରା କରାଯାଉଛି। ବର୍ତ୍ତମାନ ସମୟରେ କର୍ମକ୍ଷେତ୍ର ସମେତ ବିଭିନ୍ନ ସ୍ଥାନରେ ମହିଳା ହିଂସା ଚିନ୍ତାଜନକ ହେଲାଣି। ତେବେ ଏହି ପରିପ୍ରେକ୍ଷୀରେ ମିଳିତ ଜାତିସଂଘ ପକ୍ଷରୁ ମହିଳାଙ୍କ ବିରୋଧରେ ହିଂସା ରୋକିବା ଲାଗି ୧୬ ଦିନିଆ ଏକତା ଅଭିଯାନ ଚଳାଇବାକୁ ଯୋଜନା ହୋଇଛି, ଯାହା ୨୫ ନଭେମ୍ବରରୁ ଆରମ୍ଭ ହୋଇ ୧୦ ଡିସେମ୍ବର ଯାଏ ଚାଲିବ।



# ଗୋଆରେ ଯୋଗ ଶିବିର କରିବେ ସାରା

ନୂଆଦିଲ୍ଲୀ

ବଲିଉଡ୍ ଅଭିନେତ୍ରୀ ତଥା ଫିଟ୍‌ନେସ୍‌ପ୍ରେମୀ ସାରା ଅଲ୍ଲୀ ଖାନ୍ ପ୍ରଥମ ଥର ପାଇଁ ଗୋଆର ଏକ ଶାନ୍ତ ଏୟାରବିଏନ୍‌ବିରେ ୪ ଜଣିଆ ଅତିଥିଙ୍କର ଏକ ଦଳ ପାଇଁ ସ୍ୱତନ୍ତ୍ର ସୁସ୍ଥତା ଏବଂ ଯୋଗ ରିଟ୍ରିଟ୍ ଆୟୋଜନ କରିବାକୁ ଯାଉଛନ୍ତି। ଏହି ଅବସରରେ ଅତିଥିମାନେ ସାରାଙ୍କ ସହ ଯୋଗ ଅଭ୍ୟାସ କରିବାର ମଜା ନେବେ ଏବଂ ସାରାଙ୍କ ବ୍ୟକ୍ତିଗତ ସୁସ୍ଥତା ଏବଂ ଫିଟ୍‌ନେସ୍ ରହସ୍ୟ ବିଷୟରେ ଜାଣିବାର ସୁଯୋଗ ପାଇବେ। ଆସନ୍ତା ୨୭ରୁ ଏହି ଯୋଗ ରିଟ୍ରିଟ ପାଇଁ ଆବେଦନ ଆରମ୍ଭ ହେବ। ଏହି ତିନି ଦିନିଆ ରିଟ୍ରିଟ୍‌ର ମୂଲ୍ୟ ସମ୍ପୂର୍ଣ୍ଣ ମାଗଣା ଥିବାବେଳେ ଅତିଥିମାନେ ନିଜ ଖର୍ଚ୍ଚରେ ଗୋଆକୁ ଯିବା ଆସିବା କରିବେ। ଏନେଇ ସୂଚନା ଦେଇ ସାରା କହିଛନ୍ତି, ଗୋଆରେ ହେବାକୁ ଥିବା ଏହି ସ୍ୱତନ୍ତ୍ର ସୁସ୍ଥତା ଏବଂ ଯୋଗ ରିଟ୍ରିଟରେ ଅତିଥିମାନଙ୍କୁ ସ୍ୱାଗତ କରିବା ତାଙ୍କ ପାଇଁ ଆନନ୍ଦର ବିଷୟ। ଏଥିପାଇଁ ସେ ଉତ୍ସାହିତ।

## ଭାରତର ନିର୍ବାଚନ ବ୍ୟବସ୍ଥାକୁ ପ୍ରଶଂସା କଲେ ମସ୍କ

**ୱାଶିଂଟନ:** ଟେସ୍‌ଲା ସିଇଓ ଏଲନ ମସ୍କ ରବିବାର ଭାରତର ନିର୍ବାଚନ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ସେ ନିଜ 'ଏକ୍ସ' ଆକାଉଣ୍ଟରେ ଏକ ପୋଷ୍ଟ କରି ଲେଖିଛନ୍ତି, ଭାରତରେ ମାତ୍ର ଗୋଟିଏ ଦିନ ମଧ୍ୟରେ ପ୍ରାୟ ୬୪ କୋଟି ମତଦାତାଙ୍କ ଭୋଟ ଗଣତି ପୂରା ହୋଇପାରୁଛି। କିନ୍ତୁ ନିର୍ବାଚନ ଗଣତି ଆରମ୍ଭକୁ ୧୯ ଦିନ ବିତିଯାଇଥିଲେ ସୁଦ୍ଧା ଆମେରିକାର କାଲିଫର୍ନିଆରେ ଏପର୍ଯ୍ୟନ୍ତ ଭୋଟ ଗଣତି ଜାରି ରହିଛି। କମ୍ ସମୟ ମଧ୍ୟରେ ଏତେବଡ଼ ସଂଖ୍ୟାରେ ଭୋଟ ଗଣତିକୁ ସୁଚାରୁରୂପେ ସମ୍ପାଦନ କରିପାରୁଥିବାରୁ ସେ ଭାରତର ନିର୍ବାଚନ ଆୟୋଗ (ଇସି)ଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।


## ODISHA HYDRO POWER CORPORATION LIMITED

OHPC

OFFICE OF THE SENIOR GENERAL MANAGER (ELECTRICAL), BALIMELA HYDRO ELECTRIC PROJECT, POST: BALIMELA, DIST. MALKANGIRI, (ODISHA), PIN-764051, Phones.: 06861-291058(O)/06861-291048(R)
<E-mail: bhep.balimela@gmail.com, unit.head_balimela@yahoo.com>

**TENDER CALL NOTICE NO.: 23/2024-25** **DATED: 21.11.2024**

**No. CAD-1676:-** Sealed Tenders are invited in single part bid basis from Vehicle Owners/Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | HIRING OF 01 (ONE) NUMBER OF (TUV 300/BOLERO/SUMO GOLD/ERTIGA) VEHICLE WITH SINGLE DRIVER PROVISION FOR FOUR YEARS UNDER BHEP, BALIMELA | Rs. 7080/- (Rupees Seven Thousand Eighty) only. | Rs. 22,200/- | 27.11.2024 to 11.00 Hrs on 11.12.2024 | 11.00 Hrs. of 11.12.2024 | 12.00 Hrs of 11.12.2024 |

For details of the tender documents, terms & conditions please visit our website www.ohpcltd.com

Sd./- C&P Head
BHEP, Balimela

OIPR-04019/11/0030/2425



Summon for settlement of issues
( Order-5, Rule- 20, CPC )
IN THE COURT OF SENIOR CIVIL JUDGE, ROURKELA
C.S. No. 349 of 2016

**State Bank of India ......... Plaintiff**
**Vrs.**
**Sravantika Dhal & others ........ Defendant**

To

1. **Sravantika Dhal**, aged about 30 years, D/o- Smt. Suprava Dhal, Occupation - Service.
2. **Smt. Suprava Dhal**, aged about 56 years, wife of not known to plaintiff.
   Both rsident of A-335, Koelnagar, Rourkela-769014, P.S.- Jhirpani, District- Sundargarh, permanent resident of Mainda, Lenkasahi, P.O- Baniapal, Nai-Arei, Dist.-Jajpur.
3. **Sri Sarat Chandra Das**, aged about 54 years, son of Late Sukdev Das, working in RSP, P.L. No. - 862216, resident of A-79, Sector-20, Rourkela-769005, P.S.- Sector-19, Dist. Sundargarh.

Whereas, **State Bank of India,** RACPC, At- Sector-17, Rourkela-3 instituted a suite against you for **Rs. 4,38,099/- (Rupees four lakh thirty eight thousand ninety nine)** only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall accompanied by some person able to answer all such questions, on the **20th day of December, 2024 at 10.30 AM O' clock** in the forenoon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the writtern statement]. Take notice, that, in default of you appearance on the day before mentioned, the suit will be heard and determined in your absence. Given under my hand and the seal of the court, this **25th day of October of 2024.**

**Senior Civil Judge, Rourkela**



## ପ୍ରଗତି ପଥେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର

### ବ୍ୟାଙ୍କର ଲକ୍ଷ୍ୟ ଓ ଆଭିମୁଖ୍ୟ: "କୃଷି, କୃଷକ ଏବଂ ମହିଳାଙ୍କ ଉନ୍ନତି, କଲ୍ୟାଣ ଓ ବିକାଶ ନିମନ୍ତେ ପ୍ରତିବଦ୍ଧ"



୧. ଓଡ଼ିଶା ରାଜ୍ୟ ସରକାରଙ୍କର ନିୟମାବଳୀ ଅନୁସାରେ କୃଷିଋଣ ଟ୧,୦୦,୦୦୦ ଙ୍କା ପର୍ଯ୍ୟନ୍ତ ଗ୍ରହଣ କରି ଧାର୍ଯ୍ୟ ସମୟରେ ଋଣ ଟଙ୍କା ପରିଶୋଧ କଲେ ବାର୍ଷିକ ସୁଧ ଦେବାକୁ ପଡିବ ନାହିଁ ଏବଂ ଟ. ୧,୦୦,୦୦୦ଙ୍କା ରୁ ଟ.୩,୦୦,୦୦୦ଙ୍କା ପର୍ଯ୍ୟନ୍ତ ମାତ୍ର ୨% ସୁଧରେ ଋଣ ପ୍ରଦାନ । ୨. ମିଶନ ଶକ୍ତି ସ୍କୁଟର ଯୋଜନାରେ ହିତାଧିକାରିଣୀମାନଙ୍କୁ ସରକାରୀ ସହାୟତାରେ ସୁଧ ମୁକ୍ତ ସ୍କୁଟି ଋଣ ପ୍ରଦାନ କରିବା । ୩. 'ମୋ ଘର' ଯୋଜନା ମାଧ୍ୟମରେ ଉପଯୁକ୍ତ ହିତାଧିକାରୀମାନଙ୍କୁ ସୁଲଭ ମୂଲ୍ୟରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ପ୍ରଦାନ କରିବା । ୪. ମହିଳା କୃଷିଜୀବୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କୃଷିଋଣ ପ୍ରଦାନର ସୁବିଧା ଓ ସୁଯୋଗ । ୫. (ଜେ.ଏଲ.ଜି)/ବଳିଆ/ବଳରାମ ମାଧ୍ୟମରେ ସ୍ୱଳ୍ପ ମିଆଦୀ କୃଷି ଓ ଆନୁଷଙ୍ଗିକ କୃଷି ଋଣ ପ୍ରଦାନର ବ୍ୟବସ୍ଥା । ୫.(କ) ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାଧ୍ୟମରେ ସ୍ୱଳ୍ପ ମିଆଦୀ କୃଷି ଓ ଆନୁଷଙ୍ଗିକ କୃଷି ଋଣ ବିନା ସୁଧରେ ୫ ଲକ୍ଷ ପର୍ଯ୍ୟନ୍ତ ପ୍ରଦାନର ବ୍ୟବସ୍ଥା । ୬. କୃଷି, ଅଣକୃଷି ଓ ଆନୁଷଙ୍ଗିକ କୃଷି ପାଇଁ ସରକାରୀ ଯୋଜନାରେ ଋଣ ପ୍ରଦାନ ବ୍ୟବସ୍ଥା । ୭.କୃଷକମାନଙ୍କ ପାଇଁ କୃଷି ବୀମା ଯୋଜନାର ପ୍ରଚଳନ । ୮.ବ୍ୟାଙ୍କର ଅମାନତକାରୀମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାର ପ୍ରଚଳନ । ୯. ଜିରୋ ବାଲାନ୍ସରେ ସଞ୍ଚୟ ଜମାଖାତା ଖୋଲିବାର ସୁବିଧା । ୧୦.ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ଜମା ରାଶି ଉପରେ ଅଧିକ ସୁଧ ପ୍ରଦାନର ବ୍ୟବସ୍ଥା । ୧୧. ବ୍ୟାଙ୍କର ପ୍ରତ୍ୟେକ ଶାଖାରେ NEFT/RTGS/IMPS ମାଧ୍ୟମରେ ଟଙ୍କା ଦେଣ ନେଣର ସୁବିଧା ଉପଲବ୍ଧ । ୧୨. ବ୍ୟାଙ୍କର ଚାରିଗୋଟି ଜିଲ୍ଲାରେ ଭ୍ରାମ୍ୟମାଣ ବ୍ୟାଙ୍କ ସେବା/ଜମାଖାତା ଖୋଲିବା/ ନଗଦ ଜମା ଉଠାଣ /ଏ.ଟି.ଏମ. ମାଧ୍ୟମରେ ଋଣ ପ୍ରଦାନ । ୧୩. ବ୍ୟାଙ୍କର IFSCODE-ORCB0KPT001. ୧୪. ସ୍ୱର୍ଣ୍ଣ ବନ୍ଧକ ଋଣ ଦୁଇ ଲକ୍ଷ ପର୍ଯ୍ୟନ୍ତ ପ୍ରଦାନ /ଭାରତୀୟ ସଞ୍ଚୟ ପ୍ରମାଣପତ୍ର (N.S.C.), କିଷାନ ବିକାଶ ପତ୍ରିକା (K.V.P.) ପ୍ରମାଣପତ୍ର ଉପରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା ।

"ସହଯୋଗିତା ସମୃଦ୍ଧିର ଲକ୍ଷଣ, ଆସନ୍ତୁ ସହଯୋଗର ହାତ ବଢାନ୍ତୁ"

ଇଂ.ଶ୍ରୀ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ
ସଭାପତି, କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ,ଜୟପୁର



## ଭୂ-ଅର୍ଜନ ସକାଶେ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ବିଷୟରେ ବିଶେଷ ସୂଚନା

ଏତଦ୍ଦ୍ୱାରା ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପର ସମସ୍ତ ସଂପୂର୍ଣ୍ଣ ଓ ଆଂଶିକ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଜଣାଇ ଦିଆଯାଉଅଛି କି, ଭୂ-ଅର୍ଜନ କ୍ଷତିପୂରଣ ଓ ଥଇଥାନ ରାଶି ପ୍ରାପ୍ୟ ପାଇବା ନିମନ୍ତେ କୌଣସି ଦଲାଲ କିମ୍ବା ମଧ୍ୟସ୍ଥିମାନଙ୍କର ଠକାମିର ଶିକାର ହୁଅନ୍ତୁ ନାହିଁ । ଯଦି କୌଣସି ବ୍ୟକ୍ତିଙ୍କର ଭୂ-ଅର୍ଜନ କ୍ଷତିପୂରଣ ଓ ଥଇଥାନ ରାଶି ପ୍ରାପ୍ୟ ପାଇବାକୁ ଥାଏ ତାହାହେଲେ ସିଧାସଳଖ କାର୍ଯ୍ୟାଳୟ ସହ ଯୋଗାଯୋଗ କରି କ୍ଷତିପୂରଣ ରାଶି ନେବାପାଇଁ ଜଣାଇ ଦିଆଗଲା ।

**କାଲୁ ମାଝୀ, ଓ.ପ୍ର.ସେ.**
ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବାସ ଥଇଥାନ ଅଧିକାରୀ
ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଖଡ଼ିଆଳ, ଜିଲ୍ଲା-ନୂଆପଡା



## ପୌର ପରିଷଦ, ସୁନ୍ଦରଗଡ଼

ଦୈନିକ ଖବରକାଗଜ ଧରିତ୍ରୀର ଜନ୍ମବାର୍ଷିକୀ ଉପଲକ୍ଷେ ପୌର ପରିଷଦ ସୁନ୍ଦରଗଡ଼ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସଙ୍ଗେ ସଙ୍ଗେ ଆସନ୍ତୁ, ସମସ୍ତେ ମିଳିମିଶି ସହରକୁ ସଫାସୁତୁରା ରଖିବା ସହିତ ସୁନ୍ଦରଗଡ଼ ସହରକୁ ସବୁଜ ସୁନ୍ଦର କରିବା ପାଇଁ ଶପଥ ନେବା ।

୧ । ଠିକ୍ ସମୟରେ ପୌର ପରିଷଦର ଟିକସ ପଇଠ କରନ୍ତୁ ।
୨ । ନକ୍ସା ଅନୁମୋଦନ କରାଇ ଗୃହ ନିର୍ମାଣ କରନ୍ତୁ ।
୩ । ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
୪ । ରାସ୍ତାର ପାଣିକଳ, ଆଲୋକ, ନଳକୂପଗୁଡିକର ସୁରକ୍ଷା କରନ୍ତୁ ।
୫ । ସରକାରୀ ଓ ଜନସାଧାରଣ ଜମିକୁ ଜବରଦଖଲମୁକ୍ତ ରଖନ୍ତୁ ।
୬ । ବୃକ୍ଷରୋପଣ କରି ପରିବେଶକୁ ନିର୍ମଳ ରଖନ୍ତୁ ।
୭ । ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେତେଣେ ବୁଲିବାପାଇଁ ଛାଡ଼ନ୍ତୁ ନାହିଁ ।
୮ । ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ ।
୯ । ପ୍ଲାଷ୍ଟିକ୍‌ର ବ୍ୟବହାର କରନ୍ତୁ ନାହିଁ ।
୧୦ । ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାନ୍ତୁ ନାହିଁ ।

| | | |
|---|---|---|
| ଶ୍ରୀମତୀ ତନୟା ମିଶ୍ର | ଶ୍ରୀ ଲଲାଟେନ୍ଦୁ ପରିଡ଼ା | ଶ୍ରୀ ବିକାଶ ମୁଣ୍ଡାରି (ଓ.ରା.ସେ.) |
| ନଗରପାଳ | ଉପନଗରପାଳ | ନିର୍ବାହୀ ଅଧିକାରୀ |
| ପୌର ପରିଷଦ, ସୁନ୍ଦରଗଡ଼ | ପୌର ପରିଷଦ, ସୁନ୍ଦରଗଡ଼ | ସୁନ୍ଦରଗଡ଼ ପୌରପାଳିକା |

**ସମସ୍ତ କାଉନସିଲର ଓ କର୍ମଚାରୀ ବୃନ୍ଦ, ପୌର ପରିଷଦ, ସୁନ୍ଦରଗଡ଼**



## ନିପୁଣ ଓଡ଼ିଶା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ

୧. ଜଗତ୍‌ସିଂହପୁର ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟରେ ୧ମରୁ ୩ୟ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ, ଶିକ୍ଷକ (୨ଜଣ)ଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ (ଏଫ୍‌ଏଲ୍‌ଏନ୍) ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।
୨. ଏଫ୍‌ଏଲ୍‌ଏନ୍‌କୁ ଆକର୍ଷଣୀୟ କରିବା ପାଇଁ ଆଞ୍ଚଳିକ ସାଧନ କେନ୍ଦ୍ର (ସିଆର୍‌ସି), ମଣ୍ଡଳ ଓ ଜିଲ୍ଲାସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଆୟୋଜନ କରାଯାଇ ପିଲାମାନଙ୍କ ଉପାଦେୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଛି ।
୩. ପ୍ରତ୍ୟେକ ବିଦ୍ୟାଳୟରେ ଏଫ୍‌ଏଲ୍‌ଏନ୍ ଶ୍ରେଣୀ ପ୍ରକୋଷ୍ଠ କରାଯାଇଛି । ଏହି ପ୍ରକୋଷ୍ଠରେ ଏଫ୍‌ଏଲ୍‌ଏନ୍ କୋଣ, ଛାତ୍ରୀଛାତ୍ରଙ୍କ କୋଣ, ବିଭିନ୍ନ ପ୍ରକାର ଶିଶୁ ଗଳ୍ପ, ପକ୍ଷୀ, ଫୁଲଫଳ ଓ ଅନ୍ୟାନ୍ୟ ଚିତ୍ର ପ୍ରଦର୍ଶିତ ହୋଇଛି ।
୪. ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏଫ୍‌ଏଲ୍‌ଏନ୍ ରଥ ପରିକ୍ରମା କରୁଛି । ଏହା ଏଫ୍‌ଏଲ୍‌ଏନ୍‌ର ଉଦ୍ଦେଶ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରୁଛି ।
୫. ଏଫ୍‌ଏଲ୍‌ଏନ୍‌କୁ ସମୃଦ୍ଧ କରିବା ପାଇଁ ଜିଲ୍ଲାର ୮୯୨ ବିଦ୍ୟାଳୟରେ ୩୩,୯୫୩ ଜଣ ଛାତ୍ରୀଛାତ୍ର (୧ମରୁ ୩ୟ)ଙ୍କୁ ମାଗଣା ପାଠ୍ୟପୁସ୍ତକ, କାର୍ଯ୍ୟପୁସ୍ତିକା, ବଡ଼ ବହି, ପୋଷ୍ଟର କାର୍ଡ, ପିକ୍‌ଚର୍ କାର୍ଡ ଓ କବିତା ଆଦି ଯୋଗାଇ ଦିଆଯାଇଛି ।
୬. ଶିକ୍ଷକ ଅଭିଭାବକ ସଂଘ (ପିଟିଏ) ଓ ବିଦ୍ୟାଳୟ ପରିଚାଳନା ସମିତି (ଏସ୍‌ଏମ୍‌ସି) ବୈଠକରେ ଏଫ୍‌ଏଲ୍‌ଏନ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଇଛି ।
୭. ଜନସାଧାରଣ ତଥା ଅଭିଭାବକମାନେ ସରକାରଙ୍କ ଏହି ମହତ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ସହଯୋଗ କରିବାକୁ ଅନୁରୋଧ ।

ସୌଜନ୍ୟ:ଜିଲ୍ଲା ଶିକ୍ଷା ଅଧିକାରୀ, ଜଗତ୍‌ସିଂହପୁର



## OFFICE OF THE SUPERINTENDING ENGINEER MINOR IRRIGATION DIVISION, DHENKANAL

No. 3099 Dt.18.11.2024

**e-Procurement Notice**
**Bid Identification No. DMID/06/2024-25**
**e-mail ID: eemidkl@yahoo.co.in**

No. A-585: The Superintending Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" Procurement for the works as detailed in the Annexure to this bid notice.

| | | |
|---|---|---|
| Name of the Work | : | Civil Works in Different Blocks of Dhenkanal District under the Critical Grant for the year 2024-25 |
| No. of Works | : | 15 (Fifteen) Nos. Only |
| Estimated Cost | : | Varies from 12.69 lakhs to 18.84 lakh (Approximately) |
| Cost of Tender Paper | : | 6000/- (Non-refundable) |
| Period of Completion | : | 03 (Three) Calendar Months |
| Availability of bid documents for sale and receipt through Online | : | From Dt.25.11.2024, 10.00 A.M. to Dt.05.12.2024 upto 5.00 P.M. |
| Last date/time of receipt of bids in the portal | : | 05.12.2024 (5.00 P.M.) |
| Date of Technical Bid opening through online | : | On Dt.06.12.2024 at 11.00 A.M. in the Office of the S.E., M.I. Division, Dhenkanal |
| Transparent Lottery Date | : | 12.12.2024 (11.30 A.M.) in the O/o. of the Superintending Engineer, M.I. Division, Dhenkanal |
| Mode of Payment of Bid Cost | : | Online |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website **http:/dowrorissa.gov.in** | | |
| Name & Address of the OIT | : | Superintending Engineer Minor Irrigation Division, Dhenkanal At/P.O./District: Dhenkanal Ph. No./Fax No.: 06762-224461 Email ID: **eemidkl@yahoo.co.in** |
| Further details can be seen from the e-Procurement market place. **http://tendersorissa.gov.in** | | |

OIPR-32027/11/0009/2425

Sd./- Superintending Engineer
M.I. Division, Dhenkanal



ଉଦ୍ୟାନ କୃଷି ଯୋଜନାରେ ନୂତନ ଫଳ ବଗିଚା, ଶଙ୍କର ଜାତୀୟ ପନିପରିବା ଚାଷ, ଆଳୁ ଚାଷ, ମସଲା ଜାତୀୟ ଚାଷ, ଫୁଲଚାଷ, ଛତୁ ଚାଷ, ମହୁ ଚାଷ, ନୂତନ ପାନବରଜ ପ୍ରତିଷ୍ଠା, ସୁରକ୍ଷିତ ଚାଷ, ଅମଳର ପରବର୍ତ୍ତୀ ଯତ୍ନ, PDMC ଯୋଜନାରେ ଅଣୁ ଜଳସେଚନ ପ୍ରଣାଳୀ ଓ ଉଦ୍ୟାନ କୃଷି ଯନ୍ତ୍ରପାତି କ୍ରୟ ଇତ୍ୟାଦିରେ ପ୍ରୋତ୍ସାହନ ପାଇବା ପାଇଁ ନିକଟସ୍ଥ ଉଦ୍ୟାନ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରନ୍ତୁ । ଉପରୋକ୍ତ ଚାଷ ପାଇଁ ମହିଳା SHG ଓ ଚାଷୀମାନଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ବ୍ୟବସ୍ଥା ଅଛି ।

ସ୍ୱା./- ସହକାରୀ ଉଦ୍ୟାନ ନିର୍ଦ୍ଦେଶକ
ଜଗତ୍‌ସିଂହପୁର



## GOVERNMENT OF ODISHA
## "e" - PROCUREMENT

No. A-584

**NOTICE NO. CCE, KIP-(KRC&BD)-01/2024-25**
(Pertaining to Kanpur Rehabilitation Camps & Building Division, Basudevpur)

| | | |
|---|---|---|
| 1 | Name of the Work | "Construction of CAD & WM works under Jhadaposi Sub-Minor off taking at RD 41109m of KMC & Jhumpura minor off taking at RD 41580m of KMC of Kanupur Irrigation Project" |
| 2 | Bid Identification No. | CCE, KIP-(KRC&BD)-01/2024-25 |
| 3 | Estimated Cost | Rs.515.56 Lakh |
| 4 | Period of Completion | 15 (Fifteen) Calendar Months including rainy season |
| 5 | Date & time of availability of bid document in the portal | Dt.27.11.2024 from 10.00 hours to Dt.11.12.2024 upto 17.00 hours |
| 6 | Last date/time for receipt of bids in the portal | 11.12.2024 upto 17.00 hours |
| 7 | Date & time of opening of tender | 12.12.2024 at 11.00 hours |
| 8 | Name and address of the Officer Inviting Bid | Er. Prasad Ranjan Panda Chief Construction Engineer, Kanupur Irrigation Project, At/P.O.: Basudevpur, Dist.: Keonjhar, Odisha - 758047 |

Further details can be seen from the e-Procurement portal **"https://www.tendersodisha.gov.in"**.

Sd./- (Er. Prasad Ranjan Panda)
Chief Construction Engineer
Kanupur Irrigation Project
Basudevpur, Keonjhar, Odisha

OIPR-32012/11/0001/2425



## GOVERNMENT OF ODISHA

No. A-594

## DEPARTMENT OF WATER RESOURCES
## OFFICE OF THE CHIEF CONSTRUCTION ENGINEER DEO IRRIGATION PROJECT, KARANJIA

At/P.O.: Karanjia, Dist.: Mayurbhanj - 757037
Tel.: 06796-296144, e-mail: cce.dip.dowr@gmail.com

**"e" Procurement Notice**
**Bid Identification No. 03/CCEDIP of 2024-25**

| | | |
|---|---|---|
| Name of Work | : | As per Detailed Tender Call Notice |
| Total No. of Packages | : | 09 (Nine) Nos. of Individual Work |
| Estimated Cost of Package | : | From 162.04 Lakhs to 699.12 Lakhs |
| Period of Completion | : | 04 (Four) to 09 (Nine) Months |
| Class of Contractor | : | "B", "A" and "Special" Class Contractor |
| Other Details | : | |

| Procurement Officer | Bid Identification No. | Availability of tender Online for Bidding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 03/CCEDIP of 2024-25 | 27.11.2024 at 10.00 A.M. | 11.12.2024 Upto 05.30 P.M. |

Further details can be seen from the Govt. website **www.tendersodisha.gov.in**.
Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Deo Irrigation Project, Karanjia

OIPR-32337/11/0004/2425



## GOVERNMENT OF ODISHA

No. O-690

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL

E-Mail: sencrwangul@yahoo.co.in, Ph.: 06764-236404

No. 2803 Dt.20.11.24

**NOTICE INVITING TENDER FOR ROAD WORKS IN ODISHA**
**Bid Identification No. Road Online AGL-13/2024-25**

1. Name of the Work : Road Works
2. Total No. of Work : 32 Nos.
3. Estimated Cost : Rs.105.00 to 915.83 Lakhs
4. Class of Contractor : As per annexure
5. Period of Completion : As per annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online AGL-13/2024-25 | 28.11.24 at 10.00 A.M. | 12.12.24 upto 5.00 P.M. | 11.12.2024 upto 1.00 P.M. | 13.12.24 at 11.00 A.M. | Will be intimated separately |

For detailed Notice inviting tenders, please visit to the website **www.tendersorissa.gov.in.**

OIPR-25180/11/0015/2425 Sd./- Chief Engineer, Rural Works Circle, Angul



## GOVERNMENT OF ODISHA

No. O-685

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR

**e-Procurement Notice**

| | | | |
|---|---|---|---|
| 1. | Name of Work | : | Construction of Road under MMSY Improvement to Existing RD Roads Scheme in the district of Bolangir for the year 2024-25 |
| 2. | No. of Work | : | 15 (Fifteen) Road Works |
| 3. | Time for Completion varies from | : | 6 (Six) to 12 (Twelve) Calendar Months |
| 4. | Approximate estimated cost varies from | : | Rs.195.49 lakhs to Rs.702.92 lakhs |
| 5. | Mode of submission of tender | : | Tender should be submitted online in **www.tendersodisha.gov.in** |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-04/2024-25 | 30.11.2024 at 11.00 A.M. | 17.12.2024 upto 5.00 P.M. | 16.12.2024 upto 5.00 P.M. | 18.12.2024 at 11.00 A.M. | The date will be intimated later on |

- Further details can be seen from the website **www.tendersodisha.gov.in**.
- Any Corrigendum/Addendum will be displayed in the above e-tender website only.

OIPR-25118/11/0007/2425 Sd./- Chief Construction Engineer, R.W. Circle, Bolangir



## ଭାରତୀୟ ରିଜର୍ଭ ବ୍ୟାଙ୍କ
### ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜ.ନେ. ମାର୍ଗ, ଭୁବନେଶ୍ୱର – 751001

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର 01 ଜାନୁୟାରୀ 2025ରୁ 31 ମାର୍ଚ୍ଚ 2026 ପର୍ଯ୍ୟନ୍ତ (ଆଗକୁ ବଢ଼ାଯାଇପାରିବ) ବ୍ୟାଙ୍କର ଅଫିସର କଲୋନୀ, ନୟାପଲ୍ଲୀସ୍ଥିତ 12ଟି ଭିଜିଟିଙ୍ଗ୍ ଅଫିସର୍ସ ଫ୍ଲାଟ୍ (ଭିଓଏଫ୍), 4ଟି କାର୍ଯ୍ୟନିର୍ବାହୀ ଭିଓଏଫ୍ ଏବଂ ବିଦ୍ୟୁତ୍‌ମାର୍ଗସ୍ଥିତ ଷ୍ଟାଫ୍ କ୍ୱାର୍ଟରରେ 4ଟି ଟ୍ରାଞ୍ଜିଟ୍ ହଲିଡେ ହୋମ୍ସ (ଟିଏଚ୍‌ଏଚ୍) ଏବଂ 2ଟି ମେଡ଼ିକାଲ ଫ୍ଲାଟର ପରିଚାଳନା, ରକ୍ଷଣାବେକ୍ଷଣ (କ୍ୟାଟରିଂ ସମେତ) ପାଇଁ ପ୍ରତିଷ୍ଠିତ ଏଜେନ୍ସି/କମ୍ପାନି/ସଂସ୍ଥାମାନଙ୍କଠାରୁ ଦୁଇଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି। MSTC ପୋର୍ଟାଲରେ ଇ-ଟେଣ୍ଡର ଦାଖଲର ଶେଷ ତାରିଖ 16 ଡିସେମ୍ବର 2024 (ସୋମବାର) ଅପରାହ୍ନ 2ଟା ପର୍ଯ୍ୟନ୍ତ ରହିଛି। ଟେଣ୍ଡରର ଅଧିକ ବିବରଣୀ ପାଇଁ ଦୟାକରି ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବ୍‌ସାଇଟ୍ **(https://www.rbi.org.in)**ରେ ଥିବା ''ଟେଣ୍ଡର'' ବିଭାଗକୁ ଯାଆନ୍ତୁ ଏବଂ ଟେଣ୍ଡର ଅପ୍‌ଲୋଡ଼ କରିବା ପାଇଁ ଦୟାକରି MSTC ୱେବ୍‌ସାଇଟ୍ **(https://www.mstcecommerce.com/eprocn/)**କୁ ଯାଇ ପଞ୍ଜୀକରଣ କରନ୍ତୁ।

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର



## OFFICE OF THE SUPERINTENDING ENGINEER MINOR IRRIGATION DIVISION, GANJAM-II, BERHAMPUR

E-mail: mi2_exe.engr@yahoo.co.in, Ph. No.: 0680-2290475

No. A-610

**GOVERNMENT OF ODISHA**
**e-PROCUREMENT NOTICE**
**Bid Identification No. GMID-II/05/2024-25**

Ltr. No. 4120 Date: 13.11.2024

| | | |
|---|---|---|
| Name of Work | : | Civil Construction Works |
| No. of Works | : | 26 (Twenty Six) Nos. |
| Estimated Cost | : | Rs.8.40 lakh to 19.80 lakh |
| Tender Paper Cost | : | Rs.4000.00 (for estimated cost over 5.00 lakh) Rs.6000.00 (for estimated cost over 10.00 lakh) |
| Period of Completion | : | 03 (Three) Calendar Months |
| Class of Contractor | : | "D" & "C" |
| Availability of bid documents | : | From 27.11.2024 at 10.00 A.M. to 06.12.2024 upto 5.00 P.M. in website (www.tendersorissa.gov.in) |
| Perid of Receipt of bid through Online | : | From 27.11.2024 at 10.00 A.M. to 06.12.2024 upto 5.00 P.M. through Online |
| Mode of Payment | : | Online |
| Date of Opening of Bid document | : | 07.12.2024 at 11.30 A.M. |
| Date of Lottery (if required) | : | Shall be intimated through website and E-mail specified for the purpose in e-tendering process |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) of Class-II or Class-III |

The detail tender call notice can also be seen in the DOWR website: **http://dowrorissa.gov.in**

| | | |
|---|---|---|
| Name & Address of the OIT | : | Superintending Engineer M.I. Division, Ganjam-II, Infront of Depaul School, Engineering School Road, Berhampur, Dist.: Ganjam, PIN - 760010 |
| E-mail | : | **mi2_exe.engr@yahoo.co.in** |
| Further details can be seen from the E-Procurement market place | : | **http://tendersorissa.gov.in** |

Sd./- Superintending Engineer
M.I. Division, Ganjam-II, Berhampur

OIPR-32043/11/0007/2425

### ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଯବାନଙ୍କ ପାଦ ଛିଣ୍ଡିଲା

ମାଲକାନଗିରି, (ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ଼ ସୁକମା ଜିଲାରେ ଯବାନମାନେ କୋମ୍ବିଂ ସମୟରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଜଣେ ଯବାନଙ୍କ ପାଦ ଛିଣ୍ଡି ଗୋଡ଼ରୁ ଅଲଗା ହୋଇଯାଇଛି। ସେ ହେଲେ ସୁକମା ଜିଲା ପୋଲିସର ପଡିଅମ ବିନୋଦ। ସୁକମା ଜିଲା ଡିଆର୍‌ଜି ଯବାନମାନେ ରବିବାର ସକାଳେ ତୁମାଲପାଡ ଓ ରାୟଗୁଡେମ ଅଞ୍ଚଳରେ କୋମ୍ବିଂ ସମୟରେ ତୁମାଲପାଡ ଓ ରାୟଗୁଡେମ ରାସ୍ତାରେ ମାଓବାଦୀମାନେ ଖଞ୍ଜିଥିବା ଲ୍ୟାଣ୍ଡମାଇନ୍ ଉପରେ ବିନୋଦଙ୍କ ପାଦ ପଡ଼ିଯିବାରୁ ବିସ୍ଫୋରଣ ହୋଇଥିଲା। ଫଳରେ ତାଙ୍କ ପାଦ ଛିଣ୍ଡି ଯାଇଥିଲା। ଅନ୍ୟ ଯବାନମାନେ ତାଙ୍କୁ ସୁକମା ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ଘରେ ତାଲାପକାଇ ରଖିଥିଲେ ସ୍ତ୍ରୀ

## ୮ ଦିନ ପରେ ସ୍ୱାମୀ ଉଦ୍ଧାର

ମୋହନା,୨୪।୧୧ (ମନ୍ମଥ ମିଶ୍ର)

ସ୍ୱାମୀଙ୍କୁ ଆଠ ଦିନ ଧରି ବନ୍ଦ କୋଠରିରେ ତାଲା ପକାଇ ରଖିଥିଲେ ସ୍ତ୍ରୀ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ଅଡ଼ବା ଥାନା ବିରିକୋଟସ୍ଥିତ ବିଜେପୁର ସାହିରେ। କୌଣସି କାରଣବଶତଃ ନିଜ ସ୍ୱାମୀ କସ୍ତାନ୍ତିନ ପରିଚ୍ଛାଙ୍କୁ ଘରେ ବନ୍ଦୀ କରି ରଖିଥିଲେ ସ୍ତ୍ରୀ ପ୍ରାଣ ରଞ୍ଜନୀ ପରିଚ୍ଛା। ଶନିବାର ତାଙ୍କ ବଡ଼ଭାଇ ପର୍ଶୁରାମ ସାନଭାଇଙ୍କୁ


ଗିରଫ ଅଭିଯୁକ୍ତ।

ଦେଖିବା ପାଇଁ ଆସିଥିବା ବେଳେ ଘରେ କସ୍ତାନ୍ତିନଙ୍କୁ ତାଲା ପକାଇ ରଖାଯାଇଥିବା ସନ୍ଦେହ କରି ଅଡ଼ବା ଥାନାରେ ଅଭିଯୋଗ କରିଥିଲେ। ପରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ଅଡ଼ବା ପୋଲିସ ସହଯୋଗରେ ଘର ତାଲା ଭାଙ୍ଗି ତାଙ୍କୁ ଉଦ୍ଧାର କରାଯାଇଥିଲା। କସ୍ତାନ୍ତିନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ବିରିକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସା ସମୟରେ କସ୍ତାନ୍ତିନଙ୍କ ଦେହସାରା ମାଡ଼ଚିହ୍ନ ଦେଖିବାକୁ ମିଳିଥିଲା। ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ରହିଥିବାରୁ ଅଧିକ ଚିକିତ୍ସା ପାଇଁ ମୋହନା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ହେତୁ ଡାକ୍ତର ସମୀର ତ୍ରିପାଠୀ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଘଟଣା ସ୍ଥଳରେ ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ୩ ବାଘଛାଲ ଚାଲାଣକାରୀଙ୍କୁ ବାନ୍ଧିଲା ବନ ବିଭାଗ

ଉମରକୋଟ, ୨୪।୧୧(ସନ୍ତୋଷ ଶତପଥୀ)

ଛତିଶଗଡ଼କୁ କଲରା ପତରିଆ ବାଘ ଛାଲ ଚାଲାଣ ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନ ହେଲେ ରାଇଘର ବ୍ଲକ ଗଞ୍ଜାପାରା ପଞ୍ଚାୟତ ଉଦୟପୁର ଗ୍ରାମର ଚମରା ଗଣ୍ଡ(୪୨), ପଣ୍ଡରିପକନା ଗ୍ରାମର ମଙ୍ଗଳ ଦାସ ହରିଜନ ଓ ହାତିବେନା ଗ୍ରାମର ଖେଦୁରାମ ହରିଜନ(୪୨)। ଅଭିଯୁକ୍ତମାନଙ୍କଠାରୁ ୭ ଫୁଟ ଲମ୍ବା ବାଘ ଛାଲ, ଗୋଟିଏ ବାଇକ ଓ ୩ ମୋବାଇଲ ଜବତ ହୋଇଛି। ସୂଚନାନୁଯାୟୀ, ଅଭିଯୁକ୍ତମାନେ ୩ ଲକ୍ଷ ଟଙ୍କାରେ ବାଘ ଛାଲ ବିକ୍ରି କରିବାକୁ ଛତିଶଗଡ଼ ନେଉଥିଲେ। ସୂଚନାପାଇ ନବରଙ୍ଗପୁର ଏସିଏଫ୍‌ଓ


ଜବତ ବାଘ ଛାଲ ଓ ଅନ୍ୟ ସାମଗ୍ରୀ ସହ ଗିରଫ ଅଭିଯୁକ୍ତମାନେ।

ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ବନ୍ୟ ଜନ୍ତୁ ସୁରକ୍ଷା ବାହିନି ପଣ୍ଡରିପଖନାଠାରେ ସେମାନଙ୍କୁ ଅଟକାଇ ଗିରଫ କରିଥିଲା। ସେମାନଙ୍କୁ ନବରଙ୍ଗପୁର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ବେଲ୍ ନାମଞ୍ଜୁର ପରେ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆ ଯାଇଛି।

## ଇନଷ୍ଟାରୁ ପ୍ରେମ ପରେ ପ୍ରତାରଣା

# ଗିରଫ ହେଲେ ସମ୍ପର୍କୀୟ ଭାଇ

ନୀଳଗିରି, ୨୪।୧୧ (ପ୍ରଶାନ୍ତ ବିଶ୍ୱାଳ)

ଇନଷ୍ଟାଗ୍ରାମ୍‌ରୁ ଆରମ୍ଭ ହେଲା ପ୍ରେମସମ୍ପର୍କ ପରେ ବିବାହ। ୨ମାସର ଅନ୍ତଃସ୍ୱତ୍ତା ହୋଇଥିଲେ ଯୁବତୀ। ମାତ୍ର ସ୍ୱାମୀ ସମ୍ପର୍କୀୟ ଭାଇଙ୍କ ସାହାରା ନେଇ ଯୁବତୀଙ୍କ ଗର୍ଭନଷ୍ଟ କରିଦେଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ଶାରୀରିକ, ମାନସିକ ନିର୍ଯ୍ୟାତନା। ଶେଷରେ ଯୁବତୀଜଣକ ବାପଘରକୁ ଫେରିଆସିବା ପରେ ନୀଳଗିରି ଥାନାରେ ଗତ ୧୪ତାରିଖରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ନୀଳଗିରି ଆଇଆଇସି ଗୋପାଳ କର୍ଣ୍ଣଙ୍କ ନିର୍ଦ୍ଦେଶରେ ସବ୍‌ଇନ୍ସପେକ୍ଟର ସୁବର୍ଣ୍ଣା ବେହେରା ସଦଳବଳେ ଗତ ୧୫ ତାରିଖରେ ହରିୟାଣା ଯାଇଥିଲେ। ହରିୟାଣାର ଗୁରୁଗା ଜିଲା ସହନା ଥାନା ଅଧୀନରେ ଉମେଶ ଡାଗରଙ୍କ ଘର ଚଢାଉ ବେଳେ ସେ ଫେରାର ହୋଇଯାଇଥିଲେ। ପରେ ଉତ୍ତରପ୍ରଦେଶର ମଦୁରାଇ ଜିଲାର ଯୁବକଙ୍କ ସମ୍ପର୍କୀୟ ଭାଇ ପ୍ରେମ ସିଂଙ୍କୁ ଗିରଫ କରି ନୀଳଗିରି ଅଣାଯାଇଥିଲା। ରବିବାର ଅଭିଯୁକ୍ତ ପ୍ରେମ ସିଂଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ନୀଳଗିରି ଥାନାରେ ଏକ ମାମଲା(ନଂ. ୩୬୪/୨) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ନୀଳଗିରି ଅଞ୍ଚଳର ଜଣେ ଯୁବତୀ ୨୦୨୦ରେ ନିଜ ଇନଷ୍ଟାଗ୍ରାମରୁ ହରିୟାଣା ରାଜ୍ୟର ଉମେଶ ଡାଗର୍ ନାମକ ଜଣେ ଏମସିଏ ଯୁବକଙ୍କୁ ପ୍ରେମ କରିବସିଲେ। ଦୀର୍ଘ ୪ବର୍ଷ ଧରି ଉଭୟ ଭଲ ପାଇ ଆସୁଥିବା ବେଳେ ୨୦୨୪ରେ ଉଭୟ ପଞ୍ଚଲିଙ୍ଗେଶ୍ୱର ଆସି ଠାକୁରଙ୍କୁ ଦର୍ଶନ କରିବା ସହ ପରସ୍ପରକୁ ବିବାହ କରିଥିଲେ। ଉକ୍ତ ଦିନ ଉଭୟ ପଞ୍ଚଲିଙ୍ଗେଶ୍ୱରରେ ଏକ ହୋଟେଲରେ ରହିଥିଲେ। ଯୁବତୀ ୟୁପିଏସସି ପାଇଁ ଦିଲ୍ଲୀ ଯାଇଥିଲେ। ସେଠାରେ କିଛି ଦିନ ଉଭୟ ରହିବା ପରେ ଯୁବତୀ ୨ ମାସର ଅନ୍ତଃସ୍ୱତ୍ତା ହୋଇଥିଲେ। ଗର୍ଭ ନଷ୍ଟ କରିବାକୁ ଯୋଜନା କରି ଉମେଶ ଡାଗର୍ ନିଜର ସମ୍ପର୍କୀୟ ଭାଇ ପ୍ରେମ ସିଂଙ୍କ ସାହାରା ନେଇଥିଲେ।


ଗିରଫ ଅଭିଯୁକ୍ତ


## ଆସିକା ସମବାୟ ଚିନିଶିଳ୍ପ ଲିଃ, ଆସିକା

ଆସିକା ସମବାୟ ଚିନିଶିଳ୍ପ ଲିଃ ଦୀର୍ଘ ଛଅ ଦଶନ୍ଧି ଧରି ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଆଖୁଚାଷ କରିବା ନିମନ୍ତେ ଚାଷୀମାନଙ୍କୁ ଋଣ ସୂତ୍ରରେ ଅଧିକ ଅମଳକ୍ଷମ ଓ ଅଧିକ ଶର୍କରାଯୁକ୍ତ ନୂତନ କିସମର ବିହନ, ରାସାୟନିକ ସାର, ଜୈବିକ ସାର, କାରଖାନାର ମଳିଖତ, କୀଟନାଶକ ଓ ତୃଣନାଶକ ଇତ୍ୟାଦି ଯୋଗାଇ ଆସୁଛି । ଚାଷୀ ଆଖୁ କାରଖାନାକୁ ଯୋଗାଣ ସମୟରେ ପରିବହନ ଭଡା ବାବଦକୁ ରିହାତି ଯୋଗାଇ ଦିଆଯାଉଅଛି । ଚିନିଶିଳ୍ପର କ୍ଷେତ୍ର ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ବୈଜ୍ଞାନିକ ପ୍ରଣାଳୀରେ ଆଖୁଚାଷ କରିବା ନିମନ୍ତେ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦିଆଯାଇଅଛି । ରାଜ୍ୟ ସରକାରଙ୍କ କୃଷିବିଭାଗ ଓ ଚିନିଶିଳ୍ପର ମିଳିତ ସହଯୋଗରେ "ଆଖୁ ଉନ୍ନୟନ ପ୍ରଯୁକ୍ତି ମିଶନ୍" ଜରିଆରେ ଆଖୁଚାଷୀମାନଙ୍କୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଓ ବୈଷୟିକ ତାଲିମ ପ୍ରଦାନ କରାଯାଉଛି । ଉକ୍ତ ପ୍ରୋତ୍ସାହନ ନୂତନ ଆଖୁଚାଷ, ମୂଳି ଆଖୁଚାଷ, ବିହନ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ନିମନ୍ତେ ଏକର ପ୍ରତି ଯଥାକ୍ରମେ ୯୦୦୦ ଟଙ୍କା, ୫୦୦୦ ଟଙ୍କା, ୧୦୦୦୦ ଟଙ୍କା ଓ ୪୦୦୦ ଟଙ୍କା ହିସାବରେ ଯୋଗାଇ ଦିଆଯାଉଅଛି । ଆଖୁଚାଷୀମାନଙ୍କୁ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, ଆସ୍କା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଓ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଜରିଆରେ ଫସଲ ଋଣ ଯୋଗାଇ ଦିଆଯାଉଅଛି ।

ଏଣୁ ଚିନିଶିଳ୍ପର ସଂରକ୍ଷିତ ଅଞ୍ଚଳ ଯଥା ଗଞ୍ଜାମ ଜିଲ୍ଲା, ନୟାଗଡ ଜିଲ୍ଲାର ଓଡଗାଁ, ରଣପୁର, ନୟାଗଡ, ନୂଆଗାଁ ବ୍ଲକ ଓ ଖୋର୍ଦ୍ଧା ଜିଲ୍ଲାର ବାଣପୁର ଓ ଚିଲିକା ବ୍ଲକର ଚାଷୀଭାଇମାନଙ୍କୁ ଅନୁରୋଧ ସେମାନେ ଅଧିକ ପରିମାଣର ଆଖୁଚାଷ କରି ନିଜର ଆର୍ଥିକ ଅଭିବୃଦ୍ଧି ସହିତ ଚିନିଶିଳ୍ପର ଉତ୍ତରୋତ୍ତର ଉନ୍ନତି ତଥା ସମୃଦ୍ଧିରେ ସହାୟକ ହୁଅନ୍ତୁ ।

ଡ.ସୁଶାନ୍ତ କୁମାର ପଣ୍ଡା
ପରିଚାଳନା ନିର୍ଦ୍ଦେଶକ

ଶ୍ରୀ ରବିନ୍ଦ୍ର ପଣ୍ଡା
ସଭାପତି


# ମନ୍ଦିର ଦାନବାକ୍ସରୁ ଚୋରି, ୨ ଗିରଫ

ସମ୍ବଲପୁର,୨୪।୧୧(ପ୍ରମୋଦ ବହିଦାର)

ମନ୍ଦିର ଦାନବାକ୍ସରୁ ବାରମ୍ବାର ଚୋରି କରିଥିବା ୨ଅଭିଯୁକ୍ତଙ୍କୁ ସମ୍ବଲପୁର ସଦର ଥାନା ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସଦର ଥାନା କୁଦୋପାଲି କନ୍ଦେଇପଡ଼ାର ବ୍ୟୋମକେଶ ମିର୍ଦ୍ଧା(୨୬) ଓ କିଶୋର ମିର୍ଦ୍ଧା(୨୫)। ଏଥିରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗତ ନଭେମ୍ବର ୨୨ ବିଳମ୍ବିତ ରାତିରେ ବ୍ୟୋମକେଶ, କିଶୋରଙ୍କ ସହିତ ସେମାନଙ୍କ ୨ ବନ୍ଧୁ ମନ୍ଦିରରେ ଥିବା ଦାନବାକ୍ସ ଚୋରି କରିବାକୁ ଯୋଜନା କରିଥିଲେ। ଉକ୍ତ ଯୋଜନା ଅନୁସାରେ ସେମାନେ ଏକ ସ୍କୁଟି(ଓଡି-୧୫-ଏସ-୧୦୧୯)ଓ ଅନ୍ୟ ଏକ ନମ୍ବର ବିହୀନ ବାଇକରେ ଅଭିଯୁକ୍ତମାନେ ମାନେଶ୍ୱର ଯାଇ ସେଠାରେ ମାନ୍ଧାତାବାବା ମନ୍ଦିରକୁ ପ୍ରବେଶ କରି ଦାନବାକ୍ସ(ହୁଣ୍ଡି)ର ତାଲା ଭାଙ୍ଗି ସେଥିରେ ଥିବା ସମସ୍ତ ଦାନରାଶିକୁ ଚୋରି କରି ନେଇଥିଲେ। ସେହିପରି ଏହା ପୂର୍ବରୁ ଗତ ନଭେମ୍ବର ୧୪ ତାରିଖରେ ଅନୁରୂପ ଢଙ୍ଗରେ ଉକ୍ତ ସ୍କୁଟି ଓ ବାଇକରେ ମାନେଶ୍ୱର ଯାଇ ସେଠାର ଥିବା ଏକ ଦୁର୍ଗା ମନ୍ଦିରରେ ଦାନବାକ୍ସର ତାଲା ଭାଙ୍ଗି ସମଗ୍ର ଦାନରାଶିକୁ ଚୋରି କରି ଫେରାର ହୋଇ ଯାଇଥିଲେ। ଏହାକୁ ନେଇ ମନ୍ଦିର କମିଟିର ବିଧାନ ଚନ୍ଦ୍ର ପଣ୍ଡା ସଦର ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ଥାନାରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତଦ୍ୱୟଙ୍କଠାରୁ ନଗଦ ୧୦୨୨୦ ଟଙ୍କା, ଦୁଇଟି ମୋବାଇଲ ଓ ଚୋରି ସମୟରେ ବ୍ୟବହୃତ ସ୍କୁଟିକୁ ଜବତ କରିଛି।

# ଅଣଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ହରଭଙ୍ଗା,୨୪।୧୧(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସାମ୍ପୋଚ୍ ପଞ୍ଚାୟତର ତିତିରିକଟାସ୍ଥିତ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ ଅଣ ଓଡିଆ ଶ୍ରମିକଙ୍କ ଶନିବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣଙ୍କ ହେଲେ ଉତ୍ତରପ୍ରଦେଶ ଅଞ୍ଚଳର ଇମାଲ ସିଂ (୩୯) । ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସକାଳୁ କାମକୁ ଯିବାରେ ବିଳମ୍ବ ହେବାରୁ ସହକର୍ମୀମାନେ ତାଙ୍କ ରୁମକୁ ଯାଇ ଦେଖିବାରୁ ସେ ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ଏହାପରେ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହିତ ତାଙ୍କୁ ଚିକିତ୍ସା ପାଇଁ ପୁରୁଣାକଟକ ମେଡିକାଲ ନିଆଯାଇଥିଲା ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଛି। ଏ ନେଇ ବୌଦ୍ଧ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।














## NIMAPARA AUTONOMOUS COLLEGE

Nimapara, Dist.: Puri, PIN - 752106 (Odisha)
(Accredited by NAAC)

| | |
|---|---|
| Name of the Principal | Smt. Puspita Rajguru |
| Mob. No. | 9437299263 |
| Mail Id | nimaparacollege@gmail.com |
| Website | www.nimaparacollege.ac.in |
| +2 Science & Arts | 512 Seats each |
| +2 Commerce | 224 Seats |
| +3 Science & Arts | 384 Seats each |
| +3 Commerce | 256 Seats |
| PG Odia & Commerce | 32 Seats each |
| PG Geology, Chemistry & Mathematics | 16 Seats each |
| BCA & BBA (Self Financing) | 64 Seats each |

STUDY CENTER OF ODISHA STATE OPEN UNIVERSITY (SAMBALPUR)

| Post Graduate Courses | Duration | Eligibility |
|---|---|---|
| History, Economics, Pol. Science & Public Administration | 2 years | Any Graduate |

*Best Wishes From:*

Smt. Puspita Rajguru
Principal



**ଛପନ ପ୍ରହର ନାମଯଜ୍ଞ ସମାପ୍ତ**

ପାଇକମାଲ,(ବଡ଼ ଶତପଥୀ): ବରଗଡ ଜିଲା ପାଇକମାଲ ବ୍ଲକ ଭେଙ୍ଗରାଜପୁର ପଞ୍ଚାୟତ ରସମୁଣ୍ଡାରେ ଆୟୋଜିତ ଅଖଣ୍ଡ ଛପନ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମନୀଷ ଅଗ୍ରୱାଲ ଓ ବିନ୍ଦିଆ ଅଗ୍ରୱାଲ କର୍ତ୍ତା ଥିବାବେଳେ ପଣ୍ଡିତ କାମାକ୍ଷା ପ୍ରସାଦ ଯୋଶୀ, ନବଘନ ଦାଶ, ପିଣ୍ଟୁ ମିଶ୍ର, ଶିଶିର ମିଶ୍ର ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ନାମଯଜ୍ଞରେ ୨୫ ସଂକୀର୍ତ୍ତନ ଦଳ ଭାଗ ନେଇ ନାମ ସଂକୀର୍ତ୍ତନ କରିଥିଲେ। ନାମଯଜ୍ଞ ପରିଚାଳନା କମିଟି ସଭାପତି ପାତାଳ ସାହୁଙ୍କ ନେତୃତ୍ୱରେ ସଂକୀର୍ତ୍ତନ ବୈଠକ ଅନୁଷ୍ଠିତ ହୋଇଥିଲା। ପାତାଳ ସାହୁ, ସୁରେନ୍ଦ୍ର ପ୍ରତାପ ସିଂହ ବରିହା, ରଶ୍ମିରଞ୍ଜନ ବରିହା, ହୁତାଶନ ପାଣ୍ଡେ, ଉମାକାନ୍ତ ଶତପଥୀ, ସୁବୋଧ କୁମାର ବଡପଣ୍ଡା, ସୁଦାମ ଚରଣ ସେଠୀ, ପୀତବାସ ସାହୁ, ବିନୋଦ ବିହାରୀ ବିଶ୍ୱାଳ, ଅଶୋକ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଗଙ୍ଗାଧର ସାହିତ୍ୟ ଚିରନ୍ତନ, ଶାଶ୍ୱତ ଓ ଚିର ସବୁଜ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।



ପୁସ୍ତକ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

**ବରଗଡ଼ ପୁସ୍ତକ ମେଳା**

ବରଗଡ଼,୨୪।୧୧(ପ୍ରେମାନନ୍ଦ ଖମାରୀ)

ଗଙ୍ଗାଧର ମେହେରଙ୍କ ରଚନା ଚିରନ୍ତନ, ଶାଶ୍ୱତ, ଚିର ସବୁଜ ଏବଂ ମଧୁମୟ ବୋଲି ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ବରଗଡ ପୁସ୍ତକ ମେଳାରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ କୃଷ୍ଣ କେଶବ ଷଡ଼ଙ୍ଗୀ ମତପ୍ରକାଶ କରିଛନ୍ତି। ଗାନ୍ଧୀ ସ୍ମୃତି ପାଠାଗାରର ବରିଷ୍ଠ ସଦସ୍ୟା ଅଧ୍ୟାପିକା ଡଃ. ସଂଘମିତ୍ରା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନା ଚକ୍ର 'ଗଙ୍ଗାଧର ସାହିତ୍ୟ' ଉପରେ ନିଜର ମତ ରଖି ଷଡ଼ଙ୍ଗୀ କହିଥିଲେ, ଯେଉଁମାନେ ଗଙ୍ଗାଧରଙ୍କୁ ଅଳ୍ପ ପାଠୁଆ ବୋଲି ସେ ସମୟରେ କହୁଥିଲେ, ସେମାନେ ହିମାଳୟକୁ ଟେକା ଫୋପାଡ଼ିବା ଭଳିଆ କଥା। କାରଣ ଗଙ୍ଗାଧରଙ୍କ ସାହିତ୍ୟ ହିମାଳୟ ଭଳି ଉତ୍ତୁଙ୍ଗ। ସେମାନଙ୍କ ଯୋଗୁ ଗଙ୍ଗାଧରଙ୍କ କୀର୍ତ୍ତି ବେଶୀ ବଢ଼ିଲା। ସେ ଆହୁରି କହିଥିଲେ, କବିଙ୍କ ଦୀକ୍ଷାଗତ ଯୋଗ୍ୟତା ବା ଦୃଷ୍ଟି କେତେ ବ୍ୟାପକ ଓ ଅନନ୍ତ ଥିଲା ଆଜି କେହି ତାର ଆକଳନ ମଧ୍ୟ କରିପାରୁନାହାନ୍ତି। ଆଲୋଚନାଚକ୍ରରେ ଅତିଥି ଭାବେ ଯୋଗଦେଇ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ଓ ଶାନ୍ତି ନିକେତନର ପ୍ରଫେସର ମନୋରଞ୍ଜନ ପ୍ରଧାନ ଗଙ୍ଗାଧରଙ୍କୁ ଜଣେ ଅଦ୍ୱିତୀୟ ସାହିତ୍ୟିକ ବୋଲି କହିବା ସହ ତାଙ୍କ ସମସାମୟିକ କବିମାନଙ୍କ ମଧ୍ୟରେ ଗଙ୍ଗାଧରଙ୍କ ସ୍ଥାନ ସର୍ବାଗ୍ରେ ରହିଛି ବୋଲି କହିଥିଲେ। ଏପିକଲ ଓଡ଼ିଶାର ପୂର୍ବତନ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର, ବରେଣ୍ୟ ବକ୍ତା ଡ. କୃଷ୍ଣ କେଶବ ଷଡ଼ଙ୍ଗୀ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବାର୍ଷିକ କ୍ରୀଡା: ବିଭିନ୍ନ ବର୍ଗରେ ୭ ପ୍ରତିଯୋଗୀ ଚାମ୍ପିୟନ

ଅମରପାଲି,୨୪।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ କିଶୋର କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାକୁ ସୁବଳୟା ସରପଞ୍ଚ ପ୍ରମୋଦ କୁମାର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ଶିଶୁ ବାଟିକା ବିଭାଗରେ ୪ ଟି, ପ୍ରାକ ଶିଶୁ ବର୍ଗର ୬ ଟି, ଶିଶୁ ବର୍ଗର ୧୨ ଟି, ବାଳ ବର୍ଗର ୧୬ ଓ କିଶୋର ବର୍ଗର ୨୬ ଟି ଖେଳ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟ ଶାରୀରିକ ପ୍ରମୁଖ କିଶୋର କୁମାର ମହାକୁରଙ୍କ ଦାରା ସମସ୍ତ ଖେଳ ପରିଚାଳିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନ୍ତର୍ଯ୍ୟାମୀ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଶିଶୁ ବର୍ଗରେ ରାୟନ ବେହେରା ଓ ଲକ୍ଷ୍ମୀପ୍ରିୟା ପ୍ରଧାନ, ବାଳବର୍ଗର ଆକାଶ କର୍ମୀ ଓ ଆଦ୍ୟାଶା ରଥ, କିଶୋର ବର୍ଗରେ ସୁଜିତ କୁମାର ସାହୁ, ଅମନ ମହାକୁଡ଼ ଓ ଅଙ୍କିତା ରାଣୀ ଡ଼ାଙ୍ଗ ଶ୍ରେଷ୍ଠ ଖେଳାଳି ଭାବେ କୃତିତ୍ୱ ଲାଭ କରି ଚାମ୍ପିୟନ ହୋଇଥିଲେ ୟ। ଶିଶୁ ବାଟିକା ପ୍ରମୁଖ ସୁକାନ୍ତ ପୁରୋହିତ ପୁରସ୍କାର ବିତରଣ ଉତ୍ସବକୁ ସଂଯୋଜନା କରିଥିଲେ। ସୁରେନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ଗୀଫୁଲରେ ନୃସିଂହନାଥ ଏସ୍‌ଏସ୍‌ଡି ହାଇସ୍କୁଲର କୃତିତ୍ୱ


କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଗହଣରେ କୃତୀ ପ୍ରତିଯୋଗୀଗଣ।

ପାଇକମାଲ, ୨୪।୧୧(ବଡ଼ ଶତପଥୀ)

ବରଗଡ ଜିଲା ବରଡୋଲ ଆଶ୍ରମ ବିଦ୍ୟାଳୟରେ ସର୍ଗୀଫୁଲ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୮୬ଟି ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦାନ କରିଥିଲେ। ସେଥିମଧ୍ୟରୁ ନୃସିଂହନାଥ ଏସ୍‌ଏସ୍‌ଡି ହାଇସ୍କୁଲର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଦଳଗତ ନାଚରେ ଲିପ୍ସା ଭୋଇ ଓ ତାଙ୍କ ଦଳ ପ୍ରଥମ ସ୍ଥାନ ଅଧିକାର କରି ଜୋନାଲ ସ୍ତରକୁ ମନୋନିତ ହୋଇଛନ୍ତି। ସେହିପରି ପ୍ରକାଶ ବେହେରା ଓ ତାଙ୍କ ଦଳ ଭଲିବଲ, ଏକକ ନାଚରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ମାମିନା ବାଗ ଓ ଶାଶ୍ୱତା ଭୋଏ ପ୍ରଥମ ସ୍ଥାନ ଅର୍ଜନ କରିଥିବା ବେଳେ ସୁପ୍ରିୟା ସୁନା ଓ ତାଙ୍କ ଦଳ ଲାଇଫ ସ୍କିଲ ଡ୍ରାମାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓପନ ଶ୍ଲୋଗାନରେ ସବିତା ମଲ୍ଲିକ ପ୍ରଥମ ହୋଇଛନ୍ତି। ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଣ୍ଟର ସିନିୟର ବର୍ଗ, ୱାନ ଆକ୍ଟ ପ୍ଲେ, ଓପନ ଶ୍ଲୋଗାନ ଜୁନିୟରରେ କ୍ରିଷ୍ଣା ତାଣ୍ଡି, ସୁଭଦ୍ରା ବରିହା, ରେଣୁକା ଜଗତ ୨ୟ ସ୍ଥାନରେ ଅଧିକାର କରିଛନ୍ତି। ପ୍ରାୟ ସମସ୍ତ ବର୍ଗରେ ନୃସିଂହନାଥ ଏସ୍‌ଏସ୍‌ଡି ହାଇସ୍କୁଲ ଛାତ୍ରଛାତ୍ରୀମାନେ କୃତିତ୍ୱ ଅର୍ଜନ କରିଥିବାରୁ ବରଗଡ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶଂସା କରିଛନ୍ତି। ଜିଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡପଣ୍ଡା ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

### ବାଇକ୍ ଦୁର୍ଘଟଣା, ଯୁବକ ମୃତ

ପାଇକମାଲ,୨୪।୧୧(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଲ-ପଦ୍ମପୁର ରାସ୍ତାର ଖାରମୁଣ୍ଡା ଛକରେ ଥିବା ଡିଭାଇଡରରେ ପିଟି ହୋଇଯିବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମିଠାପାଲି ପଞ୍ଚାୟତ ବୁଟୁରଖମାର ଗ୍ରାମର ପୁନିତ ପୁନା (୨୨)। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଅଭିନାଶ ପୁନା (୧୭) ଗୁରୁତର ହୋଇଛନ୍ତି। ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ବାଇକ୍ ଜବତ କରିବା ସହ ତଦନ୍ତ କରୁଛି। ସୂଚନା ଅନୁସାରେ, ପୁନିତ ଓ ଅଭିନାଶ ଏକ ବାଇକ (ନଂ.ଓଡି୧୭ଭି/୨୪୮୧) ଯୋଗେ ପଦ୍ମପୁର ପଟରୁ ପାଇକମାଲ ଆସୁଥିଲେ। ଏହି ସମୟରେ ସେମାନେ ଖାରମୁଣ୍ଡା ଛକ ନିକଟ ମଝି ଡିଭାଇଡରେ ପିଟି ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ସରକାରୀ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ପୁନିତଙ୍କୁ ମୃତ ଘୋଷଣା କରିଥିଲେ।

### କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ପଦ୍ମପୁର,୨୩।୧୧ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପ୍ରଶାସନ ଓ କୃଷି ବିଭାଗ ପକ୍ଷରୁ ପଦ୍ମପୁର ଅଶୋକ ପଡ଼ିଆରେ ୩ଦିନ ଧରି ଚାଲିଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଓ ବିକ୍ରି, କୃଷି ଓ ଆନୁସଙ୍ଗିକ ବିଭାଗର ଆଲୋଚନାଚକ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବର ଦ୍ୱିତୀୟ ଅଧିବେଶନରେ ପଦ୍ମପୁର ଉପଜିଲାପାଳ ସୁଶ୍ରୀ ସ୍ନେହା ଅରୁଗୁଲା ମୁଖ୍ୟ ଅତିଥି, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରସନ୍ନ ମିଶ୍ର, ନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବାସ, କୃଷି ଜିଲା ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡା, ଏଡିଏଚ୍ ଗୋବିନ୍ଦ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଝାରବନ୍ଧ ଓ ପାଇକମାଲ ବ୍ଲକରୁ ୨ଜଣ ଲେଖାଏଁ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲ।

### ବିପର୍ଯ୍ୟୟ ପରିଚାଳନା ଯୋଜନା ବୈଠକ

ଅମରପାଲି,୨୪।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ପଞ୍ଚାୟତ ସଭାଗୃହରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହାୟତାରେ ଗ୍ରାମସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗ୍ରାମର ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ୱାର୍ଡସଭ୍ୟ, ଏମବିକେ, ଗ୍ରାମ ସମ୍ପଲ କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗଦେଇଥିଲେ। ବୈଠକରେ ବିପର୍ଯ୍ୟୟ ସମ୍ପର୍କିତ ଆଲୋଚନା କରାଯାଇଥିଲା। ଏହି ଅବସରରେ ସର୍ବସମ୍ମତିକ୍ରମେ ଏକ ଗ୍ରାମ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଶ୍ୱମ୍ବର ସାହୁ, ସୁଦାମ ଗାଇଗରିଆ, ମିତ୍ରଭାନୁ ମଲ୍ଲିକ ଯୋଗଦେଇ ସହଯୋଗ କରିଥିଲେ। ୱାର୍ଡସଭ୍ୟ ଗିରିଧାରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳଚକ୍ର ସାହିତ୍ୟ ସଂସଦର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ବୌଦ୍ଧ,୨୪।୧୧(ଅଜିତ କୁମାର ବାରିକ)

ବୌଦ୍ଧ ସହରର ପାରିଜାତ ପାଲେସଠାରେ ରବିବାର ଦିନ ନୀଳଚକ୍ର ସାହିତ୍ୟ ସଂସଦର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡ.ସଞ୍ଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ପ୍ରଦୀପ କୁମାର ପଣ୍ଡା, ମୁଖ୍ୟବକ୍ତା ଡ. ସଞ୍ଜୟ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଡ. ଅଶୋକ କୁମାର ପଣ୍ଡା ଓ ବିଘ୍ନେଶ୍ୱର ସାହୁ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ସଞ୍ଜୟ କୁମାର ପଣ୍ଡାଙ୍କ ଦ୍ୱାରା ରଚିତ ପ୍ରବନ୍ଧ ପୁସ୍ତକ ସାହତ୍ୟ ମର୍ମ ଓ ମର୍ମାନ୍ତର ଓ ଦେବେନ୍ଦ୍ର ମିଶ୍ରଙ୍କ ଦ୍ୱାରା ରଚିତ କବିତା ସଂକଳନ କବିତା କିରଣ ଲୋକାର୍ପିତ ହୋଇଥିଲା। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସଂପାଦକ ଦିଲିପ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ଉପସଭାପତି ସତ୍ୟ ନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠାନର ଉପଦେଷ୍ଟା ଚିତ୍ତରଞ୍ଜନ ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ କବି ସୁଶାନ୍ତ ଦାସ, ସମ୍ମାନିତ ଅତିଥି ଭାବେ ସମୀକ୍ଷକ ଦୁଃଖିଶ୍ୟାମ ବେହେରା, ଚନ୍ଦ୍ର ମୋହନ ମହାପାତ୍ର, ରବିନ୍ଦ୍ର ବିହାରୀ, ରମେଶ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ କୁମାର ମହାପାତ୍ର, ଇଂ.ବିଜୟ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଶେଷରେ ସନ୍ତୋଷ କୁମାର କର୍ଣ୍ଣ ଧନ୍ୟବାଦ ପ୍ରଦାନ କରିଥିଲେ । ୭୦ ଜଣ କବି କବିତା ପାଠ କରିଥିଲେ ।

### ବିନିକା ଗୋକୁଳାଷ୍ଟମୀ ମହୋତ୍ସବ: ବକାସୁର ବଧ

ବିନିକା,୨୪।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା କଂସାରୀ ପଡାବାସୀ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଗୋକୁଳାଷ୍ଟମୀ ମହୋତ୍ସବରେ ରବିବାର ବକାସୁର ଓ ପ୍ରଲମ୍ବାସୁର ବଧ ନାଟକ ଅଭିନୀତ ହୋଇଥିଲା। ଅନ୍ୟ ପକ୍ଷେ ସାନ୍ଧ୍ୟ ଭ୍ରମଣରେ ମହାରାଜ କଂସ ସୁସଜ୍ଜିତ ଘୋଡା ଗାଡ଼ିରେ ପାତ୍ର ମନ୍ତ୍ରୀଙ୍କୁ ସାଙ୍ଗରେ ନେଇ ସହର ପରିକ୍ରମା କରି ଯୋଗେଶ୍ୱର ମନ୍ଦିର ନିକଟସ୍ଥ ବନ ଦୁର୍ଗା ମଣ୍ଡପ ପଡିଆ ରାଜ ଦରବାର ପହଞ୍ଚି ଥିଲେ। ରାଜ ଦରବାରରେ ରାଜ ଅତିଥିଭାବେ ପୂର୍ବତନ ନାଗରପାଳ ଉସତ କର, ପୂର୍ବତନ ଭାଜପା ଜିଲା ସଭାପତି ବିଜୟ ମହାକୁଡ଼, ଭାଜପା ଜିଲା ଉପ ସଭାପତି ଅଶୋକ ପୃଷ୍ଟି, ଏମ୍‌ପି ପ୍ରତିନିଧି ବାବୁଲୁ ବିଶି ପ୍ରମୁଖ ଯୋଗଦେଇଥିଲେ। ରାଜ ଦରବାରରେ କମିଟି ସଭାପତି ସୀତାରାମ ଦାସ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ ହିମାଂଶୁ ଭୂଷଣ ପଣ୍ଡା, ସସ୍ମିତା ଶତପଥି ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ସଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରାଜ ଦରବାରରେ ୮ ଗୋଟି ସଂସ୍କୃତି ଦଳ ନିଜ କଳା ପ୍ରଦର୍ଶନ କରିଥିଲେ।

## ରାଜ୍ୟସ୍ତରୀୟ ମେହେର ସମ୍ମିଳନୀ ଉଦ୍‌ଘାଟିତ

ବରପାଲି,୨୪।୧୧(ଚିତ୍ତରଞ୍ଜନ ସାହୁ)


ସମ୍ମିଳନୀରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ତଥା ମେହେର(ଭୁଲିଆ) ଜାତିର ରାଜ୍ୟସ୍ତରୀୟ ସମ୍ମିଳନୀକୁ ରବିବାର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ ରାଜ୍ୟ ସଭାପତି ବୈଶମ୍ପାୟନ ମେହେର ଅଧ୍ୟକ୍ଷତା କରିଥିଲେ। ବିଜେପୁର ବିଧାୟକ ସନତ କୁମାର ଗଡତିଆ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ଶୁକମୁନି ମେହେର ଉଦ୍ଦେଶ୍ୟ ଜ୍ଞାପନ, ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମୋହନ ମେହେର ଅତିଥି ପରିଚୟ ପ୍ରଦାନ ଏବଂ ଡାକ୍ତର ସୁବାସ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମେହେର ଶତାବ୍ଦୀ ସୌରଭ ନାମକ ସ୍ମରଣିକାକୁ ଅତିଥିଗଣ ଉନ୍ମୋଚନ କରିଥିଲେ। ମଧ୍ୟାହ୍ନ ଅଧିବେଶନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବି ଓ ଲେଖକମାନଙ୍କ ପୁସ୍ତକ ସବୁକୁ ଉନ୍ମୋଚନ କରାଯାଇଥିଲା। ସନ୍ଧ୍ୟାରେ ବିଶିଷ୍ଟ ବାଗ୍ମୀ କୃଷ୍ଣ କେଶବ ଷଡ଼ଙ୍ଗୀ ମେହେର ସାହିତ୍ୟ ଆଲୋଚନା କରିଥିଲେ। ଏଥିସହ ରୀନା ଦାଶ ଓ ରବୀନ୍ଦ୍ର ପଣ୍ଡା ଗଙ୍ଗାଧର ଗୀତି କାର୍ଯ୍ୟକ୍ରମ ଏବଂ ସୁନ୍ଦରଗଡର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

## ହୋଲି ହାର୍ଟସ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ସରଣ୍ଡା,୨୪।୧୧(ଯୁଧିଷ୍ଠିର ମହାପାତ୍ର)



ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ବରଗଡ଼ ଜିଲା ଅତାବିରା ସ୍ଥିତ ହୋଲି ହାର୍ଟସ ପବ୍ଲିକ ସ୍କୁଲର ଦଶମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପରିଚାଳକ ସମିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଯୁବରାଜ ଖମାରୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ଶିକ୍ଷା ସମ୍ବନ୍ଧରେ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରାଯାଇଥିଲା। ସେହିପରି କୋଶଲ ଅବସରପ୍ରାପ୍ତ ସୈନିକ ସଂଘ ସଦସ୍ୟ ଓ ଜେସିଆଇ ଅତାବିରା ସଭାପତି ନିତୁ ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। ସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ନୃତ୍ୟଗୁରୁ ରାଜେଶ ଭୋଇ ଓ ମିତା ମହାକୁର ସହଯୋଗ କରିଥିଲେ। ସ୍କୁଲର ଅଧ୍ୟକ୍ଷ ରବୀନ୍ଦ୍ର ପୂଜାରୀ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ସୀମା ଦେବତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅନୁସୟା ଦାଶ ଓ ସ୍ମୃତି ଦାଶ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଅମ୍ବିକା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ବୀରମହାରାଜପୁର କଲେଜରେ ଏନସିସି ଦିବସ ପାଳିତ

ଅମରପାଲି, ୨୪।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଏନସିସି ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାସୁଦେବ ଛତ୍ରିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏନସିସି ପତାକା ଉତ୍ତୋଳନ କରିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼. ହିମାଂଶୁ ଶେଖର ପାଢ଼ୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏନସିସିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫୨ ଜଣ କ୍ୟାଡେଟ ଅଂଶଗ୍ରହଣ କରିଥିଲେ । ପରେଡ ପରିଚାଳନାରେ ବଳରାମ ମହାକୁଡ଼, କିରଟି କଲତା, ବିକାଶ କୁମାର ଦାଶ, ପ୍ରଭାତ ରଞ୍ଜନ ଖଣ୍ଡଗିରୀ, କୈଳାଶ ସୁନା ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମ ସମ୍ପାଦନରେ ଚିନ୍ମୟ କୁମାର ପଣ୍ଡା ସହଯୋଗ କରିଥିଲେ।


ଅତିଥିଙ୍କ ସହିତ ଏନସିସି କ୍ୟାଡେଟ।

## ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଡାହାନିପାଲି ଚାମ୍ପିୟନ

ଅମରପାଲି,୨୪।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଉଫୁଲା ଖେଳ ପଡିଆରେ ଚାଲିଥିବା ମା' ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଥିଲା ଫାଇନାଲ ମ୍ୟାଚ। ମୁହାଁମୁହିଁ ହୋଇଥିଲେ ଜାମପାଲି ଓ ଡ଼ାହାନିପାଲି। ଦୁଇଟି ଫର୍ମାଟରେ ମ୍ୟାଚଖେଳା ଯାଇଥିଲା। ପ୍ରଥମ ଫର୍ମାଟରେ ଟସ୍ ଜିଣୀ ଜାମପାଲି ଦଳ ବ୍ୟାଟିଂ ୧୧ ଓଭର ରେ ସମସ୍ତ ଉଇକେଟ ହରାଇ ୪୦ ରନ କରିଥିଲା। ଜବାବରେ ଡାହିନିପାଲି ଦଳ ୩ଓଭରରେ ୨ ଉଇକେଟ ହରାଇ ୪୧ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ଫର୍ମାଟରେ ଜାମପାଲି ଦଳ ୧୦ ଓଭରରେ ୪ଉଇକେଟ ହରାଇ ୧୦୦ରନ କରିଥିଲା। ଜବାବରେ ଡାହାନିପାଲିର ଦଳ ଆବଶ୍ୟକ ୧୦୧ ରନକୁ ୭.୩ ଓଭରରେ ୫ ଉଇକେଟ ହରାଇ ହାସଲ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଡାହାନିପାଲି ଦଳ ଚାମ୍ପିୟନ ହୋଇଥିଲା। ଗୁପ୍ତେଶ୍ୱର ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ହିଲୁଙ୍ଗ ସମିତିସଭ୍ୟ ଶୈଳ ରଞ୍ଜନ ବାଦୀ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ପୂର୍ବ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ରୁଦ୍ରନାରାୟଣ ମହାକୁର, ପର୍ଶୁରାମ ଦେହେରୀ, ସନାତନ ବିଶ୍ୱାଳ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଡ଼ାହାନିପାଲି ଦଳକୁ ନଗଦ ୧୫ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର ଅପ ଜାମପାଲି ଦଳକୁ ନଗଦ ୯ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚରେ ପ୍ରେମାନନ୍ଦ ପାଢ଼ୀ ଓ ଗୋବର୍ଦ୍ଧନ ଗୁଡୁରିଆ ଅମ୍ପେୟାରଭାବେ ଖେଳ ପରିଚାଳନା କରିଥିଲେ।


ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ୨ ମନ୍ଦିରରୁ ଚୋରି, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଗୋଲାମୁଣ୍ଡା/କେଗାଁ, ୨୪।୧୧ (ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ମା' ସର୍ବ ମଙ୍ଗଳା ଓ ଶିବ ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଭିତରେ ପଶି ମନ୍ଦିର ହୁଣ୍ଡିରୁ ଟଙ୍କା ଓ ଗହଣା ନେଇଥିବା ଜଣାପଡ଼ିଛି। ଏ ନେଇ ଗୋଲାମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ ଜଣାପଡ଼ିଛି। ସୂଚନାନୁସାରେ, ଶନିବାର ବିଳମ୍ବିତ ରାତ୍ରରେ ଗୋଲାମୁଣ୍ଡା ଉପକଣ୍ଠରେ ଥିବା ମା' ସର୍ବମଙ୍ଗଳା ଓ ଶିବ ମନ୍ଦିରର ଦାନ ହୁଣ୍ଡି ଭାଙ୍ଗି କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ସହିତ ମନ୍ଦିର ବହୁ ଅଳଙ୍କାର ଲୁଟି ନେଇଛନ୍ତି। ରବିବାର ସକାଳୁ ମନ୍ଦିର ପୂଜକ ଏହା ଜାଣିବା ପରେ ମନ୍ଦିର କମିଟିକୁ ସୂଚନା ଦେଇଥିଲେ। ଏ ନେଇ ମନ୍ଦିର କମିଟି ପକ୍ଷରୁ ଗୋଲାମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଘଟଣା ଗୁରୁତ୍ୱ ନେଇ ଗୋଲାମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ହୁଣ୍ଡିରେ ଥିବା କେତେ ଟଙ୍କା ଠିକ ଜଣାପଡି ନ ଥିଲେ ମଧ୍ୟ ମା'ଙ୍କ ଅଳଙ୍କାର ଓ ହୁଣ୍ଡିଗୁଡିକରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ସ୍ଥାନୀୟ ବାସିନ୍ଦା ଆକଳନ କରୁଛନ୍ତି। ସ୍ଥାନୀୟ ପୋଲିସ ପାଟ୍ରୋଲିଂ କଡାକଡି କରୁ ନ ଥିବାରୁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

### ଖରିଫ ଋତୁ ଧାନ ବିକ୍ରୟ ପାଇଁ ବୈଠକ

ବୋଡ଼େନ:୨୪।୧୧( ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ କୃଷି ସମବାୟ ସମିତି ତରଫରୁ ଖରିଫ ଋତୁ ଧାନ ବିକ୍ରୟ ପାଇଁ ଚାଷୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ କୃଷି ସମବାୟ ସମିତି ସଭାପତି ବିପିନ ବିହାରୀ ଧାରୁଆଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବତନ ସମିତି ସମ୍ପାଦକ ପ୍ରଜାପତି ବାଗ ମଞ୍ଚ ପରିଚାଳନା କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଭାଜପା ନେତା ଅଭିନ୍ଦ୍ର ଜିତ ସିଂହ ମଲ୍ଲିକ, ଅତିଥିଭାବେ ବିଶିଷ୍ଟ ଚାଷୀ ବିଷ୍ଣୁ ଚରଣ ଦଣ୍ଡସେନା, ସମିତିର ପୂର୍ବତନ ସଭାପତି ଲଛମନ ମାଝି, ରାଜୁ ମାଝୀ ଓ ସମ୍ପାଦକ ପ୍ରଜେଶ କୁମାର ହଂସ ପ୍ରମୁଖ ଉପସ୍ଥିତ ହୋଇ ଚାଷୀମାନଙ୍କୁ ବୁଝାଇଥିଲେ। ଭଲଭାବେ ଧାନକୁ ସଫାସୁତୁରା କରି ମଣ୍ଡିକୁ ଆଣିବା ପାଇଁ ମତାମତ ଦେଇଥିଲେ। କଟ୍‌ନି ଛଟ୍‌ନି ହେବ ନାହିଁ, ତେଣୁ ଏଫ୍‌ଏକ୍ୟୁ ଧାନ ଆଣି କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପାଇପାରିବେ ବୋଲି ସମିତି ସମ୍ପାଦକ ପ୍ରଜେସ କୁମାର ହଂସେ କହିଥିଲେ। ଏଥିରେ ସମିତିର ସଦସ୍ୟ ଓ ବିଭିନ୍ନ ଗ୍ରାମର ଚାଷୀ ଉପସ୍ଥିତ ଥିଲେ।

# ଜଣେ ଶିକ୍ଷୟିତ୍ରୀଙ୍କ ଭରସାରେ ଚାଲିଛି ସ୍କୁଲ

## ବାଲିଛଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
## ୩ ଶ୍ରେଣୀଙ୍କୁ ଏକାଠି ବସାଇ କରୁଛନ୍ତି ଶିକ୍ଷାଦାନ

ଭବାନୀପାଟଣା/ ଜୁନାଗଡ଼,୨୪।୧୧ (ଉତ୍ତମ କୁମାର ଦାଶ/ ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ପିଲିକିଆ ପଞ୍ଚାୟତ ଅନ୍ତର୍ଗତ ବାଲିଛଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଜଣେ ଶିକ୍ଷୟିତ୍ରୀଙ୍କ ଭରସାରେ ବର୍ତ୍ତମାନ ଏହି ସ୍କୁଲ ଚାଲିଛି। ଏଠାରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏଁ ୨୪ଜଣ ଛାତ୍ରୀଛାତ୍ର ରହିଥିବାବେଳେ ସେମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଜଣେ ମାତ୍ର ଶିକ୍ଷୟିତ୍ରୀ ରହିଛନ୍ତି। ଫଳରେ ଗୋଟିଏ କକ୍ଷରେ ୩ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବସାଇ ପାଠ ପଢ଼ାଯାଉଛି। ପୂର୍ବରୁ ଏଠାରେ ୨ଜଣ ଶିକ୍ଷକ ରହିଥିଲେ। ତେବେ ଗତ ମେ ୩୦ ତାରିଖରେ ଏଠାକାର ପ୍ରଧାନ ଶିକ୍ଷକ ଥିବା ବୈବସ୍ୱତ ରାଉତ ଅବସର ନେବା ପରଠୁ ଏଠାରେ ଶିକ୍ଷକ ଅଭାବ ଦେଖାଦେଇଛି। ସ୍କୁଲରେ ଜଣେ ମାତ୍ର ଶିକ୍ଷୟିତ୍ରୀ ଥିବାରୁ ଛାତ୍ରୀଛାତ୍ର ପାଠ ପଢ଼ାରେ ଅସୁବିଧା ହେଉଥିବା ମନେ କରି ଗତ କିଛି ଦିନ ତଳେ ଗ୍ରାମବାସୀ ଜୁନାଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ମଧ୍ୟ କୌଣସି ସମାଧାନ ହୋଇପାରିନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଏବେ ଚିନ୍ତାରେ ରହିଛନ୍ତି ଅଭିଭାବକ, ଗ୍ରାମବାସୀ। ଏ ନେଇ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କୁ ପଚାରିବାରୁ ଶୀଘ୍ରଉକ୍ତ ସ୍କୁଲ୍‌ରେ ୨ଜଣ ଡେପ୍ଲୋମେଣ୍ଟ ଶିକ୍ଷକ ଦିଆଯିବ ବୋଲି କହିଥିଲେ।


୩ ଶ୍ରେଣୀଙ୍କୁ ଏକାଠି ବସାଇ ଚାଲିଛି ଶିକ୍ଷାଦାନ।


ସର୍ବମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟଠାରେ ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର।

# ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିବିର ଉଦ୍‌ଘାଟିତ

## ମାନବୀୟ ସେବା କ୍ଷେତ୍ରରେ ରେଡ୍‌କ୍ରସ୍‌ର ଭୂମିକା ଅତୁଳନୀୟ

ଗୋଲାମୁଣ୍ଡା/କେଗାଁ, ୨୪।୧୧ (ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ସର୍ବ ମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟଠାରେ ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଶରତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତ୍ରିଦିବସୀୟ ଶିବିରରେ ମୁଖ୍ୟଅତିଥି ଭାବେ ଜିଲା ଯୁବ ରେଡ୍‌କ୍ରସ୍ ଆବାହକ ସମ୍ପାଦକ ସଞ୍ଜୀବ କୁମାର ସାହୁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ଓ ଗବେଷକ ସତ୍ୟ ନାରାୟଣ ମୁଣ୍ଡଛିନା ଯୋଗଦେଇ ଶିବିରାର୍ଥୀମାନଙ୍କୁ ଯୁବ ରେଡ୍‌କ୍ରସ୍‌ର ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ଶିବିରର ଉଦ୍ଦେଶ୍ୟ ଓ ନିୟମାବଳୀ ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ପରାମର୍ଶଦାତା ଗୋବିନ୍ଦ ସାହୁ ମଞ୍ଚ ସଂଯୋଜନା କରିଥିଲେ। ଉପାଧ୍ୟକ୍ଷ ନବୀନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ଧର୍ମଗଡ଼ ଉପଖଣ୍ଡର ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ପରାମର୍ଶଦାତା ଓ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ତ୍ରିଦିବସୀୟ ଶିବିରରେ ରେଡ୍‌କ୍ରସ୍‌ର ଇତିହାସ, ବିକାଶ, ଚିହ୍ନ ମୌଳିକ ନୀତି, ରକ୍ତଦାନର ଆବଶ୍ୟକତା ଓ ମହତ୍ତ୍ୱ, ପ୍ରାଥମିକ ଚିକିତ୍ସା, ଜଳବାୟୁ ପରିବର୍ତ୍ତନ, ସାମାଜିକ ପରିବର୍ତ୍ତନରେ ସ୍ୱେଚ୍ଛାସେବୀଙ୍କ ଭୂମିକା, ମହିଳା ସଶକ୍ତିକରଣ, ସଡ଼କ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ଅଗ୍ନି ନିରାପତ୍ତା, ସାଇବର ନିରାପତ୍ତା, ଯୋଗ ଓ ପ୍ରାଣାୟାମ ବିଷୟରେ ପ୍ରଶିକ୍ଷଣ ଦିଆଯିବ ଓ ଶିବିରାର୍ଥୀମାନଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜନ ହେବ। ଶିବିରର ଦ୍ୱିତୀୟ ଦିବସରେ ଏକ ରକ୍ତଦାନ ଶିବିର ଆୟୋଜନ ହେବା ପାଇଁ ସ୍ଥିର କରାଯାଇଛି। ଶିବିରରର ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ସହଯୋଗ କରୁଥିବା ଜଣାଯାଇଛି।

### ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା

ଲାଠୋର,୨୪।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରବିବାର ଗ୍ରାମବାସୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼.କୁବେର ମହନ୍ତଙ୍କ ସହ ଲାଠୋର ପରିଦର୍ଶନ କାଳରେ ଆଲୋଚନା କରିଛନ୍ତି। ଏହି ଅବସରରେ ଡ. ମହନ୍ତ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ରବିବାର ବଲାଙ୍ଗୀର ସିଡ଼ିଏମଓ କୌଣସି ସରକାରୀ କାମରେ ଲାଠୋର ଆସିଥିଲେ। ତାଙ୍କ ସହ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ଇନଚାର୍ଜ ଡ଼.ସୂରଜ କୁମାର ଦୀପ ମଧ୍ୟ ଥିଲେ। ଖବର ପାଇ ଗ୍ରାମବାସୀ ତାଙ୍କୁ ଲାଠୋର ସ୍ୱାସ୍ଥ୍ୟକେନ୍ଦ୍ରରେ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଏଠିକାର ଅଧିବାସୀଙ୍କୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା, ଆବଶ୍ୟକ ମୁତାବକ କର୍ମଚାରୀ ନିଯୁକ୍ତି ଦେବା, ସ୍ୱାସ୍ଥ୍ୟକେନ୍ଦ୍ରରେ ଷ୍ଟାଫ ନର୍ସ ନିଯୁକ୍ତି ଦେବା, ସାପ ଏବଂ କୁକୁର କାମୁଡ଼ା ଇଞ୍ଜେକସନ ମହଜୁଦ ରଖିବା ଓ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦେବା ଆଦି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଦୁର୍ଗାଚରଣ ବେହେରା, ପୂର୍ବତନ ସରପଞ୍ଚ ପ୍ରବୀଣ ଅଗ୍ରୱାଲ, କାଶୀନାଥ ମେହେର, ସଦାନନ୍ଦ ବେହେରା, କପିଳ ସୁନା, ଭୁବନେଶ୍ୱର ବାରିକ, ଶ୍ରବଣ ଅଗ୍ରୱାଲ, ସୁବାଷ ମେହେର, ଅନିରୁଦ୍ଧ ମେହେର, ଜଗଜୀବନ ମେହେର, ପୀତବାସ ମେହେରଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଇଂଲିଶ ଭାଷା ଶିକ୍ଷା ପ୍ରଶିକ୍ଷଣ ତାଲିମ୍ ଉଦ୍‌ଯାପିତ

ଭବାନୀପାଟଣା,୨୪।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ପୋଲିସ୍ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ପାଞ୍ଚ ଦିନିଆ ଇଂଲିଶ ଭାଷା ପ୍ରଶିକ୍ଷଣ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ଭୁବନେଶ୍ୱର ଓ ଅଜିମ୍ ପ୍ରେମଜି ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଚାଲିଥିବା ତାଲିମରେ କଳାହାଣ୍ଡି ଜିଲା ସମେତ ନୂଆପଡ଼ା, ମାଲକାନଗିରି ଓ ନବରଙ୍ଗପୁର ଜିଲାର ୪୯ଜଣ ଶିକ୍ଷୟିତ୍ରୀଶିକ୍ଷକ ତାଲିମ ନେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଦିବସରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ପୋଲିସ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପଟ୍ଟନାୟକ ତାଲିମ ନେଉଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ। ବିଶେଷ କରି ଇଂଲିଶ ଭାଷାର କଥନ ଦକ୍ଷତା ବୃଦ୍ଧି ଉପରେ ବିଶେଷ ଦୃଷ୍ଟି ଦିଆଯାଇଥିଲା। ଏଥିରେ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଇଏଲଟିଆଇର ପୂର୍ବତନ ସାଧନ କର୍ମୀ ଝାସକେତନ ପ୍ରଧାନ, ପ୍ରଶିକ୍ଷକ ଭାବେ ଅନିଲ କୁମାର ଜେନା, ଦେବେନ୍ଦ୍ର ସାମନ୍ତରାୟ (ନବରଙ୍ଗପୁର) ଦୀନବନ୍ଧୁ ମାଝି, ଭଗାନ ସାହୁ (ମାଲକାନଗିରି), ଯୋଗେନ୍ଦ୍ର ବେହେରା, ଗୋପାଳ ଭବତୋଷ ଦାସ (ନୂଆପଡ଼ା), ଭୁଜବଳ କେତକୀ, ବୈକୁଣ୍ଠ ନାଏକ (କଳାହାଣ୍ଡି) କାର୍ଯ୍ୟ ସୁଚାରୁ ରୂପେ ତୁଲାଇଥିଲେ। କାର୍ଯ୍ୟକ୍ରମ ଜିଲା ଶିକ୍ଷା ବିଭାଗ ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ଓ ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ପରିଚାଳନା କରିଥିଲେ।


ଉଦ୍‌ଯାପନୀ ସମାରୋହରେ ଅତିଥିଗଣ, ପ୍ରଶିକ୍ଷକ।

# ସଙ୍କୁଳସ୍ତରୀୟ ଶିଶୁ ଭାରତୀ ପଦାଧିକାରୀ କାର୍ଯ୍ୟଶାଳା

ରିଷିଡ଼ା,୨୪।୧୧(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରଠାରେ କେସିଙ୍ଗା ସଙ୍କୁଳସ୍ତରୀୟ ଶିଶୁ ଭାରତୀ ପଦାଧିକାରୀ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ରିଷିଡା ସରପଞ୍ଚ ସେବତୀ ରଣା, ସଙ୍କୁଳ ପ୍ରମୁଖ ମୋହନ ପଟେଲ, ରିଷିଡା ଶିଶୁମନ୍ଦିର ସଭାପତି ନେମିଚାନ୍ଦ ଜୈନ ଅତିଥି ଭାବେ ଯୋଗଦେଇଥିଲେ। ସଙ୍କୁଳ ସଂଯୋଜକ ପ୍ରବୀଣ କୁମାର ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ରିଷିଡା ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରିଷିଡା ଶିଶୁ ମନ୍ଦିର ସମ୍ପାଦକ ହୃଷିକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଆଳତି କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ପ୍ରଥମ ସମ୍ପାଦକ ସୁରେଶ ଚନ୍ଦ୍ର ଜୈନ, ପ୍ରଥମ ପରିଚାଳନା କମିଟି ସଦସ୍ୟ ନରୋତ୍ତମ ସେଲମା, ବିଶିଷ୍ଟ ଯୁବ ଉଦ୍ୟୋଗପତି ସୁନୀଲ କୁମାର କେଡିଆ, ପରିଚାଳନା ସମିତି ଉପସଭାପତି ବିଜୟ ପୁରୋହିତ, ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ ପାତ୍ର ଅତିଥି ଭାବେ ଯୋଗଦେଇ ଥିବାବେଳେ ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହା ପରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ୩୫ କେଜି ଗଞ୍ଜେଇ ଜବତ, ୩ ଗିରଫ

ଦେଓଗାଁ,୨୪।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଡାକବଙ୍ଗଳା ନିକଟ ତୁଷୁରାଛକଠାରେ ରବିବାର ପୋଲିସ ଚଢାଉ କରି ୩୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ତୁମୁଡିବନ୍ଧ ଥାନା ଅନ୍ତର୍ଗତ କରୁଡୁପା ଗାଁର ରଶ୍ମିରଞ୍ଜନ ଦିଗାଲ(୨୬), ଏମ.ରାମପୁର ଥାନା କୁଟେଡପଟା ଗାଁର ଲେଙ୍କା ନାଏକ (୩୨) ଓ ପଶ୍ଚିମବଙ୍ଗ କାଳିନଗରର ମାଣିକ ସେଠ ଓରଫ ହସନୁ ରଜମାନ ମଣ୍ଡଳ (୨୮)ଙ୍କୁ ଗିରଫ କରାଯାଇଛି। ଚାଲାଣରେ ବ୍ୟବହୃତ ଆର୍ଟିଗା ଗାଡି, ୩ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି।

# ଦେଶ ସେବା ମନୋଭାବ ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

## ନାଭଲ ଏନ୍‌ସିସି ଦିବସ ପାଳିତ

କୋକସରା,୨୪।୧୧ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା ଜବାହର ଉଚ୍ଚ ବିଦ୍ୟାଳୟଠାରେ ରବିବାର ନାଭଲ ଏନ୍‌ସିସି ଦିବସ ବିଦ୍ୟାଳୟର ନୋଡାଲ ନାଭଲ ପ୍ରଶିକ୍ଷକ ତଥା କ୍ରୀଡା ଶିକ୍ଷକ ଅମିତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନାଭଲ ଏନ୍‌ସିସି ଦିବସର କ୍ରୀଡା ପତକା ଉତ୍ତୋଳନ କରାଯାଇଥିଲା। କାର୍ଯ୍ୟକ୍ରମର ସଭାପତି ଭାବେ ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାଝିଗୁଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଦାସ ଯୋଗଦେଇ ଏନସିସି ଛାତ୍ରଛାତ୍ରୀଙ୍କୁ ଦେଶସେବା ପାଇଁ ଏନସିସିରେ ଯୋଗଦେଇ ଅଞ୍ଚଳ ପାଇଁ ଟେକ ରଖିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଜମରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝି, ମୁଖ୍ୟବକ୍ତା ଭାବେ ଶିକ୍ଷକ ସାମନ୍ତ ପାଟ୍ଟଯୋଷୀ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଏନ୍‌ସିସି କାର୍ଯ୍ୟପ୍ରଣାଳୀ ଉପରେ ମାର୍ଗ ଦର୍ଶନ କରିଥିଲେ। ଅତିଥି ପରିଚୟ ଓ ମଞ୍ଚ ପରିଚାଳନାରେ ଶିକ୍ଷକ ହେମନ୍ତ କୁମାର ମାଝି ସହଯୋଗ କରିଥିବା ବେଳେ ଶିକ୍ଷକ ତୁଳସିରାମ ଚଳାନ, ଟଙ୍କଧର ଶବର, ଶିକ୍ଷୟିତ୍ରୀ ବନିତା ରାଣି ଦତ୍ତ, ରଶ୍ମିତା ନିଆଳ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୀମାରାଣୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଏନ୍‌ସିସି ଦିବସରେ କ୍ରୀଡ଼ା ପତାକା ଉତ୍ତୋଳନ କରାଯାଉଛି।

# ଖରିଆର ରୋଡ୍ ମହୋତ୍ସବ ଉଦ୍‌ଘାଟିତ


ଉପସ୍ଥିତ ଅତିଥି ଓ କମିଟି ସଦସ୍ୟ।

ନୂଆପଡ଼ା,୨୪।୧୧(ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆର ରୋଡ୍ ସହରରେ ଚାମ୍ବର ଅଫ କମର୍ସ ତରଫରୁ ପ୍ରଥମ ଖରିଆର ରୋଡ୍ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅପରାହ୍ନରେ ଖରିଆରରୋଡ୍‌ସ୍ଥିତ ରାମ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ବିଭିନ୍ନ ସଙ୍ଗଠନ ତଥା ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସନ୍ଧ୍ୟାରେ ଶୋଭାଯାତ୍ରା ମହୋତ୍ସବ ସ୍ଥଳରେ ପହଞ୍ଚିବା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଖରିଆରରୋଡ୍ ଚାମ୍ବର ଅଫ କମର୍ସ ତଥା ମହୋତ୍ସବ କମିଟି ସଭାପତି ସନ୍ଦୀପ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ମୁଖ୍ୟଅତିଥି, ସ୍ୱତନ୍ତ୍ର ଅତିଥିଭାବେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ସମ୍ମାନିତ ଅତିଥି ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ, ଏସ୍‌ପି ଜିଆର ରାଘବେନ୍ଦ୍ର, କଳାହାଣ୍ଡି ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ଅର୍କକେଶରୀ ଦେଓ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ନୂଆପଡ଼ା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ଖରିଆଳରୋଡ୍ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ଉପାଧ୍ୟକ୍ଷ ନିଶାନ୍ତ ଡାଗା, ଆଇନଜୀବୀ ଧନୀରାମ ସାହୁ, ଟିଏଏସି ସଭାପତି ରାଜେଶ ନିଗମ, ସାମାଜିକ କର୍ମୀ ମହେନ୍ଦ୍ର ସିଂ ତଲୁଜା, ସାହିତ୍ୟିକ ପ୍ରମିଳା ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଖରିଆରରୋଡ୍ ସହର ଛତିଶଗଡ଼ ସୀମାନ୍ତରେ ରହିଛି। ଫଳରେ ଅଞ୍ଚଳରେ ଦିନକୁ ଦିନ ଓଡ଼ିଆ ଭାଷା ଲୋପ ପାଇବାରେ ଲାଗିଛି। ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାକୁ ଖରିଆରରୋଡ୍ ଚାମ୍ବର ଅଫ କମର୍ସ କର୍ମକର୍ତ୍ତା ପ୍ରଥମ କରି ଏହି ମହୋତ୍ସବ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଓଡ଼ିଆ ଭାଷାର ସୁରକ୍ଷା ଓ ସଂସ୍କୃତିକୁ ଉଜ୍ଜୀବିତ କରାଯାଇପାରିବ ବୋଲି ଅତିଥିମାନେ କହିଥିଲେ। ମହୋତ୍ସବରେ ଆସାମର ବିହୁ, କୋଲକାତାର ଲୋକନୃତ୍ୟ, ମଧ୍ୟପ୍ରଦେଶର ନୋରଟା, ଛତିଶଗଡ଼ର ପନ୍ଥୀ, ଜଟଣୀର ଓଡ଼ିଶୀ ଓ ସମ୍ବଲପୁରର ସମ୍ବଲପୁରୀ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଏହି ମହୋତ୍ସବ ପରିଚାଳନାରେ ଆୟୋଜକ ସମ୍ପାଦକ ପ୍ରେମ ସାହୁ, ଉପସଭାପତି ଅଭିଷେକ ମଲାନୀ, ନିରଜ ପାଣ୍ଡେ, କୋଷାଧ୍ୟକ୍ଷ ଦୀପକ ଜୈନ, ସହସମ୍ପାଦକ ବିକି ସଂସ୍କୃତା, ମୁକେଶ ଜୈନ, ସାଂସ୍କୃତିକ ସମ୍ପାଦିକା ମିତା ମିଶ୍ର, ସଂଯୋଜକ ଲଳିତ ଅଗ୍ରୱାଲ, ସୁନୀଲ କୁମାର ସୋନୀ, ମୁକେଶ ଭସାଣୀ, ଅରବିନ୍ଦ ଜୈନ, ନିତେଶ ଲଖମନିଆ, ବିଜୟ ଗୁପ୍ତା, ପଙ୍କ ମାରାଡ଼ିଆ ପ୍ରମୁଖ ସହଯୋଗ କରୁଛନ୍ତି।

## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ଯୁବକ ମୃତ

ଲହୁଣୀପଡା,୨୪।୧୧(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଛିଡ଼ାକୁଦର ଗ୍ରାମର ଜଣେ ଯୁବକଙ୍କ ଶନିବାର ସନ୍ଧ୍ୟାରେ ବାଇକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଭୋଳା ହାଂସଦା (୨୭)। ଏନେଇ କେ. ବଲାଙ୍ଗ ପୋଲିସ ମୃତଦେହ ଜବତ କରି ମର୍ଗ ହାଉସରେ ରଖିବା ସହ ଏକ ମାମଲା ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ସୂଚନାରୁ ପ୍ରକାଶ, ଶନିବାର ସନ୍ଧ୍ୟାରେ ଭୋଳା ବାଇକ ଯୋଗେ ଲମସି ପଟେ ଯାଉଥିବା ବେଳେ ୫୨୦ ନଂ ଜାତୀୟ ରାଜପଥର ଗୋପନା ନିକଟରେ ଭାରସାମ୍ୟ ହରାଇ ବାଇକରୁ ଖସିପଡି ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ଲହୁଣିପଡା ଏବଂ ପରେ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଚୋରି ସାମଗ୍ରୀ ଜବତ: ୪ କୋର୍ଟ ଚାଲାଣ

କୁଆଁରମୁଣ୍ଡା,୨୪।୧୧(ମହେନ୍ଦ୍ର କୁମାର ସାହୁ)

ବୀରମିତ୍ରପୁର ପୌରପାଳିକା ପରିସରରେ ଢଳେଇ ପାଇଁ ବ୍ୟବହାର ହେବାକୁ ଥିବା ୨୨ ଖଣ୍ଡ ଲୁହାଛଡ, ଲୁହା କଟର ମେଶିନ ଓ ଏକ ସ୍କୁଟି(ଓଡି ୧୪ଏନ ୮୭୮୧) ଶନିବାର ଚୋରି ହୋଇଥିବା ନେଇ ପୌରପାଳିକା ପକ୍ଷରୁ ଥାନାରେ ଶନିବାର ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ତୁରନ୍ତ ଘଟଣାର ଅନୁସନ୍ଧାନ କରି ବୀରମିତ୍ରପୁର ଥାନା ଅଧିକାରିଣୀ ବନ୍ଦନା ପାତ୍ର ଉକ୍ତ ଚୋରି ସାମଗ୍ରୀଗୁଡ଼ିକୁ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛନ୍ତି। କୋର୍ଟ ଚାଲାଣ ହୋଇଥିବା ଯୁବକମାନେ ହେଲେ ମୁଣ୍ଡାରୀ ବଙ୍ଗଳା ଅନ୍ତର୍ଗତ ବିଜୟ ଟପ୍ପୋ,ଦେବାନନ୍ଦ ବରୁଆ,ସୁବୋଧ ଲୁଗୁନ ଓ ବସନ୍ତ ସୁରିନ।

### ବଡ଼ଗାଁ ଅରବିନ୍ଦ ଆଶ୍ରମରେ ସିଦ୍ଧି ଦିବସ

ବଡ଼ଗାଁ,୨୪।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଶ୍ରୀମା ଶ୍ରୀ ଅରବିନ୍ଦ ମନ୍ଦିରରେ ରବିବାର ସିଦ୍ଧି ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁରର ମାନସ ହୋତା, ସୁନିଲ ରାୟ, ସୁକାନ୍ତି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶ୍ରଦ୍ଧାଳୁ ଅନିତା ସେଠ, ମାମି ମିଶ୍ର, ସୁଷମା ପାଣିଗ୍ରାହୀ, ଦିଲୀପ ବଡ଼େଇ, ଛବିଳ ସେଠ, ହେମନ୍ତ ପଣ୍ଡା, ପଦ୍ମଲୋଚନ ପାଣିଗ୍ରାହୀ, ବିଜୟ ପରମାଣିକ, ସୁରଥ ପାଣିଗ୍ରାହୀ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଗ୍ରାମବାସୀମାନେ ଅଂଶଗ୍ରହଣ କରିଥିଲେ।

### ଚିତ୍ରକଳା ପ୍ରତିଯୋଗିତା

ରାଉରକେଲା,୨୪।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଛେଣ୍ଡ ସ୍ଥିତ କନକମଞ୍ଜରୀ ସ୍କୁଲ ପରିସରରେ ଅଭିଳାଷ ନାୟକ ସ୍ମୃତି ଚିତ୍ରକଳା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। କଳାକେନ୍ଦ୍ର ସ୍କୁଲ ଅଫ୍ ଫାଇନ ଆର୍ଟ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ବିଦ୍ୟାଳୟରୁ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବରିଷ୍ଠ ଚିତ୍ରଶିଳ୍ପୀ ଦେବେନ୍ଦ୍ର ରଣା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ।

# ଚିହ୍ନଟ ହିତାଧିକାରୀଙ୍କୁ ମିଳୁନି ଜାଗା

ରାଉରକେଲା,୨୪।୧୧(ଦିନେଶ ମିଶ୍ର)


ପାୱାର ହାଉସ୍ ରୋଡ୍‌ସ୍ଥିତ ପାର୍କିଂ ବସ୍ତି।

**ରାଉରକେଲା ମହାନଗର ନିଗମ**

ସହରାଞ୍ଚଳରେ ଗଢି ଉଠିଥିବା ବସ୍ତିଗୁଡିକର ଉନ୍ନତୀକରଣ ପାଇଁ ସରକାରଙ୍କ ଜାଗା ମିଶନ ଯୋଜନାରେ ବସ୍ତିବାସିନ୍ଦାଙ୍କୁ ଚିହ୍ନଟ କରି ଜାଗା ଯୋଗାଇ ଦିଆଯାଉଛି। ଏହି କ୍ରମରେ ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ପକ୍ଷରୁ ସର୍ଭେ କରି ୧୦୨ ବସ୍ତିର ୭୦୨୧ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ତେବେ ହିତାଧିକାରୀ ଚିହ୍ନଟ ସତ୍ତ୍ୱେ ସେମାନଙ୍କୁ ଏଯାଏ ଜାଗା ମିଳିପାରିନାହିଁ। ଫଳରେ ସେମାନେ ଚାଳଛପର ଛାଟିମାଟି କୁଡିଆରେ ଦିନ କାଟୁଛନ୍ତି।

ସହରାଞ୍ଚଳର ବସ୍ତିବାସୀଙ୍କୁ ଥଇଥାନ କରିବା ପାଇଁ ରାଜ୍ୟ ସରକାର ୨୦୧୮ରେ ଜାଗା ମିଶନ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜାନରେ ବସ୍ତି ଅଞ୍ଚଳରେ ସର୍ଭେ କରି ସେଠାକାର ବାସିନ୍ଦାଙ୍କ ତଥ୍ୟ ସଂଗ୍ରହ କରାଯାଇଥିଲା। ଏହି ଯୋଜନା ନିୟମ ଅନୁଯାୟୀ ଯେଉଁ ବ୍ୟକ୍ତିଙ୍କର ରାଜ୍ୟର କୌଣସି ସ୍ଥାନରେ ଜାଗା ରହିଥିବ ସେମାନେ ଏହି ଯୋଜନାରୁ ବାଦ୍ ପଡିବେ ବୋଲି ସୂଚିତ କରାଯାଇଥିଲା । ଆରଏମ୍‌ସି ଅଧୀନରେ ରାଉରକେଲାରେ ମୋଟ ୧୫୦ରୁ ଊର୍ଦ୍ଧ୍ୱ ବସ୍ତି ରହିଛି। ଚଳିତ ବର୍ଷ ନିର୍ବାଚନ ପୂର୍ବରୁ ଜାଗା ମିଶନରେ ଚିହ୍ନଟ ହୋଇଥିବା କିଛି ହିତାଧିକାରୀଙ୍କୁ ପଟ୍ଟା ମିଳିଥିବାବେଳେ ଅଧିକାଂଶ ହିତାଧିକାରୀ ଆଜିଯାଏଁ ଏହି ଯୋଜନାର ଲାଭ ପାଇ ନ ଥିବା ଅଭିଯୋଗ ହୋଇଛି। ଚିହ୍ନଟ ହିତାଧିକାରୀଙ୍କୁ ୪୫ ସ୍କୋୟାର ଫୁଟ୍ ମିଟର ଜାଗା ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା। ରାସନକାର୍ଡଧାରୀଙ୍କୁ ଏହି ଜାଗା ସମ୍ପୂର୍ଣ୍ଣ ନିଃଶୁଳ୍କ ମିଳିବ ଓ ରାସନକାର୍ଡ ନ ଥିବା ଲୋକଙ୍କୁ ଜାଗା ବାବଦ କିଛି ଅର୍ଥ ଦେବାକୁ ପଡିବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ଆର୍‌ଏମ୍‌ସି ଅଧୀନରେ ଏହି ଯୋଜନାରେ ଚିହ୍ନଟ ହୋଇଥିବା ୭୦୨୧ ହିତାଧିକାରୀଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଆଜିଯାଏଁ ଜାଗା ମିଳି ନ ଥିବା ଜଣାପଡିଛି।

ସହରରେ ବର୍ତ୍ତମାନ ୩ୟ ରେଳ ଲାଇନ କାର୍ଯ୍ୟ ଜାରି ରହିଥିବାରୁ ବନ୍ଦମୁଣ୍ଡା, କୁମ୍ଭାରପଡା ଓ ମାଲଗୋଦାମ ବସ୍ତି ଭଳି ବହୁ ବସ୍ତିବାସୀଙ୍କୁ ରେଲୱେ ବିଭାଗ ଥଇଥାନ ପୂର୍ବରୁ ଉଚ୍ଛେଦ କରି ଦେଇଥିଲା। ମାତ୍ର ଏହି ବସ୍ତିରେ ବାସ କରୁଥିବା ଲୋକେ ଜାଗା ମିଶନରେ ଚିହ୍ନଟ ହୋଇଥିଲେ ମଧ କୌଣସି ସ୍ଥାନରେ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ପାଇଲେ ନାହିଁ। ଫଳରେ ଜାଗା ମିଶନ ଯୋଜନାରେ ଚିହ୍ନଟ ହୋଇଥିଲେ ମଧ୍ୟ ବହୁ ବସ୍ତିବାସୀ ଜାଗା ପାଇବାରୁ ବଞ୍ଚିତ ରହିଛନ୍ତି । ଯାହାକୁ ନେଇ ହିତାଧିକାରୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଜାଗା ମିଶନ ଯୋଜନାରେ ବର୍ଷେ ତଳେ ଚିହ୍ନଟ ହୋଇଥିବା ଗାଡାଟୋଲା ବସ୍ତିର ହିତାଧିକାରୀ ମାଙ୍ଗରି ଓରାମ କହିଛନ୍ତି, ଏହି ଯୋଜନାରେ ପଟ୍ଟା ପାଇବାର ବର୍ଷେ ପରେ ବି ମୋ ପାଖରେ ଖାଲି ପଟ୍ଟା ଖଣ୍ଡିକ ପଡିଛି। ଏଯାଏ ମୋତେ ଜାଗା ମିଳିନାହିଁ। କେଉଁଠି ଘର ତିଆରି କରିବି, ଆର୍ଥିକ ସହାୟତା କିଭଳି ମିଳିବ ତାକୁ ନେଇ ଚିନ୍ତାରେ ପଡିଛି। ଏହି ଯୋଜନାରେ କୌଣସି ତଥ୍ୟ ଆମକୁ ମିଳୁନାହିଁ। ଫଳରେ ଆମେ ବାସହୀନ ଗରିବ ଲୋକ ହଇରାଣ ହେଉଛୁ ବୋଲି ଓରାମ କହିଥିଲେ। ଏଭଳି ବହୁ ଉଦାହରଣ ରହିଛି ଯେଉଁମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ ଜାଗା ପାଇପାରିନାହାନ୍ତି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଜାଗା ମିଶନ ଯୋଜନାରେ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ବହୁ ହିତାଧିକାରୀ ତାଙ୍କର କିସ୍ତି ପୈଠ କରି ନ ଥିବାବେଳେ ଆଉ କିଛି ପଟ୍ଟାଧାରୀଙ୍କୁ ଆବାସ ଘର ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ମିଳିପାରିନାହିଁ। ତଥାପି ଆରଏମ୍‌ସି ପକ୍ଷରୁ ଯେଉଁ ହିତାଧିକାରୀଙ୍କୁ ଏହି ଯୋଜନା ବିଷୟରେ କିଛି ସୂଚନା ଆବଶ୍ୟକ ପଡେ ସେମାନଙ୍କୁ ଆମ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ନାୟକ କହିଥିଲେ।

## ବିଜ୍ଞାନ ମେଳାରେ ୭୪ ପ୍ରକଳ୍ପ ପ୍ରଦର୍ଶିତ


ମେଳାରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଉଛି।

ରାଉରକେଲା,୨୪।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ରାଜସ୍ଥାନ ପରିଷଦ ଓ ମାରବାଡି ଯୁବା ମଞ୍ଚ ତରଫରୁ ରବିବାର ଅମର ଭବନଠାରେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ରାଉରକେଲା ସହରର ୧୪ ସ୍କୁଲର ୬ଷ୍ଠରୁ ୮ମ ଶ୍ରେଣୀ ଯାଏ ଜୁନିୟର ବର୍ଗ ଏବଂ ୯ମରୁ ଦ୍ୱାଦଶ ଶ୍ରେଣୀ ସିନିୟର ବର୍ଗର ୧୬୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମେଳାରେ ସମୁଦାୟ ୭୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ରାଜସ୍ଥାନ ପରିଷଦ ଅଧକ୍ଷ ସନ୍ତୋଷ ଅଗ୍ରୱାଲ, ଉପାଧକ୍ଷ ତଥା କାର୍ଯ୍ୟକ୍ରମ କନ୍‌ଭେନର ବରୁଣ ସୋମାନି, ରବି ବାଗଡିଆ, ଗୌରବ ଅଗ୍ରୱାଲ, ମନୀଷ ଟୋଡି ଓ ବିନୟ ଶର୍ମା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଚାରକ ଭାବେ ଆର୍‌ଏସ୍‌ପି ଏଜିଏମ୍ ସମ୍ପଦ ମିଶ୍ର, ଜିଏମ୍ ଅନୁବିନ୍ଦୁ ମହାନ୍ତି, ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ସହକାରୀ ପ୍ରଫେସର ଅଜିତ ବେହେରା ଏବଂ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପଙ୍କଜ କୁମାର ପ୍ରମୁଖ ଯୋଗଦେଇ ବିଜ୍ଞାନ ପ୍ରକଳ୍ପ ଗୁଡିକର ସମୀକ୍ଷା କରିଥିଲେ। ଏଥିରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଓ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ବିଜ୍ଞାନ ମେଳାରେ ଶ୍ରେଷ୍ଠ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା।

# ସ୍କାନର ଅଚଳ, ସୁରକ୍ଷା ନେଇ ପ୍ରଶ୍ନ

ରାଉରକେଲା,୨୪।୧୧(ବିପ୍ଳବ ରଞ୍ଜନ ଦାଶ)


ସ୍କାନର ପାଖରେ ସୁରକ୍ଷା କର୍ମୀ ନାହାନ୍ତି।


ଅଚଳ ସ୍କାନରକୁ ପାଲ ଢାଙ୍କି ରଖାଯାଇଛି।

**ରାଉରକେଲା ରେଲୱେ ଷ୍ଟେଶନ**

ରେଳଯାତ୍ରୀମାନଙ୍କ ସୁରକ୍ଷା ପାଇଁ ରେଲୱେ ଷ୍ଟେଶନମାନଙ୍କରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରାଯାଉଛି। ମାତ୍ର ଅଧିକାଂଶ କ୍ଷେତ୍ରରେ ଏହା ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏଭଳି ରାଉରକେଲା ରେଲୱେ ଷ୍ଟେଶନରେ ଦେଖିବାକୁ ମିଳିଛି। ଉକ୍ତ ଷ୍ଟେଶନରେ ଯାତ୍ରୀମାନଙ୍କ ସାମାନ ତନଖି ପାଇଁ ଦୁଇଟି ଲଗେଜ ସ୍କାନର ରହିଛି। ଗୋଟିଏ ବହୁ ଲଗେଜ କ୍ଷମତା ବିଶିଷ୍ଟ ସ୍କାନର ଥିବାବେଳେ ଅନ୍ୟଟି ଅଳ୍ପ ଲଗେଜ କ୍ଷମତା ବିଶିଷ୍ଟ ସ୍କାନର ରହିଛି। ମାତ୍ର ଦୀର୍ଘମାସ ହେଲାଣି ବହୁ ଲଗେଜ କ୍ଷମତା ବିଶିଷ୍ଟ ସ୍କାନରଟି ଅଚଳ ହୋଇଯାଇଥିବାରୁ ତାକୁ ପାଲ ଢାଙ୍କି ରଖି ଦିଆଯାଇଛି। ବହୁ ଲଗେଜ ବିଶିଷ୍ଟ ସ୍କାନର ଜର୍ମାନୀ ମେଡ୍ ହୋଇଥିବା ବେଳେ ତାର ଆବଶ୍ୟକ ସରଞ୍ଜାମ ମିଳୁ ନ ଥିବାରୁ ମରାମତି ହୋଇ ପାରୁ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ଅଳ୍ପ କ୍ଷମତା ବିଶିଷ୍ଟ ସ୍କାନରରେ ନାମକୁ ମାତ୍ର ଲଗେଜ ତନଖି କରାଯାଉଛି। ସେହିପରି ଅଧିକାଂଶ ସମୟରେ ଲଗେଜ ତନଖି ସ୍ଥଳରେ ସୁରକ୍ଷାକର୍ମୀ ମଧ ରହୁନାହାଁନ୍ତି। ଫଳରେ ରେଳ ଯାତ୍ରୀମାନେ ବେଧଡକ ବିନା ତନଖିରେ ନିଜ ଲଗେଜ ଧରି ଷ୍ଟେଶନ ମଧକୁ ପ୍ରବେଶ କରୁଛନ୍ତି। ଯାତ୍ରୀମାନେ ନିଜ ଲଗେଜରେ କ'ଣ ନେଉଛନ୍ତି ତାର ଯାଞ୍ଚ ମଧ ହୋଇ ପାରୁନାହିଁ। ଫଳରେ ରାଉରକେଲା ରେଲୱେ ଷ୍ଟେଶନରେ ସୁରକ୍ଷା ବ୍ୟବସ୍ଥା ବାଟବଣା ହୋଇଥିବା ଅଭିଯୋଗ ହେଉଛି। ତୁରନ୍ତ ଷ୍ଟେଶନରେ ଲଗେଜ ତନଖି ସ୍କାନର ମରାମତି ଦିଗରେ ପଦକ୍ଷେପ ନେବାକୁ ରେଳଯାତ୍ରୀ ମହଲରେ ଦାବି ହେଉଛି। ଏ ନେଇ ରାଉରକେଲା ଆର୍‌ପିଏଫ୍ ପୋଷ୍ଟ କମାଣ୍ଡର ଏସ୍. ଏଲ୍ ସମୀନାଙ୍କୁ ପଚାରିବାରୁ ସେ ବ୍ୟସ୍ତ ଥିବା କହି ନିରୁତ୍ତର ରହିଥିଲେ।

## ୭୬ତମ ଏନ୍‌ସିସି ପ୍ରତିଷ୍ଠା ଦିବସ

କୁତ୍ରା,୨୪।୧୧ (ଦେବାଶିଷ ସାହୁ)

କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠାନର ଏନସିସି ଆକାଶବାହିନୀ ଶାଖାର ୭୬ତମ ପ୍ରତିଷ୍ଠାଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ଜିଲା ସ୍କାଉଟ କମିଶନର ଡ.ବିଭୀଷଣ ବାରିକ ବିଶେଷ ଅତିଥି ଭାବେ ଯୋଗଦେଇ ଏନସିସି ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍କାଉଟସ ମାଷ୍ଟର ଧୃତିସୁନ୍ଦର ସାହୁ, ସାମାଜିକ କର୍ମୀ ଦିଲିପ ବେହେରା ପ୍ରମୁଖ ମଞ୍ଚାସୀନ ଥିବାବେଳେ ଏନସିସି ଥାର୍ଡ ଅଫିସର ଜସ୍ମିନ ମିଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଫିରୋଜ ନାଗ, ଅଞ୍ଜନା ମାଝୀ, ପ୍ରିୟମବଦା ବନଛୁର, ମେକଲିନ ମିଞ୍ଜ ଏନସିସି ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ପରେ କ୍ୟାଡେଡ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ୭୫ଜଣ ଏନସିସି ଛାତ୍ରୀଛାତ୍ର ଭାଗନେଇଥିଲେ। ସଭାକାର୍ଯ୍ୟକୁ ସୁମିତ ପଟ୍ଟନାୟକ ପରିଚାଳନା କରିଥିଲେ। ଶେଷରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗାଙ୍ଗପୁର ହକି ଆସୋସିଏଶନ ଚାମ୍ପିୟନ


ଅତିଥିଙ୍କ ସହ ଖେଳାଳି।

ଟେନସା,୨୪।୧୧(ସମୀର କୁମାର ପାଢୀ)

**୨୮ତମ ଶହୀଦ ଅମିୟ ଦାସ ସ୍ମାରକୀ ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

କୋଇଡା ବ୍ଲକ ସାନରକ୍ସି ପଞ୍ଚାୟତ କୁଶଲ ତିର୍କୀ ମିନି ଷ୍ଟାଡିୟମଠାରେ ଆୟୋଜିତ ୨୮ତମ ସହିଦ ଅମିୟ ଦାସ ସ୍ମାରକୀ ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୮ ଦିନ ଧରି ଚାଲିଥିବା ଏହି ମ୍ୟାଚରେ ୮୦ଟି ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସେଲ ଅଧୀନ ବରସୁଆଁ ଲୌହଖଣି ମୁଖ୍ୟ ମହାପ୍ରବନ୍ଧକ ହିମାଂଶୁ ମିଶ୍ର, ଅନ୍ୟ ଅତିଥିଭାବେ ଆରଏସପି ପ୍ରବନ୍ଧକ ତିଲକ ପଟ୍ଟନାୟକ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇଏମ ରାଷ୍ଟ୍ରୀୟ ଉପସଭାପତି ବିଷ୍ଣୁ ମହାନ୍ତି, କେପିଏସ ଲଜିଷ୍ଟିକ୍ସ ନିର୍ଦ୍ଦେଶକ ସକିଲ ଆନ୍ସାରି, କୋଇଡା ବ୍ଲକ ଅଧକ୍ଷ ସୁରେଶ କୁମାର ନାଏକ, ସିଆଇଟିୟୁ ସିପିଆଇଏମ ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, ବାଦଲ ବାରିକ, ପଣ୍ଡିତ ମୁଣ୍ଡା ପ୍ରମୁଖ ଯୋଗଦେଇ ସହିଦ ଅମୀୟ ଦାସଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରୋମାଞ୍ଚକର ଫାଇନାଲ ମୁକାବିଲାରେ ୨-୧ ଗୋଲରେ ଦିଲଦାର ହକି ଦଳକୁ ପରାସ୍ତ କରି ଗାଙ୍ଗପୁର ହକି ଆସୋସିଏଶନ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଚାମ୍ପିୟନ ଦଳକୁ ୧ ଲକ୍ଷ ନଗଦ ସହ ଟ୍ରଫି, ରନର୍ସପ ଦଳକୁ ୮୦ ହଜାର ନଗଦ ସହ ଟ୍ରଫି, ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୪୦ ହଜାର ନଗଦ ସହ ଟ୍ରଫି ଓ ଚତୁର୍ଥ ସ୍ଥାନ ଅଧିକାର ଦଳକୁ ୩୦ ହଜାର ନଗଦ ସହ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ଶ୍ରେଷ୍ଠ ସ୍କୋରର, ଗୋଲକିପର, ଡିଫେଣ୍ଡରକୁ ଟ୍ରଫି ଓ ନଗଦ ପ୍ରଦାନ କରାଯାଇଥିଲା। କ୍ଲବ ସଭାପତି ତଥା ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ପାଦକ ଡି.କେ ବଳ, କୋଷାଧକ୍ଷ ଆନନ୍ଦ ମାସିହର, ନେଲସନ ସୁରିନ, ନେଲସନ ଗୁରିଆ, ଲାଦୁ ମହାନ୍ତ, ଗୋପିନାଥ ମହାନ୍ତ ପ୍ରମୁଖ ଦୀର୍ଘ ୨୮ ବର୍ଷ ଧରି ବିଶାଳ ଆୟୋଜନ ସହ ଅଞ୍ଚଳରେ ହକିର ବିକାଶ ପାଇଁ ଚେଷ୍ଟିତ ଥିବାରୁ ଅଞ୍ଚଳବାସୀଙ୍କ ମନରେ ଉଲ୍ଲାସ ଦେଖିବାକୁ ମିଳିଥିଲା। ବିଶେଷ କରି ଶିଶୁମାନଙ୍କ ନୃତ୍ୟ ପ୍ରଦର୍ଶନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆଦିବାସୀ ପୋଷାକ, ନୃତ୍ୟ, ଗିତବାଦ୍ୟରେ ରକ୍ସି ଅଞ୍ଚଳ ଚଳଚଞ୍ଚଳ ଦେଖିବାକୁ ମିଳିଥିଲା। ଟୁର୍ଣ୍ଣାମେଣ୍ଟରେ ବହୁ ଅନ୍ତର୍ଜାତୀୟ ତାରକା ସମେତ ବହୁ ହକି ଲିଗ ଖେଳାଳି ଭାଗ ନେଇଥିଲେ।

# ପୁରୁଷ ହକି: ସମ୍ବଲପୁର ୟୁନିଭର୍ସିଟି ଚାମ୍ପିୟନ

ରାଉରକେଲା,୨୪।୧୧(ଦିନେଶ ମିଶ୍ର)

ପାନପୋଷ ସ୍ପୋର୍ଟସ ହଷ୍ଟେଲ ପରିସରରେ ଆୟୋଜିତ ଇଷ୍ଟଜୋନ୍ ଇଣ୍ଟର ୟୁନିଭର୍ସିଟି ପୁରୁଷ ହକି ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜେପି ହସ୍ପିଟାଲର ଅଧ୍ୟକ୍ଷ ସଞ୍ଜୟ ବଂଶଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍ ସମ୍ବଲପୁର ୟୁନିଭର୍ସିଟି ଓ ଏମ୍‌ଜି କାଶି ବିଦ୍ୟାପୀଠ ବାରଣାସୀ ମଧ୍ୟରେ ହୋଇଥିଲା। ଏଥିରେ ସମ୍ବଲପୁର ୟୁନିଭର୍ସିଟି ୩-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଦ୍ୱିତୀୟ ଦଳ ଭାବେ ଏମ୍‌ଜି କାଶି ବିଦ୍ୟାପୀଠ ଓ ତୃତୀୟ ଦଳ ଭାବେ ଭି.ବି ଏସ୍‌ପି ୟୁନିଭର୍ସିଟି ଜୋନପୁର ସ୍ଥାନ ବଜାଇ ରଖିଥିଲା। ସେହିପରି ୪ର୍ଥ ସ୍ଥାନରେ ଭୁବନେଶ୍ୱର କିଟ୍ ୟୁନିଭର୍ସିଟି ରହିଥିଲା।




# ରାଜଗାଙ୍ଗପୁରରେ ଏନ୍‌ସିସି ଦିବସ ପାଳିତ




ରାଜଗାଙ୍ଗପୁର,୨୪।୧୧(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଜାତୀୟ ଏନସିସି ଦିବସ ବିଭିନ୍ନ ଅନୁଷ୍ଠାନର ଏନସିସି ଛାତ୍ରୀଛାତ୍ରଙ୍କ ଦ୍ୱାରା ପାଳିତ ହୋଇଯାଇଛି। ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀ, ଡାଲମିଆ ମହାବିଦ୍ୟାଳୟ, ରାଷ୍ଟ୍ରୀୟ ବିଦ୍ୟାଳୟ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସ୍ୱାତିମେରୀ ବିଦ୍ୟାଳୟ, ଡାଲମିଆ ବିଦ୍ୟାଳୟ ଓ ନିର୍ମଳା ଇଂରାଜୀ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରାଷ୍ଟ୍ରୀୟ ବିଦ୍ୟାଳୟରେ ଏକତ୍ରିତ ହୋଇ ଏକ ରାଲି ଯୋଗେ ସହର ପରିକ୍ରମଣ କରି ଡାଲମିଆ ବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଡାଲମିଆ ବିଦ୍ୟାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜଗାଙ୍ଗପୁର ପୌରାଧକ୍ଷା ମାଧୁରୀ ଲୁଗୁନ, ସମ୍ମାନିତ ଅତିଥି ଉପନଗରପାଳ ମହମ୍ମଦ ଇରଫାନ, ରାଜଗାଙ୍ଗପୁର ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ ଓ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଏନ୍‌ସିସି ଦିବସରେ ସ୍ୱଚ୍ଛତାର ବାର୍ତ୍ତା

ରାଉରକେଲା,୨୪।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ୭୬ତମ ଏନ୍‌ସିସି ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ କଲେଜର ଏନ୍‌ସିପି ଅଧିକାରୀ କ୍ୟାପଟେନ ମୀନା ଦାସଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କଲେଜ ଅଧକ୍ଷ ପ୍ରଫେସର ଡକ୍ଟର ବିଜୟ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏନ୍‌ସିସି ପତାକା ଉତ୍ତୋଳନ କରିଥିଲେ। ପରେ ରଙ୍ଗାରଙ୍ଗ ନୃତ୍ୟ ସଙ୍ଗୀତ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ କଲେଜର ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ଏଥିସହ ଏକ ସଚେତନତା ଶୋଭାଯାତ୍ରାରେ ସ୍ୱଚ୍ଛତାର ବାର୍ତ୍ତା ପ୍ରଚାର କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧାପିକା ଅଧାପକମାନେ ସହଯୋଗ କରିଥିଲେ।

# ୩ ଦିନିଆ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ



ଲହୁଣୀପଡା,୨୪।୧୧(ଦାଶରଥି ପଣ୍ଡା)

ଲହୁଣୀପଡା ବ୍ଲକ ବଡ଼ ପୁରୁଣାପଣି ପଞ୍ଚାୟତ କପଣ୍ଡ ଫୁଟବଲ ଖେଳ ପଡ଼ିଆଠାରେ ୩ ଦିନ ଧରି ଚାଲିଥିବା ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱାରଶୁଣି ଟାଟା ଦଳକୁ ୧-୦ ଗୋଲରେ ହରାଇ ଏନଜେୱଇଏସ ଲାଇନ ଦଳ ଚମ୍ପିୟାନ ହୋଇଥିଲା। ଏଥିରେ ୧୬ଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲା। ଫାଇନାଲ ମ୍ୟାଚ ଦ୍ୱାରଶୁଣି ଟାଟା ଏବଂ ଏନଜେୱଇଏସ ଲାଇନ ମଧରେ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଜିଲା ବିଜେଡି ଉପସଭାପତି କୁଶ ଆପଟ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି କୋଇଡା (ଖ) ଜିଲା ପରିଷଦ ସଦସ୍ୟ ଇଂ ଅଶୋକ କୁମାର ନାୟକ, ମୁଖ୍ୟବକ୍ତା କୁମାର ଗୌତମ ବାରିକ, ଅତିଥି ବଡ଼ ପୁରୁଣାପଣି ସରପଞ୍ଚ ଟାଙ୍ଗ ଓରାମ, ଓଡିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ ବର୍ଷା ରାଣି ମୁଣ୍ଡା,ରତ୍ନାକର କିଷାନ, ପ୍ରଶାନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। କପଣ୍ଡ ସ୍ପୋର୍ଟସ ଆସୋସିଏଶନର ସଭାପତି ବିକ୍ରମ ପାତ୍ର ଅଧକ୍ଷତା କରିଥିବା ବେଳେ ଆସୋସିଏଶନର ସମ୍ପାଦକ ରାଜେଶ ଦାସ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ବିଜେତା,ଉପବିଜେତା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଲହୁଣୀପଡା ଦଳ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଉମେଶ ବ୍ରଦର ଦଳଙ୍କୁ ଟ୍ରଫି ସହିତ ନଗଦ ରାଶି ପୁରସ୍କୃତ କରିଥିଲେ। ହିରୋ ଅଫ ଦି ଫାଇନାଲ ଏବଂ ମ୍ୟାନ ଅଫ ଦି ମ୍ୟାଚ ଭାବେ ସୁନିଲ ସୋରେନ, ବେଷ୍ଟ ଗୋଲିକିପର ଭାବେ ଲକ୍ଷ୍ମଣ ଓରାମଙ୍କୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଲହୁଣୀପଡା ଓଡିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ବର୍ଷା ରାଣୀ ମୁଣ୍ଡା ଓଏଏସ ପାଇଥିବାରୁ କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶେଷରେ ପଙ୍କଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀରାମ ସୋରେନ, ରାକେଶ କିଶକା,ଆକାଶ ଜାକସନ ରାଉତ,ସୁଚିତ ଟପ୍ପୋ,ସଞ୍ଜୟ ସାମାଡ ଖେଳ ପରିଚାଳନା କରିଥିଲେ। ଭାସ୍ୟକାର ଭାବେ କେନ୍ଦୁଝର ଜିଲାର ଚମ୍ପୁଆ ଅଞ୍ଚଳର ହେମନ୍ତ କୁମାର ମାହାନ୍ତ (ଘନ)ଓ ଅଜିତ ସିଂ ଯୋଗଦେଇ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଅମଳ ପୂର୍ବରୁ ମାଟିରେ ମିଶିଲା ଧାନ ଫସଲ





ଦେବଗଡ଼,୨୪।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ ରେଙ୍ଗାଳବେଡା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ମହାସିନ୍ଧୁ ଗ୍ରାମରେ ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡିଛି। ଦୀର୍ଘଦିନ ହେଲା ଉକ୍ତ ଅଞ୍ଚଳରେ ୧୫ଟି ହାତୀ ଏକ ଦଳ ଉପଦ୍ରବ ଜାରି ରଖିଥିବା ବେଳେ ରବିବାର ଜଙ୍ଗଲ ମଧ୍ୟରୁ ଏକ ଦନ୍ତା ହାତୀ ବାହାରି ଆସି ମହାସିନ୍ଧୁ ଗ୍ରାମର ଚାଷୀ ମକୁନ୍ଦ ଛତ୍ରିଆ, ଭୂପତି ଛତ୍ରିଆ ଓ ତ୍ରିଲୋଚନ ବାଘଙ୍କ

## ମହାସିନ୍ଧୁ ଗାଁରେ ହାତୀ ଉପଦ୍ରବ

ସମେତ ବହୁ ଚାଷୀଙ୍କ ଚାଷ ଜମିରେ ପଶି ବହୁ ପରିମାଣର ଅମଳକ୍ଷମ ପାଚିଲା ଧାନ ଦେବାସହ ମାଡିଦଳି ନଷ୍ଟ କରିଦେଇଛି। ବନ ବିଭାଗ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସହ ମିଶି ଜଙ୍ଗଲ ମଧ୍ୟକୁ ହାତୀ ଘଉଡାଇବାକୁ ଉଦ୍ୟମ କରୁଥିଲେ ମଧ୍ୟ ବିଫଳ ହୋଇଛନ୍ତି। ସେହିପରି ନକଟସ୍ଥ ଜଙ୍ଗଲରେ ଏବେ ମଧ୍ୟ ୧୫ ଟିକିଆ ହାତୀଦଳ ରହିଥିବାରୁ ରାତ୍ରୀରେ ଅମଳ ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ଫଳରେ ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି। ବନ ବିଭାଗ କର୍ତ୍ତୃପକ୍ଷ ଧାନ ଅମଳ ସମୟରେ ହାତୀ ଉପଦ୍ରବ ରୋକିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

# ଆର୍ଥିକ ସଚେତନତା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୪।୧୧(ଆଶିଷ ରଞ୍ଜନ ଦାଶ)

ଜିଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ ଦଲକି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ପ୍ରାକ୍ ସୂଚନା ପ୍ରଦାନ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅଗ୍ରଣୀ ଜିଲା ପ୍ରବନ୍ଧକ ଶିରପାଣି ନାୟକ ଚିଟଫଣ୍ଡ କମ୍ପାନୀରେ ଟଙ୍କା ବିନିଯୋଗ କରିବାର ଅପକାରିତା ବିଷୟରେ ବୁଝାଇଥିଲେ। ଝାରସୁଗୁଡା ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ବସନ୍ତ କୁମାର ପଟେଲ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା ଏବଂ ଅଟଳ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ। ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କର ବରିଷ୍ଠ ଅଧିକାରୀ ହରିଶ ସଜ୍ଜନାପ୍ପୁ ଡିଜିଟାଲ କାରବାର ଓ ତଦ୍‌ଜନିତ ସାଇବର ଅପରାଧ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଦଲକି ପଞ୍ଚାୟତ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ତାଲିମ ଦିଆଯାଉଛି।

## ସଂକ୍ଷେପରେ

### କ୍ରପ୍ କଟିଂ ନିୟମ ପରିବର୍ତ୍ତନ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ବିଧାୟକ

ଝାରସୁଗୁଡ଼ା,୨୪।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲାରେ ଚଳିତବର୍ଷ ସ୍ୱଳ୍ପ ବର୍ଷା ଯୋଗୁ ଖରିଫ ଚାଷ ଭଲ ଭାବେ ହୋଇପାରିନାହିଁ। ଜିଲାର ଅନେକ ସ୍ଥାନରେ ମରୁଡି ପରିସ୍ଥିତି ଦେଖିବାକୁ ମିଳିଛି। ଲଇକେରା, କୋଲାବିରା ବ୍ଲକରେ ଚାଷୀମାନେ ମରୁଡି ଘୋଷଣା ପାଇଁ ତହସିଲ ଅଫିସ ଘେରାଉ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ୯ ଦଫା ଦାବି ନେଇ ଦାବିପତ୍ର ପଠାଇଛନ୍ତି। ରାଜ୍ୟ ସରକାର କ୍ରପ୍ କଟିଂର ନମୁନା ସଂଗ୍ରହ ପାଇଁ ଜଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ସରକାରଙ୍କ କ୍ରପ୍ କଟିଂର ନିୟମ ବଦଳି ଥିବାରୁ ବେର୍ନା, ମାଲ କିସମର ଜମି ଏଥିରୁ ବାଦ ପଡିଛି। କେବଳ ବାହାଲ କିସମ ଜମିରେ ନମୁନା ନେବା ପାଇଁ ପ୍ରଶାସନକୁ କୁହାଯାଇଛି। ଏହା ଜାଣିବା ପରେ ଜିଲାର ଚାଷୀ ସଙ୍ଗଠନ ତଥା ଚାଷୀମାନେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ଏହି ବିଷୟରେ ଅଭିଯୋଗ କରିଥିଲେ। ବିଧାୟକ ତ୍ରିପାଠୀ ଚାଷୀମାନଙ୍କ ସମସ୍ୟା ସମାଧାନ ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓଙ୍କୁ କ୍ରପ୍ କଟିଂ ନିୟମରେ ପରିବର୍ତ୍ତନ ଆଣି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ପତ୍ର ଲେଖିଛନ୍ତି। ଏଥିସହିତ ଏଥିପ୍ରତି ସ୍ୱତନ୍ତ୍ର ବିଚାର କରିବାକୁ ସେ ନିବେଦନ କରିଛନ୍ତି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଂଶତମ ବାର୍ଷୀକ କ୍ରୀଡ଼ା ଉତ୍ସବ

ଦେବଗଡ଼,୨୪।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏକ ବିଂଶତମ ବାର୍ଷୀକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ବାରକୋଟ କଲେଜ ପଡିଆଠାରେ ବିଦ୍ୟାଳୟ ସଭାପତି ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ରୀଡା ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷ ପୁଷ୍ପାଞ୍ଜଳି ପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ଏହି ସଭାରେ ବିଦ୍ୟାଳୟ ସମ୍ପାଦକ ପରାଶର ସାହୁ ମଞ୍ଚାସୀନ ଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଟଙ୍କଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡା ଉତ୍ସବରେ ୧୪୯ଜଣ ଛାତ୍ର ଓ ୧୨୧ଜଣ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ବାଲ୍ ବର୍ଗରେ ଚିନ୍ମୟ ରଞ୍ଜନ ପାତ୍ର ଓ ଶିଶୁ ବର୍ଗରେ ହୃଏନଂସୁ ପ୍ରଧାନ ଚାମ୍ପିୟନ ହୋଇଥିଲେ। ଅପରାହ୍ନରେ ଆୟୋଜିତ ସମାରୋପ ଉତ୍ସବରେ ବାରକୋଟ ଡିଗ୍ରୀ କଲେଜ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ସାହୁ ଯେଗାଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ ସାହୁ ବାର୍ଷିକ କ୍ରୀଡାର ବୃତକଥନ କରିଥିଲେ। ଶେଷରେ ବିଦ୍ୟାଳୟ ଯୁଗ୍ମ ସମ୍ପାଦକ ଫଣୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ ସମୀକ୍ଷା

ଦେବଗଡ଼,୨୪।୧୧(ଶଶାଙ୍କ ଶେଖର ଝାଙ୍କର)



ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଚୁଡାନ୍ତ ଭୋଟର୍ ତାଲିକା ପ୍ରକାଶନ ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଅଭିଯାନ ଦିବସ ୨,୧୦,୧୬ ଓ ୨୪ ନଭେମ୍ବର ତାରିଖକୁ ସ୍ୱତନ୍ତ୍ର ଅଭିଯାନ ଦିବସ ରୂପେ ପାଳନ କରାଯାଉଛି। ଏଥିପାଇଁ ଭୋଟର୍ ସହାୟତା କେନ୍ଦ୍ର ଜିଲାର ସମସ୍ତ ବୁଥସ୍ତରୀୟ ଅଧିକାରୀ କିମ୍ବା ଅନଲାଇନ ମାଧ୍ୟମରେ ପଞ୍ଜୀକରଣ, ସଂଶୋଧନ କିମ୍ବା ବାଦ୍ ଦେବା ସମ୍ବନ୍ଧୀୟ ଫର୍ମ ସଂଗ୍ରହ କରି ପାରିବେ ବୋଲି ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ସଞ୍ଜୟ ଲୁଗୁନ, ଯୁଗ୍ମ ଶାସନ ସଚିବ ଦେବଗଡ଼ ଗସ୍ତ କରିଥିଲେ। ଦେବଗଡ଼ ମ୍ୟୁନସିପାଲିଟି ର ବୁଥ ନମ୍ବର୍ ୮୧, ୮୨, ୮୫, ୮୯, ୯୦, ୯୧, ୯୬, ୯୭, ତିଲେଇବଣି ବୁଥ ନମ୍ବର ୯୯, ରିଆମାଳ ବୁଥ ନମ୍ବର୍ ୧୪୧, ୧୪୨, ୧୫୩, ୧୫୭, ୧୫୮, ୧୬୯, ୧୬୦ ସ୍କୁଲରେ

## ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଦେବଗଡ଼ ଗସ୍ତ

ଥିବା ବୁଥ ପରିଦର୍ଶନ କରିଛନ୍ତି। ଏଥିସହ ଭୋଟର୍ ଲିଷ୍ଟ ସଂଶୋଧନ ଦାୟିତ୍ୱରେ ଥିବା ବିଏଲଓମାନଙ୍କ ସହ ଆଲୋଚନା କରିଥିଲେ। ତ୍ରୁଟି ଶୂନ୍ୟ ଭୋଟର ତାଲିକା ସଂଶୋଧନ, ନୁଆ ଭୋଟର ପଞ୍ଜୀକରଣ ଓ ୧୭ ବର୍ଷରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ମାନଙ୍କୁ ଭୋଟର ତାଲିକାରେ ସଂଯୋଗୀକରଣ ଉପରେ ଗୁରୁତ୍ୱାରୋପ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପ ଜିଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ମମତାଜ୍ ମହାରଣା, ରିଆମାଳ ଗୋଷ୍ଠି ଉନ୍ନୟନ ଅଧିକାରୀ ଉଗ୍ରସେନ ଓରାମ, ରିଆମାଳ ତହସିଲଦାର ଜୋଚ୍ଛନା ନାଏକ, ବରିଷ୍ଠ ରାଜସ୍ୱ ସହାୟକ ସମିତ୍ରି ପ୍ରସାଦ ଦେହୁରୀ, ଓବିଏଲ୍ଓ ପ୍ରମୁଖ ଉପସ୍ଥିତ ଥିଲେ।

## କୁଚିଣ୍ଡା ବାଳିକା ହାଇସ୍କୁଲରେ ୭୬ତମ ଏନ୍‌ସିସି ଦିବସ

କୁଚିଣ୍ଡା,୨୪।୧୧(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ସରକାରୀ ବାଳିକା ହାଇସ୍କୁଲରେ ରବିବାର ୭୬ତମ ଏନସିସି ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀକାନ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ବିଶ୍ୱନାଥ କଣ୍ଡରା ମୁଖ୍ୟଅତିଥି, କୁଟୁରାଚୁଆଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାୟକ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଉଦୟନାଥ ମିଶ୍ର, ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦୁମତୀ ମିଶ୍ର, କୁଡାପଡା ହାଇସ୍କୁଲ ସଂସ୍କୃତ ଶିକ୍ଷକ ଶୁଶିଳ ମହାକୁଳ, ଚନ୍ଦନିମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କମଲଲୋଚନ ବେହେରା, କୁଚିଣ୍ଡା କଲେଜ ଏନସିସି ଅଫିସର ରୋଶନ କୁଲୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସରକାରୀ ବାଳିକା ହାଇସ୍କୁଲ ଏନସିସି ଅଫିସର ଦୀପ୍ତିମୟୀ କୁସୁମ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଛି।

# କୁରୁଡକୁଟ ପର୍ଯ୍ୟଟନୀସ୍ଥଳ ସଫେଇ



କୁରୁଡକୁଟ ପର୍ଯ୍ୟଟନୀସ୍ଥଳ ସଫେଇ କରାଯାଉଛି।

ଦେବଗଡ଼,୨୪।୧୧(ଶଶାଙ୍କ ଶେଖର ଝାଙ୍କର)

ପର୍ଯ୍ୟଟନସ୍ଥଳୀ କୁରୁଡ଼କୁଟଠାରେ ଦେବଗଡ଼ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ବିକ୍ରମ କେଶରୀ ନାୟକ ମଧ୍ୟ ସାମିଲ ହୋଇଥିଲେ। ସ୍ୱଚ୍ଛତା କାର୍ଯ୍ୟକ୍ରମ ଅବସରରେ କୁରୁଡକୋଟ ଜଳପ୍ରପାତର ବିଭିନ୍ନ ସ୍ଥାନରେ ପଡିଥିବା ପ୍ଲାଷ୍ଟିକ, କାଚ ବୋତଲ ଇତ୍ୟାଦି ପରିଷ୍କାର କରିବା ସହିତ ପର୍ଯ୍ୟଟନୀସ୍ଥଳୀକୁ ଆସିଥିବା ପର୍ଯ୍ୟଟକମାନଙ୍କୁ ସଚେତନ କରାଇଥିଲେ।

# ବାଗଡିହି ଜଙ୍ଗଲ ବିଭାଗ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୪।୧୧(ଆଶିଷ ରଞ୍ଜନ ଦାଶ)



ଝାରସୁଗୁଡ଼ା ରେଞ୍ଜ ଅନ୍ତର୍ଗତ ବାଗଡ଼ିହି ଜଙ୍ଗଲ ବିଭାଗ ପକ୍ଷରୁ ଅନ୍ଧାରୀ ପାହାଡ଼ର ସୁରକ୍ଷା ପାଇଁ ବନ ଦୁର୍ଗା ପୂଜା ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଛି। ଚଳିତବର୍ଷ ମଧ ନଭେମ୍ବର ୦୯ ଓ ୧୦ରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବନ ଦୁର୍ଗା ପୂଜାରେ ଲକ୍ଷଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା। କୁଢ଼କୁଢ଼ ବର୍ଜ୍ୟବସ୍ତୁ ଥିବା ବେଳେ ବାଗଡ଼ିହି ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ବାଗଡ଼ିହି ବନାଞ୍ଚଳର ସମସ୍ତ କର୍ମଚାରୀ ମିଳିତ ଭାବେ ଶୁକ୍ରବାର ସକାଳୁ ସଫେଇ କାର୍ଯ୍ୟକ୍ରମ କରିଛନ୍ତି। ଲୋକଙ୍କ ଭିଡ ଯୋଗୁ ପଡ଼ିଥିବା ଆବର୍ଜନା ଓ ପ୍ଲାଷ୍ଟିକ ଗୋଟିଏ ଦିନରେ ସଫା କରିବା ସମ୍ଭବ ପର ହୋଇ ନ ଥିଲା। ଆଉ ଗୋଟିଏ ଦିନ ସଫେଇ କାର୍ଯ୍ୟକ୍ରମ କରାଯିବ ବୋଲି ନାଏକ କହିଛନ୍ତି। ବାଗଡ଼ିହି ବନାଞ୍ଚଳର ଫରେଷ୍ଟର ମୁରାରୀ ପ୍ରସାଦ ସାହୁ, ଅମୀର ପଟେଲ, ଡିଇଓ ସୁଶୀଲ ମହାପାତ୍ର, ଟିମ ଲିଡ଼ର ଚୁଡାମଣି ବେହେରା, ଡିଓଏନଆରଏମ ଭକ୍ତି ଜେନା ଓ ବାଗଡ଼ିହି ବନାଞ୍ଚଳର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ରକ୍ତଦାନ ଶିବିର: ୭୦ ୟୁନିଟ ରକ୍ତ ସଂଗ୍ରହ



ଦେବଗଡ଼,୨୪।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡା ଗ୍ରାମପଞ୍ଚାୟତ ସଦର ମହକୁମାରେ ନେତାଜୀ କ୍ଲବ ଓ ମହାନଦୀ କୋଲ ଫିଲ୍ଡ ଲିମିଟେଡର ମିଳିତ ଆନୁକୂଲ୍ୟରେ ଏକ ବୃହତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ବାବେ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ସୁଗୁଡା ସେବା ସମବାୟ ସମିତି ସଭାପତି ସିଦ୍ଧେଶ୍ୱର ଗୁରୁ, ସୁଗୁଡା ସରପଞ୍ଚ କୁନୁ ବେହେରା, ସମିତି ସଦସ୍ୟ ଡମ୍ବରୁଧର ସାହୁ, ବଣିଆକିଲିଣ୍ଡା ସରପଞ୍ଚ ବୁଦ୍ଧଦେବ ଘଡେଇ, ଆଇନଜୀବୀ ଟିକେଶ୍ୱର ଧଳ ଓ ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ ଯୋଗଦେଇ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ନେତାଜୀ କ୍ଲବର ସଭାପତି ଧରଣୀଧର ସାହୁ ଓ ସମ୍ପାଦକ ବବଲୁ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୭୦ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ଶିବିର ଦେବଗଡ ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର ଈମାନି କାଲୋ ଓ ଡାକ୍ତର ଶାନ୍ତନୁ ପ୍ରସାଦଙ୍କ ସମେତ ବହୁ ଲ୍ୟାବୋରେଟୋରୀ ଟେକନିସିୟନ ଓ ଷ୍ଟାଫ ନର୍ସ ପରିଚାଳନା କରିଥିଲେ । ଶିବିର ଆୟୋଜନରେ ନେତାଜୀ କ୍ଲବ ସଦସ୍ୟ ପିଙ୍କେଶ୍ୱର ପ୍ରଧାନ, ଅଜୟ ପ୍ରଧାନ, ଗଦାଧର ସାହୁ, ସୁମନ୍ତ କୁମାର ସାହୁ, ତପନ ସାହୁ, ସୁପ୍ରୀମ ସାହୁ, ଓକିଲ ଦେଗହୁରୀ ଓ ଭରତ ବସନ୍ତରାଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଉପମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ଘରଡିହ ଜମିପଟ୍ଟା ବଣ୍ଟନ

ଝାରସୁଗୁଡ଼ା,୨୪।୧୧(ଆଶିଷ ରଞ୍ଜନ ଦାଶ)



ବସୁନ୍ଧରା ଯୋଜନାରେ ଝାରସୁଗୁଡ଼ା ଓ ଲଖନପୁର ବ୍ଲକର ଭୂମିହୀନ ପରିବାରଙ୍କୁ ରବିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଘରଡିହ ଜମିପଟ୍ଟା ବଣ୍ଟନ କରିଛନ୍ତି। ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀ ଝାରସୁଗୁଡ଼ାର ୭୧ ଏବଂ ଲଖନପୁରର ୪୯ ମୋଟ ୧୨୦ ପରିବାରଙ୍କୁ ଘରଡିହ ଜମିପଟ୍ଟା ବଣ୍ଟନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବିକଶିତ ଓଡ଼ିଶା ଓ ଉତ୍କର୍ଷ ଓଡିଶାର ସ୍ୱପ୍ନ ପୂରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏଥିପାଇଁ ମହିଳା, ଯୁବକ, ଚାଷୀ ଓ ଗରିବ ସବୁ ବର୍ଗଙ୍କୁ ସାଥିରେ ନେଇ ଆଗକୁ ବଢ଼ିବାର ଆବଶ୍ୟକତା ରହିଥିବା ଉପମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ। କୌଣସି ଲୋକ ତା ମୁଣ୍ଡ ଉପରେ ଛାତ ଘରୁ ବଞ୍ଚିତ ହେବେ ନାହିଁ। ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ଟଙ୍କା, ମହିଳା ଶସକ୍ତିକରଣ ପାଇଁ ସୁଭଦ୍ରା ଯୋଜନା ଏବଂ ବାସଚ୍ୟୁତଙ୍କୁ ଘରଡିହ ଜମିପଟ୍ଟା ଯୋଗାଇବା ପ୍ରତିଶ୍ରୁତିବଦ୍ଧତାର ପରିଚୟ ବୋଲି ଉଲ୍ଲେଖ କରିବା ସହ ପଟ୍ଟା ପାଇବା ଦ୍ୱାରା ଏଥିପାଇଁ ଅସୁବିଧା ଭୋଗ କରୁଥିବା ଲୋକମାନଙ୍କ ଅନେକ ଦିନର ଆଶା ପୂରଣ ହୋଇପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜସ୍ୱ ମନ୍ତ୍ରୀ ପୂଜାରୀ ବସୁନ୍ଧରା ଯୋଜନା ସରକାରଙ୍କ ଅନ୍ୟାନ୍ୟ ମହତ୍ତ୍ୱପୂର୍ଣ୍ଣ ଯୋଜନା ମଧ୍ୟରୁ ଅନ୍ୟତମ ବୋଲି ଉଲ୍ଲେଖ କରି ହୀରାକୁଦ ନଦୀବନ୍ଧ ପାଇଁ ବାସଚ୍ୟୁତ ପରିବାର ଏବଂ ବସୁନ୍ଧରା ଯୋଜନାରେ ସବୁ ଯୋଗ୍ୟ ହିତାଧିକାରୀଙ୍କୁ ୨୦୨୪ ଶେଷ ସୁଦ୍ଧା ଜମି ଯୋଗାଇ ଦିଆଯିବ ବୋଲି କହିଥିଲେ। ରାଜ୍ୟରେ ସୁଭଦ୍ରା ଓ ବସୁନ୍ଧରା ଯୋଜନାରେ ଅନ୍ତ ନାହିଁ ବୋଲି ସେ କହିଥିଲେ। ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଏଏସ୍ ପ୍ରବେଶନ ସର୍ବାନନ ସି., ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ଓ ଲଖନପୁର ତହସିଲଦାର ପ୍ରସନ୍ନ କୁମାର ପଟେଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣ୍ୟବତୀ ହେଲେନ ଖେସଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଏବଂ ବସୁନ୍ଧରା ଯୋଜନାର ହିତାଧିକାରୀ ପରିବାରର ସଦସ୍ୟ ଉପସ୍ଥିତ ଥିଲେ।

# ବଜାରରେ ରୟାଲ ଏନ୍‌ଫିଲ୍ଡର ଗୁଆନ କ୍ଲାସିକ ୩୫୦

ଭୁବନେଶ୍ୱର,୨୪।୧୧

ଦେଶର ପ୍ରମୁଖ ପ୍ରିମିୟମ୍ ବୁଲେଟ୍‌ବ୍ରାଣ୍ଡ ତଥା ରୟାଲ ଏନ୍‌ଫିଲ୍ଡର ଅଲ ନ୍ୟୁ ଗୁଆନ କ୍ଲାସିକ ୩୫୦'ର ସର୍ବଭାରତୀୟ ଅନାବରଣ ଉତ୍ସବ ସହ ବଜାର ପ୍ରବେଶ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡର ଓଡ଼ିଶା ୟୁନିଟ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା ବେଳେ ଘରୋଇ ବଜାରର ଡିଲର୍ସଙ୍କ ଜରିଆରେ ଏହାର ଅନାବରଣ ସହିତ ବଜାର ପ୍ରବେଶ ମଧ୍ୟ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ରୟାଲ ଏନ୍‌ଫିଲ୍ଡର ଅଲ ନ୍ୟୁ ଗୁଆନ କ୍ଲାସିକ ୩୫୦'ରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ସୁରକ୍ଷା ସମ୍ପର୍କିତ ଫିଚର ଓ ୩୫୦ ସିସି ଟ୍ୱିନ ସିଲିଣ୍ଡର ଇଞ୍ଜିନ ସାମିଲ ରହିଛି। ଏପରି କି ଏହାର ୨-୧ ଏକ୍‌ଜଷ୍ଟ ଇଞ୍ଜିନର ସୁବିଧା ମଡେଲର ଗୁଣାତ୍ମକତାକୁ ବଢ଼ାଉଛି। ଏଥିରେ ଦ୍ୱୈତ ଉଦ୍ଦେଶ୍ୟ ଉପଯୋଗୀ ଟାୟାର ଓ ବଦଳିପାରୁଥିବା ଏବିଏସ୍ ମଧ୍ୟ ସାମିଲ ରହିଛି। ସେହିପରି ଏହି ମଡେଲ ଓଡ଼ିଶା ବଜାରର ବ୍ରାଣ୍ଡ ଶୋ'ରୁମ ଗୁଡ଼ିକରେ ବିଭିନ୍ନ ଭାରିଆଣ୍ଟ ସହ କଲର ମଧ୍ୟ ଉପଲବ୍ଧ ରହିଛି।



ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ ରୟାଲ ଗୁଗ୍‌ନାନୀ ପରିସରରେ ରୟାଲ ଏନ୍‌ଫିଲ୍ଡର ଅଲ ନ୍ୟୁ ଗୁଆନ କ୍ଲାସିକ ୩୫୦'କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଯାଉଛି। ଏହି ଅବସରରେ ରୟାଲ ଏନ୍‌ଫିଲ୍ଡର ଜୋନାଲ ହେଡ୍ (ସେଲ୍‌ସ ଆଣ୍ଡ ମାର୍କେଟିଂ) ସାଜିଦ ଖାନ୍‌ଙ୍କ ସମେତ ଗୁଗ୍‌ନାନୀ ଅଟୋମୋବାଇଲ୍ସର ମ୍ୟାନେଜର (ସେଲ୍‌ସ ଆଣ୍ଡ ଆଡ୍‌ମିନ) ପ୍ରଭାତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ଜୋରଦାର ହେବ ବ୍ୟାଙ୍କ ଘରୋଇକରଣ ଆନ୍ଦୋଳନ

ଭୁବନେଶ୍ୱର,୨୪।୧୧




ବ୍ୟାଙ୍କ ଶିଳ୍ପରେ ୩ ଲକ୍ଷରୁ ଅଧିକ ଶୂନ୍ୟସ୍ଥାନ ପୂରଣ କରା ନ ଯିବା ଏବଂ ନିତିଦିନିଆ କାର୍ଯ୍ୟକୁ ଠିକା ଓ ଆଉଟ୍‌ସୋର୍ସିଂରେ ଦେବା ବିରୋଧରେ ବ୍ୟାଙ୍କ କର୍ମଚାରୀମାନେ ଦେଶବ୍ୟାପୀ ଆନ୍ଦୋଳନ କରୁଛନ୍ତି। ଏପରିକି ବ୍ୟାଙ୍କ କର୍ତ୍ତୃପକ୍ଷ ଓ ସରକାର ବ୍ୟାଙ୍କର ଶ୍ରମ ଶକ୍ତି ଆକଳନ କରି ନିଯୁକ୍ତି ଦେବେ ଓ ଆଉଟ୍‌ସୋର୍ସିଂ ସମ୍ପର୍କରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତଳସ୍ତରରେ ନୂତନ ନିଯୁକ୍ତି ହେଉ ନାହିଁ। ଅପରନ୍ତୁ ବ୍ୟାଙ୍କରେ ୨୬ ହଜାର ଉଚ୍ଚ ପଦାଧିକାରୀ ନିଯୁକ୍ତି ପାଇଁ ସରକାର ଅନୁମତି ଦେଇଛନ୍ତି। ହେଲେ ତଳସ୍ତର ବ୍ୟାଙ୍କ କର୍ମଚାରୀଙ୍କ ଅଭାବ ଯୋଗୁ ଗ୍ରାହକ ସେବା ଗୁରୁତର ଭାବେ ବ୍ୟାଘାତ ହେଉଛି। ଏହି ଦାବି ନେଇ ଦେଶବ୍ୟାପୀ ବ୍ୟାଙ୍କ କର୍ମଚାରୀ ଓ ଅଫିସରମାନେ ଆନ୍ଦୋଳନ କରିବେ ବୋଲି ଏଆଇବିଇଏର ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟାଚଲମ୍ କହିଛନ୍ତି। ସେହିଭଳି ଓସିବିଇୟୁର ସଭାପତି ପ୍ରଫୁଲ୍ଲ କୁମାର ତ୍ରିପାଠୀ ଏବଂ ଓଏସ୍‌ସିବିଓୟୁର ସଭାପତି ଦେବେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଓଡିଶା ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ଓ ଅଫିସର୍ସ ସଂଘର ମିଳିତ ଅଧିବେଶନକୁ ଉଦଘାଟନ କରି ଏଆଇବିଇଏର ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟାଚଲମ୍ କହିଥିଲେ, ବ୍ୟାଙ୍କ ଘରୋଇକରଣ ବିରୋଧରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ। ଏହା ସହ ବ୍ୟାଙ୍କଗୁଡ଼ିକ ଗତ ଆର୍ଥିକ ବର୍ଷରେ ୭୦ହଜାର କୋଟି ଟଙ୍କା କର୍ପୋରେଟ୍ ସଂସ୍ଥାକୁ ଋଣ ଛାଡ କରିଛନ୍ତି। ବିଗତ ୧୦ବର୍ଷରେ ଏହି କର୍ପୋରେଟ୍ ଋଣ ଛାଡର ପରିମାଣ ପ୍ରାୟ ୨୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହା ବ୍ୟାଙ୍କର ଲାଭ ଉପରେ ପ୍ରଭାବ ପକାଉଛି। ବିଶ୍ୱ ଶିକ୍ଷକ ସଂଘର ସଭାପତି ଡ.ଅମିୟ କୁମାର ମହାନ୍ତି ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଭାବେ ନିମନ୍ତ୍ରିତ ଅତିଥି ଓ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ଅତିଥି ଏଆଇବିଓଏର ସାଧାରଣ ସମ୍ପାଦକ ସଞ୍ଜୟ ଖାନ୍ କହିଥିଲେ, ବ୍ୟାଙ୍କର ଅଫିସର ଓ କର୍ମଚାରୀମାନେ ଅତ୍ୟନ୍ତ ଅସୁବିଧା ମଧ୍ୟରେ କାର୍ଯ୍ୟ କରୁଛନ୍ତି। ମୁଖ୍ୟ ବକ୍ତା ଭାବେ ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଉଦ୍‌ବୋଧନ ଦେଇ କେନ୍ଦ୍ରର ମୋଦି ସରକାରର ଶ୍ରମିକ ମାରଣ ନୀତି ଓ କଳା ଶ୍ରମ କୋଡ ବିରୋଧରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ଡାକରା ଦେଇଥିଲେ। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର ବ୍ୟାଙ୍କ କର୍ମଚାରୀ ଓ ଅଫିସରମାନେ ଓଡିଶାରେ ବ୍ୟାଙ୍କର ଅଗ୍ରଗତିରେ ଉଲ୍ଲେଖନୀୟ ଭୂମିକା ନେଇଥିବାରୁ ଅଭିନନ୍ଦନ ଜଣାଇ ବ୍ୟାଙ୍କକୁ ଆହୁରି ଆଗେଇ ନେବା ପାଇଁ ନିବେଦନ କରିଥିଲେ। ଏଓବିଇଏର ସଭାପତି ସଞ୍ଜିବ ପତି, ଏଆଇବିଓଏର ରାଜ୍ୟ ସଭାପତି ମହେଶ୍ୱର ଦାସ, ସିବିଓଏର ରାୟପୁର ଜୋନ୍ ସମ୍ପାଦକ ଅବିନାଶ କୁମାର ଓ ସିସିବିଇଏର ସାଧାରଣ ସମ୍ପାଦକ ୱାଇ. ଶିବ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।

# ସୁଜୁକି ଇଣ୍ଡିଆର ମାଇଲେଜ ରାଲି

ଭୁବନେଶ୍ୱର,୨୪।୧୧ (ଅଭୟ ଦାଶ)




ସୁଜୁକି ମୋଟରସାଇକେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ମାଇଲେଜ ରାଲି' ର ଶୁଭାରମ୍ଭ ସର୍ବଭାରତୀୟ ସ୍ତରରେ ଆରମ୍ଭ କରାଯାଇଛି। ଏପରି କି କମ୍ପାନୀର ପ୍ରମୁଖ ମଡେଲ ସୁଜୁକି ଆସେସ୍ ୧୨୫ର ଗୁଣବତ୍ତା ଓ ମାଇଲେଜକୁ ନେଇ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିକଟରେ ଶୁଭାରମ୍ଭ ହୋଇଯାଇଛି। ସେହିଭଳି ଓଡ଼ିଶାରେ ମଧ୍ୟ ପ୍ରଥମ ଥର ପାଇଁ କମ୍ପାନୀ ପକ୍ଷରୁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ଉଭୟ ଗ୍ରାହକ ଓ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲରମାନଙ୍କ ଜରିଆରେ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଜ୍ୟୋତି ସୁଜୁକି ପଟିଆ ଏବଂ ନାରାୟଣୀ ସୁଜୁକି ଲକ୍ଷ୍ମୀସାଗର (ଝାରପଡା) ଆନୁକୂଲ୍ୟରେ ରବିବାର ଭୁବନେଶ୍ୱରର ଜନତା ମଇଦାନଠାରେ 'ମାଇଲେଜ ରାଲି'ର ଆୟୋଜନ କରାଯାଇଥିଲା। ଏହି ରାଲିରେ ୫୦ ଜଣ ସୁଜୁକି ଆସେସ୍ ୧୨୫ର ଗ୍ରାହକ ଅଂଶ ଗ୍ରହଣ କରି ସେମାନଙ୍କର ଗାଡ଼ିର ଗୁଣବତ୍ତା ଓ ମାଇଲେଜ ଟେଷ୍ଟ କରି ପୁରସ୍କୃତ ହୋଇଥିଲେ। ସେହିଭଳି ରାଲିରେ ଅଂଶ ଗ୍ରହଣ କରିଥିବା ୫୦ଗ୍ରାହକଙ୍କ ମଧ୍ୟରୁ ଶ୍ରେଷ୍ଠ ମାଇଲେଜ ପ୍ରଦାନ କରିଥିବା ଗାଡ଼ି ମାଲିକଙ୍କୁ ୫୦୦୦ ଟଙ୍କାର ପୁରସ୍କାର ଦିଆଯାଇଥିଲା ବେଳେ ପ୍ରଥମ ରନର୍ସ ଅପ ଗାଡ଼ି ମାଲିକଙ୍କୁ ୩୦୦୦ ଟଙ୍କା ଏବଂ ୨ୟ, ୩ୟ ଏବଂ ୪ର୍ଥ ସ୍ଥାନ ଅଧିକାର କରିଥିବା ଗାଡ଼ି ମାଲିକଙ୍କୁ ୧୦୦୦ ଟଙ୍କା ଲେଖାଏ ପୁରସ୍କାର ସ୍ୱରୂପ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସେହିପରି ଏହି ରାଲିରେ ଉଭୟ ନୂଆ ଓ ପୁରୁଣା ସୁଜୁକି ଆସେସ୍ ୧୨୫ ଗାଡ଼ି ମାଲିକମାନେ ସାମିଲ ହୋଇ ଗାଡ଼ିର ଗୁଣବତ୍ତା ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ ସହ ଅନେକ ପ୍ରକାର କାର୍ଯ୍ୟକ୍ରମରେ ଭାଗନେଇ ପୁରସ୍କାର ସହିତ ମନୋରଞ୍ଜନ କରିଥିଲେ।

# କୋଲଗେଟର ଓରାଲ ହେଲ୍‌ଥ ମୁଭ୍‌ମେଣ୍ଟ

ନୂଆଦିଲ୍ଲୀ,୨୪।୧୧

ଦେଶର ଅଗ୍ରଣୀ ଓରାଲ୍ କେୟାର ବ୍ରାଣ୍ଡ କୋଲଗେଟ ବା କୋଲଗେଟ ପାମୋଲିଭ୍ (ଇଣ୍ଡିଆ) ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ପରିବର୍ତ୍ତନଶୀଳ କାର୍ଯ୍ୟକ୍ରମ 'ଓରାଲ୍ ହେଲ୍‌ଥ ମୁଭମେଣ୍ଟ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଭାରତୀୟମାନଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି (ଏଆଇ) ଜରିଆରେ ସେମାନଙ୍କ ମୁଖ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ପାଇଁ ଉତ୍ସାହିତ କରିବା ଏବଂ ଭାରତରେ ଓରାଲ ହେଲ୍‌ଥ କେୟାରର ସଚେତନତା ଏବଂ ଉପଲବ୍ଧତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ସହିତ ଏଆଇ-ସକ୍ଷମ ଟେକ୍ନୋଲୋଜିର ଉପଯୋଗ କରିବା। ଏହାବ୍ୟତୀତ କୋଲଗେଟ ଇଣ୍ଡିଆନ ଡେଣ୍ଟାଲ ଆସୋସିଏଶନ୍ (ଆଇଡିଏ) ସହିତ ସହଭାଗିତା କରି ଏହି ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ୫୦,୦୦୦ ଦାନ୍ତ ଡାକ୍ତରଙ୍କ ସର୍ବବୃହତ ନେଟୱର୍କକୁ ସକ୍ରିୟ କରିଛି ଏବଂ ଟୁଲ୍ ଆଧାରିତ ସ୍କ୍ରିନିଂ ପରେ ଲୋକଙ୍କୁ ମାଗଣା ଦାନ୍ତ ଚିକିତ୍ସା ଓ ଚିକିତ୍ସକଙ୍କୁ ପରାମର୍ଶ ପ୍ରଦାନ କରିଛି। ଏ ସମ୍ପର୍କରେ କୋଲଗେଟ-ପାମୋଲିଭ (ଇଣ୍ଡିଆ) ଲିମିଟେଡର ଏମ୍‌ଡି ତଥା ସିଇଓ ପ୍ରଭା ନରସିଂହନ୍ କହିଛନ୍ତି, ଆମର ମୂଳ ଲକ୍ଷ୍ୟ ହେଉଛି, ଭାରତରେ ସମସ୍ତଙ୍କ ଓରାଲ୍ ହେଲ୍‌ଥ ବା ମୁଖ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା। ଏହି ଦୀର୍ଘଦିନର ପ୍ରତିବଦ୍ଧତା ଦିଗରେ ହାସଂଯୋଗ କୋଲଗେଟ ଓରାଲ ହେଲ୍‌ଥ ମୁଭମେଣ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲାବେଳେ ଆମେ ଦୃଢ଼ ଭାବେ ବିଶ୍ୱାସ କରୁ ଯେ ସାମଗ୍ରିକ କଲ୍ୟାଣ ପାଇଁ ଓରାଲ ହେଲ୍‌ଥ ଅତ୍ୟାବଶ୍ୟକ ଏବଂ ଆମର ଏଆଇ-ଚାଳିତ ଓରାଲ ହେଲଥ ମୁଭମେଣ୍ଟ ମାଧ୍ୟମରେ ଆମେ ସଚେତନତା ଏବଂ ଓରାଲ କେୟାରର ଉପଲବ୍ଧତାକୁ ଗଣତାନ୍ତ୍ରିକ କରୁଛୁ। ଏପରିକି ୯ଟି ପ୍ରମୁଖ ଭାରତୀୟ ଭାଷାରେ ସେବା ଉପଲବ୍ଧ ଥିବାରୁ ଯେକୌଣସି ବ୍ୟକ୍ତି ବର୍ତ୍ତମାନର କୋଲଗେଟ୍‌ପ୍ରଡକ୍ଟପ୍ୟାକରେ ଥିବା କ୍ୟୁଆର କୋଡ ସ୍କାନ କରି କିମ୍ବା ୮୮୦୬୦୮୮୦୬୦ ଡାଏଲ କରି ଏହି ଅଭିଯାନରେ ଅଂଶଗ୍ରହଣ କରିପାରିବେ। କିଛି ପ୍ରଶ୍ନର ଉତ୍ତର ଦେଇ ଏବଂ ସେମାନଙ୍କ ପାଟିର ତିନୋଟି ଫଟୋ ଅପଲୋଡ୍ କରି ମାଗଣା ଏଆଇ-ଚାଳିତ ଦନ୍ତ ସ୍କ୍ରିନିଂ ରିପୋର୍ଟ ପ୍ରାପ୍ତ କରିପାରିବେ।

# ଏବିଏସ୍‌ଏଲ୍ ମ୍ୟୁଚୁଆଲ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ,୨୪।୧୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦିତ୍ୟ ବିର୍ଲା ଗ୍ରୁପର ସହାୟକ କମ୍ପାନୀ ଆଦିତ୍ୟ ବିର୍ଲା ସନ୍‌ଲାଇଫ ବା ଏବିଏସ୍‌ଏଲ୍ ମ୍ୟୁଚୁଆଲ ଫଣ୍ଡର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂତନ ଫଣ୍ଡ ଅଫର (ଏନ୍‌ଏଫ୍‌ଓ) ୨୦୨୪ ନଭେମ୍ବର ୨୮ ପର୍ଯ୍ୟନ୍ତ ଖୋଲା ରହିଛି। ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ସନ୍‌ଲାଇଫ ଏଏମସି ଲିମିଟେଡ଼ର ଏମ୍‌ଡି ତଥା ସିଇଓ ଏ ବାଲଶୁବ୍ରମନିଆନ୍ କହିଥିଲେ, ଭାରତର ଭିତ୍ତିଭୂମି କ୍ଷେତ୍ର ଏକ ପରିବର୍ତ୍ତନଶୀଳ ସୁଯୋଗ ତଥା ପୁଞ୍ଜି ଲଗାଣ କ୍ଷେତ୍ରକୁ ଏଥିରେ ସାମିଲ କରି ଭାରତ ବିକାଶର କାହାଣୀକୁ ପ୍ରଦାନ କରିଛି। ଭିତ୍ତିଭୂମି କ୍ଷେତ୍ର ପାଇଁ ସରକାରଙ୍କ ଏକ ଦୃଢ଼ ଆକର୍ଷଣ ତଥା ପ୍ରତିଶ୍ରୁତିବଦ୍ଧତା ଏବଂ ଏହା ସହିତ ଭୌଗୋଳିକ ଓ ଘରୋଇ ବ୍ୟବହାର ଏସବୁକୁ ଏକାଠି କରି ଭାରତର ଅର୍ଥନୈତିକ ବୃଦ୍ଧିକୁ ଏହି କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇଯାଇଛି, ଯେହେତୁ ଆମେ ଅମୃତ କାଳ ୨୦୪୭ ଦୂରଦୃଷ୍ଟିତାକୁ ଆହୁରି ଆଗକୁ ବଢ଼ାଇବାକୁ ଯାଉଛୁ। ଏହି ପରିପ୍ରେକ୍ଷୀରେ ଶକ୍ତି, ନିର୍ମାଣ ଏବଂ ଯାନ୍ତ୍ରିକ, ପରିବହନ ଏବଂ ବ୍ୟବହାରକାରୀ କ୍ଷେତ୍ରଗୁଡ଼ିକ ଭାରତର ଜୟଯାତ୍ରାକୁ ବିକାଶମୂଳକ ଅର୍ଥନୈତିକରେ ପରିଣତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଯାଉଛୁ। ଉଲ୍ଲେଖଯୋଗ୍ୟ, ୧୯୯୪ରେ ଆଦିତ୍ୟ ବିର୍ଲା ସନ୍ ଲାଇଫ ଏଏମସି ଲିମିଟେଡ଼ (ଏବିଏସ୍‌ଏଲ୍‌ଏଏମସି) ପ୍ରତିଷ୍ଠିତ ହୋଇଥିଲା।






# ୟୁଏସ୍‌ଏଫ୍‌ବିଏଲ୍‌ର ନୂତନ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୧୧

ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ (ୟୁଏସ୍‌ଏଫ୍‌ବିଏଲ୍) ର ନୂତନ ଶାଖା (ଆଠଗଡ଼ ଶାଖା) ନିକଟରେ କଟକ ଆଠଗଡ଼ଠାରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏ ସମ୍ପର୍କରେ ୟୁଏସ୍‌ଏଫ୍‌ବିଏଲ୍‌ର ଏମ୍‌ଡି ତଥା ସିଇଓ ଗୋବିନ୍ଦ ସିଂହ କହିଛନ୍ତି, ଆମେ ଆମର ନୂତନ ଶାଖାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି କଟକ ଆଠଗଡ଼ଠାରେ ଆମର ନୂତନ ଶାଖା ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିବା ଓ ଓଡ଼ିଶାର ଆର୍ଥିକ ବିକାଶରେ ମଧ୍ୟ ସହଯୋଗ ପ୍ରତି ଆମର ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି। ଏପରିକି ଜରୁରୀ ବ୍ୟାଙ୍କିଙ୍ଗ୍ ସେବା ପାଇଁ ପହଞ୍ଚ ଏବଂ ଜେଏଲ୍‌ଜି ମଡେଲ ମାଧ୍ୟମରେ ମାଇକ୍ରୋ-ବ୍ୟାଙ୍କିଙ୍ଗ୍ ଲୋନ୍ ପ୍ରଦାନକରି ଆମେ ଅଣସଂରକ୍ଷିତ ସମୁଦାୟଗୁଡ଼ିକୁ ସଶକ୍ତ କରିବା ଏବଂ ଓଡ଼ିଶାର ସାମାଜିକ-ଆର୍ଥିକ ପ୍ରଗତିରେ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ।

# ଜୟଆଲୁକ୍କାସ୍‌ର ବିବାହ ମହୋତ୍ସବ

ନୂଆଦିଲ୍ଲୀ,୨୪।୧୧

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବିଶ୍ୱସ୍ତରୀୟ ଗହଣା ବ୍ରାଣ୍ଡ ଜୟଆଲୁକ୍କାସର ବହୁ ପ୍ରତୀକ୍ଷିତ 'ବିବାହ ମହୋତ୍ସବ' ନିକଟରେ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡ ପକ୍ଷରୁ ଆକର୍ଷଣୀୟ ଅଫର ଓ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ୨୦୨୪ ଡିସେମ୍ବର ୧ ପର୍ଯ୍ୟନ୍ତ ଉପଲବ୍ଧ। ଅପରପକ୍ଷରେ ଚଳିତ ବର୍ଷର ବିବାହ ଋତୁ ଆରମ୍ଭ ହୋଇଯାଇଥିଲାବେଳେ ବ୍ରାଣ୍ଡ ପକ୍ଷରୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସର୍ବଭାରତୀୟସ୍ତରରେ ଆରମ୍ଭ ହୋଇଛି।

ସେହିଭଳି ଆକର୍ଷଣୀୟ କାରୁକାର୍ଯ୍ୟରେ ନିର୍ମିତ ବ୍ରାଣ୍ଡର ନୂତନ କଲେକ୍ସନ ସମ୍ଭାର ଉଭୟ ବର-କନ୍ୟା ଓ ପରିବାରବର୍ଗଙ୍କ ପାଇଁ ବେଶ୍ ସହାୟକ ହେବ। ଏପରିକି ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ବ୍ରାଇଡାଲ ଅଳଙ୍କାର ସମ୍ଭାର ମଧ୍ୟ ଉପଲବ୍ଧ ରହିଛି। ସେହିପରି ଏହି ଋତୁର ଉତ୍ସାହକୁ ଆହୁରି ଉଲ୍ଲସିତ କରିବା କରିବା ପାଇଁ ବ୍ରାଣ୍ଡ ୧ ଲକ୍ଷ ଏବଂ ୧ଲକ୍ଷରୁ ଅଧିକ ସୁନା ଅଳଙ୍କାରର କ୍ରୟ ଉପରେ ମାଗଣା ୧୦ ଗ୍ରାମ ରୁପା ଦଣ୍ଡ ପ୍ରଦାନ କରାଯାଉଛି।




# ଭାରତୀୟ ଖେଳାଳିଙ୍କ ଚାହିଦା

## ଆଇପିଏଲ୍ ଖେଳାଳି ନିଲାମ

**ଜେଦାହ,୨୪।୧୧(ପି.ଟି.)**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମେଗା ଅକ୍ସନ ସାଉଦି ଆରବର ଜେଦାହରେ ରବିବାର ଅନୁଷ୍ଠିତ ହୋଇଛି। ଦୁଇଦିନିଆ ନିଲାମୀର ପ୍ରଥମ ଦିନରେ ଭାରତୀୟ ଖେଳାଳିଙ୍କ ଚାହିଦା ଶୀର୍ଷରେ ରହିଛି। ବିଦେଶୀ ଖେଳାଳିଙ୍କ ଅନୁପସ୍ଥିତି କାରଣରୁ ଭାରତୀୟ ଖେଳାଳିଙ୍କୁ ଫ୍ରାଞ୍ଚାଇଜମାନେ ବିଶେଷ ପସନ୍ଦ କରିଛନ୍ତି। ଅଧିନାୟକ ସନ୍ଧାନରେ ଥିବା ୩ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସ, ପଞ୍ଜାବ କିଙ୍ଗ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଯଥାକ୍ରମେ ଲୋକେଶ ରାହୁଲ, ଶ୍ରେୟସ ଆୟର ଓ ରିଷଭ ପନ୍ତଙ୍କୁ କିଣିଛନ୍ତି। ଭାରତୀୟ ପେସ୍ ବୋଲରଙ୍କ ମଧ୍ୟରେ ଅର୍ଶଦୀପ ସିଂ ଓ ସ୍ପିନରଙ୍କ ମଧ୍ୟରେ ୟୁଜବେନ୍ଦ୍ର ଚହଲ ସର୍ବାଧିକ ୧୮ କୋଟିରେ ବିକ୍ରି ହୋଇଥିଲେ। ସିନିୟର ପେସ୍ ବୋଲର ମହମ୍ମଦ ଶାମି ୧୦ କୋଟି ଟଙ୍କାରେ ବିକ୍ରି ହୋଇଥିବା ବେଳେ ଭେଟେରାନ୍ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୯.୭୫ କୋଟି ଟଙ୍କାରେ ବିକ୍ରି ହୋଇଥିଲେ।


ଶ୍ରେୟସ ଆୟର ଓ ରିଷଭ ପନ୍ତ।

## ବିକ୍ରି ହୋଇଥିବା ଖେଳାଳି ତାଲିକା

| ଖେଳାଳି | ଫ୍ରାଞ୍ଚାଇଜ | ବେସ୍ ପ୍ରାଇସ୍ | ମୂଲ୍ୟ |
|---|---|---|---|
| ନୁର ଅହମଦ | ଚେନ୍ନାଇ | ୨ କୋଟି | ୧୦ କୋଟି |
| ୱାନିନ୍ଦୁ ହସରଙ୍ଗା | ରାଜସ୍ଥାନ | ୨ କୋଟି | ୫.୨୫ କୋଟି |
| ଆଡାମ ଜାମ୍ପା | ହାଇଦ୍ରାବାଦ | ୨ କୋଟି | ୨.୪୦ କୋଟି |
| ରାହୁଲ ଚହର | ହାଇଦ୍ରାବାଦ | ୨ କୋଟି | ୩.୨୦ କୋଟି |
| ମହୀଷ ଥିକ୍ସାନା | ରାଜସ୍ଥାନ | ୨ କୋଟି | ୪.୪୦ କୋଟି |
| ଟ୍ରେଣ୍ଟ ବୋଲ୍ଟ | ମୁମ୍ବାଇ | ୨ କୋଟି | ୧୨.୫ କୋଟି |
| ଟି. ନଟରାଜନ | ଦିଲ୍ଲୀ | ୨ କୋଟି | ୧୦.୭୫ କୋଟି |
| ଖଲିଲ ଅହମଦ | ଚେନ୍ନାଇ | ୨ କୋଟି | ୪.୮୦ କୋଟି |
| ଜୋଫ୍ରା ଆର୍ଚର | ରାଜସ୍ଥାନ | ୨ କୋଟି | ୧୨.୫୦ କୋଟି |
| ଆନରିଚ୍ ନୋର୍ଜେ | କୋଲକାତା | ୨ କୋଟି | ୬.୫୦ କୋଟି |
| ଆଭେଶ୍ ଖାନ୍ | ଲକ୍ଷ୍ନୌ | ୨ କୋଟି | ୯.୭୫ କୋଟି |
| ପ୍ରସିଦ୍ଧ କ୍ରିଷ୍ଣା | ଗୁଜରାଟ | ୨ କୋଟି | ୯.୫୦ କୋଟି |
| ଜୋଶ ହାଜେଲଉଡ୍ | ଆରସିବି | ୨ କୋଟି | ୧୨.୫୦ କୋଟି |
| ଜିତେଶ ଶର୍ମା | ଆରସିବି | ୧ କୋଟି | ୧୧ କୋଟି |
| ଇଶାନ କିଶନ | ହାଇଦ୍ରାବାଦ | ୨ କୋଟି | ୧୧.୨୫ କୋଟି |
| ରହମାନୁଲ୍ଲା ଗୁରବାଜ | କେକେଆର | ୨ କୋଟି | ୨ କୋଟି |
| ଫିଲ୍ ସଲ୍ଟ | ଆରସିବି | ୨ କୋଟି | ୧୧.୫୦ କୋଟି |
| କ୍ୱିଣ୍ଟନ ଡି କକ୍ | କୋଲକାତା | ୨ କୋଟି | ୩.୬୦ କୋଟି |
| ଗ୍ଲେନ୍ ମ୍ୟାକ୍ସୱେଲ | ପଞ୍ଜାବ | ୨ କୋଟି | ୪.୨୦ କୋଟି |
| ମିଚେଲ୍ ମାର୍ଶ | ଲକ୍ଷ୍ନୌ | ୨ କୋଟି | ୩.୪୦ କୋଟି |
| ମାର୍କସ୍ ଷ୍ଟୋଇନିସ | ପଞ୍ଜାବ | ୨ କୋଟି | ୧୧ କୋଟି |
| ଭେଙ୍କଟେଶ ଆୟର | କୋଲକାତା | ୨ କୋଟି | ୨୩.୭୫ କୋଟି |
| ଆର. ଅଶ୍ୱିନ୍ | ଚେନ୍ନାଇ | ୨ କୋଟି | ୯.୭୫ କୋଟି |
| ରାଚିନ୍ ରବୀନ୍ଦ୍ର | ଚେନ୍ନାଇ | ୧.୫ କୋଟି | ୪ କୋଟି |
| ହର୍ଷଲ ପଟେଲ | ହାଇଦ୍ରାବାଦ | ୨ କୋଟି | ୮ କୋଟି |
| ଜେକ୍ ଫ୍ରେଜର୍ ମ୍ୟାଗୁର୍କ୍ | ଦିଲ୍ଲୀ | ୨ କୋଟି | ୯ କୋଟି |
| ରାହୁଲ ତ୍ରିପାଠୀ | ଚେନ୍ନାଇ | ୭୫ ଲକ୍ଷ | ୩.୪୦ କୋଟି |
| ଡେଭନ୍ କନ୍ୱେ | ଚେନ୍ନାଇ | ୨ କୋଟି | ୬.୨୫ କୋଟି |
| ଏଡେନ୍ ମାରକ୍ରମ | ଲକ୍ଷ୍ନୌ | ୨ କୋଟି | ୨ କୋଟି |
| ହ୍ୟାରୀ ବ୍ରୁକ୍ | ଦିଲ୍ଲୀ | ୨ କୋଟି | ୬.୨୫ କୋଟି |
| ଲୋକେଶ ରାହୁଲ | ଦିଲ୍ଲୀ | ୨ କୋଟି | ୧୪ କୋଟି |
| ଲିଆମ୍ ଲିଭିଙ୍ଗଷ୍ଟୋନ୍ | ଆରସିବି | ୨ କୋଟି | ୮.୭୫ କୋଟି |
| ମହମ୍ମଦ ସିରାଜ | ଗୁଜରାଟ | ୨ କୋଟି | ୧୨.୭୫ କୋଟି |
| ୟୁଜବେନ୍ଦ୍ର ଚହଲ | ପଞ୍ଜାବ | ୨ କୋଟି | ୧୮ କୋଟି |
| ଡେଭିଡ୍ ମିଲର | ଲକ୍ଷ୍ନୌ | ୧.୫ କୋଟି | ୭.୫ କୋଟି |
| ମହମ୍ମଦ ଶାମି | ହାଇଦ୍ରାବାଦ | ୨ କୋଟି | ୧୦ କୋଟି |
| ରିଷଭ ପନ୍ତ | ଲକ୍ଷ୍ନୌ | ୨ କୋଟି | ୨୭ କୋଟି |
| ମିଚେଲ୍ ଷ୍ଟାର୍କ | ଦିଲ୍ଲୀ | ୨ କୋଟି | ୧୧.୭୫ କୋଟି |
| ଜୋଶ ବଟଲର | ଗୁଜରାଟ | ୨ କୋଟି | ୧୫.୭୫ କୋଟି |
| ଶ୍ରେୟସ ଆୟର | ପଞ୍ଜାବ | ୨ କୋଟି | ୨୬.୭୫ କୋଟି |
| କାଗିସୋ ରାବାଡା | ଗୁଜରାଟ | ୨ କୋଟି | ୧୦.୭୫ କୋଟି |
| ଅର୍ଶଦୀପ ସିଂ | ପଞ୍ଜାବ | ୨ କୋଟି | ୧୮ କୋଟି |

# ତନଭି ପତ୍ରିଙ୍କ ଅଭିଯାନ ଶେଷ

## ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୨୪।୧୧ (ତପନ ସ୍ୱାଇଁ)**

ନିଳାଦ୍ରୀ ବିହାର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟଡିୟମରେ ଚାଲିଥିବା ୟୋନେକ୍ସ ସନରାଇଜ ଜାତୀୟ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରୁ ଓଡ଼ିଶାର ତନଭି ପତ୍ରିଙ୍କ ଚ୍ୟାଲେଞ୍ଜ ଶେଷ ହୋଇଛି। ରବିବାର ଅନୁଷ୍ଠିତ ବାଳିକା ସିଙ୍ଗଲ୍ସ ସେମିଫାଇନାଲରେ ତନଭି ତାଙ୍କ ପ୍ରତିଦ୍ୱନ୍ଦୀ ତାମିଲନାଡୁର ପ୍ରକୃତି ଭରତଙ୍କଠାରୁ ୨୧-୧୩,୨୦-୨୨ ଓ ୨୦-୨୨ ପଏଣ୍ଟରେ ହାରି ଯାଇଛନ୍ତି। ଅନ୍ୟ ସେମିଫାଇନାଲରେ ମହାରାଷ୍ଟ୍ରର ଅଲିଶା ନାଏକ ୨୧-୧୬,୨୧-୧୩ରେ ନଂ-୧ ମାନ୍ୟତା ପ୍ରାପ୍ତ ହରିଆଣା ର ମେଧାବୀ ନଗର ଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ବାଳକ ସିଙ୍ଗଲ୍ସ ଫାଇନାଲ୍ କର୍ଣାଟକର ତୁଷାର ସୁବୀର ଓ ମହାରାଷ୍ଟ୍ରର ପ୍ରଣୟ ସେଲ୍ଗିଗାରଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଓଡିଶାର ଏକମାତ୍ର ଖେଳାଳି ଭାବେ ବିଶାଖା ଟପ୍ପୋ ତାଙ୍କ ମିକ୍ସଡ ଡବଲ୍ସ ସାଥି ମିଜୋରାମ୍‌ର ଲାଲ ରାମସାଙ୍ଗା ମହାରାଷ୍ଟ୍ର-ଦିଲ୍ଲୀ ଯୋଡି ଭାବ୍ୟା ଛାବ୍ରା ଓ ତାରିଣୀ ସୁରିଙ୍କୁ ୨୧-୧୭,୨୧-୧୮ ପଏଣ୍ଟ ରେ ହରାଇ ଫାଇନାଲ ରେ ପହଞ୍ଚିଛନ୍ତି। ବାଳିକା ଡବଲ୍ସରେ ଆନ୍ଧ୍ର-ମହାରାଷ୍ଟ୍ର ଯୋଡି ଦୁର୍ଗା ଇସା କନ୍ଦରପୁ ଓ ତାରିଣୀ ସୁରି ଏବଂ ମିଜୋରାମ-ଛତିଶଗଡ ଯୋଡି ଲାଲରେମ ପୁଇ ଓ ତାନୁ ଚନ୍ଦ୍ରା ଫାଇନାଲ କୁ ଉନ୍ନୀତ ହୋଇଛନ୍ତି। ଓସବା କାର୍ଯ୍ୟକାରିଣୀ ସଦସ୍ୟ ସୁରୁଲାଲ ମଟାରିଙ୍କ ସଂଯୋଜନାରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ଜାତୀୟ ଜୁନିୟର ଚାମ୍ପିୟସିପ ଆୟୋଜକ କମିଟିର କମଲ ଦାସ, କାର୍ତ୍ତିକ ଦାସ, ମନୋରଞ୍ଜନ ପଣ୍ଡା, ପ୍ରୀତପାଳ ସିଂ, ଅବଦୁଲ ହାକିମଙ୍କ ଦ୍ୱାରା ସମସ୍ତ ଜାତୀୟ ଓ ରାଜ୍ୟ ସ୍ତରୀୟ ରେଫରି, ବୈଷୟିକ ଅଧିକାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଧର୍ମେନ୍ଦ୍ରଙ୍କୁ ଭେଟିଲେ ରାଜ୍ୟ କ୍ରୀଡ଼ା କର୍ମକର୍ତ୍ତା


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଜ୍ୟ କ୍ରୀଡ଼ା କର୍ମକର୍ତ୍ତାମାନେ ସାକ୍ଷାତ କରୁଛନ୍ତି।

**ଭୁବନେଶ୍ୱର, ୨୪।୧୧ (ବିଜୟ ରଣା)**

ଓଡ଼ିଶା ଆଥଲେଟିକ୍ ଆସୋସିଶନ (ଓଏଏ) ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ନେତୃତ୍ୱରେ ରାଜ୍ୟର ଏକ କ୍ରୀଡ଼ା ପ୍ରତିନିଧି ଦଳ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବରେ ଭେଟିଛନ୍ତି। ଆଶୀର୍ବାଦଙ୍କ ସହିତ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ବିଭିନ୍ନ ଜିଲା କ୍ରିକେଟ ଆସୋସିଶନ ଓ କ୍ଲବ ଗୁଡ଼ିକର ସମ୍ପାଦକ ଏବଂ କ୍ରୀଡ଼ା ସଂଗଠନଗୁଡ଼ିକର ପ୍ରତିନିଧି ଏହି ପ୍ରତିନିଧି ଦଳରେ ସାମିଲ ଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସହ ହୋଇଥିବା ଆଲୋଚନା ଫଳପ୍ରଦ ହୋଇଛି। ରାଜ୍ୟରେ କ୍ରିକେଟ ସମେତ ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଆଥଲେଟମାନଙ୍କୁ ଉନ୍ନତ ସୁବିଧା ଯୋଗାଇଦେବା ସହିତ କ୍ରୀଡ଼ାର ପ୍ରସାର ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଭଟଲୀ ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସିଏ କର୍ମକର୍ତ୍ତା ଯଥା ଉପ-ସଭାପତି ପଙ୍କଜ ଲୋଚନ ମହାନ୍ତି, ଯୁଗ୍ମସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଷ ପ୍ରଧାନ ଏବଂ ଆପେକ୍ସ କାଉନ୍‌ସିଲ ସଦସ୍ୟ ତଥା ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ପ୍ରମୁଖ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ।

# କେଡିଟିଏ ଓଡ଼ିଶା ଓପନ ଟେନିସ ଉଦ୍‌ଯାପିତ

**ଭୁବନେଶ୍ୱର, ୨୪।୧୧ (ବିଜୟ ରଣା):** ସ୍ଥାନୀୟ ଭୁବନେଶ୍ୱର କ୍ଲବଠାରେ ଚାଲିଥିବା ଦୁଇ ଦିନିଆ ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ କେଡିଟିଏ ଓଡ଼ିଶା ଓପନ ୨୦୨୪ ଟେନିସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମଗ୍ର ଓଡ଼ିଶାରୁ ୧୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ୩ଟି କାଟେଗୋରି ଯଥା ୪୫ ବର୍ଷରୁ ଉର୍ଦ୍ଧ୍ୱ ସିନିୟର ପୁରୁଷ ଡବଲ୍ସ, ୫୫ବର୍ଷରୁ ଅଧିକ ସିନିୟର ହବଲ୍ସ ଏବଂ ୬୫ ବର୍ଷରୁ ଅଧିକ ପୁରୁଷ ଡବଲ୍ସ ପ୍ରତିଯୋଗିତା ହୋଇଥିଲା। ସମସ୍ତ କାଟେଗୋରୀର ଚାମ୍ପିୟନ ଓ ରନରଅପ୍ ଯୋଡ଼ିଙ୍କୁ ଯଥାକ୍ରମେ ୭,୦୦୦ ଟଙ୍କା ଓ ୩, ୫୦୦ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ୬୫ ବର୍ଷରୁ ଅଧିକ କାଟେଗୋରୀରେ ଭି. ରମଣ ଓ ବି.ଏନ୍ ମହାନ୍ତି ଚାମ୍ପିୟନ ହୋଇଥିଲେ। ସେମାନେ ଫାଇନାଲରେ ସୁଭାଷ ଚନ୍ଦ୍ର ସାହୁ ଓ ପ୍ରମୋଦ ପଟ୍ଟନାୟକ ଯୋଡ଼ିଙ୍କୁ ୮-୪ରେ ପରାସ୍ତ କରିଥିଲେ। ସେହିପରି ୫୫ବର୍ଷରୁ ଅଧିକ ସିନିୟର ପୁରୁଷ ଡବଲ୍ସ ଫାଇନାଲରେ ଏସ୍.ଏସ୍ ରଥ ଓ ଅଜୟ ସାହୁ ୮-୪ରେ ଗଙ୍ଗାଧର ଲେଙ୍କା ଓ ଝାଡ଼େଶ୍ୱରୀ ଦାସଙ୍କୁ ହରାଇ ଦେଇଥିଲେ। ୪୫ବର୍ଷରୁ ଉର୍ଦ୍ଧ୍ୱ କାଟେଗୋରୀରେ ବିବେକ ତିବାରେବାଲ ଓ ଶାଶ୍ୱତ ଜେନା ୮-୪ରେ ଗଲିଭର ଲୋ' ଏବଂ ଅରୁଣ କୁମାରା ନାୟକ ଯୋଡ଼ିଙ୍କୁ ପରାଜିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିଳ୍ପପତି ତାରିଣୀ ପ୍ରସାଦ ମହାନ୍ତି ମୁଖ୍ୟଅତିଥି, ଲଳିତ ଦାସ (ଓଏସ୍ଏସ୍ଏସ୍‌ସି) ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। କେଡିଟିଏ ସଭାପତି ମଧୁସୂଦନ ପାଢ଼ୀ, ସମ୍ପାଦକ ଅସିତ ପ୍ରଧାନ, ଉପସଭାପତି ଦାମୋଦର ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବି.କେ. ଦାସଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା। ସେ ଦୀର୍ଘ ୪୦ ବର୍ଷ ଧରି ଓଡ଼ିଶାରେ ଟେନିସ ଖେଳି ଆସୁଛନ୍ତି।













ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ନଭେମ୍ବର ୨୫/୨୦୨୪ Bhubaneswar, Monday, November 25/ 2024

# ବିଜୟ ପଥରେ ଭାରତ


ଶତକ ହାସଲ ପରେ ଯଶସ୍ୱୀ ଜୟସ୍ୱାଲ।

## ■ ଜୟସ୍ୱାଲ, କୋହଲିଙ୍କ ଶତକ
## ■ ବିଜୟ ଲକ୍ଷ୍ୟ ୫୩୪, ଅଷ୍ଟ୍ରେଲିଆ: ୧୨/୩

**ପର୍ଥ, ୨୪।୧୧**

ପର୍ଥ ଗ୍ରାଉଣ୍ଡରେ ରବିବାର ଶତକ ହାସଲ କରିଛନ୍ତି ଭାରତର ଯଶସ୍ୱୀ ଜୟସ୍ୱାଲ ଓ ବିରାଟ କୋହଲି। ପରେ ବୋଲରଙ୍କ ସଫଳତା ବଳରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ବିଜୟ ପଥରେ ଅଗ୍ରସର ହୋଇଛି ଟିମ୍ ଇଣ୍ଡିଆ। ଭାରତ ଏହାର ଦ୍ୱିତୀୟ ଇନିଂସକୁ ୪୮୭/୬ରେ ଘୋଷଣା କରିବାରୁ ଅଷ୍ଟ୍ରେଲିଆ ସମ୍ମୁଖରେ ୫୩୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ରବିବାର ତୃତୀୟ ଦିବସ ଖେଳ ବନ୍ଦ ହେବା ବେଳକୁ ଅଷ୍ଟ୍ରେଲିଆ ମାତ୍ର ୧୨ ରନ ମଧ୍ୟରେ ୩ ଉଇକେଟ ହରାଇ ପରାଜୟ ମୁହାଁ ହୋଇଛି। ଖେଳ ୨ ଦିନ ବାକି ଥିବାବେଳେ ହାତରେ ୭ ଉଇକେଟ ଥାଇ ଅଷ୍ଟ୍ରେଲିଆ ଆହୁରି ୫୨୨ ରନ ପଛରେ ରହିଛି।

### ରେକର୍ଡ ପାର୍ଟନରଶିପ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୭୨/୦ରୁ ଖେଳ ଆରମ୍ଭ କରିଥିବା ଜୟସ୍ୱାଲ ଓ ଲୋକେଶ ରାହୁଲ ଓପନିଂ ଯୋଡ଼ିରେ ୨୦୧ ରନ ଯୋଗ କରିଥିଲେ। ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ଓପନିଂ ଯୋଡ଼ିରେ ଭାରତର ଏହା ଶ୍ରେଷ୍ଠ ଭାଗୀଦାରି। ପୂର୍ବରୁ ୧୯୮୬ରେ କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ ଓ ସୁନୀଲ ଗାଭାସ୍କର ସିଡ୍‌ନୀରେ ୧୯୧ ରନର ପାର୍ଟନରଶିପ୍ ଗଢ଼ି ରେକର୍ଡର ଅଧିକାରୀ ଥିଲେ। ଜୟସ୍ୱାଲଙ୍କ ଟେଷ୍ଟ କ୍ୟାରିୟରର ଏହାଥିଲା ୪ର୍ଥ ଶତକ। ଜୀବନର ପ୍ରଥମ ୪ ଟେଷ୍ଟ ଶତକକୁ ୧୫୦+ରେ ପରିଣତ କରିବାରେ ସେ ଗ୍ରେମ୍ ସ୍ମିଥଙ୍କ ପଛକୁ ଦ୍ୱିତୀୟ ଖେଳାଳି ହୋଇଛନ୍ତି। ଅଷ୍ଟ୍ରେଲିଆ ମାଟିରେ ନିଜର ପ୍ରଥମ ଟେଷ୍ଟରେ ଶତକ ହାସଲ କରି ଜୟସ୍ୱାଲ ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ତାଙ୍କ ପୂର୍ବରୁ କେବଳ ଭାରତର ଏମ୍.ଏଲ. ଜୟସୀମା ୧୯୬୮ ଓ ସୁନୀଲ ଗାଭାସ୍କର ୧୯୭୭ରେ ଏହା କରି ପାରିଥିଲେ। ଲୋକେଶ ରାହୁଲ ୭୭ ରନ କରି ଆଉଟ ହୋଇଥିବାବେଳେ ଜୟସ୍ୱାଲ ୨୯୭ ବଲ୍‌ର ସମ୍ମୁଖୀନ ହୋଇ ୧୫ ଚୌକା ଓ ୩ ଛକା ସହାୟତାରେ ୧୬୧ ରନ କରିଥିଲେ।

### ୧୫ ଇନିଂସର ଶୂନ୍ୟତା

ବିରାଟ କୋହଲି ଏହା ପୂର୍ବରୁ ୨୦୨୩ ଜୁଲାଇରେ ପୋର୍ଟ ଅଫ୍ ସ୍ପେନ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ଶତକ ହାସଲ କରିଥିଲେ। ଅର୍ଥାତ୍ ଏହା ମଧ୍ୟରେ ୧୫ ଇନିଂସରେ ସେ ୩ ଅଙ୍କ ବିଶିଷ୍ଟ ସଂଖ୍ୟା ସ୍ପର୍ଶ କରିପାରି ନ ଥିଲେ। ସେଥିପାଇଁ ତାଙ୍କୁ ଅନେକ ସମାଲୋଚନାର ସରବ୍ୟ ହେବାକୁ ପଡ଼ିଥିଲା। ପର୍ଥ ଷ୍ଟାଡିୟମ ଗ୍ୟାଲେରିରେ ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ଉପସ୍ଥିତିରେ ସେହି ଶୂନ୍ୟତାକୁ ଭାଙ୍ଗି କ୍ୟାରିୟରର ୩୦ତମ ଟେଷ୍ଟ ଶତକ ହାସଲ କରିଛନ୍ତି ବିରାଟ। ଏ କ୍ଷେତ୍ରରେ ସେ ଅଷ୍ଟ୍ରେଲିଆର କ୍ରିକେଟ କିମ୍ବଦନ୍ତୀ ସାର୍ ଡୋନାଲ୍ଡ ବ୍ରାଡ୍‌ମ୍ୟାନ (୨୯ ଶତକ)ଙ୍କୁ ପଛରେ ପକାଇଛନ୍ତି। ସେ ଶତକ ପୂରଣ କରିବା କ୍ଷଣି ଅଧିନାୟକ ଦାୟିତ୍ୱ ତୁଲାଉଥିବା ଯଶପ୍ରୀତ୍ ବୁମ୍‌ରା ଇନିଂସ ଘୋଷଣା କରି ଦେଇଥିଲେ। ୧୪୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ନିଜ ଶତକ ମଧ୍ୟରେ ୮ ଚୌକା ଓ ୨ ଛକା ମାରିଥିଲେ। ନୀତୀଶ କୁମାର ରେଡ୍ଡୀ ଟି୨୦ ଷ୍ଟାଇଲ୍‌ରେ ବ୍ୟାଟିଂ କରି ୨୭ ବଲ୍‌ରୁ ୩୮ ରନରେ ଅପରାଜିତ ରହିଥିଲେ।



**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୫୦। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୦୪। ଭାରତ ଦ୍ୱିତୀୟ ଇନିଂସ: ୪୮୭/୬/ଘୋଷଣା( ଯଶସ୍ୱୀ ଜୟସ୍ୱାଲ-୧୬୧, ବିରାଟ କୋହଲି-୧୦୦*, ଲୋକେଶ ରାହୁଲ-୭୭, ନୀତୀଶ କୁମାର କୁମାର ରେଡ୍ଡୀ-୩୮*, ନାଥାନ ଲିୟନ-୨/୯୬, ମିଚେଲ ଷ୍ଟାର୍କ-୧/୧୧୧, ଜୋଶ ହାଜେଲଉଡ-୧/୨୮, ପ୍ୟାଟ୍ କୁମିନ୍ସ-୧/୮୬, ମିଚେଲ ମାର୍ଶ-୧/୬୫)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୨/୩।

# ଭର୍ଷ୍ଟାପେନ୍‌ଙ୍କୁ କ୍ରମାଗତ ୪ର୍ଥ ବିଶ୍ୱ ଟାଇଟଲ

**ଲାସ୍ ଭେଗାସ, ୨୪।୧୧ (ଏପି)**

ଲାସ୍‌ଭେଗାସ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍‌ରେ ୫ମ ସ୍ଥାନରେ ରହିଥିଲେ ମଧ୍ୟ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ କ୍ରମାଗତ ଚତୁର୍ଥ ଏବଂ ମୋଟ ଉପରେ ୪ର୍ଥ ୱାର୍ଲ୍ଡ ଡ୍ରାଇଭର୍ସ ଚାମ୍ପିୟନଶିପ୍ ଟାଇଟଲ ବିଜୟୀ ହୋଇଛି। ସିଜନର ଆଉ ଦୁଇଟି ରେସ ବାକି ରହିଥିଲେ ମଧ୍ୟ ଭର୍ଷ୍ଟାପେନ୍ (୪୦୩ ପଏଣ୍ଟ) ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମ୍ୟାକଲରେନର ଲାଣ୍ଡୋ ନୋରିସ (୩୪୦)ଙ୍କଠାରୁ ଯଥେଷ୍ଟ ଆଗରେ ରହିଛନ୍ତି। ତେଣୁ ସେ ଡ୍ରାଇଭର୍ସ ଚାମ୍ପିୟନଶିପ୍ ଜିତିବା ଆଗୁଆ ପକ୍କା ହୋଇସାରିଛି। ଫର୍ମୁଲା ୱାନ ଇତିହାସରେ ଅତିକମ୍‌ରେ ୪ଟି ଟାଇଟଲ ହାସଲ କରିବାରେ ଭର୍ଷ୍ଟାପେନ୍ ହେଉଛନ୍ତି ୬ଷ୍ଠ ଡ୍ରାଇଭର। ଶନିବାର ରାତିରେ ଅନୁଷ୍ଠିତ ଏହି ରେସ୍‌ରେ ମର୍ସିଡିଜ୍‌ର ଦୁଇ ଡ୍ରାଇଭର ଜର୍ଜ ରସେଲ ଓ ଲୁଇସ୍ ହାମିଲଟନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଫେରାରିର କାର୍ଲୋସ ସେଞ୍ଜ ଜୁନିୟର ଓ ଚାର୍ଲ୍ସ ଲେକ୍‌ରେକ ଯଥାକ୍ରମେ ୩ୟ ଓ ୪ର୍ଥ ହୋଇଥିଲେ ଭର୍ଷ୍ଟାପେନଙ୍କ ପଛକୁ ଲାଣ୍ଡୋ ନୋରିସ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ।










Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

୫୧
ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ନଭେମ୍ବର ୨୫/୨୦୨୪ (୧୬+୪=୨୦ ପୃଷ୍ଠା) | Bhubaneswar, Monday, November 25/2024 Page 20 ₹ 7.00 | SAMBALPUR
୫୧ଶ ଭାଗ ୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 2 | ମୂଲ୍ୟ ₹୭/-

# ଚାଷୀଙ୍କୁ ଘାରିଛି ଅଭାବୀ ବିକ୍ରି ଭୟ

ଭବାନୀପାଟଣା,୨୪।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଧାନ ସମେତ କପା ଓ ଡାଲି ଜାତୀୟ ଶସ୍ୟ ସହ ମାଣ୍ଡିଆ, ଗୁର୍ଜି ଭଳି ବିଭିନ୍ନ ଚାଷକୁ ନେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ରାଜ୍ୟରେ ଧାନ ଉତ୍ପାଦନରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଜିଲାରେ ଧଳା ସୁନା କୁହାଯାଉଥିବା କପା ଉତ୍ପାଦନରେ ମଧ୍ୟ ରାଜ୍ୟର ସବୁଠୁ ଅଗ୍ରଣୀ ଜିଲା ଭାବେ କଳାହାଣ୍ଡି ପରିଚୟ ପାଇଛି। ହେଲେ ପାଣିପାଗ ଚାଷୀଙ୍କ ମୁଣ୍ଡରେ ଚଡକ ପକାଇ ଦେଇଥିବା ବେଳେ ଅମଳ ପରେ ମଧ୍ୟ ମଣ୍ଡି ନ ଖୋଲିବାରୁ ଏବେ ଦଲାଲ ସକ୍ରିୟ ହୋଇଛନ୍ତି। ଚଳିତବର୍ଷ କଳାହାଣ୍ଡି ଜିଲାର ଭବାନୀପାଟଣା, କେସିଙ୍ଗା, ନର୍ଲା ମଦନପୁର ରାମପୁର, ଗୋଲାମୁଣ୍ଡା ସମେତ କର୍ଲାମୁଣ୍ଡା ବ୍ଲକରେ ବିପୁଳ ପରିମାଣର କପା ଚାଷ ହୋଇଛି। ଚଳିତବର୍ଷ ବିଳମ୍ବରେ କପା ମଣ୍ଡି ଖୋଲିବା ଯୋଗୁ ଚାଷୀ ଅଭାବୀ ବିକ୍ରିର ଶୀକାର ହେଲାଣି। ଗତ କିଛି ଦିନ ତଳେ ବାତ୍ୟା ଦାନା ଯୋଗୁ ଝିପି ଝିପି ବର୍ଷା ଓ ଲେଡା ପୋକ ଯୋଗୁ ଚାଷୀଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଥିବା ବେଳେ ଅନେକ କପା ଚାଷ ନଷ୍ଟ ହୋଇଛି।


ଭବାନୀପାଟଣା ବ୍ଲକରେ ହୋଇଥିବା କପା ଚାଷ।

ଫଳରେ ଉତ୍ପାଦନ କମିବାରୁ ଚାଷୀ ଏବେ କ୍ଷତିରେ ଅଛି। ଅନ୍ତର୍ଜାତୀୟ ବଜାରରେ ଏବେ କପାର ମୂଲ୍ୟ ହ୍ରାସ ଚାଷୀଙ୍କୁ ଚିନ୍ତାରେ ପକେଇ ଦେଇଛି। ଆସନ୍ତା ୨୬ରୁ ଜିଲାର କର୍ଲାପଡ଼ା ମଣ୍ଡିରୁ କପା କିଣା ଆରମ୍ଭ ହେବ ବୋଲି ପ୍ରଶାସନର ବାର୍ଷିକ କପା କିଣା ବୈଠକରେ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଜିଲାରେ ପ୍ରାୟ ୪୦ ପ୍ରତିଶତ କପା ଅମଳ ହେଲାଣି। ଏଥର କପାର ସହାୟକ ମୂଲ୍ୟ ୭ ହଜାର ୫୮୦ ଟଙ୍କା ରହିଛି। ହେଲେ ଚାହିଦା କମ ଥିବାରୁ କୁଟିଆରେ କପା କୁଇଣ୍ଟାଲ ପ୍ରତି ୫ ହଜାର ଟଙ୍କାରେ ବିକ୍ରି ହେଉଛି। କପା ଏକ ବ୍ୟୟବହୁଳ ଚାଷ, ଏକର ପିଛା ପ୍ରାୟ ୪ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ।

ଛୋଟ ଚାଷୀମାନେ ଧାର କରଜ କରି ଏହି ଚାଷ କରିଥାନ୍ତି। ଧାରକରଜ ଶୁଝିବାକୁ କପା ଉତ୍ପାଦନ ହେଉ ହେଉ ଛୋଟ ଚାଷୀମାନେ ବିକ୍ରି କରିବା ଆରମ୍ଭ କରନ୍ତି। ଉତ୍ପାଦନର ୧ ମାସ ପରେ ମଣ୍ଡି ଆରମ୍ଭ ହେଉଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଶୀଘ୍ର ଋଣମୁକ୍ତ ହେବା ପାଇଁ ବାଧ୍ୟରେ ଏହି କପା ଦଲାଲ ହାତକୁ ଟେକିଦେଉଛି। ପ୍ରଶାସନ ପକ୍ଷରୁ କୌଣସି କଟକଣା ନ ଥିବାରୁ ଦଲାଲମାନେ ଆରାମେରେ ଚୋରାରେ ଶହ ଶହ କୁଇଣ୍ଟାଲ କପା ଅନ୍ୟ ଜିଲା ଓ ରାଜ୍ୟକୁ ପଠାଉଛନ୍ତି। ଚଳିତ ବର୍ଷ ଜିଲାରେ ୭୦ ହଜାର ହେକ୍ଟର ଜମିରେ ପ୍ରାୟ ୧୦ ଲକ୍ଷ କୁଇଣ୍ଟାଲ କପା

**ମଣ୍ଡି ଖୋଲିବାରେ ବିଳମ୍ବ**

- ଜିଲା ପ୍ରଶାସନ ୧୦ ଲକ୍ଷ କୁଇଣ୍ଟାଲ ଉତ୍ପାଦନ ଲକ୍ଷ୍ୟ
- କଳାହାଣ୍ଡିରେ ୨୬ରୁ ଖୋଲିବ କପାମଣ୍ଡି

ଉତ୍ପାଦନ ଲକ୍ଷ୍ୟ ରଖିଛି ଜିଲା ପ୍ରଶାସନ। ଏଥର ବି ବଜାର ମାନ୍ଦା ପାଇଁ ଟ୍ରେଡର୍ସ ଅପେକ୍ଷା କପା ନିଗମ ଅଧିକ କପା କିଣିବା ସମ୍ଭାବନା ଦେଖାଦେଇଛି। ବାହାରୁ କୌଣସି ଟ୍ରେଡର୍ସ ଆସିବାର ସମ୍ଭାବନା ନାହିଁ। ତେଣୁ କପା ନିଗମ ଓ ୮ଟି ଜିନିଂ ମିଲ ହିଁ ଚାଷୀଙ୍କ ଭରସା। ଏଥର ମଧ୍ୟ ମଣ୍ଡି ବ୍ୟବସ୍ଥାରେ କୌଣସି ସୁଧାର ହୋଇ ନ ଥିବାରୁ ଗତବର୍ଷ ଭଳି ଗୋଟିଏ ଦୁଇଟି ମଣ୍ଡି ପରେ ମିଲ ପଏଣ୍ଟ କ୍ରୟ ସେଣ୍ଟର କରିବା ଆଶଙ୍କା ଦେଖାଦେଇଛି। ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି କପା କିଣା ବୈଠକକୁ ଚାଷୀଙ୍କୁ ଡକା ଯାଉନାହିଁ କିମ୍ବା ସେମାନଙ୍କ ମତାମତ ନିଆଯାଉ ନ ଥିବାରୁ ମଣ୍ଡି ବ୍ୟବସ୍ଥା ସବୁବେଳେ ଫେଲ ମାରୁଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି।

# ୮୧ ଆନ୍ତଃରାଜ୍ୟ ଜୁଆଡ଼ି ଗିରଫ

ନୂଆପଡା,୨୪।୧୧(ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆରରୋଡ୍ ଜୋଙ୍କ ଥାନା ଅଞ୍ଚଳରେ ଏକ ଜୁଆ ଆଡ୍ଡା ଉପରେ ଶନିବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ୮୧ ଆନ୍ତଃରାଜ୍ୟ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଛତିଶଗଡ଼ ମହାସମୁନ୍ଦ ଜିଲାର ୬୪, ଓଡ଼ିଶା ୧୪, ମହାରାଷ୍ଟ୍ରରୁ ୨, ଚେନ୍ନାଇରୁ ଜଣେ ରହିଛନ୍ତି। ସେମାନଙ୍କ ନିକଟରୁ ୨୯ ଲକ୍ଷ ୫୫ ୪୦୫ ଟଙ୍କା, ୨୯ଟି କାର, ୫ଟି ବାଇକ୍, ୮୮ ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶନିବାର ସନ୍ଧ୍ୟାରେ ଜୋଙ୍କ ଥାନା ଚାଳମୁଣ୍ଡା ଓ ଠେଲକୋବେଡ଼ା ଗାଁ ନିକଟରେ ଶହଶହ ଲୋକ ଜୁଆ ଖେଳୁଥିଲେ। କୋରାପୁଟ ଡିଆଇଜି ଅଫିସରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ଓ ଛତିଶଗଡ଼ ସିଆର୍‌ପିଏଫ୍ ଯବାନଙ୍କ ସହାୟତାରେ ଚଢ଼ାଉ କରାଯାଇଥିଲା। ସିଆର୍‌ପିଏଫ୍ ଯବାନମାନେ ଜଙ୍ଗଲ ଚାରି ପଟେ ଘେରାବନ୍ଦୀ କରି ଜୁଆଡ଼ିଙ୍କୁ କାବୁ କରିଥିଲେ। ଅନ୍ଧାରର ସୁଯୋଗ ନେଇ କେତେକ ଜୁଆଡ଼ି ଖସି ପଳାଇଥିବା ଜଣାପଡ଼ିଛି। କୋରାପୁଟ ପୋଲିସ ନୂଆପଡ଼ା ପୋଲିସକୁ ଖବର ଦେଇଥିଲା। ରାତିରେ ନୂଆପଡ଼ା ଏସ୍‌ପି ରାଘବେନ୍ଦ୍ର ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

**ନୂଆପଡ଼ା ଜିଲା ଜଙ୍କ୍ ଥାନା ଆଇଆଇସି ନିଲମ୍ବିତ**

ଭୁବନେଶ୍ୱର,୨୪।୧୧(ଅନିଲ ଦାସ)

କର୍ତ୍ତବ୍ୟରେ ଅବହେଳା କରିଥିବା ଅଭିଯୋଗରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ନୂଆପଡ଼ା ଜିଲା ଜଙ୍କ୍ ଥାନା ଆଇଆଇସି ଗୁରୁଦେବ କର୍ମୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଏଥିସହ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଆଦେଶ ବଳବତ୍ତର ଥିବା ପର୍ଯ୍ୟନ୍ତ କର୍ମୀ ଡିଆଇଜି,ଏସ୍‌ଡବ୍ଲ୍ୟୁଆର କୋରାପୁଟଙ୍କ ନିୟନ୍ତ୍ରଣରେ ରହି କାର୍ଯ୍ୟ କରିବେ। ଉଲ୍ଲେଖଯୋଗ୍ୟ ଯେ, ଶନିବାର ସନ୍ଧ୍ୟାରେ ଜୋଙ୍କ ଥାନା ଅଧୀନ ଚାଳମୁଣ୍ଡା ଓ ଠେଲକୋବେଡ଼ା ଗାଁ ନିକଟରେ ଜୁଆ ଖେଳ ଚାଲିଥିଲା। ଜୁଆଖେଳ ଉପରେ କୋରାପୁଟ ପୋଲିସ ହସ୍ତକ୍ଷେପ କରିଥିଲା। ନୂଆପଡା ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଜଙ୍କ ଥାନା ଅଧିକାରୀ ଗୁରୁଦେବଙ୍କୁ ନିଲମ୍ବନ କରାଯାଇଛି।

ଆଗାମୀ ଦିନରେ ସହରଠାରୁ ଗାଁ ପର୍ଯ୍ୟନ୍ତ ଟିଖିନିଖି ଯାଞ୍ଚ କରାଯିବ ବୋଲି ଏସ୍‌ପି ରାଘବେନ୍ଦ୍ର କହିଛନ୍ତି। ଏହି ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରା, ଜୋଙ୍କ ଥାନା ଅଧିକାରୀ ଗୁରୁଦେବ କର୍ମୀ ଉପସ୍ଥିତ ଥିଲେ।


ନକୁଳ ଭୁଜାବାଲାଙ୍କ ଷ୍ଟଲରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।


ରବି ଟି' ଷ୍ଟଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ।

# ଚର୍ଚ୍ଚାରେ ସୋମନାଥଙ୍କ ଚା', ନକୁଳଙ୍କ ଭୁଜା ଷ୍ଟଲ

ବଲାଙ୍ଗୀର,୨୪।୧୧(ବୀରେନ୍ଦ୍ର କୁମାର ଝାଙ୍କର)

**ଦିଲ୍ଲୀ ଓଡ଼ିଶା ପର୍ବ ସମାରୋହରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା**

ଦିଲ୍ଲୀରେ ଚାଲିଥିବା ଓଡ଼ିଶା ପର୍ବ ୨୦୨୪ ରବିବାର ଉଦ୍‌ଯାପିତ ହୋଇଛି। ଏହି ଓଡ଼ିଶା ପର୍ବରେ ବଲାଙ୍ଗୀରର ଦୁଇଟି ଷ୍ଟଲ୍ ଚର୍ଚ୍ଚା ଓ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ରବି ଟି ଷ୍ଟଲ୍ ଏବଂ ନକୁଲ ଭୁଜା ଷ୍ଟଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପରିଦର୍ଶନ କରିଛନ୍ତି। ରବି ଟି' ଷ୍ଟଲର ମାଲିକ ସୋମନାଥ ସାହୁଙ୍କ ଚା' ଓ ନକୁଲ ପଟ୍ଟନାୟକଙ୍କ ମସଲା ଭୁଜାକୁ ଅନେକ ମନଭରି ପ୍ରଶଂସା ମଧ୍ୟ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ସୋମନାଥଙ୍କ ଷ୍ଟଲର ଚା' ପିଇବା ପରେ ୟେ କୌନ୍ ସା ଚାଏ ହୈ ବୋଲି ପଚାରିଥିଲେ। ସୋମନାଥ କହିଥିଲେ ୟେ ବଲାଙ୍ଗୀର କା ସବ୍‌ସେ ଅଲଗ୍ ଆମ୍‌ଲକିଆ ଚାଏ ହୈ। ଏହି ଚା'ର ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଏ ବୋଲି କହିବାରୁ ତୁହାଁରା ଚାଏ ଲା ଜବାବ୍ ହୈ ବୋଲି ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସା କରିଥିବା ସୋମନାଥ କହିଛନ୍ତି। ସେହିପରି ନକୁଲଙ୍କ ଭଜା ଆଳୁ ମସଲା ମିକ୍ସଡ୍ ଭୁଜାକୁ ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସା କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନକୁଲଙ୍କ ଭୁଜା ଏବଂ ସୋମନାଥଙ୍କ ଚା ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ଦୁଇ ବଲାଙ୍ଗୀରିଆଙ୍କ କଠିନ ପରିଶ୍ରମ ଏବଂ ଲୋକପ୍ରିୟତାକୁ ଖୁବ୍ ପ୍ରଶଂସା କରିଥିଲେ। ଓଡ଼ିଶା ପର୍ବ ପରିକଳ୍ପନା ପରଠାରୁ ଓଡ଼ିଶାର ପୁରପଲ୍ଲୀର ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ କରି ସେମାନଙ୍କୁ ଦିଲ୍ଲୀ ଦରବାରକୁ ନେଇ ତାଙ୍କ ଦକ୍ଷତା ଏବଂ ପ୍ରତିଭା ପରିଚୟ କରାଯାଉଛି। ସମ୍ବଲପୁର ଆଇଆଇଏମ୍ ପ୍ରଫେସର ଡ. ସୁଜିତ କୁମାର ପୃଷେଠ୍ ଏହି ଲୁକ୍କାୟିତ ପ୍ରତିଭାଙ୍କୁ ଦିଲ୍ଲୀ ଦରବାର ପହଞ୍ଚାଇଛନ୍ତି। ଚଳିତ ଓଡ଼ିଶା ପର୍ବରେ ପ୍ରଫେସର ପୃଷେଠ୍ ମଧ୍ୟ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ବିଶାଳ ସମାବେଶ

କୁଚିଣ୍ଡା,୨୪।୧୧(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା କୁଚିଣ୍ଡାରେ ରବିବାର ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘର ଏକ ବିଶାଳ ସମାବେଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ଦୁର୍ଶିଳା ଧୁରୁଆଙ୍କ ଅଧ୍ୟକ୍ଷତାରେ ହୋଇଥିବା ସମାବେଶରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାର ଦିନକୁ ଦିନ ଅଙ୍ଗନୱାଡି କର୍ମୀଙ୍କ ଉପରେ କାର୍ଯ୍ୟଭାର ବଢାଇ ଚାଲିଛନ୍ତି। ହେଲେ ସେମାନଙ୍କ ଭତ୍ତା ବୃଦ୍ଧି ହେଉନାହିଁ। ସାମାଜିକ ନିରାପତ୍ତା ଯୋଜନାରେ ସେମାନଙ୍କୁ ସାମିଲ କରାଯାଉ ନ ଥିବା ବେଳେ ଆନୁସଙ୍ଗିକ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଉଛି। କର୍ମୀମାନଙ୍କୁ ୨୦୧୯ରେ ଦିଆଯାଇଥିବା ମୋବାଇଲ ଫୋନ ୫ଜି ଯୁଗରେ କାମ ଦେଉନାହିଁ। ବାର୍ଷିକ ରିଚାର୍ଜ ପାଇଁ ଦିଆଯାଉଥିବା ଅର୍ଥ ନିଅଣ୍ଟିଆ ହେଉଛି। ସେହିପରି ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ରନ୍ଧନଖାଦ୍ୟ ବଜାରଦର ଅନୁଯାୟୀ ସଂଶୋଧନ କରିବା, ଶ୍ରମିକ ମାନ୍ୟତା ପ୍ରଦାନସହ ବଜାର ଦରକୁ ଦୃଷ୍ଟିରେ ରଖି ଅଣ୍ଡା ପାଇଁ ଅର୍ଥ ବ୍ୟବସ୍ଥା କରିବା, ଗସ୍ତଖର୍ଚ୍ଚ ଦିଆଯିବା ସହ କର୍ମୀଙ୍କୁ ଗାଁ କଲ୍ୟାଣ ସମିତିରୁ ବାଦଦେବା ଏବଂ କର୍ମୀମାନଙ୍କୁ ଶତପ୍ରତିଶତ ପଦୋନ୍ନତି ପ୍ରଦାନ ପାଇଁ ଦାବି କରାଯାଇଥିଲା। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ ନକଲେ ଡିସେମ୍ବର ୧୯ରେ ବ୍ୟାପକ ଆନ୍ଦୋଳନ କରାଯିବାକୁ ସମାବେଶରେ ନିଷ୍ପତ୍ତି ନିଆଯାଇଛି। ଏହି ସମାବେଶରେ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ କେନ୍ଦ୍ରୀୟ ସାଧାରଣ ସମ୍ପାଦିକା ପ୍ରଭାସିନୀ ପାଢୀ, ଉପଦେଷ୍ଟା ଶାନ୍ତିଲତା ପଟେଲ, ସୈରେନ୍ଦ୍ରୀ ମହାନନ୍ଦ, ହେମାଦ୍ରୀ ପ୍ରଧାନ, କନକ ପ୍ରଧାନ, ସୁଲେଖା ବେହେରା, ରତ୍ନ ସାହୁଙ୍କ ସମେତ ସମ୍ବଲପୁର ଜିଲାର ୯ଟି ବ୍ଲକରୁ ବହୁସଂଖ୍ୟକ ଅଙ୍ଗନୱାଡି କର୍ମୀ ଓ ସହାୟିକା ଯୋଗଦେଇଥିଲେ।


ସମାବେଶରେ ଅଙ୍ଗନୱାଡି ସଂଘ କର୍ମକର୍ତ୍ତାଙ୍କ ସହ କର୍ମୀ ଓ ସହାୟିକା ।

# ସମ୍ବଲପୁରରେ ଖୁବ୍‌ଶୀଘ୍ର ଦ୍ୱିତୀୟ ଏମ୍‌ସ: ସ୍ୱାସ୍ଥ୍ୟମନ୍ତ୍ରୀ

ସମ୍ବଲପୁର,୨୪।୧୧(ଭବାନୀ ଶଙ୍କର ଭୋଇ)

ପଶ୍ଚିମ ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ମେରୁଦଣ୍ଡ କୁହାଯାଉଥିବା ବୁର୍ଲା ଭିମ୍‌ସାରରେ ଡାକ୍ତର ଅଭାବ, ଏମ୍‌ଆର୍‌ଆଇ ମେଶିନ ଅଚଳ ହୋଇପଡ଼ିଛି। ଏହି ପ୍ରସଙ୍ଗରେ ରବିବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସମ୍ବଲପୁର ଜିଲା ରେଙ୍ଗାଲିଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଭିମ୍‌ସାରକୁ ସେ ଦୁଇଥର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିସାରିଛନ୍ତି। ବୁର୍ଲା ମେଡିକାଲ ସମେତ ରାଜ୍ୟର ସବୁ ମେଡିକାଲରେ ଡାକ୍ତରଙ୍କ ଅଭାବ ରହିଛି। ଏସବୁ ଗତ ସରକାର ଅମଳର ସମସ୍ୟା। ଏ ସମସ୍ତ ଅଭାବ ପୂରଣ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏଥିସହ ଭିମ୍‌ସାରରେ ଅଚଳ ହୋଇଥିବା ଏମ୍‌ଆର୍‌ଆର ମେଶିନ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ରାଜ୍ୟର ସମ୍ବଲପୁରଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପ୍ରସଙ୍ଗରେ ମଧ୍ୟ ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଆବଶ୍ୟକ


ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ

କାଗଜପତ୍ର ସମ୍ବନ୍ଧୀୟ ପଦକ୍ଷେପ ନିଆଯାଉଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନେଇ କାର୍ଯ୍ୟ ଚାଲିଛି। ଏ ନେଇ ଖୁବ୍‌ଶୀଘ୍ର ଖୁସି ଖବର ମିଳିବ ବୋଲି ମହାଲିଙ୍ଗ କହିଛନ୍ତି। ଏହି ଅବସରରେ ସମ୍ବଲପୁର ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ସମ୍ବଲପୁର ଜନାର୍ଦ୍ଦନ ପୂଜାରୀ ମାତୃ ମଙ୍ଗଳ କେନ୍ଦ୍ରକୁ ହେରିଟେଜ୍ ଅର୍ବାନ ସିଏଚ୍‌ସି କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂଯୋଜକ ପ୍ରଫୁଲ୍ଲ କୁମାର ଦାଶ, ଅନୁପ କୁମାର ତରିଆ ଓ ପ୍ରଦୀପ କୁମାର ବେହେରା ଉପସ୍ଥିତ ଥିଲେ।

# ଶ୍ରୀହୀନ ଅବସ୍ଥାରେ ସହରର ୮ ପାର୍କ

ସୋନପୁର,୨୪।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରବାସୀ ଓ ଶିଶୁଙ୍କ ଚିତ୍ତବିନୋଦନ ପାଇଁ ୯ରୁ ଊର୍ଦ୍ଧ୍ୱ ଛୋଟ ବଡ଼ ପାର୍କ(ଉଦ୍ୟାନ) ରହିଛି। ସେଥିମଧ୍ୟରୁ କେବଳ ଟାଉନ୍‌ହଲ୍ ନିକଟସ୍ଥ ସ୍ମାର୍ଟ ପାର୍କର ରକ୍ଷଣାବେକ୍ଷଣ ପାଇଁ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନିଯୁକ୍ତି ଦିଆଯାଇଛି। ବାକି ୮ଟି ପାର୍କ ରକ୍ଷଣାବେକ୍ଷଣ ଅଭାବରୁ ଶ୍ରୀହୀନ ହୋଇପଡ଼ିଛି। ସୁରେଶ୍ୱରୀ ମନ୍ଦିର ପାର୍ଶ୍ୱରେ ଶିଶୁମାନଙ୍କ ଚିତ୍ତବିନୋଦନ ପାଇଁ ୨୦୦୮ ମସିହାରେ ଏକ ଶିଶୁ ଉଦ୍ୟାନ ନିର୍ମାଣ ହୋଇଥିଲା। ତତ୍କାଳୀନ ରାଜ୍ୟ ସଭା ସଦସ୍ୟ ଦିଲୀପ ରାୟଙ୍କ ଏମ୍‌ପି ଲ୍ୟାଡ୍ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଆର୍ଥିକ ଅନୁଦାନରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲା। ୨୦୦୯ରୁ ଆରମ୍ଭ ହୋଇଥିବା ଏହି ଉଦ୍ୟାନଟି ଏବେ ନାମକୁମାତ୍ର ରହିଛି। ପୌର ପରିଷଦ ଅଧୀନରେ ଥିବା ଏହି ଶିଶୁ ଉଦ୍ୟାନର ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଉନି କି ଶିଶୁଙ୍କ ପାଇଁ ଖୋଲାଯାଉନି। ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଦୋଳି ଓ ଝୁଲଣା ଭାଙ୍ଗିଯାଇଛି। ବସିବା ଲାଗି ଆବଶ୍ୟକ ଚୌକି ନାହିଁ। ୱାଟରଫଲ୍ ମଧ୍ୟ କାର୍ଯ୍ୟ କରୁନାହିଁ। ଆବଶ୍ୟକ


ସୁବର୍ଣ୍ଣପୁର ହେରିଟେଜ୍ ପାର୍କରେ ଅନାବନା ଘାସ ଲତା ମାଡ଼ିଗଲାଣି।

ଯତ୍ନ ଅଭାବରୁ ଫୁଲ ଗଛଗୁଡିକ ନଷ୍ଟ ହୋଇଗଲାଣି। ଦୀର୍ଘମାସ ହେବ ଶିଶୁ ଉଦ୍ୟାନର ମରାମତି ସରୁନି କି ମୁଖ୍ୟ ଫାଟକରୁ ତାଲା ଖୋଲୁନି। ଏବେ ସହରବାସୀ ଏହି ପାର୍କରୁ ମୁହଁ ଫେରାଇ ନେଉଛନ୍ତି। ଏହାକୁ ସୁରେଶ୍ୱରୀ ମନ୍ଦିର ଉଦ୍ୟାନ ସହ ମିଶାଇଦେବାକୁ ସହରବାସୀ ଦାବିକରି ଆସୁଛନ୍ତି।

ସେହିପରି ସବ୍‌ଜେଲ ନିକଟରେ ନୂତନ ଭାବେ ହେରିଟେଜ୍ ପାର୍କ ବେଶ୍ ସୁନ୍ଦର ଭାବେ ନିର୍ମାଣ କରାଯାଇଛି। ଏଥିରେ ସ୍ମୃତି ସ୍ତମ୍ଭ, ସୁବର୍ଣ୍ଣପୁର ବାନ୍ଧ କଳା ଓ ଡାଲ ଖାଇ ନୃତ୍ୟ ଆଦି ପ୍ରଦର୍ଶିତ ହେଉଛି। ତେବେ ପାର୍କକୁ ସଫାସୁତରା କରାଯାଉନି କି ଗଛରେ ପାଣି ଦିଆଯାଉନି। ଅନାବନା ଘାସ ଓ ଲତାରେ ପାର୍କଟି ପରିପୂର୍ଣ୍ଣ ହୋଇଗଲାଣି। ରାମେଶ୍ୱର ମନ୍ଦିର ନିକଟରେ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନ ଭାବେ ନିର୍ମାଣ ହୋଇଥିବା ପାର୍କ ଏବେ ଶ୍ରୀହୀନ ଅବସ୍ଥାରେ ରହିଛି। ଏହା ସରୀସୃପଙ୍କ ଆଶ୍ରୟସ୍ଥଳ ପାଲଟିଗଲାଣି। ସହର ମଧ୍ୟସ୍ଥଳ ବିଜୁ ପଟ୍ଟନାୟକ ଛକରେ ଥିବା କ୍ଷୁଦ୍ର ପାର୍କ, ରାମ୍‌ଜୀନଗର ଅଞ୍ଚଳର ମାରୁତି ଉଦ୍ୟାନ, ଟାଉନ୍ ହଲ୍ ପରିସର,

**ରକ୍ଷଣାବେକ୍ଷଣ ହେଉନି**

ଗ୍ରୀଡ୍‌କୋ ଅଞ୍ଚଳରେ ଥିବା ପାର୍କ, କୁଲପଡ଼ାରେ ଥିବା ପାର୍କ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପାର୍କ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟହେବାକୁ ବସିଲାଣି। ପାର୍କ ପରିସରରୁ ଅନାବନା ଗଛ ଓ ଘାସ ଦୀର୍ଘମାସ ହେଲା ସଫା କରାଯାଉନି। ଫୁଲଗଛ ଓ ସୁନ୍ଦରତା ପାଇଁ ଲଗାଯାଇଥିବା ଗଛଗୁଡିକ ପାଣି ଅଭାବରୁ ମରିଯିବାକୁ ବସିଲାଣି। କର୍ମଚାରୀ ଅଭାବ ଯୋଗୁ ପୌର ପରିଷଦ ପାର୍କଗୁଡିକର ପରିଚାଳନା ଠିକ୍‌ଭାବେ କରିପାରୁ ନ ଥିବା ସଫେଇ ଦେଇଛି। ତେବେ ଆଗକୁ ନୂଆବର୍ଷ ଆସୁଥିବାରୁ ପାର୍କଗୁଡିକର ଆବଶ୍ୟକ ସଫେଇ ଓ ଯତ୍ନ ନିଆଯିବାକୁ ସହରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସୁବର୍ଣ୍ଣପୁର ପୌର ପରିଷଦର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ କୁହନ୍ତି, ପାର୍କ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ନୂତନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ନିଯୁକ୍ତ କରାଯିବ। ଖୁବ୍‌ଶୀଘ୍ର ଏନେଇ ଟେଣ୍ଡର ଆହ୍ୱାନ କରାଯିବ ବୋଲି ସ୍ୱାଇଁ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସୋନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଜେଏମ୍‌ଏମ୍ ବିଧାୟକ ଦଳ ନେତା ହେମନ୍ତ ସୋରେନ ରବିବାର ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ ଗଙ୍ଗୱାରଙ୍କୁ ଭେଟି ରାଜ୍ୟରେ ନୂତନ ସରକାର ଗଠନ କରିବାକୁ ଦାବି ଜଣାଉଛନ୍ତି।

# ଛାତ୍ରୀଛାତ୍ର ଅଧିକ ସଂଖ୍ୟାରେ ଏନ୍‌ସିସିରେ ଯୋଗ ଦିଅନ୍ତୁ: ଭାଜପା

ଭୁବନେଶ୍ୱର, ୨୪।୧୧(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୧୬ ତମ ସଂସ୍କରଣରେ ଯୁବବର୍ଗମାନଙ୍କୁ ଏନ୍‌ସିସିରେ ଯୋଗଦେବାକୁ ନିବେଦନ କରିଛନ୍ତି। ଏହା ଯୁବବର୍ଗ ମଧ୍ୟରେ ନୂଆ ଉତ୍ସାହ ଭରିଦେଇଛି। ଏନେଇ ରାଜ୍ୟର ପ୍ରତ୍ୟେକ ସ୍କୁଲ କଲେଜର ଛାତ୍ରୀଛାତ୍ର ମାତୃଭୂମିର ସେବା ପାଇଁ ଉତ୍ସର୍ଗୀକୃତ ମନୋଭାବ ରଖି ଏନ୍‌ସିସିରେ ଯୋଗଦେବାକୁ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚନ୍ଦ୍ରଶେଖରପୁରଠାରେ ଆୟୋଜିତ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣିବା ପରେ ମନମୋହନ କହିଛନ୍ତି, ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ଭଳି ଜାନୁଆରୀ ୧୨ରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ବାର୍ଷିକୀରେ ଯୁବ ଦିବସ ପାଳନ କରିବାକୁ ଆହ୍ୱାନ କଲେ। ଚଳିତବର୍ଷ ରାଜ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ମହାଆଡ଼ମ୍ବରରେ ପାଳନ କରାଯିବ। ଏହାସହ ବରିଷ୍ଠ ନାଗରିକଙ୍କ ପେନ୍‌ସନ ସମୟର ଅସୁବିଧା ଦୂର କରିବା ପାଇଁ ଡିଜିଟାଲ ଲାଇଫ୍ ସାର୍ଟିଫିକେଟର ବ୍ୟବସ୍ଥା କରିଥିବାରୁ ଧନ୍ୟବାଦ ବୋଲି ସେ କହିଛନ୍ତି। ଏହି ଅବସରରେ ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ମେଣ୍ଟ ସହଯୋଗୀଙ୍କ ମଧ୍ୟରେ ସମନ୍ୱୟ ନ ଥିଲା: କଂଗ୍ରେସ

## ମହାରାଷ୍ଟ୍ର ନିର୍ବାଚନ



ଜି. ପରମେଶ୍ୱର

ମୁମ୍ବାଇ, ୨୪।୧୧

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ପରାଜୟ ପରେ ମହା ବିକାଶ ଅଘାଡ଼ି ମେଣ୍ଟରେ ଆରୋପ ପ୍ରତ୍ୟାରୋପ ରାଜନୀତି ଆରମ୍ଭ ହୋଇଛି। ମହା ବିକାଶ ଅଘାଡ଼ି(ଏମ୍‌ଭିଏ) ମେଣ୍ଟର ଦଳମାନଙ୍କ ମଧ୍ୟରେ ସହଯୋଗ ଏବଂ ସମନ୍ୱୟ ପ୍ରୟାସର ଅଭାବ ଯୋଗୁ ଏହି ପରାଜୟ ଘଟିଥିବା ନେଇ ମହାରାଷ୍ଟ୍ର କଂଗ୍ରେସ ପ୍ରଭାରୀ ତଥା କର୍ଣାଟକ ଗୃହମନ୍ତ୍ରୀ ଜି. ପରମେଶ୍ୱର ରବିବାର କହିଛନ୍ତି। ଅଧିକାଂଶ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀମାନଙ୍କୁ ଶିବସେନା(ୟୁବିଟି)ର ସମର୍ଥନ ମିଳିଲା ନାହିଁ। ସେହିପରି ତୃଣମୂଳ ସ୍ତରୀୟ ଏନସିପି(ଏସ୍‌ପି) ନେତାଙ୍କ ସହ କଂଗ୍ରେସ କର୍ମୀମାନଙ୍କ ତାଳମେଳ ରହି ନ ଥିବା ସେ ସ୍ୱୀକାର କରିଛନ୍ତି। ପରମେଶ୍ୱରା କହିଛନ୍ତି, ବିଦର୍ଭ ଅଞ୍ଚଳରୁ କଂଗ୍ରେସ ପ୍ରାୟ ୫୦ ଆସନ ଜିତିବ ବୋଲି ଆଶା ରଖିଥିଲା। କିନ୍ତୁ ଦଳକୁ ମାତ୍ର ୮ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ତେବେ ମହାରାଷ୍ଟ୍ର ନିର୍ବାଚନରେ ଆସିଥିବା ଅପ୍ରତ୍ୟାଶିତ ଫଳାଫଳ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ(ଇଭିଏମ୍)କୁ ନେଇ ସନ୍ଦେହ ବଢ଼ାଇଛି ବୋଲି ସେ କହିଛନ୍ତି।


## HAPPY BIRTHDAY



Kasturi Priyambada Sahoo (Soni)
ପ୍ରଭୁ ଜଗନ୍ନାଥଙ୍କ ପାଖରେ
ପ୍ରାର୍ଥନା ମୋର
ସବୁବେଳେ ତୋତେ ଖୁସିରେ, ଭଲରେ ଆଉ
ନୀରୋଗ ରଖନ୍ତୁ
ତୋତେ ହୃଦୟରୁ ଜନ୍ମଦିନର ଶୁଭେଚ୍ଛା ଓ
ଶୁଭକାମନା
ଶୁଭେଚ୍ଛା ସହ– ମା, ବାପା, ରାଣୀ, ବାବୁନା, ପୁଅ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୫୫୮୦


# ଆଇନଶୃଙ୍ଖଳା ପରିସ୍ଥିତି ନ ସୁଧୁରିଲେ ଆନ୍ଦୋଳନ: ବିଜେଡି

ଭୁବନେଶ୍ୱର,୨୪।୧୧(ଅନିଲ ଦାସ)

ରାଜ୍ୟରେ ଭାଜପା କ୍ଷମତାକୁ ଆସିବାର ୫ ମାସ ପୂରିଯାଇଥିଲା ବେଳେ ଆଇନ ଶୃଙ୍ଖଳା କେବଳ ବିପର୍ଯ୍ୟସ୍ତ ହୋଇନି, ରାଜ୍ୟ ପୋଲିସ ବାହିନୀକୁ ସରକାରୀ ଗୁଣ୍ଡା ଭାବେ ବ୍ୟବହାର କରାଯାଉଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡିର ମୁଖ୍ୟସଚେତକ ତଥା ପୂର୍ବତନ ବାଚସ୍ପତି ପ୍ରମିଳା ମଲ୍ଲିକ ଓ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଭାଜପା ସରକାରଙ୍କ ଶାସନ କାଳରେ ଘଟିଥିବା ପ୍ରମୁଖ ଆପରାଧିକ ଘଟଣାଗୁଡ଼ିକର ଏକ ଲମ୍ବା ତାଲିକା ଗଣମାଧ୍ୟମ ସମ୍ମୁଖରେ ରଖିଛନ୍ତି । ସୋମବାର ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ପୋଲିସ୍‌ର ବିବାଦୀୟ ଭୂମିକା ଉପରେ ଏକ ସ୍ମାରକପତ୍ର ପ୍ରଦାନ କରିବ। ଏହାପରେ ସ୍ଥିତିରେ ସୁଧାର ନ ଆସିଲେ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଉଭୟ ନେତା କହିଛନ୍ତି। ପ୍ରମିଳା କହିଛନ୍ତି, ରାଜ୍ୟରେ ଭାଜପା କ୍ଷମତାକୁ ଆସୁ ଆସୁ ବିଭିନ୍ନ ଆପରାଧିକ ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଅନେକ ଘଟଣାରେ ପୋଲିସ୍‌ର ଭୂମିକା ମଧ୍ୟ ଚିନ୍ତାଜନକ ରହିଛି। ଯାଜପୁରରେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ଉପରେ ଆକ୍ରମଣର ଅଭିଯୋଗ ଉପରେ ପୋଲିସ୍‌ର କାର୍ଯ୍ୟାନୁଷ୍ଠାନ ଏକତରଫା ରହିଛି ବୋଲି ସେ କହିଛନ୍ତି। ଦାସବର୍ମା କହିଛନ୍ତି, ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ଉପରେ ଆକ୍ରମଣ ଅଭିଯୋଗର ସତ୍ୟାସତ୍ୟକୁ ନେଇ ସନ୍ଦେହ ରହିଛି। ବିଧାୟକଙ୍କ ଦ୍ୱାରା ଭିନ୍ନ ଭିନ୍ନ ଗଣମାଧ୍ୟମକୁ ଦିଆଯାଇଥିବା ବୟାନ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ତାଙ୍କ କଥାର ସତ୍ୟତାକୁ ନେଇ ପ୍ରଶ୍ନ ଉଠିଛି। ଏହି ଘଟଣାରେ ବିଧାୟକ କରିଥିବା ସମସ୍ତ ଦାବି ଅମୂଳକ ଓ ଭିତ୍ତିହୀନ ବୋଲି ସ୍ପଷ୍ଟ ହେଉଛି। ସମଗ୍ର ଘଟଣାଟି ତାଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ବେଳେ ପୋଲିସ ସରକାରୀ ଦଳର ବୋଲକରା ସାଜିଛି ବୋଲି ଦାସବର୍ମା କହିଛନ୍ତି।

## ବିଜେଡିକୁ ଧୈର୍ଯ୍ୟ ରଖିବାକୁ ପଡ଼ିବ: ମନମୋହନ

ଭୁବନେଶ୍ୱର, ୨୪।୧୧(ସୁନିତ୍ ମିଶ୍ର)

ଗଣତନ୍ତ୍ରରେ ହିଂସାକୁ କେହି ସମର୍ଥନ କରିବା ଉଚିତ ନୁହେଁ। ବିଜେଡି କେଉଁ ଅର୍ଥରେ ଏହାକୁ ସମର୍ଥନ କରୁଛି ତାହା ବୁଝାପଡୁନି। ସେମାନେ ଏହାକୁ ନିନ୍ଦା କରିବା ସହ ବିରୋଧ କରିବା ଆବଶ୍ୟକ। ପୂର୍ବରୁ ସେମାନେ ବହୁତ ବଡ଼ବଡ଼ କଥା କହୁଥିଲେ। ହେଲେ କ୍ଷମତା ଯିବା ପରେ ବିରୋଧୀ ହେବାକୁ ମାନସିକସ୍ତରରେ ପ୍ରସ୍ତୁତ ହୋଇନାହାନ୍ତି। ସେମାନଙ୍କୁ ଧୈର୍ଯ୍ୟ ରଖିବାକୁ ପଡ଼ିବ। ସେମାନେ ହିଂସା ରାସ୍ତା ପରିହାର କରନ୍ତୁ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଯାଜପୁରଠାରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଆକ୍ରମଣ ଘଟଣା ନେଇ ରବିବାର ଗଣମାଧ୍ୟମକୁ ସୂଚନା ଦେଇ ମନମୋହନ କହିଛନ୍ତି, ଜଣେ ବ୍ୟକ୍ତି ତା' ନିଜ ସ୍ୱାର୍ଥ ପାଇଁ ସବୁକିଛି କରୁଛି। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏହା ପ୍ରାୟୋଜିତ ଗଣ୍ଡଗୋଳ ଭଳି ଜଣାପଡୁଛି। ତଦନ୍ତ ହେଲେ ସବୁକିଛି ସ୍ପଷ୍ଟ ହେବ।


# Classified Everyday

0674-2580101, 2549949



## REAL ESTATE

### SALE

ମାତ୍ର ଅଢ଼େଇଲକ୍ଷରୁ ସାଢ଼େ ତିନିଲକ୍ଷରେ Best Investment plot, Location ଢେଙ୍କାନାଳ, ଅନୁଗୁଳ, ଜଙ୍କିଆ (ଖୋର୍ଦ୍ଧା) ଭୁବନେଶ୍ୱର, ROI Upto-50 lakhs. Contact-9827767837. D-2049

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011.** D-2054

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45,000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75579

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888.** D-2053

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Newly open health benefits SPA special offer @ 799 Bapuji Nagar. 8018429809. D-76172

## LOST

ଲିଙ୍କ୍ କବଲା ହଜିଛି– ମୁଁ ଧୀରେନ୍ କୁମାର ସ୍ୱାଇଁ, ପିତା– ଶ୍ରୀ ଦୁଃଶାସନ ସ୍ୱାଇଁ, ଗ୍ରାମ– ତମାଣ୍ଡୋ, ଜି– ଖୋର୍ଦ୍ଧା ଘୋଷଣା କରୁଅଛି ଯେ, ମୋର ପିତାଙ୍କ ନିକଟରୁ ଦଉପତ୍ର ହିସାବରେ ପାଇଥିବା ଜାଗା ଖାତା ନଂ.–୨୧୩/୯୨୪, ପ୍ଲଟ୍ ନଂ.–୩୯୧/୧୪୦୧, ଏରିଆ–ଏ୦.୦୨୮ଡିସିମିଲ୍, କବଲା ନଂ.– ୧୧୦୮୨୩୧୨୪୬୨, ୧୫।୦୯।୨୦୨୩ରେ ପାଇଛି। ଗତ ଅଗଷ୍ଟ ମାସରେ ଦଲିଲଟି ତମାଣ୍ଡୋସ୍ଥିତ ଘର ନିକଟରେ କେଉଁଠାରେ ହଜିଯାଇଅଛି। ଉକ୍ତ ସଂକ୍ରାନ୍ତରେ ଗତ ତା୧୧।୧୧।୨୦୨୪ରିଖରେ ମୁଁ ତମାଣ୍ଡୋ ଥାନାରେ କ୍ର ନଂ.–୧୧ରେ ମୂଳ କବଲା ହଜିଯାଇଛି ବୋଲି ଏତଲା ଦାଏର କରିଛି। ଧ-୭୬୨୧୩

## AFFIDAVIT

By virtue of an affidavit sworn before Executive Magistrate,Talcher dated 15.10.2024, I, Liza Sahoo, W/o- Late Krushna Sahoo, Village/P.O.-Hensmul, P.S./SD.-Talcher, Dist.-Angul (Odisha), PIN-759103 declare that I have changed my name from Laxmipriya Sahoo to LIZA SAHOO. Henceforth, I shall be known as LIZA SAHOO for all purposes.
(Liza Sahoo)
D-2052


## LEGAL NOTICE

Letter No.-1860/
dt. 14.10.2024

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ.–୪ ସ୍ଥାନ ସରକାରୀ ଅଫିସ, ୟୁନିଟ୍–୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.–୪୪୬/୨୦୨୩

ସୂର୍ଯ୍ୟକାନ୍ତି ବିଶ୍ୱାଳ ଏବଂ ଅନ୍ୟମାନେ ...ବାଦୀ
ବନାମ
ନିଶାକର ସାହୁ ଏବଂ ଅନ୍ୟମାନେ ...ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର–୫ ରୁଲ୍–୨୦ ମୁତାବକ

୧। ନିଶାକର ସାହୁ, ପିତା– ସ୍ୱର୍ଗତ ଅଧିକାରୀ ସାହୁ, ୨। ଶଙ୍କର ସାହୁ, ପିତା– ସ୍ୱର୍ଗତ ମାୟାଧର ସାହୁ, ୩। ଟାଇ ବେୱା, ସ୍ୱାମୀ– ସ୍ୱର୍ଗତ ରତ୍ନାକର ସାହୁ, ୪। ସୁବର୍ଣ୍ଣ ବେୱା, ସ୍ୱାମୀ– ସ୍ୱର୍ଗତ ଚନ୍ଦ୍ରଶେଖର ସାହୁ, ୫। ଝରୀ ସାହୁ, ପିତା– ସ୍ୱର୍ଗତ ହାଡ୍ଡୁ ସାହୁ, ୬। ତ୍ରିଲୋଚନ ସୁନ୍ଦରାୟ, ପିତା– ସ୍ୱର୍ଗତ ସୋମନାଥ ସୁନ୍ଦରାୟ, ୮। ଉତ୍କଳ ବେୱା, ସ୍ୱାମୀ– ସ୍ୱର୍ଗତ ଧନୀ ନାୟକ, ୧୦। ବିଜୟ କୁମାର ମହାପାତ୍ର, ପିତା– ସ୍ୱର୍ଗତ ବଂଶୀଧର ନାୟକ, ୧୧। ଦେବରାଜ ନାୟକ, ୧୨। ଶ୍ରୀବଚ୍ଛ ନାୟକ, ଉଭୟଙ୍କର ପିତା– ସ୍ୱର୍ଗତ ଗୁରୁ ନାୟକ। ୧୭। ସୁନ୍ଦର ପାଲଟାସିଂ, ପିତା– ସ୍ୱର୍ଗତ ବୈଷ୍ଣବ ପାଲଟାସିଂ, ୧୮। ସର୍ବେଶ୍ୱର ପାଲଟାସିଂ, ପିତା– ସ୍ୱର୍ଗତ ରତ୍ନାକର ପାଲଟାସିଂ, ୧୯। ପ୍ରଭାକର ନାୟକ, ପିତା– ସ୍ୱର୍ଗତ ଯୋଗେନ୍ଦ୍ର ନାୟକ, ସମସ୍ତ ପ୍ରତିବାଦୀମାନଙ୍କର ବାସସ୍ଥାନ ସା/ପୋଷ୍ଟ– ଦାରୁଠେଙ୍ଗ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.– ୧, ୫, ୮, ୧୧, ୧୭, ୧୮ ଏବଂ ୧୯, ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୨, ୩, ୪, ୬, ୧୦ ଏବଂ ୧୨ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.–୪ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୦୨।୧୨।୨୦୨୪ରିଖ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା– ଭୁଆସୁଣୀ, ତହସିଲ– ଭୁବନେଶ୍ୱର, ଥାନା–ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା ସାବକ ଖାତା ନଂ.–୪, ସାବକ ପ୍ଲଟ୍ ନଂ.–୨୬୯, ଏରିଆ– ଏ୦.୨୮୦ଡି., ହାଲ୍ ଖାତା ନଂ.–୨୯, ହାଲ୍ ପ୍ଲଟ୍ ନଂ.–୧୩୪୩, ଏରିଆ– ଏ୦.୦୫୫ଡି., ହାଲ୍ ପ୍ଲଟ୍ ନଂ.– ୧୩୪୪, ଏରିଆ– ଏ୦.୧୪୫ଡି.।

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.–୪ଙ୍କ ଆଦେଶକ୍ରମେ
ସ୍ୱା./– କୋର୍ଟ ଅଧିକାରୀ
ଧ-୨୦୫୬

Letter No.-1859/
dt. 14.10.2024

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ.–୪ ସ୍ଥାନ ସରକାରୀ ଅଫିସ, ୟୁନିଟ୍–୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.–୪୪୫/୨୦୨୩

ସୂର୍ଯ୍ୟକାନ୍ତି ବିଶ୍ୱାଳ ଏବଂ ଅନ୍ୟମାନେ ...ବାଦୀ
ବନାମ
ନିଶାକର ସାହୁ ଏବଂ ଅନ୍ୟମାନେ ...ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର–୫ ରୁଲ୍–୨୦ ମୁତାବକ

୨। ଶଙ୍କର ସାହୁ, ପିତା– ସ୍ୱର୍ଗତ ମାୟାଧର ସାହୁ, ୩। ଟାଇ ବେୱା, ସ୍ୱାମୀ– ସ୍ୱର୍ଗତ ରତ୍ନାକର ସାହୁ, ୪। ସୁବର୍ଣ୍ଣ ବେୱା, ସ୍ୱାମୀ– ସ୍ୱର୍ଗତ ଚନ୍ଦ୍ରଶେଖର ସାହୁ, ୫। ଝରୀ ସାହୁ, ପିତା– ସ୍ୱର୍ଗତ ହାଡ୍ଡୁ ସାହୁ, ୬। ତ୍ରିଲୋଚନ ସୁନ୍ଦରାୟ, ପିତା– ସ୍ୱର୍ଗତ ସୋମନାଥ ସୁନ୍ଦରାୟ, ୮। ଉତ୍କଳ ବେୱା, ସ୍ୱାମୀ– ସ୍ୱର୍ଗତ ଧନୀ ନାୟକ, ୧୦। ବିଜୟ କୁମାର ମହାପାତ୍ର, ପିତା– ସ୍ୱର୍ଗତ ବଂଶୀଧର ନାୟକ, ୧୧। ଦେବରାଜ ନାୟକ, ୧୨। ଶ୍ରୀବଚ୍ଛ ନାୟକ, ଉଭୟଙ୍କର ପିତା– ସ୍ୱର୍ଗତ ଗୁରୁ ନାୟକ, ୧୭। ସୁନ୍ଦର ପାଲଟାସିଂ, ପିତା– ସ୍ୱର୍ଗତ ବୈଷ୍ଣବ ପାଲଟାସିଂ, ୧୮। ସର୍ବେଶ୍ୱର ପାଲଟାସିଂ, ପିତା– ସ୍ୱର୍ଗତ ରତ୍ନାକର ପାଲଟାସିଂ, ୧୯। ପ୍ରଭାକର ନାୟକ, ପିତା– ସ୍ୱର୍ଗତ ଯୋଗେନ୍ଦ୍ର ନାୟକ ସମସ୍ତ ପ୍ରତିବାଦୀମାନଙ୍କର ବାସସ୍ଥାନ ସା/ପୋଷ୍ଟ– ଦାରୁଠେଙ୍ଗ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା, ୨୦। ଭାବ ପାହାଡ଼ସିଂ, ୨୧। ବୁଲା ପାହାଡ଼ସିଂ, ୨୨। ଭୀମା ପାହାଡ଼ସିଂ, ପ୍ରତିବାଦୀ ନଂ.–୨୦ ଠାରୁ ୨୨ ପିତା ସ୍ୱର୍ଗତ ବଙ୍କୁଲି ପାହାଡ଼ସିଂ, ୨୩। କେଲୁ ପାହାଡ଼ସିଂ, ପିତା– ସ୍ୱର୍ଗତ ଗୋପୀ ପାହାଡ଼ସିଂ, ୨୪। ଉତ୍ତମ ବେୱା, ସ୍ୱାମୀ– ପଙ୍କଜ ପାହାଡ଼ସିଂ, ୨୫। ଧ୍ୱଜ ପାହାଡ଼ସିଂ, ୨୬। ପାନୁ ପାହାଡ଼ସିଂ, ଉଭୟଙ୍କର ପିତା ସ୍ୱର୍ଗତ ଚୈତନ୍ୟ ପାହାଡ଼ସିଂ, ପ୍ରତିବାଦୀ ନଂ.–୨୦ ଠାରୁ ୨୬ମାନଙ୍କର ବାସସ୍ଥାନ ସା– ଯୁଝଗଡ଼, ପୋଷ୍ଟ– ଦାରୁଠେଙ୍ଗ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା ।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.– ୫, ୮, ୧୧, ୧୭, ୧୮, ୧୯, ୨୦, ୨୧, ୨୨, ୨୩, ୨୪, ୨୫ ଏବଂ ୨୬, ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୨, ୩, ୪, ୬, ୧୦ ଏବଂ ୧୨ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.–୪ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୦୨।୧୨।୨୦୨୪ରିଖ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା– ଭୁଆସୁଣୀ, ତହସିଲ– ଭୁବନେଶ୍ୱର, ଥାନା–ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା ସାବକ ଖାତା ନଂ.–୪, ସାବକ ପ୍ଲଟ୍ ନଂ.–୨୬୯, ଏରିଆ– ଏ୦.୨୮୦ଡି., ହାଲ୍ ଖାତା ନଂ.–୯୦୭, ହାଲ୍ ପ୍ଲଟ୍ ନଂ.–୧୩୧୫, ଏରିଆ– ଏ୦.୦୧୦ଡି., ହାଲ୍ ପ୍ଲଟ୍ ନଂ.–୧୩୧୬, ଏରିଆ– ଏ୦.୦୭୦ଡି.।

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.–୪ଙ୍କ ଆଦେଶ କ୍ରମେ
ସ୍ୱା./– କୋର୍ଟ ଅଧିକାରୀ
ଧ-୨୦୫୫

# ବିଜେଡି ସଂଖ୍ୟାଲଘୁ ସେଲ୍‌ର ଗଣଧାରଣା

## ୱକଫ୍ ବିଲ୍‌ରେ ପରିବର୍ତ୍ତନକୁ ବିରୋଧ

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର,୨୪।୧୧ (ଅନିଲ ଦାସ)

କେନ୍ଦ୍ର ସରକାରଙ୍କ ଦ୍ୱାରା ୱକଫ୍ ବୋର୍ଡରେ ପ୍ରସ୍ତାବିତ ପରିବର୍ତ୍ତନକୁ ବିରୋଧ କରି ବିଜେଡି ସଂଖ୍ୟାଲଘୁ ସେଲ୍ ତରଫରୁ ରାଜଭବନ ନିକଟ ଭୁବନେଶ୍ୱର ସ୍ୱେଶାଲ ସର୍କିଟ୍‌ହାଉସ୍ ସମ୍ମୁଖରେ ରବିବାର ଏକ ଗଣଧାରଣା ଦିଆଯାଇଥିଲା। ଏ ସମ୍ବନ୍ଧରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଖୋର୍ଦ୍ଧା ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ୱକଫ୍ ବିଲ୍ ମାଧ୍ୟମରେ ପ୍ରସ୍ତାବିତ ପରିବର୍ତ୍ତନ କେନ୍ଦ୍ର ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ଏକ ତରଫା ଭାବେ ନିଆଯାଇଛି । କୌଣସି ପକ୍ଷର ମତାମତ ନିଆଯାଇ ନାହିଁ ବୋଲି ସ୍ମାରକ ପତ୍ରରେ କୁହାଯାଇଛି। ସର୍ଭେ କରାଯାଇଥିବା ସମ୍ପତ୍ତି ୱକଫ୍ ବୋର୍ଡର ରହିବା ନିହାତି ଆବଶ୍ୟକ। ଏହାର ସ୍ଥିତି ଉପରେ କୌଣସି ପରିବର୍ତ୍ତନ ଗ୍ରହଣୀୟ ନୁହେଁ ବୋଲି କୁହାଯାଇଛି। ପ୍ରସ୍ତାବିତ ୱକଫ୍ ବିଲ୍‌ରେ ଜିଲାପାଳମାନଙ୍କୁ ଅଧିକାର ଦିଆଯାଇଛି ଯେ ସେମାନେ ସ୍ଥିର କରିବେ ସମ୍ପତ୍ତିର ମାଲିକାନା କାହାର, ଯାହା ଗ୍ରହଣୀୟ ନୁହେଁ ବୋଲି ସ୍ମାରକପତ୍ରରେ କୁହାଯାଇଛି। ସେହିପରି, ପ୍ରସ୍ତାବିତ ୱକଫ୍ ବିଲ୍‌ରେ ୱକଫ୍ ବୋର୍ଡଗୁଡ଼ିକୁ ପରିବର୍ତ୍ତନ କରାଯାଇ ସେଥିରେ ଅଣମୁସଲମାନଙ୍କୁ ମଧ୍ୟ ସ୍ଥାନ ଦିଆଯିବ ବୋଲି ପ୍ରସ୍ତାବକୁ ବିରୋଧ କରାଯାଇଛି। ହିନ୍ଦୁ ସମ୍ପ୍ରଦାୟର ଅନୁଷ୍ଠାନଗୁଡ଼ିକରେ ଅଣହିନ୍ଦୁମାନଙ୍କୁ ସ୍ଥାନ ଦିଆଯିବାର କୌଣସି ବ୍ୟବସ୍ଥା ନ ଥିବାବେଳେ ଏହି ପ୍ରସ୍ତାବ ମୁସଲିମ ସମ୍ପ୍ରଦାୟ ପାଇଁ ଲାଗୁକରିବା ଯୁକ୍ତିଯୁକ୍ତ ନୁହେଁ। ବିଜେଡି ସଂଖ୍ୟାଲଘୁ ସେଲ୍‌ର ଅଧ୍ୟକ୍ଷ ତଥା ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା। ଏଥିରେ ଉପାଧ୍ୟକ୍ଷ ଏମ୍‌ଡି ମୋବିନ, ଏସ୍‌କେ ସିରାଜ, ରାଜ୍ୟ ସାଧାରଣ ସମ୍ପାଦକ ଏମ୍‌ଡି ଦିଲସାଦ, ଏସ୍‌କେ ଅହମ୍ମଦ ଅଲ୍ଲୀ, ଏସ୍‌କେ ଫୈୟାଜ୍, ରାଜ୍ୟ ସମ୍ପାଦକ ଏସ୍‌କେ ଅବଦୁଲ୍ଲା, ଏମ୍‌ଡି ଫାରୁକ, ଏମ୍‌ଡି ରଫିକ୍, ଏମ୍‌ଡି ଇସଲାମ୍, ହବିବୁଲ୍ଲା ଖାନ୍ ପ୍ରମୁଖ ଯୋଗଦେଇଥିଲେ।

# କୋଷ୍ଟାଲ ଟ୍ରେକିଂରେ 'କ୍ଲିନ୍ ବିଚ୍ ଗ୍ରୀନ ବିଚ୍'ର ବାର୍ତ୍ତା



## ୧୭ କି.ମି. ବେଳାଭୂମିରେ ଚାଲି ଆବର୍ଜନା ସଫେଇ କଲେ

ପୁରୀ,୨୪।୧୧(ଅଜିତ କୁମାର ମହାନ୍ତି)

ଶୀତଦିନେ ସୁନ୍ଦର ସ୍ୱାସ୍ଥ୍ୟ ସହ ପରିବେଶ ସୁରକ୍ଷା ପାଇଁ ପୁରୀ ଟ୍ରେକିଂ କ୍ଲବ ପକ୍ଷରୁ ୧୯ତମ କୋଷ୍ଟାଲ ଟ୍ରେକିଂ ଅନୁଷ୍ଠିତ ହୋଇଯାଇଛି। ଟ୍ରେକିଂ କ୍ଲବର ସଦସ୍ୟମାନେ ଲାଇଟ୍ ହାଉସ୍ ବେଳାଭୂମିରୁ ଚାଲି ଚାଲି ମଙ୍ଗଳାନଦୀ ମୁହାଣ ଏବଂ ସେଠାରୁ ବାଲିହରଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ପ୍ରାୟ ୧୭ କି.ମି. ଯାଇଥିଲେ। ଏହି ସମୟରେ ସେମାନେ ବେଳାଭୂମିରେ ପଡ଼ିଥିବା ଆର୍ବଜନାକୁ ସଫା କରିଥିଲେ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଟ୍ରେକିଂ କ୍ଲବର ସ୍ଲୋଗାନ ରହିଥିଲା 'କ୍ଲିନ୍ ବିଚ୍ ଗ୍ରୀନ ବିଚ୍।' ଟ୍ରେକିଂ କ୍ଲବ ସଭାପତି ଜୟନାରାୟଣ ମହାନ୍ତି ଓ ସମ୍ପାଦକ ଶଙ୍କର ପ୍ରଧାନ, ପ୍ରତିଷ୍ଠାତା ସଦସ୍ୟ ମଧୁସୂଦନ ମିଶ୍ର, ଜିବେଶ ରଥ, ଶୀତିକଣ୍ଠ ଶତପଥୀ, ଡା. ଶରତ ମହାନ୍ତି ଏବଂ ଭାସ୍କର ପୂଜାରୀଙ୍କ ନେତୃତ୍ୱରେ ପରିବେଶ ସନ୍ତୁଳିତ ପାଇଁ କୋଷ୍ଟାଲ ଟ୍ରେକିଂ କରାଯାଇଥିଲା। ଏଥିରେ ପ୍ରତାପ କୁମାର ସାହୁ, ବିରେନ୍ଦ୍ର ବେହେରା, ମଦନ ଦାସ ମହାପାତ୍ର, କୃଷ୍ଣଚନ୍ଦ୍ର ଗୁପ୍ତା, ଜିତେନ୍ଦ୍ର ପାତ୍ର, ଡା. ଶିବଶଙ୍କର ସିଂହାରୀ, ଦିଲୀପ ଜୟସ୍ୱାଲ, ବବୁଲ ଦାସ, ଶକ୍ତି ପ୍ରସାଦ ପାଣି, ଧୀରେନ୍ଦ୍ର ଧୀର, ଭାସ୍କର ପୂଜାରୀଛୁ, ପ୍ରଶାନ୍ତ ପାତ୍ର, ଗୀରିଶ ପ୍ରଧାନ, ରାଜା ରଥ, ସୀମାଞ୍ଚଳ ପାତ୍ର, ଲକ୍ଷ୍ମୀକାନ୍ତ ମହାନ୍ତି, ବଟକୃଷ୍ଣ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ନିଗମାନନ୍ଦ ପାତ୍ର, ବ୍ରଜକିଶୋର ପାତ୍ର, ଶ୍ୟାମସୁନ୍ଦର ମହାସୁଆର, ନରେନ୍ଦ୍ରନାଥ ନନ୍ଦ, ଗଣେଶ କୁମାର ଚନ୍ଦୁକା, ରୁଦ୍ରନାରାୟଣ ସାହୁ, ସରୋଜ କୁମାର ସାହୁ, ଯତୀନ୍ଦ୍ର କର, ଦେବେନ୍ଦ୍ର ବ୍ରହ୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଡିସେମ୍ବର ଶେଷ ସପ୍ତାହରେ ପୁରୀ ସଂସ୍କୃତ ମହାବିଦ୍ୟାଳୟଠାରୁ ନୂଆନଈ ମୁହାଣ ପର୍ଯ୍ୟନ୍ତ ଚାଲି ଚାଲି ଯାଇ ବେଳାଭୂମି ସଫେଇ କରାଯିବ ବୋଲି ସମ୍ପାଦକ ପ୍ରଧାନ ସୂଚନା ଦେଇଛନ୍ତି।

# ଟୋଲଗେଟ୍‌କୁ ଧକ୍କା ଦେଇ ଜଳିଗଲା କଣ୍ଟେନର: ଡ୍ରାଇଭର ଜୀବନ୍ତ ଦଗ୍ଧ



ଦୁର୍ଘଟଣା ପରେ ଜଳୁଥିବା ଟ୍ରକ୍।

ଜଳେଶ୍ୱର, ୨୪।୧୧ (ନବୀନ ସାହୁ)

ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଅଧୀନ ୬୦ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲଗେଟ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଟୋଲଗେଟ୍‌କୁ ଧକ୍କା ଦେଇ ହୁତୁ ହୁତୁ ହୋଇ ଜଳିଗଲା କଣ୍ଟେନର। କଣ୍ଟେନର ଭିତରେ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ହେଲପର ମଧ ଜଳିଯାଇଥିବା ସନ୍ଦେହ କରାଯାଉଛି। କଣ୍ଟେନରଟି ପଶ୍ଚିମବଙ୍ଗରୁ ଓଡିଶା ଭିତରକୁ ପ୍ରବେଶ କରୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ଘଟିଛି ଏହି ମର୍ମନ୍ତୁଦ ଦୁର୍ଘଟଣା।

ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ଏବଂ ଜଳେଶ୍ୱର ପୋଲିସ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ଗାଡ଼ି ସହିତ ଡ୍ରାଇଭରକୁ ରକ୍ଷା କରିପାରି ନ ଥିଲେ। ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଡ୍ରାଇଭରଙ୍କ ଆଖିରେ ନିଦ ଲାଗିଯାଇଥିବାରୁ ଏଭଳି ଭୟଙ୍କର ଦୁର୍ଘଟଣା ହୋଇଥିବା ଅନୁମାନ କରାଯାଉଛି। ଗତ କିଛିଦିନ ପୂର୍ବରୁ ଚାନ୍ଦା ଆଦାୟ ଘଟଣାରେ ଏକ ବସ୍ ଦୁର୍ଘଟଣାରେ ବହୁ ଯାତ୍ରୀ ଦୁର୍ଘଟଣାର ଶିକାର ହୋଇଥିଲେ। ତେଣୁ ଟୋଲଗେଟ ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରି କରି ତଦନ୍ତ କଲେ ସତ୍ୟତା ଜଣାପଡ଼ିବା ସହିତ ବହୁ ତଥ୍ୟ ସାମ୍ନାକୁ ଆସିପାରିବ। ଜଳିଯାଇଥିବା କଣ୍ଟେନର ଆସାମରୁ ଚା' ବୋଝେଇ କରି ତାମିଲନାଡୁ ଯାଉଥିଲା ବୋଲି ସୂଚନା ମିଳିଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ୨ ଲୁହାପଥର ବୋଝେଇ ଟ୍ରକ୍, ଜେସିବି ଜବତ

## ପରିତ୍ୟକ୍ତ ଖଣିରୁ ଖଣିଜ ଚୋରି





ଜବତ ଲୁହାପଥର ବୋଝେଇ ଟ୍ରକ୍।

ଯୋଡ଼ା,୨୪।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଜରିବାହାଲ ନିକଟସ୍ଥ ଏକ ପରିତ୍ୟକ୍ତ ଖଣିରୁ ଖଣିଜ ଚୋରି ଅଭିଯୋଗ ହୋଇଛି। ଚୋରା ଲୁହାପଥର ଚାଲାଣ ବେଳେ ଖଣି ବିଭାଗ ଚଢ଼ାଉ କରି ୨ ଟ୍ରକ୍ ଓ ଗୋଟିଏ ଜେସିବି ମେଶିନକୁ ଜବତ କରିଛି। ୨ ଟ୍ରକ୍‌ରୁ ପ୍ରାୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଉନ୍ନତମାନର ଲୁହାପଥର ବିଭାଗ ପକ୍ଷରୁ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଜରିବାହଲ ନିକଟ ଏକ ରେଲିଂକ୍ୱିଶ ଖଣି କ୍ଷେତ୍ର(ଖଣି ଲିଜ ଧାରୀ ପରିତ୍ୟାଗ କରିଥିବା ଖଣି)ରେ ଜେସିବି ମେଶିନ (ନଂ. ଓଡି ୩୫ ୨୨୦୧) ଯୋଗେ ୨ ଟ୍ରକ୍ (ନଂ. ଓଡି ୦୭ କ୍ୟୁ ୫୩୫୨ ଏବଂ ଓଡ଼ି ୦୭ ଡବ୍ଲ୍ୟୁ ୨୯୫୩)ରେ ଲୁହାପଥର ବୋଝେଇ କରାଯାଉଥିଲା। ଖଣି ବିଭାଗ ଖବର ପାଇ ରବିବାର ସକାଳ ପ୍ରାୟ ୮ଟାରେ ଚଢ଼ାଉ କରି ଘଟଣାସ୍ଥଳରୁ ୨ ଟ୍ରକ୍ ଓ ଜେସିବି ମେଶିନ ଜବତ କରିଥିଲା। ଜବତ ୧୪ ଚକିଆ ୨ଟି ଟ୍ରକ୍‌ରେ ପ୍ରାୟ ୩୦ ମେଟ୍ରିକ ଟନ୍ ଚୋରା ଉନ୍ନତମାନର ଲୁହାପଥର ବୋଝେଇ ହୋଇଥିଲା; ଯାହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଖଣି ବିଭାଗ ଆକଳନ କରିଛି। ଉକ୍ତ ପରିତ୍ୟକ୍ତ ଖଣି କ୍ଷେତ୍ରର ସଂଲଗ୍ନରେ ଏକ ବୃହତ୍ ଖଣି କାର୍ଯ୍ୟକ୍ଷମ ରହିଛି। ସେହିପରି କେନ୍ଦୁଝର-ସୁନ୍ଦରଗଡ଼ ଜିଲା ସୀମାନ୍ତ ତଥା ଦୁର୍ଗମ ଅଞ୍ଚଳ ପିଢ଼ପୋଖରୀରେ ମଧ ଚୋରା ଖଣିଜ ଖନନ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖଣି ବିଭାଗ ଓ ବାମେବାରି ପୋଲିସ ଯାଞ୍ଚ କରୁଛି। ଯୋଡ଼ା ଖଣି ବିଭାଗର ଖଣି ଅଧିକାରୀ ଦୀପକ ଧୁରୁଆଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା। ଏଥିରେ ସହକାରୀ ଖଣି ଅଧିକାରୀ ଜେଏନ୍ କୁଲଡି ଓ ହରେକୃଷ୍ଣ ହୋଙ୍କ ସମେତ ବାମେବାରି ପୋଲିସ ସାମିଲ ଥିଲା।

ସୂଚନାଯୋଗ୍ୟ, ଲୁହାପଥରର ମୂଲ୍ୟ ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ବୃଦ୍ଧି ପାଉଥିବା ହେତୁ ଚୋରା ଖଣିଜ କାରବାର ବୃଦ୍ଧି ପାଉଛି। ଆନ୍ତଃରାଜ୍ୟ ଖଣି ମାଫିଆମାନେ ସକ୍ରିୟ ହୋଇଛନ୍ତି। ଏଣୁ ଜିଲା ପୋଲିସ ଓ ଖଣି ବିଭାଗ ମିଳିତ ଭାବେ ଧରପଗଡ଼କୁ ବ୍ୟାପକ କରିଥିବା ଖଣି ଅଧିକାରୀ ଧୁରୁଆ ସୂଚନା ଦେଇଛନ୍ତି।

# ସରକାରୀ କ୍ୱାର୍ଟର୍ସ ଭଡ଼ାରେ ଲଗାଇଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର, ୨୪।୧୧(ସୁନିତ୍ ମିଶ୍ର)

ବହୁ ସରକାରୀ ଅଧିକାରୀଙ୍କଠାରୁ ଆରମ୍ଭକରି ଅନ୍ୟ ବ୍ୟକ୍ତିବିଶେଷ ଯେଉଁମାନେ ସରକାରୀ କ୍ୱାର୍ଟର୍ସ ପାଇଛନ୍ତି ସେମାନେ ତାହାର ଫାଇଦା ଓଲଟା ବାଟରେ ନେଉଛନ୍ତି। ଏକଥା କିଛି ନୂଆ ନୁହେଁ। ବହୁ ଆଗରୁ ଏଭଳି ଘଟଣା ନେଇ ଚର୍ଚ୍ଚା ହୋଇ ଆସୁଛି। ଏ କଥା ନଜରକୁ ଆସିବା ସହ ସରକାରଙ୍କ ପକ୍ଷରୁ ଏକାଧିକ ଥର କାର୍ଯ୍ୟାନୁଷ୍ଠାନ ନେବାକୁ କଡ଼ା ନିର୍ଦ୍ଦେଶନାମା ମଧ ଜାରି କରାଯାଇଛି। ହେଲେ ରାଜ୍ୟରେ ପ୍ରଥମ କରି ଭାଜପା ସରକାର ଶାସନକୁ ଆସିବା ପରେ ଏହା ଉପରେ ଅଧିକ ଧ୍ୟାନ ଦିଆଯାଇଛି। ଯେଉଁମାନେ ସରକାରୀ କ୍ୱାର୍ଟର୍ସ ଭଡ଼ାରେ ଲଗାଇଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଖୋଦ୍ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଚେତାବନୀ ଦେଇଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୂର୍ତ୍ତ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ସରକାରୀ କ୍ୱାର୍ଟର୍ସକୁ ଯେଉଁମାନେ ଭଡ଼ାରେ ଲଗାଇଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଲଟମେଣ୍ଟ ପାଇଥିବା ବ୍ୟକ୍ତି, ରହୁଥିବା ଭଡ଼ାଟିଆଙ୍କୁ ଦୋଷୀ ସାବ୍ୟସ୍ତ କରାଯିବ। ଅନେକ କ୍ୱାର୍ଟର୍ସ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେହିପରି ଅନେକ କ୍ୱାର୍ଟର୍ସକୁ ଲୋକମାନେ ମାଡ଼ି ବସିଛନ୍ତି। ଜିଏ ବିଭାଗ ଏକ ତାଲିକା ପ୍ରସ୍ତୁତ କରୁଛି। ଏହାକୁ ଦେଖି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ପୁରୁଣା କ୍ୱାର୍ଟର୍ସକୁ ଭାଙ୍ଗି ଭର୍ଟିକାଲ ଆକାରରେ ହେବ। ଗୋଟିଏ ଜାଗାରେ ବହୁତ ଲୋକ ରହିପାରିବେ ବୋଲି ହରିଚନ୍ଦନ କହିଛନ୍ତି।

# ମୂଲ୍ୟବୃଦ୍ଧି, ବେକାରି ସମସ୍ୟା ବିରୋଧରେ ସିପିଆଇଏମ୍ ଗଣଆନ୍ଦୋଳନ କରିବ

## ସରିଲା ଦୁଇଦିନିଆ ଏକାଦଶ ସମ୍ମିଳନୀ

ଭୁବନେଶ୍ୱର,୨୪।୧୧ (ସୁଚିସ୍ମିତା ସାହୁ)

ଅତ୍ୟାବଶ୍ୟକ ଜିନିଷପତ୍ରର ଅତ୍ୟଧିକ ଦରଦାମ ବୃଦ୍ଧି, ଦେଶରେ ଉତ୍କଟ ବେକାରି ସମସ୍ୟା, କଳକାରଖାନା ବନ୍ଦ ଓ ଶ୍ରମିକ ଛଟେଇ ଭଳି ବିଭିନ୍ନ ସମସ୍ୟାକୁ ନେଇ ଆଗାମୀ ଦିନରେ ଗଣଆନ୍ଦୋଳନ କରିବ ସିପିଆଇଏମ୍। ଏନେଇ ସିପିଆଇଏମ୍ ଖୋର୍ଦ୍ଧା ଜିଲା ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ଆନନ୍ଦ ବଜାରଠାରେ ଅନୁଷ୍ଠିତ ଦୁଇଦିନିଆ ଏକାଦଶ ସମ୍ମିଳନୀରେ ବରିଷ୍ଠ ନେତା ଜନାର୍ଦ୍ଦନ ପତି ଆହ୍ୱାନ ଦେଇଛନ୍ତି। ସାଥୀ ସୁରେଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀ ମିଳୁନି, କଳାହାଣ୍ଡିରେ ଶିଶୁ କନ୍ୟା ବିକ୍ରି, ଆମ୍ବଟାକୁଆ ଭଳି ଅଖାଦ୍ୟ ଖାଇ କନ୍ଧମାଳର ଆଦିବାସୀ ମହିଳାଙ୍କ ମୃତ୍ୟୁ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସେହିପରି ଦେଶର ଗଣତନ୍ତ୍ର ସମ୍ବିଧାନକୁ ଧ୍ୱଂସ କରି ଗୋଟିଏ ଦେଶ ଗୋଟିଏ ନିର୍ବାଚନକୁ ଗୌତମ ଆଦାନୀ ଏବଂ ମୁକେଶ ଅମ୍ବାନୀଙ୍କ ହାତରେ ଦେଶର ସମସ୍ତ ପ୍ରାକୃତିକ ସମ୍ପଦ, ବନ୍ଦର, ଉଡାଜାହାଜ ପଡିଆ ଓ ଶକ୍ତିକ୍ଷେତ୍ରକୁ ବିକ୍ରି କରି ଦେବା ବିରୋଧରେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦିଆଯାଇଛି। ଏଥିସହ ସମ୍ମିଳନୀରେ ୪ ଶ୍ରମ କୋଡ୍ ବାତିଲ କରିବା, ଚାଷୀ ଫସଲର ନ୍ୟୁନତମ ସହାୟକ ମୂଲ୍ୟ ପ୍ରଦାନ, ଦରଦାମ ବୃଦ୍ଧି ବିରୋଧ ଲଢ଼େଇ ଓ ନାରୀ ନିର୍ଯାତନା ବନ୍ଦ କରିବା ନିମନ୍ତେ ପ୍ରସ୍ତାବ ପାରିତ ହୋଇଥିଲା। ପାର୍ଟିର ଭୁବନେଶ୍ୱର ଆଞ୍ଚଳିକ କମିଟି ସମ୍ପାଦକ ପ୍ରଦୀପ୍ତ ନାୟକ ସ୍ୱାଗତ ଭାଷଣ ଦେବାପରେ ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ ରିପୋର୍ଟ ଉପସ୍ଥାପନା କରିଥିଲେ। ଜିଲାରେ ବାମ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଆନ୍ଦୋଳନ ଗଢ଼ି ତୋଳିବା ନିମନ୍ତେ ସର୍ବସମ୍ମତିକ୍ରମେ ୧୭ ଜଣିଆ ଜିଲା କମିଟି ନିର୍ବାଚିତ ହୋଇଥିବାବେଳେ ଗିରିଶ ମହାରଣା ଜିଲା ସମ୍ପାଦକ ରହିଛନ୍ତି। ଡିସେମ୍ବର ୧୭ରୁ ୧୯ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟ ସମ୍ମିଳନୀରେ ଯୋଗଦେବାକୁ ୧୧ଜଣିଆ ପ୍ରତିନିଧି ଦଳ ଚୟନ ହୋଇଥିବର ସୂଚନା ଦିଆଯାଇଛି। ଉଦ୍‌ଯାପନୀ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ମିନତି ପାଣିଗ୍ରାହୀ, ସାଲ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିବାବେଳେ ସିପିଆଇଏମ ନେତା ପ୍ରଭାତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।





ସମ୍ମିଳନୀରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

## ଆଜି ମହାପ୍ରଭୁଙ୍କ ପଇତା ଲାଗି ନୀତି

ପୁରୀ,୨୪।୧୧ (ଅଜିତ୍ କୁମାର ମହାନ୍ତି)

ମାର୍ଗଶିର ମାସ ତ୍ରୟଦଶୀ କୃଷ୍ଣପକ୍ଷ ତିଥି ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି। ତେଣୁ ଏହି ନୀତି ସମ୍ପାଦନ ପାଇଁ ସୋମବାର ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଗୁପ୍ତନୀତି ଦ୍ୱାରା ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗର ସୁରକ୍ଷା ଦିଆଯାଇଥାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିବା ପରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଆରମ୍ଭ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପାଦନ କରିବେ।

KANDHAMAL halad AROMATIC TURMERIC
KASAM
KANDHAMAL APEX SPICES ASSOCIATION FOR MARKETING PHULBANI
(Kandhamal Apex Spices Association for Marketing)
(ISO 22000:2018 & HACCP CERTIFIED)
Pure, Natural & Organic products of the hilly land of Kandhamal are available here
Netaji Subash Bose Road, Phulbani,
Kandhamal - 762001, ODISHA
Ph.: 06842 - 253022
E-mail: orissakasam@rediffmail.com / kasam.organic@gmail.com
Visit us at: www.kasamorganic.com

THE PRIDE OF MALKANGIRI
SATYANARAYAN







Secretary, Satyanarayan Group of Institutions, Malkangiri

Result of last five years in every stream is 100% with qualitative Result. Highest % in +2 Science is 95 %, Highest % in Nursing is 90%.
GRAB A CHANCE TO BE A SATYANARAYANIAN
ଶୃଙ୍ଖଳା, ସଂସ୍କାର ଓ ଶିକ୍ଷାର ସଂଗମ ସ୍ଥଳ
SATYANARAYAN

ଧରିତ୍ରୀ ଦୈନିକ ଓଡିଆ ଖବର କାଗଜ ଓଡିଶାର ଗର୍ବ ଓ ଗୌରବ । ଏହାର ନିରପେକ୍ଷ ଖବର ଦ୍ୱାରା ଏହା ଓଡିଶାର ପୁରା ପଲ୍ଲୀର ଜଣ ମନସରେ ସ୍ଥାନ ପାଇଛି । ଗତ ୫ ଦଶନ୍ଧି ମଧ୍ୟରେ ଖବର କାଗଜଟି ଏକ ଦୀର୍ଘ ଗୌରବମୟ ଇତିହାସ ରଚିଛି ଏବଂ କେବଳ ବଞ୍ଚି ନାହିଁ ବରଂ ଅଧିକରୁ ଅଧିକ କାୟା ବୃଦ୍ଧି କରିଛି । ଗତ ୫୦ ବର୍ଷ ମଧ୍ୟରେ, ଧରିତୀ ସ୍ୱରହୀନଙ୍କୁ ସ୍ୱର ଦେବା ଏବଂ ସାମ୍ବାଦିକତାର ଶକ୍ତି ମାଧ୍ୟମରେ ସାମାଜିକ ନ୍ୟାୟ ପ୍ରଦାନ କରିବାକୁ ଚେଷ୍ଟା କରିଛି । ନିରପେକ୍ଷ ରିପୋର୍ଟ ପାଇଁ ଧରିତ୍ରୀ ନିଜର ପ୍ରତିବଦ୍ଧତାରେ ସ୍ଥିର ରହିଆସିଛନ୍ତି ଏବଂ ଜଳବାୟୁ ପରିବର୍ତ୍ତନ ଏବଂ ଯୁବ ପୀଢି ସହ ଜଡିତ ସମସ୍ୟା ଉପରେ କ୍ରମାଗତ ଭାବରେ ସଚେତନତା ସୃଷ୍ଟି କରିଆସୁଛି । ୫୦ ତମ ସୁବର୍ଣ୍ଣ ବର୍ଷ ପୂରଣ ଅବସରରେ ମୁଁ ଖବର କାଗଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ସମ୍ପାଦିକା,
ସତ୍ୟନାରାୟଣ ମହାବିଦ୍ୟାଳୟ, ମାଲକାନଗିରି

SATYANARAYAN GROUP OF INSTITUTIONS, MALKANGIRI
Please Contact - Sambayaguda, Canal Road, 9437372437, 7684058213, 8458053012

- SATYANARYAN B.SC. NURSING, MALKANGIRI
- SATYANARATYAN COLLEGE OF PHARMACY, MALKANGIRI(Admission Will Start Next Month)
- SATYANARAYAN DMLT TRAINING SCHOOL, MALKANGIRI
- SATYANARAYAN +2 SCIENCE RESIDENTIAL COLLEGE, MALKANGIRI & KALIMELA
- SATYANARAYAN +3 DEGREE SCIENCE RESIDENTIAL COLLEGE, MALKANGIRI
- SATYANARAYAN COLLEGE OF MANAGEMENT(BBA/BCA), MALKANGIRI
- CRYOGENEX B.SC NURSING COLLEGE, MALKANGIRI
- ORISSA HEALTH EDUCATION SCHOOL OF NURSING, MALKANGIRI
- SATYANARAYAN GNM TRAINING COLLEGE, MALKANGIRI

VIKSIT BHARAT Young Leaders Dialogue
NATIONAL YOUTH FESTIVAL 2025
11, 12 January Bharat Mandapam, Delhi
ଆଗେଇ ଆସ
ନିଜ କଥା ଶୁଣାଅ, ହୁଅ ଭବିଷ୍ୟତ
୧୫-୨୯ ବର୍ଷ ବୟସ ବର୍ଗ ପାଇଁ
#ViksitBharatYoungLeadersDialogue ହେଉଛି ତୁମର ସୁଯୋଗ, ବିକଶିତ ଭାରତ ପାଇଁ ନିଜର ଦୂରଦୃଷ୍ଟିକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସାମ୍ନାରେ ଉପସ୍ଥାପିତ କରିବାର ଓ ଏକ ଅଧିକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭାରତର ଏଜେଣ୍ଡା ସ୍ଥିର କରିବାର!
MINISTRY OF YOUTH AFFAIRS AND SPORTS GOVERNMENT OF INDIA



ନେତୃତ୍ୱ
ନେବାର ଦମ୍
ତୁମ ପାଖରେ ଅଛି କି?
ବିକଶିତ ଭାରତ କୁଇଜ୍
୨୫ ନଭେମ୍ବର - ୫ ଡିସେମ୍ବର
cbc 47107/13/0005/2425

# ଦୀର୍ଘାୟୁ ପାଇଁ ଦିନଚର୍ଯ୍ୟା


ଡା. ଆଶିଷ ବାନାର୍ଜୀ

''ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ପ୍ରାତଃ ଭ୍ରମଣ କରନ୍ତୁ। ଏହି ଭ୍ରମଣ ସକାଳ ୬ଟାରୁ ୭.୩୦ମିନିଟ୍ ଭିତରେ ହେଲେ ଭଲ। କାରଣ ସକାଳର କଅଁଳ ସୂର୍ଯ୍ୟକିରଣରେ ପ୍ରାତଃ ଭ୍ରମଣ କଲେ ସେଥିରୁ ଅନେକ ଉପକାର ମିଳିଥାଏ। ଏହାସହ ସ୍ନାନ ସମୟରେ କେତୋଟି କଥାକୁ ସାମିଲ କରନ୍ତୁ। ସ୍ନାନ ସମୟରେ ସୋରିଷ ତେଲ ପ୍ରଥମେ ନସ୍ୟ ନେବେ। ତା'ପରେ ବୃଦ୍ଧାଙ୍ଗୁଠି ନଖରେ ଲଗାଇ ପରେ ଦେହ, ଗୋଡ଼, ହାତରେ ଭଲ ଭାବେ ମାଲିସ କରିବେ। ପେଟରେ ଯଦି ନଡ଼ିଆତେଲ ମାଲିସ କରନ୍ତି, ତେବେ ଏକ ଉପକାର ମିଳିଥାଏ। ଏହାଦ୍ୱାରା ବାତ ରୋଗ ହେବାର ଆଶଙ୍କା ଅନେକାଂଶରେ କମ୍ ରହିଥାଏ।''





ଆଧୁନିକ ଯୁଗରେ ମଣିଷ ଏକ ଯନ୍ତ୍ର ମାନବରେ ପରିଣତ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ବସ୍ତୁବାଦୀ ଯୁଗରେ ମଣିଷର ନିଅଣ୍ଟ ପରିପୂର୍ଣ୍ଣ ହେଉନାହିଁ। ମୋବାଇଲ୍, ଟିଭି, ଲାପଟପ ଧରି ବିତୁଛି ଅଧିକାଂଶ ସମୟ। ଏହି ଯନ୍ତ୍ରଗୁଡ଼ିକରୁ ବାହାରୁଥିବା ରଶ୍ମି ଆମ ଶରୀର ଉପରେ କୁପ୍ରଭାବ ପକାଉଛି। ଏହାର ମୂଳ ହେଉଛି ମନ। ଏହାଦ୍ୱାରା ଆମର ଅନ୍ୟ ଦଶଗୋଟି ଇନ୍ଦ୍ରିୟ ପରିଚାଳିତ ହୋଇଥାଏ। ତେଣୁ ମନକୁ ଆୟତ୍ତ କରିବା ଦ୍ୱାରା କାମ, କ୍ରୋଧ, ଲୋଭ, ମୋହ ଆଦି ଷଡ଼ରିପୁରୁ ନିଜକୁ ଆୟତ୍ତ କରିବା ସମ୍ଭବ, ଯଦ୍ୱାରା ମଣିଷକୁ କୁପ୍ରବୃତ୍ତିରୁ ମୁକ୍ତି ସହ ଶାନ୍ତି ମିଳିଥାଏ। ଈଶ୍ୱର ପ୍ରାପ୍ତି ହୁଏ। ଦୀର୍ଘାୟୁ ହେବାକୁ ଚାହୁଁଥିଲେ କେତୋଟି ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଦେଲେ ଏଥିରେ କେତେକାଂଶରେ ସଫଳ ହୋଇପାରିବେ। ଆସନ୍ତୁ ସେ ବିଷୟରେ ଜାଣିବା।

ପ୍ରାତଃ ଶଯ୍ୟା ତ୍ୟାଗ ପରେ ନିଜର ଇଷ୍ଟ ଦେବଙ୍କୁ ସ୍ମରଣ କରି ଓଁକାର ଜପ କରନ୍ତୁ। ହାତ ପାପୁଲି ଦ୍ୱୟକୁ ଦେଖି ତାହାକୁ ପରସ୍ପର ମଧ୍ୟରେ ଘର୍ଷଣ କରି ଉଷୁମ କରିବେ। ତା'ପରେ ସେହି ଉଷୁମ ପାପୁଲି ଦ୍ୱୟକୁ ମୁଖମଣ୍ଡଳ ଏବଂ ଗଳାରେ ଘଷିବେ। ଏହାଦ୍ୱାରା କେତେକ ଉପକାର ମିଳିଥାଏ। ଏପରି କଲେ ସ୍ନାୟୁ ଓ ଗ୍ରନ୍ଥିଗୁଡ଼ିକ ସତେଜ ହୋଇଥାଆନ୍ତି। ତା'ସହ ରକ୍ତ ସଞ୍ଚାଳନ ସକ୍ରିୟ ରହେ। ମୁଖ ମଣ୍ଡଳର କାନ୍ତି ବଢ଼େ।

ମୁହଁରେ ଉଜ୍ଜ୍ୱଳତା ଆଣିବା ପାଇଁ ଏକ ସହଜ ତଥା ସରଳ ଉପାୟ ରହିଛି। ସକାଳୁ ଉଠିବା ପରେ ଆଖିକୁ ଖୋଲାକରି ମୁହଁକୁ କିଛି ଥର ପାଣି ଛାଟନ୍ତୁ। ଅନ୍ୟପକ୍ଷରେ ନିଜର ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରିବା ପାଇଁ ସବୁଜ ପତ୍ରକୁ କିଛି ସମୟ ଚାହାଁନ୍ତୁ। ଏହାକୁ ଏକ ଅଭ୍ୟାସରେ ପରିଣତ କଲେ ଦୃଷ୍ଟିଶକ୍ତି ପ୍ରଖର ହୋଇଥାଏ।

ନିଜକୁ ସୁସ୍ଥ ତଥା ଦୀର୍ଘାୟୁ ରଖିବା ପାଇଁ ଆଉ ଏକ ସରଳ ଉପାୟ ଆପଣଙ୍କ ନିକଟରେ ରହିଛି। ଏହାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ସକାଳୁ ଉଠିବା ପରେ ଖାଲି ପେଟରେ ଦୁଇ ଗ୍ଲାସ ପାଣି ପିଇବେ। ନିମ୍ବ, କରଞ୍ଜ, ଗବ, ବବୁଲ ବା ଶାଳ ଦାନ୍ତ କାଠିରେ ଦାନ୍ତ ଘଷନ୍ତୁ। ଏହାଦ୍ୱାରା ଦାନ୍ତମାଢ଼ି ସୁଦୃଢ଼ ହୁଏ। ଦାନ୍ତ ଦ୍ୱୟ ମଧ୍ୟରେ ଫାଙ୍କ ସୃଷ୍ଟି ହୁଏନାହିଁ। ଦାନ୍ତ ପୋକ ଲାଗିବା କିମ୍ବା ଦାନ୍ତ କ୍ଷୟରୁ ମଧ୍ୟ ରକ୍ଷା ମିଳିଥାଏ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥାକୁ ନିଜ ଜୀବନ ତାଲିକାରେ ସାମିଲ କରନ୍ତୁ। ଏହାର ମହତ୍ତ୍ୱ କେତେ ତାହା ଆପେ ଆପେ ଜାଣିପାରିବେ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ପ୍ରାତଃ ଭ୍ରମଣ କରନ୍ତୁ। ଏହି ଭ୍ରମଣ ସକାଳ ୬ଟାରୁ ୭.୩୦ ମିନିଟ୍ ଭିତରେ ହେଲେ ଭଲ। କାରଣ ସକାଳର କଅଁଳ ସୂର୍ଯ୍ୟକିରଣରେ ପ୍ରାତଃ ଭ୍ରମଣ କଲେ ସେଥିରୁ ଅନେକ ଉପକାର ମିଳିଥାଏ। ଏହା ସହ ସ୍ନାନ ସମୟରେ କେତୋଟି କଥାକୁ ସାମିଲ କରନ୍ତୁ। ସ୍ନାନ ସମୟରେ ସୋରିଷ ତେଲ ପ୍ରଥମେ ନସ୍ୟ ନେବେ। ତା'ପରେ ଗୋଡ଼ର ବୃଦ୍ଧାଙ୍ଗୁଳି ନଖରେ ଲଗାଇ ପରେ ଦେହ, ଗୋଡ଼, ହାତରେ ଭଲ ଭାବେ ମାଲିସ କରିବେ। ପେଟରେ ଯଦି ନଡ଼ିଆ ତେଲ ମାଲିସ କରନ୍ତି ତେବେ ଏକ ଉପକାର ମିଳିଥାଏ। ଏହାଦ୍ୱାରା ବାତ ରୋଗ ହେବାର ଆଶଙ୍କା ଅନେକାଂଶରେ କମ୍ ରହିଥାଏ।

ସ୍ନାନ ଶେଷ ହେବା ପରେ ଈଶ୍ୱର ପୂଜନ ଏବଂ କିଛି ସମୟ ଧ୍ୟାନ କରିବା ଉଚିତ। ଏହାଦ୍ୱାରା ମାନସିକ ଶାନ୍ତି ମିଳେ ଏବଂ ଆତ୍ମବିଶ୍ୱାସ ବଢ଼େ।

ଆଉ ଏକ କଥା ହେଲା ପ୍ରାତଃ ଭୋଜନ (ବ୍ରେକ୍‌ଫାଷ୍ଟ)। ପ୍ରାତଃ ଭୋଜନ ସକାଳ ୮ଟାରୁ ୯.୩୦ ମିନିଟ୍ ମଧ୍ୟରେ ଶେଷ କରନ୍ତୁ। ଏହି ତାଲିକାରେ ହାଲୁକା ଜଳଖିଆ, ଇଡଲି ଚାରୋଟି, ଉପମା ଏକ ଗିନା, ରୋଟି ୨-୩ଟି, ସମ୍ବର, ଡାଲି, ସନ୍ତୁଳା, ସିଝା ତରକାରି ଖାଇଲେ ଭଲ। ତା'ସହ ସାଲାଡ୍, ତଟକା ଫଳମୂଳ ଖାଇବା ସହ ଏଥିରୁ ପ୍ରସ୍ତୁତ ଜୁସ୍ ପିଇପାରନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉପବାସ ନ କରିବା ଭଲ।

ମଧ୍ୟାହ୍ନ ଭୋଜନ ୧୨.୩୦ରୁ ୧.୩୦ ମଧ୍ୟରେ ଶେଷ କରନ୍ତୁ। ଏହି ତାଲିକାରେ ଅଳ୍ପ ଭାତ, ୨-୩ ପଟ ରୁଟି, ପନିପରିବାରେ ପ୍ରସ୍ତୁତ ତରକାରି, ସାଲାଡ, ଡାଲିପାଣି ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଭଲ। ଏହି ସମୟରେ ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବେ ନାହିଁ। ଗୋଟିଏ କଥା ନିଶ୍ଚୟ ମନେ ରଖିବେ। ଖାଦ୍ୟ ଖାଇବାର ଅଧ ଘଣ୍ଟାଏରୁ ଘଣ୍ଟାଏ ଭିତରେ ପାଣି ପିଅନ୍ତୁ। ଖାଇବା ସମୟରେ ପାକସ୍ଥଳୀର ଚାରି ଭାଗରୁ ଦୁଇ ଭାଗ ଖାଦ୍ୟ, ଏକ ଭାଗ ପାଣି ଏବଂ ଅବଶିଷ୍ଟ ଏକ ଭାଗ ଖାଲି ରଖିବେ।

ଉପରବେଳା କିମ୍ବା ସନ୍ଧ୍ୟାରେ ମୁଢ଼ି, ଚୁଡ଼ାଭଜା, ଅମୃତଭଣ୍ଡା, ପିଜୁଳି, ପାଚିଲା କଦଳୀ ଇତ୍ୟାଦି ମଧ୍ୟରୁ ଅଳ୍ପ ଖାଇବା ସହ ସର ବିନା କ୍ଷୀର ପିଇପାରିବେ।

ଖାଉଥିବା ଖାଦ୍ୟରେ ତେଲ, ଲୁଣ, ମିଠା ଓ ମସଲାର ମାତ୍ରା ଯେତେ କମ୍ ରହିବ ସେତେ ଭଲ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। କାରଣ ଏହା ପରୋକ୍ଷରେ ଅନେକ ରୋଗକୁ ଡାକିଆଣିଥାଏ। ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ଆମର ପାରମ୍ପରିକ ତଥା ଭାତ, ରୁଟି, ଡାଲି, ସବୁଜ ପନିପରିବାରେ ପ୍ରସ୍ତୁତ ତରକାରି, ଭଜା, ସନ୍ତୁଳା ଆଦି ଖାଆନ୍ତୁ। ତା'ସହ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।

ରାତ୍ର ଭୋଜନ ପରେ ଅଳ୍ପ ସମୟ ଚାଲିବେ ତା'ପରେ ବିଶ୍ରାମ ନେବେ। ଖାଦ୍ୟ ପାକ କାଠ ଚୁଲିରେ ମାଟି, ଲୁହା ପାତ୍ରରେ କରିବେ। ଏହା ଶରୀର ପାଇଁ ହିତକର। ସବୁବେଳେ ସିଲଭର, ନନ୍ ଷ୍ଟିକ୍ ଜିନିଷରେ ରୋଷେଇ କଲେ ତାହା ବିଭିନ୍ନ ରୋଗର କାରଣ ହୋଇଥାଏ।

ରାତ୍ର ୯ଟାରୁ ୧୦ଟା ମଧ୍ୟରେ ରାତ୍ର ଭୋଜନ ଶେଷ କରନ୍ତୁ। ରାତିରେ ଯେତେ ହାଲୁକା ଖାଦ୍ୟ ଖାଇବେ ସେତେ ଭଲ। ରୁଟି, ସନ୍ତୁଳା, ତରକାରି ଖାଇପାରିବେ। ଗୁରୁପାକ ଖାଦ୍ୟ, ଦହି ରାତିରେ ଖାଇବେ ନାହିଁ। ଖାଇବା ପରେ ଆମାଶୟ ନିକଟରେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇବା ହେତୁ ନିଦ ଆସିଯାଏ। ତେଣୁ ଖାଇବାର ଅଧ ଘଣ୍ଟାରୁ ଏକ ଘଣ୍ଟା ମଧ୍ୟରେ ଶୋଇବା ଉଚିତ। ଶୋଇବା ପୂର୍ବରୁ କହୁଣି ତଳକୁ ହାତର ଏବଂ ଆଣ୍ଠୁର ତଳକୁ ପାଦ ପର୍ଯ୍ୟନ୍ତ ପାଣିରେ ଧୋଇ ଦିଅନ୍ତୁ। ଶୋଇବାକୁ ଯିବା ସମୟରେ ବିଛଣା ଉପରେ ବସି ନିଜ ଦୈନିକ କର୍ମକୁ ଭଗବାନଙ୍କ ନିକଟରେ ସମର୍ପଣ କରି ମୁଣ୍ଡରୁ ଚିନ୍ତାଶୂନ୍ୟ କରି ଶୋଇବେ।

ପରିବେଶ ସ୍ଥିତି ଉପରେ ଜୀବଜଗତ ନିର୍ଭର କରେ। ତେଣୁ ଏହାକୁ ସନ୍ତୁଳିତ ରଖିବା ପାଇଁ ପର୍ଯ୍ୟାପ୍ତ ବୃକ୍ଷରୋପଣ, ପ୍ରଦୂଷଣକୁ କମାଇବାକୁ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି। ପ୍ରାକୃତିକ ପରିବେଶରେ ଜୀବନ ବିତାଇଲେ ମାନସିକ ଶାନ୍ତି, ଆନନ୍ଦ ମିଳେ। ତା'ସହ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବଢ଼େ।

-ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

## ସୁସ୍ଥ କିଡ୍‌ନୀ ପାଇଁ...



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରଭାବିତ ହେଉଥିବା ରକ୍ତକୁ ଏହା ବିଶୋଧନ କରିଥାଏ। ତା' ସହ ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବାଧା ମଧ୍ୟ ଉପୁଜେ, ଫଳରେ ଶ୍ୱାସକ୍ରିୟାଜନିତ ଅନେକ ରୋଗ ଦେଖାଦିଏ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଇବା ଆବଶ୍ୟକ। କିଡ୍‌ନୀଜନିତ ରୋଗ ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ମଧ୍ୟ ଅଧିକ ଖାଆନ୍ତୁ। ଘିଅ, କ୍ଷୀର, ମାଛ, ମାଂସ, ପନିର, ସୋୟାବିନ୍ ଆଦିରେ ପ୍ରୋଟିନ୍ ଅଧିକ ଥାଏ। ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ୍ କରନ୍ତୁ। ଦୈନିକ ୫ଗ୍ରାମ୍ ଲୁଣ ମଧ୍ୟ ଖାଆନ୍ତୁ। ଯଦି ନିଶାଦ୍ରବ୍ୟ ସେବନ କରୁଛନ୍ତି, ତେବେ ଏହାକୁ ତୁରନ୍ତ ବର୍ଜନ କରନ୍ତୁ। ଏହାର ଲକ୍ଷଣ ବିଷୟରେ ଅବଗତ ହେଲେ ବିଳମ୍ବ ନ କରି କିଡ୍‌ନୀ ଡାକ୍ତରଙ୍କର ସହ ପରାମର୍ଶ କରନ୍ତୁ।

## ବ୍ୟାୟାମ କରିବା ପୂର୍ବରୁ...



ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ସମୟରେ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ ନିଅନ୍ତୁ। ବ୍ୟାୟାମ ବିଷୟରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିବ ତାହା ବି ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଦ୍ଧାରଣ କରିବା ନିହାତି ଜରୁରୀ। ଆଉ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ବ୍ୟାୟାମ କରିବା ପୂର୍ବରୁ ପାଣି ଆଦୌ ପିଅନ୍ତୁ ନାହିଁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।

## ସୁସ୍ଥ ଶରୀର ପାଇଁ ପାଞ୍ଚଟି କଥା



ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଆମେ ସୁସ୍ଥ ରହିବା ନିହାତି ଜରୁରୀ। ଯଦି ଏଥିରେ ଅବହେଳା କରିବା ତେବେ ଭବିଷ୍ୟତରେ ସମ୍ମୁଖୀନ ହୋଇଥିବା ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ଆକାର ଧାରଣ କରିବ ଏବଂ ଚିକିତ୍ସା ପାଇଁ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଏପରି କି ବେଳେବେଳେ ତାହା ଅକାଳ ମୃତ୍ୟୁକୁ ଡାକିଆଣିଥାଏ। ତେବେ ଏଭଳି କେତୋଟି ସରଳ ଉପାୟ ରହିଛି, ଯାହାକୁ ଜଣେ ଅନୁସରଣ କଲେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବ। ସେଭଳି ପ୍ରମୁଖ ପାଞ୍ଚଟି କଥା ବିଷୟରେ ଜାଣିବା ନିହାତି ଦରକାର। ପ୍ରଥମ କଥା ହେଲା ରୁଟିନ୍ ଜୀବନଶୈଳୀ। ଏହାଦ୍ୱାରା ଆମେ ନିଜ ଶରୀର ପ୍ରତି ଅନେକାଂଶରେ ସତର୍କ ରହିଥାଉ। ତା'ସହ ନିଜର କାମଗୁଡ଼ିକୁ ସୁଚାରୁ ରୂପେ ସମ୍ପାଦନ କରିପାରିବା। ଦ୍ୱିତୀୟ କଥା ହେଲା- ଖାଦ୍ୟପେୟ। ଏଥିପ୍ରତି ଯେତେ ସର୍ତକତା ଅବଲମ୍ବନ କରିବେ ସେତେ ଭଲ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ନିଜକୁ ଫାଷ୍ଟଫୁଡ୍, ଅଧିକ ତେଲଜାତୀୟ, ମିଠାଜାତୀୟ ଖାଦ୍ୟଠାରୁ ଯେତେ ଦୂରେଇ ରହିବେ ସେତେ ଭଲ। ତୃତୀୟ କଥା ହେଲା ସ୍ୱାସ୍ଥ୍ୟ ସତର୍କତା। କୌଣସି ରୋଗ ବିଷୟରେ ଜାଣିପାରିଲେ ତାହାକୁ ଅବହେଳା କରନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ତା' ସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ। ଚତୁର୍ଥ କଥା ହେଲା ବ୍ୟାୟାମ। ପ୍ରତିଦିନ ସକାଳେ ଅଧ ଘଣ୍ଟାଏ ଚାଲନ୍ତୁ। ତା'ସହ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ପଞ୍ଚମରେ ମାନସିକତା। ସବୁବେଳେ ନିଜକୁ ଟେନସନ୍‌ଠାରୁ ଦୂରେଇ ରଖିବା ସହ ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।

## ଜାଣିରଖନ୍ତୁ

- ପ୍ରତିଦିନ ଜଳଖିଆରେ ତଟକା ଫଳମୂଳ, ବୁଟ ଗଜାମୁଗ ମିଶ୍ରିତ ସାଲାଡ୍ ସାମିଲ୍ କରନ୍ତୁ। ଏଥିରୁ ଶରୀରକୁ ଅନେକ ପ୍ରକାରର ଉପକାରୀ ତତ୍ତ୍ୱ ମିଳିଥାଏ।
- ଯଦି ଆପଣଙ୍କର ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି ତେବେ ଚଟାଣରେ ଅଧିକ ସମୟ ବସନ୍ତୁ ନାହିଁ। କାରଣ ଉଠିବା ସମୟରେ ଏହାର ପ୍ରଭାବ ଆଣ୍ଠୁ ଉପରେ ପଡିଥାଏ।
- କୌଣସି ବିଷୟକୁ ନେଇ ଟେନସନ୍‌ରେ ରହିବା ପରିବର୍ତ୍ତେ ତାହାର ସମାଧାନ ରାସ୍ତା ଖୋଜନ୍ତୁ। କାରଣ ସବୁବେଳେ ଟେନସନ୍‌ରେ ରହିଲେ ତାହା ବ୍ଲଡପ୍ରେସରକୁ ଅସନ୍ତୁଳିତ ରଖିଥାଏ।
- କୌଣସି ରୋଗର ଚିକିତ୍ସା ସମୟରେ ଡାକ୍ତରଙ୍କ କଥାକୁ ଗୋଟି ଗୋଟି ଅନୁସରଣ କରନ୍ତୁ। ପ୍ରେସକ୍ରିପଶନରେ ଉଲ୍ଲେଖ କରାଯାଇଥିବା ନମୁନା ପରୀକ୍ଷାଗୁଡିକୁ ଭଲ ପ୍ୟାଥୋଲୋଜିରେ କରାଇ ନିଅନ୍ତୁ।
- ସବୁବେଳେ ଖୁସିର ମାହୋଲ ଭିତରେ ରହିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ।



## କାର୍ଯ୍ୟଦକ୍ଷତା ବୃଦ୍ଧି କରେ ଯୋଗ

ନିୟମିତ ଯୋଗ କଲେ ତାହା ଆମ ଶରୀର ପାଇଁ କେତେ ଉପକାରୀ ସାବ୍ୟସ୍ତ ହୋଇଥାଏ କହିବା ଅନାବଶ୍ୟକ। ଏବେ ଅଧିକାଂଶ ବ୍ୟକ୍ତି ଏହାକୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ସାମିଲ କରୁଛନ୍ତି। ପ୍ରତିଦିନ କିଛି ସମୟ ଏଭଳି ଅଭ୍ୟାସ କଲେ ତାହାର ସୁପ୍ରଭାବ ଆପେ ଅନୁଭବ କରିପାରିବେ। ତେବେ ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ତାହା ହେଲା କାର୍ଯ୍ୟଦକ୍ଷତା। ଅର୍ଥାତ୍, ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ତାଙ୍କର କାର୍ଯ୍ୟଦକ୍ଷତା ପୂର୍ବାପେକ୍ଷା ବୃଦ୍ଧି ପାଇଥାଏ। ନିକଟରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନିୟମିତ ଯୋଗ କରୁଥିବା କେତେକ ବ୍ୟକ୍ତିଙ୍କ ଜୀବନଶୈଳୀକୁ ତନ୍ନ ତନ୍ନ ତର୍ଜମା କରି ଏକଥା ଜାଣିପାରିଛନ୍ତି। ପ୍ରତିଦିନ କିଛି ସମୟ ଯୋଗ କଲେ ତାହାର ମାନସିକତାକୁ ସକାରାତ୍ମକ ରଖିଥାଏ। ଫଳରେ ସଂପୃକ୍ତ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯଦି ଯୋଗ ବିଷୟରେ ମନରେ କିଛି ପ୍ରଶ୍ନ ରହିଛି ତେବେ ଯୋଗ ଏକ୍ସପର୍ଟଙ୍କ ସହ ଆଲୋଚନା କରି ଏହାର ସମାଧାନ କରନ୍ତୁ। ପ୍ରତିଦିନ କେତେ ସମୟ ଯୋଗ କରିବେ ତାହାର ସମୟ ନିର୍ଦ୍ଧାରଣ କରିବାକୁ ଭୁଲନ୍ତୁ ନାହିଁ।



## ସ୍ୱାସ୍ଥ୍ୟ ସୂଚନା

- ➤ବୟସ ବଢ଼ିବା ସହ ଆମକୁ କେତୋଟି ବିଷୟରେ ସତର୍କ ରହିବାକୁ ପଡ଼େ। ଏହି ସମୟରେ ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ତା'ସହ ଅଭିଜ୍ଞ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।
- ➤ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ପୁରୁଣା ପ୍ରେସକ୍ରିପଶନଗୁଡ଼ିକୁ ପାଖରେ ରଖନ୍ତୁ। ହୁଏତ ପରବର୍ତ୍ତୀ ସମୟରେ ଡାକ୍ତରଙ୍କ ସହ ଆଲୋଚନା କରିବା ବେଳେ ଏହା କାମରେ ଆସିପାରେ।
- ➤ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି ତେବେ ବର୍ଷକୁ ଥରେ କିମ୍ବା ଦୁଇ ଥର ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- ➤ମେଦବହୁଳତା ସମସ୍ୟା ସହ ଜଡ଼ିତ ବ୍ୟକ୍ତିମାନେ ଖାଦ୍ୟପେୟ ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଦରକାର। ତା' ସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଓଜନ ମାପି ନେବାକୁ ଭୁଲନ୍ତୁ ନାହିଁ।
- ➤ଖାଇବା ପରେ ନିଶାଦ୍ରବ୍ୟ ସେବନ ଆଦୌ କରନ୍ତୁ ନାହିଁ। କାରଣ ଏହା ପରବର୍ତ୍ତୀ ସମୟରେ ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।
- ➤ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ବିଶ୍ରାମ ନିଅନ୍ତୁ। ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।



## ଭ୍ରମ ସଂଶୋଧନ

ନଭେମ୍ବର ୧୮ ତାରିଖ 'ସ୍ୱାସ୍ଥ୍ୟ ବିଜ୍ଞାନ' ପୃଷ୍ଠାରେ ପ୍ରକାଶିତ 'ଭାରତୀୟ ମହାକାଶ କେନ୍ଦ୍ର'ରେ ରୁଷ ୧୮୭୧ ଏପ୍ରିଲ ୧୯ରେ ପ୍ରଥମ ଅନ୍ତରୀକ୍ଷ କେନ୍ଦ୍ର 'ସ୍ୟାଲୁଟ-୧'କୁ ଉତ୍‌କ୍ଷେପଣ କରିଥିଲା ବୋଲି ପ୍ରକାଶିତ ହୋଇଥିଲା। କିନ୍ତୁ ପ୍ରକୃତରେ ଏହା ୧୯୭୧ ଏପ୍ରିଲ ୧୯ରେ ହୋଇଥିଲା। ଏଭଳି ତ୍ରୁଟି ପାଇଁ ଆମେ ଦୁଃଖିତ।

## ଜଳବାୟୁ ପରିବର୍ତ୍ତନ ପାଇଁ ପ୍ଲାଷ୍ଟିକ ପ୍ରଦୂଷଣ ଦାୟୀ

ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ସମଗ୍ର ବିଶ୍ୱରେ ଏକ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ଏହା ପଛରେ ତ ବିଭିନ୍ନ କାରଣ ରହିଛି। ତେବେ ଏଥିପାଇଁ ପ୍ଲାଷ୍ଟିକ ପ୍ରଦୂଷଣ ମଧ୍ୟ ଅନେକାଂଶରେ ଦାୟୀ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଆଜିକାଲି ପ୍ଲାଷ୍ଟିକର ବ୍ୟବହାର ବହୁଳ ଭାବରେ ବଢ଼ିଚାଲିଛି। ସେମାନେ କରିଥିବା ଏକ ସର୍ଭେରୁ ଜଣାପଡିଛି ଯେ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ସ୍ଥଳଭାଗରେ ବର୍ଷକୁ ପ୍ରାୟ ତିନି ଲକ୍ଷ ଜୀବଙ୍କର ମୃତ୍ୟୁ ଘଟୁଛି। ପ୍ରକାଶିତ ରିପୋର୍ଟରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, 'ପ୍ଲାଷ୍ଟିକଜାତ ପଦାର୍ଥ ମଧ୍ୟ ମାଟିରେ ପୋତି ହୋଇ ପଡିବା ଯୋଗୁ ମୃତ୍ତିକାର ଗୁଣବତ୍ତା କମିଯିବା ସାଙ୍ଗକୁ ମାଟିର ଜଳଧାରଣ କ୍ଷମତାର ହ୍ରାସ ଘଟିବା ସାଙ୍ଗକୁ ଭୂତଳ ଜଳ ଉତ୍ସର ଅବକ୍ଷୟ ଘଟୁଛି। ପ୍ଲାଷ୍ଟିକ ଆବର୍ଜନା ସ୍ୱେରେଜ ନାଳୀରେ ପ୍ରବେଶ କରି ମଇଳା ଜଳର ପ୍ରବାହକୁ ବାଧାପ୍ରାପ୍ତ କରିଥାଏ। ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଘର ଗ୍ୟାସ୍ ଉତ୍ପନ୍ନ ହୋଇ ବାୟୁମଣ୍ଡଳରେ ପ୍ରବେଶ କରେ। କେବଳ ସେତିକି ନୁହେଁ, ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରାଯିବା ଦ୍ୱାରା ମଧ୍ୟ ଅନେକ ସବୁଜଘର ଗ୍ୟାସ ବାୟୁମଣ୍ଡଳକୁ ନିର୍ଗତ ହୁଏ। ଏହାକୁ ଯଦି ନିୟନ୍ତ୍ରଣ କରା ନ ଯାଏ ତେବେ ଆଗାମୀ କିଛି ବର୍ଷ ଭିତରେ ପ୍ଲାଷ୍ଟିକ ପ୍ରଦୂଷଣ ତାହାର କାୟା ଆହୁରି ବିସ୍ତାର କରିବ।



Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ